# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୨୭/୨୦୧୯ (୨୦ ପୃଷ୍ଠା) | Bhubaneswar, Wednesday, March 27/2019 | ★★★★★★

୪୫ଶ ଭାଗ ୧୨୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାକୁ ସଞ୍ଜୟଙ୍କ ଅସ୍ୱୀକାର

ବଲିଉଡ୍ ଅଭିନେତା ସଞ୍ଜୟ ଦତ୍ତ ୨୦୧୯ ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ ବୋଲି ସ୍ପଷ୍ଟ ସୂଚନା ଦେଇଛନ୍ତି। ୦୭

୧୮

## ବୀରେନ୍ଦ୍ର ମ୍ୟାନ ଅଫ ଦି ମ୍ୟାଚ

ସୁଲତାନ ଆଜଲାନଶାହ କପ୍ ହକିର ମଙ୍ଗଳବାର ମ୍ୟାଚରେ ଭାରତ ୪-୨ ଗୋଲରେ ମାଲେସିଆକୁ ହରାଇଥିବାବେଳେ ବୀରେନ୍ଦ୍ର ଲାକ୍ରା ମ୍ୟାନ ଅଫ ଦି ମ୍ୟାଚ ହୋଇଛନ୍ତି।








# ଘସିପୁରାରେ ପ୍ରାକ୍ ନିର୍ବାଚନୀ ହିଂସା

## ନେତାଙ୍କ ହାତଗୋଡ଼ ହାଣି ହତ୍ୟା

- ୧୫ରୁ ଅଧିକ ଲୋକ ସମ୍ପୃକ୍ତ, ୩ ଅଭିଯୁକ୍ତ ଗିରଫ
- ମନ୍ତ୍ରୀଙ୍କ ପରିବାରର ସମ୍ପୃକ୍ତି ନେଇ ଭାଜପାର ଅଭିଯୋଗ
- ଅଭିଯୋଗ ଅମୂଳକ : ମନ୍ତ୍ରୀ



ରାମଚନ୍ଦ୍ର ବେହେରା

ଆନନ୍ଦପୁର,୨୬।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘସିପୁରା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଧକୋଠାରେ ସୋମବାର ରାତିରେ ବୁଲିଛି ଖଣ୍ଡା, ଭୁଜାଲି। ଆନନ୍ଦପୁର ବ୍ଲକର ପୂର୍ବତନ ଅଧକ୍ଷ ତଥା ୨୦୧୪ରେ ବିଧାନସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିଥିବା ରାମଚନ୍ଦ୍ର ବେହେରାଙ୍କୁ ସୋମବାର ରାତି ୧୦ଟାବେଳେ ତାଙ୍କ ଘର ଆଗରେ ୧୫ରୁ ଅଧିକ ଲୋକ ମାରଣାସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଛନ୍ତି। ଦୁର୍ବୃତ୍ତମାନେ ତାଙ୍କ ଗୋଡ଼ ପିଠିକୁ ହାଣିବା ସହ ତାଙ୍କର ବାମ ହାତକୁ କାଟି ସାଥିରେ ନେଇଯାଇଛନ୍ତି। ଏଭଳି ବର୍ବରୋଚିତ ହତ୍ୟା ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ପୋଲିସ ତନାଘନା ଚଳାଇ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅନ୍ୟମାନେ ଫେରାର ରହିଛନ୍ତି। ରାଜନୈତିକ ବିବାଦ ହତ୍ୟାର କାରଣ ବୋଲି ଚର୍ଚ୍ଚା ହେଉଥିବାବେଳେ ପୋଲିସ ଏନେଇ କିଛି ସ୍ପଷ୍ଟ କରିନାହିଁ। ହିଂସା ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବାରୁ ଗାଁରେ ଫୋର୍ସ ମୁତୟନ କରାଯାଇଛି। ପୋଲିସ ଉଚ୍ଚ ଅଧିକାରୀ ଘଟଣାସ୍ଥଳରେ ଉପସ୍ଥିତ ହୋଇ ପରିସ୍ଥିତି ଉପରେ ନଜର ରଖିଛନ୍ତି। ଅନ୍ୟପକ୍ଷେ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି କରି ସ୍ଥାନୀୟ ଅଞ୍ଚଳବାସୀ ୨୦ ନଂ ଜାତୀୟ ରାଜପଥ ଅବରୋଧ କରି ରଖିଥିବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି।

ରାମଚନ୍ଦ୍ରଙ୍କ ହତ୍ୟାକୁ ନେଇ ଜୋରଦାର ରାଜନୈତିକ ବାଦାନୁବାଦ ଆରମ୍ଭ ହୋଇଯାଇଛି। ତାଙ୍କୁ ହତ୍ୟା କରାଯିବା ଘଟଣାରେ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ପରିବାରର ☞ପୃଷ୍ଠା–୧୬

# ମହାପ୍ରଭୁଙ୍କ ବିଗ୍ରହ ଧରି ସମ୍ବିତ୍‌ଙ୍କ ରାଲି

ପୁରୀ ଅଫିସ, ୨୬।୩

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ହାତରେ ଧରି ପୁରୀ ଭାଜପାର ଲୋକ ସଭା ପ୍ରାର୍ଥୀ ସମ୍ବିତ୍ ପାତ୍ର ସୋମବାର ଖୋଲା ଜିପ୍‌ରେ ଏକ ରାଲିରେ ସାମିଲ ହୋଇଥିଲେ। ଏହାକୁ ବିରୋଧକରି ପୁରୀ ନଗର ବିଜେଡି ପକ୍ଷରୁ ମଙ୍ଗଳବାର ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ନଗର ବିଜେଡି ସଭାପତି ସବ୍ୟସାଚୀ ମହାପାତ୍ରଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ସିଂହଦ୍ୱାରଠାରୁ ଶୋଭାଯାତ୍ରାରେ ବାହାରି ଥାନାରେ ପହଞ୍ଚି ଥାନା ଅଧିକାରୀଙ୍କୁ ଏତଲା ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଭାଜପା ପ୍ରାର୍ଥୀ ସମ୍ବିତ୍ ଓଡ଼ିଶାର ଆରାଧ ଦେବତାଙ୍କୁ ହାତରେ ଧରି ଦଳୀୟ ରାଜନୀତି ପ୍ରଚାରରେ ବ୍ୟବହାର ☞ପୃଷ୍ଠା–୧୬

- ସିଂହଦ୍ୱାର ଥାନାରେ ଏତଲା ଦେଲା ପୁରୀ ନଗର ବିଜେଡି
- ସିଇଓଙ୍କୁ ଭେଟିଲା କଂଗ୍ରେସ ଟିମ୍
- ପଦ୍ମ ପରିବର୍ତ୍ତେ ଶଙ୍ଖ ଫୁଟିବ କହିଦେଲେ ସମ୍ବିତ୍













# ବିଜେଡି ଫୋକସ୍‌ରେ ତୃତୀୟ ପର୍ଯ୍ୟାୟ

- ୪ ଲୋକ ସଭା, ୧୧ରୁ ୧୩ ବିଧାନସଭା ଆସନରେ ବଦଳିପାରନ୍ତି ପ୍ରାର୍ଥୀ
- ପାଟଶାଣୀଙ୍କ ଟିକେଟ କଟିବା ସମ୍ଭାବନା
- ୨ ସ୍ଥାନରେ ବିଧାୟକଙ୍କ ପୁଅ ହେବେ ପ୍ରାର୍ଥୀ

ଭୁବନେଶ୍ୱର,୨୬।୩(ବ୍ୟୁରୋ)

ରାଜ୍ୟରେ ପ୍ରଥମ ଦୁଇ ପର୍ଯ୍ୟାୟ ପାଇଁ ପ୍ରାର୍ଥିପତ୍ର ଦାଖଲ ସରିଛି। ଏବେ ବିଜେଡି ସମ୍ପୂର୍ଣ୍ଣ ଭାବେ ତୃତୀୟ ପର୍ଯ୍ୟାୟ ଉପରେ ଫୋକସ୍ କରୁଛି। ପୂର୍ବ ଦୁଇ ପର୍ଯ୍ୟାୟ ଅପେକ୍ଷା ତୃତୀୟ ପର୍ଯ୍ୟାୟ ବିଜେଡି ପାଇଁ ଅଧିକ ଚ୍ୟାଲେଞ୍ଜିଂ ହେବ ବୋଲି କୁହାଯାଉଛି। ଏହି ପର୍ଯ୍ୟାୟରେ ୬ ଲୋକ ସଭା ଏବଂ ୪୨ ବିଧାନସଭା ଆସନରେ ଭୋଟ ଗ୍ରହଣ ହେବ। ସେଥିମଧ୍ୟରୁ ବିଜେଡି ପୂର୍ବ ନିର୍ବାଚନରେ ସମସ୍ତ ଲୋକ ସଭା ଏବଂ ୩୭ ବିଧାନସଭା ଆସନରେ ବିଜୟୀ ହୋଇଥିଲା। ଭାଜପା ୩ ଏବଂ ସ୍ୱାଧୀନ ପ୍ରାର୍ଥୀମାନେ ୨ଟି ଆସନ ଜିତିଥିଲେ। କଂଗ୍ରେସ କୌଣସି ସ୍ଥାନରେ ଖାତା ଖୋଲି ପାରି ନ ଥିଲା। ତେଣୁ ପୂର୍ବ ସଫଳତାକୁ ବଜାୟ ରଖିବା ପାଇଁ ବିଜେଡି ପ୍ରାଣମୂର୍ଚ୍ଛା ଉଦ୍ୟମ ଆରମ୍ଭ କରି ଦେଇଛି।

ଦଳୀୟ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ତୃତୀୟ ପର୍ଯ୍ୟାୟରେ ହେବାକୁ ଥିବା ୪ଟି ଲୋକ ସଭା ଆସନରେ ବିଜେଡି ପ୍ରାର୍ଥୀ ବଦଳାଇବାକୁ ଚେଷ୍ଟା କରୁଛି। ଏହି ଆସନଗୁଡିକ ହେଉଛି ସମ୍ବଲପୁର, କେନ୍ଦୁଝର, ଭୁବନେଶ୍ୱର ଏବଂ ଢେଙ୍କାନାଳ। ଢେଙ୍କାନାଳ ଏମ୍‌ପି ତଥାଗତ ସତପଥୀ ଚଳିତଥର ନିର୍ବାଚନ ଲଢିବା ପାଇଁ ☞ପୃଷ୍ଠା–୧୬

## ନବୀନ ନିବାସ ସମ୍ମୁଖରେ ୨ ବିଜେଡି ଗୋଷ୍ଠୀ ମୁହାଁମୁହିଁ

ଭୁବନେଶ୍ୱର,୨୬।୩(ବ୍ୟୁରୋ)

କଟକ ଜିଲା ନିଆଳି ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି କଳି ମଙ୍ଗଳବାର ନବୀନ ନିବାସରେ ପହଞ୍ଚିଛି। ବର୍ତ୍ତମାନ ବିଧାୟକ ଥିବା ଡା. ପ୍ରମୋଦ ମଲିକ ଏବଂ ଆଶାୟୀ ପ୍ରାର୍ଥୀ ତୃପ୍ତିରଞ୍ଜନ ବେହେରାଙ୍କ ସମର୍ଥକ ପରସ୍ପର ମୁହାଁମୁହିଁ ହୋଇଛନ୍ତି। ଏମିତି କି ଦୁଇ ଗୋଷ୍ଠୀ ମଧ୍ୟରେ ହାତାହାତି ପର୍ଯ୍ୟନ୍ତ କଥାଯାଇଛି। ଉଭୟ ପକ୍ଷ ନିଜ ନିଜ ପକ୍ଷରେ ନେତୃତ୍ୱ ନିକଟରେ ଯୁକ୍ତି ବାଢ଼ିଛନ୍ତି। ନିଆଳିର ଯୁବ ବିଜେଡି ନେତା ତୃପ୍ତିରଞ୍ଜନ କହିଛନ୍ତି ଯେ, ବିଧାୟକ ସବୁ ଯୋଜନାରେ ପିସି ନେଉଛନ୍ତି। ତାଙ୍କ ଯୋଗୁ ଦଳର ଭାବମୂର୍ତ୍ତି ନଷ୍ଟ ହୋଇଛି। ତେଣୁ ନିଆଳିରେ ବିଜେଡି ସଭାପତି ପ୍ରାର୍ଥୀ ବଦଳାନ୍ତୁ ବୋଲି ବେହେରା କହିଛନ୍ତି। ସେହିପରି ନିଆଳି ବିଧାୟକ ପ୍ରମୋଦଙ୍କ ସମର୍ଥକ ଜଟାଧାରୀ ସ୍ୱାଇଁ କହିଛନ୍ତି ଯେ, ବିଧାୟକଙ୍କ କାରଣରୁ ବହୁ ଉନ୍ନତିମୂଳକ କାର୍ଯ୍ୟ ହୋଇଛି। କେତେଜଣ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ମିଶି ତାଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ପ୍ରମୋଦଙ୍କୁ ଆଉଥରେ ସୁଯୋଗ ଦିଅନ୍ତୁ। ☞ପୃଷ୍ଠା–୧୬


ମୋ ସ୍କୁଲ

See Page No.: 10 & 11



NECC NATIONAL EGG CO-ORDINATION COMMITTEE | 26.03.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 95 | 152 | 162 |
| CTC | 95 | 152 | 162 |
| DKL | 95 | 152 | 162 |
| BDK | 97 | 154 | 164 |
| BLS | 97 | 154 | 164 |
| ANG | 95 | 152 | 162 |

*Conditions Apply

Eggs Retail Price- 42/-Dozen

Issued in the Interest of Consumers


## ପାଠିକା/ପାଠକଙ୍କ ପାଇଁ ସୂଚନା

କିଛିସ୍ଥାନରେ ପାଠିକା/ପାଠକମାନେ ପ୍ରତିଦିନ ଧରିତ୍ରୀ ଖବରକାଗଜ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ପାଠିକା/ପାଠକମାନଙ୍କୁ ଆମର ଅନୁରୋଧ ଯେ, ସେମାନେ ନିଜ ଖବରକାଗଜ ବିତରକଙ୍କୁ ଧରିତ୍ରୀ ଦେବା ପାଇଁ ଦାବି କରନ୍ତୁ। ତଥାପି ଧରିତ୍ରୀ ନିୟମିତ ନ ପାଇଲେ ନିମ୍ନଲିଖିତ ମୋବାଇଲ ଫୋନ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ଧରିତ୍ରୀ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏ ଦିଗରେ ଯଥାଶୀଘ୍ର ପଦକ୍ଷେପ ନିଆଯିବ।

୯୪୩୭୦୦୯୪୪୧, ୯୯୩୭୬୧୨୮୪୧
୯୦୪୦୮୦୦୩୭୪

## ଭାଜପାରୁ ଇସ୍ତଫା ଦେଲେ ସୁବାସ



....୫....

## ଆଜିର ସମ୍ପାଦକୀୟ

ବିଚିତ୍ର ରାଜ୍ୟପାଳ

## ଆଜିର ମନ୍ତବ୍ୟ

“ ଭାରତରେ ସାଧାରଣ ନିର୍ବାଚନ ଶେଷ ହେବା ଯାଏ ପଡ଼ୋଶୀ ଦେଶ ସହ ପାକିସ୍ତାନର ସମ୍ପର୍କ ଉତ୍ତେଜନାପୂର୍ଣ୍ଣ ରହିପାରେ।

–ଇମ୍ରାନ୍ ଖାନ୍, ପାକିସ୍ତାନ ପ୍ରଧାନମନ୍ତ୍ରୀ




ଉତ୍ତରପ୍ରଦେଶର ମୋରାଦାବାଦରେ ଭାଜପାର ବିଜୟ ସଂକଳ୍ପ ରାଲିରେ ଦଳୀୟ ସମର୍ଥକମାନେ।



ରାଜସ୍ଥାନର ବୁନ୍ଦି ଜିଲାରେ କଂଗ୍ରେସର ଏକ ନିର୍ବାଚନୀ ସଭାରେ ଦଳର ଅଧ୍ୟକ୍ଷ ରାହୁଲ ଗାନ୍ଧୀ।



ଆନ୍ଧ୍ରପ୍ରଦେଶର କୁର୍ନୁଲରେ ଟିଡିପିର ଏକ ନିର୍ବାଚନୀ ପ୍ରଚାର ରୋଡ୍ ଶୋ'କୁ ସମ୍ବୋଧିତ କରୁଛନ୍ତି ଦଳର ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ।

## ସଂକ୍ଷେପରେ

- ✓ ଦେଶର ୫ କୋଟି ଅତି ଗରିବଙ୍କୁ ବାର୍ଷିକ ୭୨,୦୦୦ ଟଙ୍କା ଦେବା ପାଇଁ ପ୍ରସ୍ତାବିତ ନ୍ୟାୟ୍ ଯୋଜନା ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ବୋଲି କଂଗ୍ରେସ ଚ୍ୟାଲେଞ୍ଜ କରିଛି। ଅନ୍ୟପକ୍ଷରେ ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ସହଜ ହେବନାହିଁ ବୋଲି ଅର୍ଥନୀତିଜ୍ଞ ଓ ସମାଜ ବିଜ୍ଞାନୀମାନେ ମତବ୍ୟକ୍ତ କରିଛନ୍ତି।
- ✓ ସାଧାରଣ ନିର୍ବାଚନରେ କଳାଧନ ଓ ଭୋଟରଙ୍କୁ ପ୍ରଲୋଭନ ରୋକିବା ପାଇଁ ନିର୍ବାଚନ କମିଶନ ମଙ୍ଗଳବାର ୮ ରାଜ୍ୟ ଲାଗି ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି।
- ✓ ଏପ୍ରିଲ ୧୧ରେ ତେଲେଙ୍ଗାନାରେ ହେବାକୁ ଥିବା ଲୋକ ସଭା ନିର୍ବାଚନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ଅଧ୍ୟକ୍ଷ ଅମିତ ଶାହ, କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ନୀତିନ ଗଡ଼କରୀ, ଅରୁଣ ଜେଟ୍‌ଲୀ, ସୁଷମା ସ୍ୱରାଜ ଓ ନିର୍ମଳା ସୀଥରାମନ୍‌ଙ୍କୁ ଦଳର ଷ୍ଟାର୍ ପ୍ରଚାରକ କରାଯାଇଛି।
- ✓ ଶ୍ରୀନଗର ଲୋକ ସଭା ଆସନ ପାଇଁ ମଙ୍ଗଳବାର ୧୦ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଫଳରେ ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲାଙ୍କ ସମେତ ପ୍ରାର୍ଥୀଙ୍କ ସଂଖ୍ୟା ୧୩ରେ ପହଞ୍ଚିଛି।
- ✓ ହିନ୍ଦୁସ୍ଥାନ ନିର୍ମାଣ ଦଳ ଅଧ୍ୟକ୍ଷ ପ୍ରବୀଣ ତୋଗାଡ଼ିଆ ଉତ୍ତରପ୍ରଦେଶର ୧୬ଟି ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ସେହିପରି ରାମଦାସ ଅଠାୱଲେଙ୍କ ଆର୍‌ପିଆଇ ପକ୍ଷରୁ ମଧ୍ୟ ୧୫ ଆସନ ଲାଗି ପ୍ରାର୍ଥୀ ତାଲିକା ଜାରି କରାଯାଇଛି। ଆର୍‌ପିଆଇ କେବଳ ମହାରାଷ୍ଟ୍ରରେ ଏନ୍‌ଡିଏର ସହଯୋଗୀ ବୋଲି ଦଳ ପକ୍ଷରୁ କୁହାଯାଇଛି।
- ✓ ଲୋକ ସଭା ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଅଞ୍ଚଳକୁ ସନ୍ଦେହଜନକ ଭାବେ ଯାଉଥିବା ୫୪୦ କୋଟି ଟଙ୍କାର ନଗଦ ଅର୍ଥ, ବେଆଇନ ମଦ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ ହେଲାଣି।
- ✓ ଟିଟିଭି ଦିନାକରନଙ୍କ ଦଳକୁ 'ପ୍ରେସର କୁକର୍' ଚିହ୍ନ ପ୍ରଦାନ ଲାଗି ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଉକ୍ତ ଦଳକୁ ସ୍ୱୀକୃତି ମିଳି ନ ଥିବାରୁ ଏହାର ପ୍ରାର୍ଥୀମାନଙ୍କୁ ସ୍ୱାଧୀନ ପ୍ରାର୍ଥୀ ବିବେଚିତ କରାଯିବ ବୋଲି ଅଦାଲତ କହିଛନ୍ତି।
- ✓ ହିମାଚଳପ୍ରଦେଶର ମଣ୍ଡି ଲୋକ ସଭା ଆସନରେ ଦୁଇ ରାମଙ୍କ ମଧ୍ୟରେ ସମ୍ମାନର ଲଢ଼େଇ ହୋଇପାରେ। ଏଠାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁଖରାମଙ୍କ ନାତି ଆଶ୍ରୟ ଶର୍ମା କଂଗ୍ରେସରୁ ପ୍ରାର୍ଥୀ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁରଙ୍କ ନିଜ ଜିଲାରେ ତାଙ୍କ ସମର୍ଥକ ରାମସ୍ୱରୂପ ଶର୍ମା ଭାଜପାରୁ ପ୍ରାର୍ଥୀ ହୋଇଛନ୍ତି।
- ✓ ଏଥର ନିର୍ବାଚନରେ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନୂଆ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବା ଆଶା କରାଯାଉଛି ବୋଲି ଟ୍ୱିଟର ଇଣ୍ଡିଆ ସର୍ଭେରେ କୁହାଯାଇଛି।
- ✓ କର୍ଣ୍ଣାଟକରେ ଏପ୍ରିଲ ୧୮ରେ ୧୪ ଆସନରେ ହେବାକୁ ଥିବା ଲୋକ ସଭା ନିର୍ବାଚନ ପାଇଁ ମୋଟ ୩୬୨ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି।

# ମଇଦାନ ବାହାରେ ପୁରୁଖା ନେତା

ନୂଆଦିଲ୍ଲୀ,୨୬।୩ (ଆଇଏଏନ୍‌ଏସ୍/ପି.ଟି.)

ବର୍ଷୀୟାନ ନେତା ଲାଲ୍‌କୃଷ୍ଣ ଆଡ୍‌ଭାନୀଙ୍କ ପରେ ମୁରଲୀ ମନୋହର ଜୋଷୀଙ୍କ ଟିକେଟ କାଟିଦେଇଛି ଭାଜପା। ଲୋକ ସଭା ନିର୍ବାଚନ ପାଇଁ ଉତ୍ତରପ୍ରଦେଶ ସକାଶେ ଭାଜପା ପକ୍ଷରୁ ମଙ୍ଗଳବାର ୨୯ ପ୍ରାର୍ଥୀଙ୍କ ତାଲିକା ଘୋଷଣା କରାଯାଇଛି। ଏଥିରେ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ ଓ ତାଙ୍କ ପୁଅ ବରୁଣ ଗାନ୍ଧୀଙ୍କୁ ପରସ୍ପର ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ସୁଯୋଗ ଦେଇଛି ଦଳ। ଏହା ବ୍ୟତୀତ ପଶ୍ଚିମବଙ୍ଗର ୧୦ ଲୋକ ସଭା ଆସନ ପାଇଁ ଭାଜପା ପକ୍ଷରୁ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି।

ବିଗତ କିଛି ଦଶନ୍ଧି ଧରି ସେମାନେ ଥିଲେ ଭାଜପାର ପ୍ରମୁଖ ଚେହେରା। ପାର୍ଲାମେଣ୍ଟର ନିମ୍ନ ସଦନରେ ଗୈରିକ ଦଳର ସ୍ୱର ଉଠାଇବାରେ ସେମାନେ ନେଇଥିଲେ ଗୁରୁତ୍ୱପୂର୍ଣ୍ଣ ଭୂମିକା। ହେଲେ ମେ ୨୩ ପରେ ଗଠନ ହେବାକୁ ଥିବା ସପ୍ତଦଶ ଲୋକ ସଭାରେ ସେହି ନେତାମାନଙ୍କ ସ୍ୱର ଆଉ ଶୁଣିବାକୁ ମିଳିବନାହିଁ। ଲାଲକୃଷ୍ଣ ଆଡ୍‌ଭାନୀ, ମୁରଲୀ ମନୋହର ଜୋଷୀ, ରମେଶ ବୈଶ୍, ବି.ସି. ଖଣ୍ଡୁରୀ, ରାଜେନ୍ ଗୋହାଇଁ ଏବଂ ବିଜୟ ଚକ୍ରବର୍ତ୍ତୀ ହେଉଛନ୍ତି ସେହି ବର୍ଷୀୟାନ ନେତା, ଯାହାଙ୍କୁ ଏଥର ଗୁରୁତ୍ୱପୂର୍ଣ୍ଣ ସାଧାରଣ ନିର୍ବାଚନରେ ଭାଜପା ପ୍ରତିଦ୍ୱନ୍ଦ୍ୱିତାର ସୁଯୋଗରୁ ବଞ୍ଚିତ କରିଛି। ସେହିପରି ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଓ ଅଗ୍ନିବର୍ଷୀ ନେତା ଉମା ଭାରତୀ ନିର୍ବାଚନ ନ ଲଢ଼ିବା ପାଇଁ ନିଜେ ନିଷ୍ପତ୍ତି ନେଇଛନ୍ତି। ଭାଜପାର ପ୍ରତିଷ୍ଠାତା ସଦସ୍ୟ ତଥା ୭ ଥର ଏମ୍‌ପି ହୋଇଥିବା ଆଡ୍‌ଭାନୀଙ୍କ ଆସନ ଗାନ୍ଧୀନଗରରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ପ୍ରଥମଥର ପାଇଁ ଲୋକ ସଭା ନିର୍ବାଚନ ଲଢ଼ୁଛନ୍ତି। ଦଳୀୟ ଟିକେଟ ମିଳି ନ ଥିବାରୁ ଆଡ୍‌ଭାନୀ ଅସନ୍ତୋଷ ବ୍ୟକ୍ତ କରିଥିବା ଜଣାପଡ଼ିଛି। ସେହିପରି ଦଳର ବରିଷ୍ଠ ନେତା ଶାନ୍ତା କୁମାର (୮୫), କାଲରାଜ ମିଶ୍ର (୭୭), ଭଗତ ସିଂ କୋଶିୟାରି (୭୭) ମଧ୍ୟ ଲୋକ ସଭା ନିର୍ବାଚନ ଲଢ଼ୁନାହାନ୍ତି। କାନପୁର ଏମ୍‌ପି ମୁରଲୀ ମନୋହର ଜୋଷୀ(୮୫)ଙ୍କୁ ମଧ୍ୟ ଏଥର ଟିକେଟ ଦିଆଯାଇ ନାହିଁ। ତାଙ୍କ ସ୍ଥାନରେ ସତ୍ୟଦେବ ପଚୌରୀଙ୍କୁ କାନପୁର ଆସନରେ ଲଢ଼ିବା ପାଇଁ ଭାଜପା ଟିକେଟ ଦେଇଛି। ଭାଜପା ସାଧାରଣ ସମ୍ପାଦକ ଅରୁଣ ସିଂ ମଙ୍ଗଳବାର ଦଳର ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି। କେନ୍ଦ୍ରମନ୍ତ୍ରୀ ମନୋଜ ସିହ୍ନାଙ୍କୁ ଗାଜିପୁର (୨୦୧୪ରେ ଏହି ଆସନରୁ ଜିତିଥିଲେ) ଆସନରୁ ଟିକେଟ ଦିଆଯାଇଥିବାବେଳେ ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାରରେ ମନ୍ତ୍ରୀ ଥିବା ରୀତା ବହୁଗୁଣା ଜୋଷୀଙ୍କୁ ଆଲ୍ଲାହାବାଦରୁ ଲଢ଼ିବା ପାଇଁ ସୁଯୋଗ ଦେଇଛି ଦଳ। ଅନ୍ୟପକ୍ଷରେ ଅଭିନେତ୍ରୀରୁ ରାଜନେତା ପାଲଟିଥିବା ଜୟପ୍ରଦା ଭାଜପାରେ ଯୋଗଦେବାର କିଛି ସମୟ ପରେ ତାଙ୍କୁ ରାମପୁର ଆସନରୁ ଟିକେଟ ମିଳିଛି। ରାଜ୍ୟ ଭାଜପା ସଭାପତି ମହେନ୍ଦ୍ରନାଥ ପାଣ୍ଡେଙ୍କୁ ଚନ୍ଦୋଲି ଆସନରୁ ଟିକେଟ ମିଳିଛି। ମାନେକା ଗାନ୍ଧୀ ସୁଲତାନପୁରରୁ ଲଢ଼ିବେ ଏବଂ ବରୁଣ ଗାନ୍ଧୀ ପିଲିଭିତ୍‌ରୁ ପ୍ରତିଦ୍ୱନ୍ଦ୍ୱିତା କରିବେ।

### ପକ୍ଷଚ୍ଛେଦନ କଲା ଭାଜପା



- ଜୋଷୀଙ୍କ କାନ୍‌ପୁର ଆସନରେ ସତ୍ୟଦେବଙ୍କୁ ଟିକେଟ
- ସୁଲତାନପୁରରୁ ମାନେକା, ପିଲିଭିତ୍‌ରୁ ବରୁଣ

### ଜୋଷୀଙ୍କ ଖୋଲାଚିଠି

କାନପୁରର ପ୍ରିୟ ଭୋଟରମାନେ,

ଭାଜପା ସାଧାରଣ ସମ୍ପାଦକ (ସଙ୍ଗଠନ) ରାମଲାଲ୍ ମୋତେ ଆଜି ଜଣାଇଛନ୍ତି ଯେ, ମୁଁ ଏଥର ସାଧାରଣ ନିର୍ବାଚନ କାନପୁର କିମ୍ବା ଅନ୍ୟ କୌଣସି ଲୋକ ସଭା ଆସନରୁ ଲଢ଼ିବା ଉଚିତ ନୁହେଁ। –ମୁରଲୀ ମନୋହର ଜୋଷୀ


Dear Voters of Kanpur,

Shri Ramlal General Secretary (Org.) Bharatiya Janata Party conveyed to me today that I should not contest the ensuing parliamentary election from Kanpur and elsewhere.

(Murli Manohar Joshi)

> ଭାଜପାର ପୂର୍ବତନ ଅଧ୍ୟକ୍ଷ ଲାଲ୍‌କୃଷ୍ଣ ଆଡ୍‌ଭାନୀ ଓ ମୁରଲୀ ମନୋହର ଜୋଷୀ ଏଥର ଲୋକ ସଭା ନିର୍ବାଚନ ଲଢ଼ିବାକୁ ମନା କରିଦେଇଥିଲେ। ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚାହୁଁ ନ ଥିବା ନେତାଙ୍କୁ ଦଳ କାହିଁକି ଟିକେଟ ଦେବ?
> -କୈଳାସ ବିଜୟବର୍ଗୀୟ, ଭାଜପା ସାଧାରଣ ସମ୍ପାଦକ



ବାଙ୍ଗାଲୋର ସାଉଥ୍ ଆସନରୁ ପ୍ରାର୍ଥିପତ୍ର ଦାଖଲ ପରେ ଜୟନଗରରେ ସମର୍ଥକଙ୍କ ଗହଣରେ କଂଗ୍ରେସ ନେତା ବି.କେ. ହରିପ୍ରସାଦ।



ଥିରୁଭାନନ୍ଥପୁରମ୍‌ରେ ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଆରମ୍ଭ କରୁଛନ୍ତି ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀଥାରାମନ୍।



ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ବିଧାୟକ ମହମ୍ମଦ ଆକବର ଲୋନ୍ ପାକିସ୍ତାନ ସପକ୍ଷରେ ସ୍ଲୋଗାନ ଦେଇଥିବାରୁ ଏହାର ପ୍ରତିବାଦରେ ଜମ୍ମୁରେ ଶିବସେନା କର୍ମୀଙ୍କ ବିକ୍ଷୋଭ।

### ଅଭିଯୋଗ ଆଣିଲେ ସୁଶୀଲ ସିନ୍ଦେ

# 'ଲାଞ୍ଚ ଯାଚୁଥିଲା ଭାଜପା'

ମୁମ୍ବାଇ,୨୬।୩(ଆଇଏଏନ୍‌ଏସ୍)

ବରିଷ୍ଠ କଂଗ୍ରେସ ନେତା ସୁଶୀଲ ସିନ୍ଦେ ମଙ୍ଗଳବାର ଭାଜପା ବିରୋଧରେ ଚାଞ୍ଚଲ୍ୟକର ଅଭିଯୋଗ ଆଣିଛନ୍ତି। ଭାଜପା ପକ୍ଷରୁ ପ୍ରଥମେ ତାଙ୍କ ଝିଅ ତଥା ମହାରାଷ୍ଟ୍ରର ବିଧାୟିକା ପ୍ରଣିତି ସିନ୍ଦେଙ୍କୁ ଯୋଗାଯୋଗ କରାଯାଇଥିଲା। ପରେ ତାଙ୍କୁ ମଧ୍ୟ ଲାଞ୍ଚ ଯଚାଯାଇଥିଲା ବୋଲି ସୁଶୀଲ ସିନ୍ଦେ କହିଛନ୍ତି।

ପୂର୍ବରୁ କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ପଦ ଅଳଙ୍କୃତ କରିଥିବା ୭୭ ବର୍ଷୀୟ ସିନ୍ଦେ କହିଛନ୍ତି, ତାଙ୍କୁ ଭାଜପାରେ ଥିବା ତାଙ୍କ ଭଳି ଜଣେ ନେତା ପ୍ରଲୋଭନ ଦେଖାଇଥିଲେ। ତେବେ ଭାଜପାର ପ୍ରଲୋଭନରେ ପଡ଼ି ସେ କିମ୍ବା ତାଙ୍କ ଝିଅ କଂଗ୍ରେସ ଛାଡ଼ିବାର ପ୍ରଶ୍ନ ଉଠୁନାହିଁ। ଉଭୟେ କଂଗ୍ରେସ କର୍ମୀଙ୍କ ପ୍ରତି ପ୍ରତିଶ୍ରୁତିବଦ୍ଧ ଏବଂ ବଞ୍ଚିଥିବା ଯାଏ ଦଳରେ ରହିବେ ବୋଲି ସେ ସ୍ପଷ୍ଟ କରିଛନ୍ତି। ସିନ୍ଦେ ସୋଲାପୁର ଲୋକ ସଭା ଆସନରୁ କଂଗ୍ରେସ ଟିକେଟରେ ନାମାଙ୍କନପତ୍ର ଦାଖଲ କରିବାର ଦିନକ ପରେ ସେ ଏହି ପ୍ରଘଟ କରିଛନ୍ତି। ଏହାକୁ ନେଇ ମହାରାଷ୍ଟ୍ର ଓ ଜାତୀୟ ରାଜନୀତି ସରଗରମ ହୋଇଛି।



# ପଦ୍ମ ଧରିଲେ ଜୟପ୍ରଦା

ନୂଆଦିଲ୍ଲୀ,୨୬।୩(ପି.ଟି.)

ଅଭିନେତ୍ରୀରୁ ରାଜନେତା ପାଲଟିଥିବା ତଥା ସମାଜବାଦୀ ପାର୍ଟି (ଏସ୍‌ପି)ର ପୂର୍ବତନ ଏମ୍‌ପି ଜୟପ୍ରଦା ମଙ୍ଗଳବାର ଭାଜପାରେ ଯୋଗଦେଇଛନ୍ତି। ଭାଜପା ସାଧାରଣ ସମ୍ପାଦକ ଭୂପେନ୍ଦ୍ର ଯାଦବ ଓ ରାଜ୍ୟ ସଭା ସଦସ୍ୟ ଅନିଲ ବାଲୁନିଙ୍କ ଉପସ୍ଥିତିରେ ସେ ଦଳରେ ସାମିଲ ହେବାର କିଛି ସମୟ ପରେ ତାଙ୍କୁ ଉତ୍ତରପ୍ରଦେଶର ରାମପୁର ଆସନରୁ ଭାଜପା ଟିକେଟ ଦେଇଛି। ଜୟପ୍ରଦା ୧୯୯୪ରେ ରାଜନୀତିରେ ପ୍ରବେଶ କରି ଟିଡିପିରେ ଯୋଗଦେଇଥିଲେ। ପରେ ସେ ଏସ୍‌ପିରେ ମିଶିଥିଲେ। ୨୦୧୦ରେ ଦଳବିରୋଧୀ କାର୍ଯ୍ୟ ଯୋଗୁ ଏସ୍‌ପିରୁ ତାଙ୍କୁ ବହିଷ୍କାର କରାଯାଇଥିଲା। ଜୟପ୍ରଦାଙ୍କୁ ଭାଜପା ରାମପୁର ଆସନରେ ପ୍ରାର୍ଥୀ କରିବା ପରେ ଏଠାରେ ଲଢ଼େଇ ରୋଚକ ମୋଡ଼ରେ ପହଞ୍ଚିଛି। କାରଣ ଏହି ଆସନରୁ ଏସ୍‌ପି ହେଭିୱେଟ୍ ଆଜମ୍ ଖାନ୍ ଦଳୀୟ ଟିକେଟରେ ଛିଡ଼ା ହୋଇଛନ୍ତି। ମୁସଲମାନ ବହୁଳ ରାମପୁର ଆସନ ଦଖଲ ପାଇଁ ଭାଜପା ଏକାଧିକ ଷ୍ଟାର୍ କ୍ୟାମ୍ପେନରଙ୍କୁ ନିୟୋଜିତ କରିବ ବୋଲି ଜଣାପଡ଼ିଛି।

### ଆଜମ୍ ଖାନ୍‌ଙ୍କ ସହ ଲଢ଼େଇ ହେବ




# 'ବିମୁଦ୍ରୀକରଣ ପରେ ନୋଟ୍ ବଦଳାଉଥିଲେ ଭାଜପା ନେତା'

ନୂଆଦିଲ୍ଲୀ,୨୬।୩

ନୂଆଦିଲ୍ଲୀସ୍ଥିତ କନ୍‌ଷ୍ଟିଚ୍ୟୁଶନ୍ କ୍ଲବ୍‌ରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଏକ ମିଳିତ ଖବରଦାତା ସମ୍ମିଳନୀ ଅୟୋଜିତ ହୋଇଛି। ଏଥିରେ ବରିଷ୍ଠ କଂଗ୍ରେସ ନେତା କପିଲ ସିବଲ ଏନ୍‌ଡିଏ ସରକାରଙ୍କ ବିମୁଦ୍ରୀକରଣ ନୀତି ବିରୋଧରେ ବର୍ଷିଛନ୍ତି। ବିମୁଦ୍ରୀକରଣ ପରେ ଜଣେ ଭାଜପା ନେତା ୪୦% କମିଶନ ନେଇ ପୁରୁଣା ନୋଟ୍ ବଦଳାଉଥିବା ଦୃଶ୍ୟ ଥିବା ୩୦ ମିନିଟର ଏକ ଭିଡିଓ ଏଥିରେ ଜାରି କରାଯାଇଛି। କଂଗ୍ରେସ ନେତା ଗୁଲାମନବୀ ଆଜାଦ, ମଲ୍ଲିକାର୍ଜୁନ ଖାର୍ଗେ ଓ ଲୋକତାନ୍ତ୍ରିକ ଜନତା ଦଳ ପ୍ରତିଷ୍ଠାତା ଶରଦ ଯାଦବ ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଭାଜପା ଏହାକୁ ଏକ ମିଥ୍ୟା ଖବର ବୋଲି ଅଭିହିତ କରିବା ସହ ସିବଲ ଓ କଂଗ୍ରେସ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଚେତାବନୀ ଦେଇଛି।



ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଅଣନାତି ତଥା କାଳୀଘାଟ ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ଚନ୍ଦ୍ର କୁମାର ବୋଷ ନିର୍ବାଚନ ପ୍ରଚାର ବେଳେ ଜଣେ ଶିଶୁକୁ ଧରିଛନ୍ତି।

# ରବିଶଙ୍କରଙ୍କୁ କଳାପତାକା

ପାଟନା,୨୬।୩(ପି.ଟି.)

କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ପାଟନା ସାହିବ ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀ ହେବା ପରେ ତାଙ୍କୁ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ଦଳୀୟ ପ୍ରାର୍ଥୀ ହେବା ପରେ ସେ ମଙ୍ଗଳବାର ପ୍ରଥମଥର ପାଇଁ ପାଟନା ଆସିଥିଲେ। ବିମାନବନ୍ଦର ବାହାରେ ତାଙ୍କୁ ରାଜ୍ୟ ସଭା ସଦସ୍ୟ ଆର୍.କେ. ସିହ୍ନାଙ୍କ ସମର୍ଥକମାନେ କଳାପତାକା ଦେଖାଇଥିଲେ। ରବିଶଙ୍କର ଦିଲ୍ଲୀରୁ ପାଟନା ଆସିବା ପରେ ତାଙ୍କୁ କେତେଜଣ ସମର୍ଥକ ସ୍ୱାଗତ କରିବା ପାଇଁ ବିମାନବନ୍ଦରକୁ ଯାଇଥିଲେ। କଳାପତାକା ଦେଖାଇ ଓ ସ୍ଲୋଗାନ ଦେଇ ତାଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରୁଥିବା କର୍ମୀ ଓ ରବିଶଙ୍କରଙ୍କ ସମର୍ଥକଙ୍କ ମଧ୍ୟରେ ହାତାହାତି ହୋଇଥିଲା। ସେମାନଙ୍କୁ ଘଉଡ଼ିବା ପାଇଁ ପୋଲିସ ଏବଂ ସିଆଇଏସ୍‌ଏଫ୍‌କୁ ବଳପ୍ରୟୋଗ କରିବାକୁ ପଡ଼ିଥିଲା। ପ୍ରକାଶ ଯେ, ପାଟନା ସାହିବ ଏମ୍‌ପି ଶତ୍ରୁଘ୍ନ ସିହ୍ନାଙ୍କୁ ଏଥର ଟିକେଟ ଦିଆଯାଇନାହିଁ।



# ଭୋଟରଙ୍କ ସର୍ବାଧିକ ପ୍ରାଥମିକତା ନିଯୁକ୍ତି

ନୂଆଦିଲ୍ଲୀ,୨୬।୩(ପି.ଟି.)

### ଏଡିଆର୍ ସର୍ଭେ

ସର୍ବଭାରତୀୟ ସ୍ତରରେ କରାଯାଇଥିବା ଏକ ସର୍ଭେ ଅନୁଯାୟୀ ଭଲ ନିଯୁକ୍ତି ସୁଯୋଗ, ଉତ୍ତମ ସ୍ୱାସ୍ଥ୍ୟସେବା ଏବଂ ପାନୀୟ ଜଳ ଭୋଟରମାନଙ୍କ ସର୍ବାଧିକ ପ୍ରାଥମିକତା ବୋଲି ଜଣାପଡିଛି। ଆସୋସିଏଶନ ଅଫ୍ ଡେମୋକ୍ରାଟିକ୍ ରିଫର୍ମ୍‌ସ (ଏଡିଆର୍) ପକ୍ଷରୁ ୧୦ଟି କ୍ଷେତ୍ର ଉପରେ ସର୍ଭେ କରାଯାଇଛି। ଏଥିରେ ଉତ୍ତମ ନିଯୁକ୍ତି ସୁଯୋଗ ଭୋଟରଙ୍କ ସର୍ବାଧିକ ପ୍ରାଥମିକତା ୨୦୧୭ରେ ୩୦% ଥିବାବେଳେ ୨୦୧୮ରେ ୪୭ ଏବଂ ୨୦୧୯ରେ ୫୬.୬୭ ପ୍ରତିଶତକୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ନିଯୁକ୍ତି ସୃଷ୍ଟିରେ ସରକାରଙ୍କ ପ୍ରଦର୍ଶନ ୩.୧୭ରୁ ୨.୧୫କୁ ହ୍ରାସ ପାଇଛି। ସେହିପରି ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରତି ପ୍ରାଥମିକତା ୩୪.୬୦ ପ୍ରତିଶତ ରହିଥିବାବେଳେ ପାନୀୟ ଜଳ ପ୍ରତି ୩୦.୫୦ ପ୍ରତିଶତ ପ୍ରାଥମିକତା ରହୁଛି। ଏହା ପଛକୁ ରହିଛି ଉତ୍ତମ ରାସ୍ତାଘାଟ, ସାଧାରଣ ପରିବହନ, କୃଷି କ୍ଷେତ୍ରକୁ ଜଳସେଚନ, କୃଷିଋଣ ଉପଲବ୍ଧତା, କୃଷି ସାମଗ୍ରୀକୁ ଉପଯୁକ୍ତ ମୂଲ୍ୟ ପ୍ରଦାନ, ବିହନ ଓ ସାରରେ ସବ୍‌ସିଡି ଏବଂ ଉତ୍ତମ ଆଇନ ଶୃଙ୍ଖଳା ପରସ୍ଥିତି।

ଗତବର୍ଷ ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ଦେଶର ୫୩୪ଟି ଲୋକ ସଭା ନିର୍ବାଚନମଣ୍ଡଳୀରୁ ୨,୭୩,୪୮୭ ଭୋଟରଙ୍କ ମତାମତ ନିଆଯାଇ ଉକ୍ତ ସର୍ଭେ କରାଯାଇଥିଲା। ୨୯ଟି ରାଜ୍ୟରେ ଭୋଟରଙ୍କ ସର୍ବାଧିକ ପ୍ରାଥମିକତା ପୂରଣ କ୍ଷେତ୍ରରେ ସରକାରଙ୍କ ପ୍ରଦର୍ଶନ ସାଧାରଣଠାରୁ କମ୍ ବୋଲି ଜଣାପଡିଥିଲା। ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କୁ ଭୋଟ ପ୍ରଦାନ ପଛର ସବୁଠୁ ଗୁରୁତ୍ୱପୂର୍ଣ୍ଣ କାରଣ ମୁଖ୍ୟମନ୍ତ୍ରୀ ପ୍ରାର୍ଥିତ୍ୱ ବୋଲି ସର୍ବାଧିକ ୭୫.୧୧ ପ୍ରତିଶତ ମତ ଦେଇଥିବାବେଳେ ପ୍ରାର୍ଥୀଙ୍କ ଦଳକୁ ୭୧.୩୨% ଏବଂ ପ୍ରାର୍ଥୀଙ୍କୁ ୬୮.୦୩% ଗୁରୁତ୍ୱ ଦେଇଥିଲେ।


MARUTI SUZUKI ARENA
Magical March offers
AMAZING DRIVE WITH EXCITING BENEFITS.
Enjoy the month of March with exciting offers from Maruti Suzuki.
Hurry!!! Last 5 days
ALTO 800
ALTO K10
CELERIO
Scratch & win Contest
Win upto 5gm* Gold Coin
Win upto 100gm* Silver Coin
ALTO 800 ₹60,000*
ALTO K10 ₹50,000*
CELERIO ₹55,000*
ALTO 800 ALTO K10 CELERIO
E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.
For Institutional Sales/ Bulk Deal / DGS&D/GeM Enquiries, please email at adinath.ray@maruti.co.in
JYOTE MOTORS
• BHUBANESWAR: LEWIS ROAD - 9776615020, 9776615035, 9776615032 NAYAPALLI - 7381355999, 7381366999 • KEONJHAR: 8599019854, 7064493469 • BARIPADA: 9437102597 • BHADRAK: 7381064240 • NAYAGARH: 7381028515 • BALASORE: 7064499108
SKY AUTOMOBILES
• BHUBANESWAR: 9776645711
• CUTTACK: 9776677771, 7381873818
• DHENKANAL: 9776900005 • JAJPUR: 9776900777
NARAYANI MOTORS
• BHUBANESWAR: 7381094890/0674-2588474, 0674-2588475, 0674-2588473
• PURI: 9583022035
• PARADEEP: 9583022034/06722-228044
ODYSSEY MOTORS
• ANGUL: 7752076136, 9776901481
• PALLAHARA: 7873565435, 9437831123

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................


କୌଶିକ
ପରିବାରବର୍ଗ


ନିମନ୍ତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




### BRIDE WANTED

Karan boy 1987, 5'6", B.Tech serving Engineer Pune "Sunasansar". 9937512659. D-11780

Suitable alliance invited for a Brahmin boy, 1988, 6', B.Tech, Sr. Cyber Security Consultant, E&Y, Bengaluru. Contact: 9437272735, 6371404833. D-66206

Wanted a beautiful homely bride for a handsome M.Tech (32 years) of Madhu Vaisya caste, only son of a Chief Engineer, settled in Bhubaneswar. Mob: 9437115731. D-11825

ଜ୍ୟୋତିଷ ଜାତିର ୩୯ବର୍ଷ, ବାଙ୍ଗାଲୋରରେ କାର୍ଯ୍ୟରତ ପୁଅ ପାଇଁ ୩୦ ବା ତଦୂର୍ଦ୍ଧ୍ୱ ବୟସ୍କା କନ୍ୟା ପାତ୍ରୀ ତୁରନ୍ତ ଆବଶ୍ୟକ: 8598960617 (କଟକ). ଧ-୬୬୪୧୬

### GROOM WANTED

୪୦ବର୍ଷୀୟା କାମାକ୍ଷା ନଗରସ୍ଥିତ ଛାଡପତ୍ର ପ୍ରାପ୍ତ ସୁନ୍ଦର ଝିଅଙ୍କ ପାଇଁ ବିବାହିତ/ ଅବିବାହିତ ପୁଅ ଦରକାର: 7381460017.D-60827

Extremely (most) beautiful Brahmin girl 1991/5'4" MBA. Require service/ business preferable Bhubaneswar based. Karan/ Khandayat no bar. Barsha. 9338229705, 7749883585. D-66114

ଭୁବନେଶ୍ୱର ନିବାସୀ ଶିକ୍ଷିତ ବିଶ୍ୱକର୍ମା ପରିବାରର ସ୍ୱାସ୍ଥ୍ୟବତୀ ନିରାମିଷାଶୀ 5'3"/ 31/ BA/ PGDCA ଶିକ୍ଷୟିତ୍ରୀ କନ୍ୟା ନିମନ୍ତେ ଉପଯୁକ୍ତ ବରପାତ୍ର ଆବଶ୍ୟକ: 9237023852. D-65625

Divorcee bride Bank Manager 42, Railway 38, Business 43 (caste-no-bar)-7873374269. D-66415

Hindu, Gudia, 28/5'2", (Ph.D) serving as a Research Officer, fair beautiful girl searching for a suitable groom preferably OAS, Doctor, Lecturer, SBI PO/ similar type from same caste. Phone No.: 7749895427. D-65867

Now Matrimonial ads. only on Wednesday & Sunday Book 1 Get 1 FREE

# classified




### SALE

Fully developed ready for construction gated community gharabari boundary wall plot sale in Uttara close to blacktop road. 9238902929, 7992736330. D-66312

Bhubaneswar AIIMS front Govt. roadକୁଲାଗି gharabari yellowzone plot ବିକ୍ରିହେବ: 9439206202. D-66308

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Morningsun residency simplex near Hanspal 32,00,000/- Handover within 1 month. 8908015464, 9853347909. D-65399

**Bhubaneswar AIIMS Hospitalଠାରେ yellowzone gharabari 30'road, ଇଲେକ୍ଟ୍ରିସିଟିଥାଇ plot sqft. 1500/-ରେ ବିକ୍ରିହେବ: 9937819395.** D-65397

Bhubaneswar GITA Collegeଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

ଭୁବନେଶ୍ୱର Infosys-2 ପଛପଟେ boundarywall ସହିତ sqft.- 600/-. 8658962508, 8480864171. D-66302

Conversion demarcation plot sale Brahmanjharilo, ନଖରା ସ୍ଥିତିବାନ ପିଚୁରୋଡ୍ sideରେ ୧୫୦୦ ବର୍ଗଫୁଟକୁ ୮,୨୫,୦୦୦/-. 9437306208. D-66307

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66056

ସୁନ୍ଦରପଦା Xavier University ପଛପଟେ ବେଣାବିଲ ମୌଜାରେ sqft.- 275/-ରେ investment ଉପଯୋଗୀ ସ୍ଥିତିବାନ ପ୍ଲଟ ମିଳୁଅଛି। Immediate possession and registration. 8249292535. D-66304

Booking 2BHK simplex Tankapani road Sai Temple 20,50,000/- gharabari plots Jharapada, Badagada, Canal road: 7735738102. D-11820

**Gharabari plot with 30' road & compoundwall at Brahmanajharilo Cuttack 68,000/- sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No brokers please. 7809525452.** D-65865

Bhubaneswar ପିତାପଲ୍ଲି ଛକରେ BDA plot electric, 30'road available. 9090963952. D-65389

Centering sale. Contact: 9937853999. D-64953

**ପିତାପଲ୍ଲିଛକ NH-5ରୁ 100ft. ଦୂରତାରେ 30' roadକୁ ଲାଗି BDA commercial plot ବିକ୍ରିହେବ। 8917543041.** D-66309

ଏସ୍‌ସି ଘରବାରି ଇନ୍‌ଫୋଭ୍ୟାଲି ୧୫୦ ଫୁଟରୁ ୩୦ଫୁଟ ରାସ୍ତା ଏରିଆ ୧୮୦୦ ସ୍କୋୟାରଫୁଟ ବାଉଣ୍ଡରିୱାଲ୍, ବୋରୱେଲ ଅଛି। ଶୀଘ୍ର ବିକ୍ରିହେବ: 9438044320. ଧ-୬୦୯୪୬

Plot for sale at Puri, near Lokanath Mandir back side, Mouza, Sankarpur, sthitiban, pata plot, 30' wide revenue road, 20' branch road, 1.5 km. from Jagannath Temple, 1 km. from Sea Beach, 1km. from N.H. Contact Pradeep: 9438422888. D-66055

1200 sqft. yellow zone gharabari plot near Royal Lagoon, Raghunathpur 30' wide black top road. Cost- 3000/- sqft. 7008371750. D-11818

36000 sqft. IDCO plot for sale near KIIT College, Patia suitable for school, college, medical, guest house, wire house etc. Cost- 1500/- sqft. negotiable. 7008371750. D-1819

Land available for farm house near Manchesway Rajadhani Engineering College, just 3.5 km. from Hi-Tech Chhak, Bhubaneswar. 9040686695. D-62172

Bhubaneswar ଉପକଣ୍ଠ locality ହଂସପାଳ 16,20,000/- ମୂଲ୍ୟରେ ଘରବାରି plot ବିକ୍ରି। 9439487505. D-11839

Ready 4BHK duplex with gated community at Balianta (land- 1400, construction- 2200 @ 55 lakh and 2400 sqft. @ 65 lakh). Contact Mplanets. 9938219397, 9861022055. D-11838

### GENERAL

### SALE

German Shepherd Pups for sale. Contact: 9096245306. D-66311




Open space available at Pahal near Utkal Signature (Audi Showroom) 15000 sqft. and 25000 sqft. Contact: 9338401309, 9853916309. D-62171

**1800 sqft. office space in ICICI Bank commercial complex on Vivekanand Marg Road, Bhubaneswar. 8598923231.** D-66053

2BHK at Aerodrome area Pallaspally, Bhubaneswar for residence. 9437082192, 9437119146. D-65626

Single room gents/ students behind Hotel VITS, Cuttack Road, Bhubaneswar. Contact: 9437283873. D-11832

**Sahid Nagar, Bhubaneswar, 1200 & 1800 sqft. office space in prime location. 8598923231.** D-66054




Fully refreshed/ relaxed body massage by expert therapist, Shastri Nagar. 7377984773. D-65600

Rejuvenate and Ayurvedic full body massage by smart therapist. 9114402304. D-65599

Herbal full body massage with refreshment by well trained therapist. 7381239385, 06742540855. D-66038

Experience full body massage with us by experts. Enquiry. 06742597822, 7377048581. D-66039

Newly opening ayurvedic body massage smart therapist, Shree herbal. 7750020754. D-66041

Improving your health, skin care through expert therapist, excellent offer. 9668374480. D-66042

Sampark ayurvedic massage club fully relaxed by smart lady, home service available. 8280102993. D-65855

Physiotherapy, full body massage by trained ladies/ gents therapist: 7008773793. D-66418

Herbal full body massage by smart/ expert therapist. Contact: 8338067247. D-66040

### LOST

By virtue of an affidavit sworn before Notary, Bhubaneswar I, Pramod Kumar Pattnaik, Plot No.-4711, Sahid Nagar, BBSR declare that my original deed- 5747 and ROR- 66 of my Cuttack house has been lost. D-66417

### 4th Birthday Wish


(Kirsha)

**Kaushik Rout**
Laxmisagar, BBSR

ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଳାପଥ କୁସୁମିତ ହେଉ। ଜେଜେବାପା, ଜେଜେମା, ବାପା, ମାମା ଏବଂ ପରିବାରବର୍ଗ। ଧ-୨୭୬୧୯

### Birthday Wish


(Putra)

**Avneesh**
Kaling Nagar, Ghatikia, Bhubaneswar

ଆଜି ତୋର ତୃତୀୟ ଜନ୍ମବାର୍ଷିକ ଶୁଭ ଅବସରରେ ସକଳ ସୁଖ, ସମୃଦ୍ଧି, ମଙ୍ଗଳ ଓ ଯଶସ୍ୱୀ ପାଇଁ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୁଭେଚ୍ଛା ସହ: ବାପା, ମା, ପାପା, ମାମା, ଅଜା, ଆଈ, ମାମୁ, ମାଇଁ, ପିଉସୀ ମା, କାହ୍ନା ଭାଇ, କ୍ରିଶା ଭାଇ। ଧ-୧୧୮୪୧

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଗୁଳି ବିନିମୟ: ୪ ମାଓବାଦୀ ନିହତ

**ମାଲକାନଗିରି,୨୬।୩(ସ୍ୱ.ପ୍ର.)**

ମାଲକାନଗିରି ଜିଲା ସୀମାନ୍ତବର୍ତ୍ତୀ ଛତିଶଗଡ ସୁକୁମା ଜିଲା ଚିନ୍ତଲନାଭ ଜଙ୍ଗଲରେ ପୋଲିସ-ମାଓବାଦୀ ଗୁଳି ବିନିମୟ ହୋଇ ୪ଜଣ ମାଓବାଦୀ ନିହତ ହୋଇଛନ୍ତି। କୋବ୍ରା ବାଟାଲିୟନ ଓ ଛତିଶଗଡ ପୋଲିସ ପକ୍ଷରୁ ମଙ୍ଗଳବାର ଭୋର ସମୟରେ ମିଳିତ କୋମ୍ବିଂ ଚାଲିଥିବା ସମୟରେ ଜଙ୍ଗଲରେ ମାଓବାଦୀଙ୍କ ଶିବିର ଚାଲିଥିବା ଜାଣିବାକୁ ପାଇଥିଲେ। ଶିବିର ନିକଟରେ ପୋଲିସ ପହଞ୍ଚିବା ଜାଣିବା ପରେ ଉଭୟପଟୁ ଗୁଳିଚାଳନା କରାଯାଇଥିଲା। ଘଟଣାସ୍ଥଳରୁ ରାଇଫଲ, ୩୦୩ ରାଇଫଲ ସହ ବହୁ ବିସ୍ଫୋରକ ସାମଗ୍ରୀ ସହ ଜବତ ହୋଇଛି।

## ୨୮ରୁ ଆହୁରି ବଢ଼ିବ ତାତି

**ଭୁବନେଶ୍ୱର,୨୬।୩(ବ୍ୟୁରୋ)**

ଆସନ୍ତା ୨୮ ତାରିଖରୁ ୩୧ ଯାଏ ରାଜ୍ୟରେ ପାଗ ଶୁଖିଲା ରହିବା ସହ ତାତି ବୃଦ୍ଧି ପାଇବ । ଅଧିକାଂଶ ସ୍ଥାନରେ ପାରଦ ୪୦ ଡିଗ୍ରୀ ଉପରକୁ ଉଠିଯିବ। ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡିଶାରେ ପାରଦ ଉପରମୁହାଁ ହେବ । ଉପକୂଳବର୍ତ୍ତୀ ଜିଲାରେ ତାତି ବଢିଲେ ମଧ୍ୟ ୪୦ ଡିଗ୍ରୀ ତଳେ ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ମୟୂରଭଞ୍ଜ ଦେବଗଡ, ଅନୁଗୋଳ, କେନ୍ଦୁଝର, କନ୍ଧମାଳ, ଗଞ୍ଜାମ ଏବଂ ରାୟଗଡା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲକା ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ଏହି ସମୟରେ ସୁନ୍ଦରଗଡ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର ଏବଂ କେନ୍ଦ୍ରାପଡା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ଜନିତ ଝଡବର୍ଷା ହେବାର ସମ୍ଭାବନା ରହିଛି।

### କିଛି ତଥ୍ୟ

ଡିସେମ୍ବରରେ ଦେଶର ଅଶୋଧିତ ଇସ୍ପାତ ଉତ୍ପାଦନ ୧.୪% ହ୍ରାସ ଘଟି ୮.୯୪ ନିୟୁତ ଟନ୍ ରହିଛି।

– ଇସ୍ପାତ ମନ୍ତ୍ରଣାଳୟ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ବୁଧ ନକ୍ଷତ୍ରସ୍ଥ ଚନ୍ଦ୍ର ବନ୍ଧୁଙ୍କ ମାଧ୍ୟମରେ ପାରିବାରିକ ଅସଙ୍ଗତି ଦୂର କରିବାରେ ସାହାଯ୍ୟ କରିବେ। ରବି ଦ୍ୱାଦଶସ୍ଥ ହେତୁ ଯାତ୍ରା, ସରକାରୀ କର୍ମଚାରୀଙ୍କୁ ଦେଖାସାକ୍ଷାତ, ବାଣିଜ୍ୟ,ବ୍ୟବସାୟ ପାଇଁ ଦିନଟି ବିଶେଷ ଭଲ ନୁହେଁ। ଅବଶ୍ୟ ଶୁକ୍ର ପ୍ରଭାବରୁ ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ପାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ।

**ବୃଷ**

ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ପ୍ରକାଶ କଲେ ଓଲଟା ଫଳ ପାଇପାରନ୍ତି। ଧନ ସ୍ଥାନରେ ରାହୁ ଏକାଦଶରେ ରବିଙ୍କ ନକ୍ଷତ୍ରରେ ଥିବାରୁ ଧନହାନି କିମ୍ବା ଅପବ୍ୟୟସୂଚକ। ଏଣୁ ସତର୍କତା ବିଧେୟ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସି ଆପଣଙ୍କୁ ସାହାଯ୍ୟ କରିବେ। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ମିଥୁନ**

କର୍ମାଧିପ ବୁଧଙ୍କ ନକ୍ଷତ୍ରରେ ଅବସ୍ଥାନ କରି କର୍ମସ୍ଥାନକୁ ପୂର୍ଣ୍ଣରୂପେ ଦୃଷ୍ଟି ଦେଉଥିବାରୁ ଆଜି ଆପଣଙ୍କ କୌଣସି କାମ ଅପୂର୍ଣ୍ଣ ରହିବନାହିଁ। ଆଶା କରୁଥିବା ଆତ୍ମୀୟମାନଙ୍କ ସହଯୋଗରୁ ଅର୍ଥ ଓ ସମ୍ମାନ ପାଇବେ। କାର୍ଯ୍ୟଦକ୍ଷତା ହେତୁ ସାମାଜିକ ସମ୍ମାନ ବୃଦ୍ଧି ପାଇବ। ସପ୍ତମସ୍ଥ ଶନି ବାଣିଜ୍ୟ, ବ୍ୟବସାୟ, କଚେରି ମାମଲା, ନୂତନ କର୍ମାରମ୍ଭକୁ ରୋକ୍ ଲଗାଇପାରେ।

**କର୍କଟ**

ଧନାଧିପଙ୍କ ପୃଷ୍ଠଦେଶରେ ତୃତୀୟାଧିପ ରହିଥିବାରୁ ନିଜ ନିଜ ମଧ୍ୟରେ ସ୍ନେହ,ସମ୍ପର୍କକୁ ପଛକୁ ପକାଇ ଅର୍ଥ ସମ୍ପର୍କକୁ ପ୍ରାଧାନ୍ୟ ଦେଇପାରନ୍ତି। ଚତୁର୍ଥାଧିପ ମଙ୍ଗଳ ନକ୍ଷତ୍ରସ୍ଥ ଯୋଗୁ କୌଣସି ଶୁଭ ଖବର କିମ୍ବା ମୂଲ୍ୟବାନ ଜିନିଷ ପ୍ରାପ୍ତିରେ ଆନନ୍ଦ ଅନୁଭବ କରିବେ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ ନଚେତ୍ ବିବାଦର ସୂତ୍ରପାତ ହୋଇପାରେ।

**ସିଂହ**

ମଙ୍ଗଳ ରାଶ୍ୟାଧିପ ରବିଙ୍କ ନକ୍ଷତ୍ରରେ ରହି ପାରିବାରିକ କର୍ମସମୂହକୁ ଅଗ୍ରାଧିକାର ଭିତ୍ତିରେ ସମ୍ପନ୍ନ କରିବେ। ତରବରିଆ ଭାବରେ କୌଣସି କାମ ନ କରି ଭାବିଚିନ୍ତି ପଦକ୍ଷେପ ନେବା ଠିକ୍ ହେବ। ଆତ୍ମୀୟ କିମ୍ବା ହିତୈଷୀମାନଙ୍କ ସାହାଯ୍ୟ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ। ପରିବାରରେ ସ୍ତ୍ରୀ କିମ୍ବା ବୟସ୍କବ୍ୟକ୍ତିଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି।

**କନ୍ୟା**

ଧନ ଭାଗ୍ୟାଧିପ ଶୁକ୍ର କର୍ମାଧିପଙ୍କ ରାଶିକୁ ଦେଖୁଥିବାରୁ ଅଭିଳଷିତ କାମକୁ କୌଣସି ବନ୍ଧୁ ଜରିଆରେ ସମ୍ପନ୍ନ କରିପାରିବେ। ରପ୍ତାନି, ବାଣିଜ୍ୟ, କ୍ରୀଡ଼ା ପ୍ରତିଯୋଗିତା, ବିବାଦୀୟ ଅର୍ଥପ୍ରାପ୍ତି ପାଇଁ ଚେଷ୍ଟା ଅବ୍ୟାହତ ରଖିପାରନ୍ତି। କର୍ମକ୍ଷେତ୍ରରେ ଜଣେ ଅଜଣା ଆଗନ୍ତୁକଙ୍କ ଆକସ୍ମିକ ଆବିର୍ଭାବ ପରିବେଶକୁ ଏପଟ ସେପଟ କରିଦେଇପାରେ।

**ତୁଳା**

ମିଥ୍ୟାପବାଦ ଓ କଳହର ପୃଷ୍ଠପୋଷକ ତୃତୀୟ ବୃହସ୍ପତି ଆଜି ଦ୍ୱିତୀୟସ୍ଥ ଯୋଗୁ ଅର୍ଥ ସମ୍ପର୍କ କିମ୍ବା କିଛି କଥାକୁ ନେଇ ସମସ୍ୟା ସୃଷ୍ଟି କରିବ। ଆଜି କାମର ଚାପ ଏତେଦୂର ବଢ଼ିଯିବ ଯେ ଆପଣ ଜମା ଶାନ୍ତିରେ ରହିପାରିବେ ନାହିଁ। ଘର ଲୋକଙ୍କ କାମରେ ଅସନ୍ତୁଷ୍ଟ ରହିବେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ବିଛା**

ରାହୁ ଓ ଶନିଙ୍କ ମଧ୍ୟରେ ଶୁଭଗ୍ରହମାନେ ସ୍ୱଗୁଣ ଧର୍ମ ହରାଇ ବିବାଦୀୟ ଚିନ୍ତାଧାରା ମଧ୍ୟରେ ଅଶାନ୍ତି ସୃଷ୍ଟି କରିବେ। ହାତରେ ବହୁତ କାମ ରହିଥିଲେ ମଧ୍ୟ କୌଣସିଟା ପୂର୍ଣ୍ଣାଙ୍ଗ ହୋଇପାରିବ ନାହିଁ। ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥବାଦୀ ହେବାର ଲକ୍ଷ୍ୟକରି ବ୍ୟଥିତ ହେବେ। ବ୍ୟବସାୟ, ମାର୍ଗଲିକ କାମରେ କିଛି ନୂତନତ୍ୱ ଅନୁଭବ କରିବେ।

**ଧନୁ**

ମିତ୍ରବନ୍ଧୁଙ୍କ ସାହାଯ୍ୟ, ସହଯୋଗର ପ୍ରତୀକାତ୍ମକ ଭାବରେ କୌଣସି ସୌଖୀନ ଜିନିଷ ଲାଭ କରି ଖୁସି ହୋଇପାରନ୍ତି। ଘରର ଅପ୍ରକାଶ୍ୟ କେତେକ ଘଟଣା ଶୁଣି ମାନସିକ ସ୍ତରରେ ଦୁଃଖ ଅନୁଭବ କରିପାରନ୍ତି। ଶନି କ୍ଷେତ୍ରସ୍ଥ ବୁଧ ହେତୁ ନୂତନ କାମରେ ପ୍ରତିବନ୍ଧକ ଲାଗିରହିବା ଯୋଗୁ କାମରେ ଅଗ୍ରଗତି ହୋଇପାରିବ ନାହିଁ।

**ମକର**

ଶୁଭଭାବାଧିପ ମଙ୍ଗଳ ଅଷ୍ଟମାଧିପ ଚନ୍ଦ୍ରଙ୍କ ସମସ୍ତକ ହେତୁ କୌଣସି ଅସୁବିଧା ନ ଥାଇ ମଧ୍ୟ ମନ ଭଲ ରହିବନାହିଁ। ନିଜର ଚତୁଃପାର୍ଶ୍ୱସ୍ଥ ବ୍ୟକ୍ତିବିଶେଷଙ୍କ ଭୁଲ୍ ବୁଝାମଣା ହେତୁ ଟେନ୍‌ସନ ବଢ଼ିପାରେ । ସମ୍ପର୍କରେ ନ୍ୟୁନତା କିମ୍ବା ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି। ତଥାପି ସ୍ଥଗିତ କାମକୁ ପୂରାଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ ଓ କରିବେ ମଧ୍ୟ ।

**କୁମ୍ଭ**

ଅଯଥା ରାହୁଙ୍କ ଅବସ୍ଥିତି ଭୁଲ୍ ନିଷ୍ପତ୍ତି ନେବା,ବିବାଦୀୟ କଥା ଚିନ୍ତା କରିବା କିମ୍ବା କୌଶଳରେ ଲକ୍ଷ୍ୟ ହାସଲ କରିବା ଦିଗରେ ପ୍ରେରଣା ଦେଇପାରେ । ପରିବାର ହେଉ କିମ୍ବା ସାମାଜିକ ସ୍ତରରେ ଭୁଲ୍ କାର୍ଯ୍ୟପଦ୍ଧତି ଅନୁସରଣ କଲେ ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ। ଆଜି ଦିନଟିରେ ଆୟ ତୁଳନାରେ ବ୍ୟୟ ବୃଦ୍ଧି ଘଟିବ।

**ମୀନ**

ଆଜିର ଗ୍ରହସ୍ଥିତି ଏପରି ଯେ ଆପଣ ଯେମିତି ଚିନ୍ତା କରୁଛନ୍ତି ଠିକ୍ ସେହିପରି ହିଁ ସମ୍ପନ୍ନ ହେବ। କିନ୍ତୁ ପଛରେ କହୁଥିବା ଲୋକମାନେ କହୁଥିବେ ସେ କଥା ମନକୁ ଆଣିଲେ ଆଗକୁ ବଢ଼ିପାରିବେ ନାହିଁ। ନୀତିବିହୀନ ସମ୍ପର୍କକୁ କେନ୍ଦ୍ରକରି ପାରିବାରିକ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହେବାର ଆଶଙ୍କା ରହିଛି। ସାମୟିକ ଭାବରେ ସ୍ନାୟବିକ ଦୁର୍ବଳତା ଅନୁଭବ କରିପାରନ୍ତି।

ଆଜି ଚୈତ୍ର କୃଷ୍ଣ ସପ୍ତମୀ ବୁଧବାର, ମାର୍ଚ୍ଚ ୨୭ ତାରିଖ, ବିଶ୍ୱ ରଙ୍ଗମଞ୍ଚ (ନାଟକ) ଦିବସ, ଦିବା ଘ୯।୧୩ମି. ଗତେ, ରାଶି, ନକ୍ଷତ୍ର-ମୂଳା, ଧନୁ, କର୍କଟ ରାଶିର ଘାତବାର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୧୯ମି. ଗତେ ଘ୮।୫୦ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୧୯ମି. ଗତେ ଘ୧୦।୨୦ମି. ମଧ୍ୟେ, ଘ୧୧।୫୧ମି. ଗତେ ଘ୪।୨୬ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧।୫୨ମି. ଗତେ ଘ୧୧।୨୩ମି. ମଧ୍ୟେ ରାହୁକାଳ।

## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**Late Bhaskar Chandra Seet**
(Ex- B.D.O, D.P.O & V.F.I. National Referee)
Dhansimulia, Balasore
ଆବିର୍ଭାବ: ୧୧।୦୬।୧୯୪୮
ତିରୋଧାନ: ୧୪।୦୩।୨୦୧୨

ସ୍ୱର୍ଗଦ୍ୱାରରେ ଆପଣଙ୍କ ଶରୀର ପଞ୍ଚଭୂତରେ ବିଲୀନ ହୋଇଯିବା ଛଅବର୍ଷ ହୋଇଗଲା। ଆପଣଙ୍କ ଅବର୍ତ୍ତମାନରେ ଆପଣଙ୍କର ସାଧୁତା, ତ୍ୟାଗ, ନିଷ୍ଠା, ସ୍ନେହ, ପରୋପକାରିତା ଓ ଈଶ୍ୱର ଭକ୍ତି ଆମ ଜୀବନର ପାଥେୟ। ଆପଣଙ୍କ ଅନ୍ତରାତ୍ମାର ସଦ୍‌ଗତି ନିମନ୍ତେ ଆମ୍ଭେ ଈଶ୍ୱରଙ୍କ ପାଖରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ ପତ୍ନୀଙ୍କ ସହ ବାବୁ, ମିଟୁ, ବେବି, ପିଙ୍କୁ, ବାପୁନି ତଥା ପରିବାରବର୍ଗ, ବନ୍ଧୁପରିଜନ ଓ ଆତ୍ମୀୟସ୍ୱଜନ। ଧ-୧୧୭୬୦

**ପ୍ରଥମ ଶ୍ରାଦ୍ଧବାର୍ଷିକ**
**ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ପ୍ରମିଳା ପାତ୍ର**
ବଳରାମପୁରଗଡ଼,
ସାକ୍ଷୀଗୋପାଳ, ପୁରୀ
ତିରୋଧାନ: ୦୮।୦୩।୨୦୧୮

ତୁମର ସ୍ନେହ, ପ୍ରେମ ଆମ୍ଭମାନଙ୍କ ପାଇଁ ସର୍ବଦା ଅବିସ୍ମରଣୀୟ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପାଗେଲି, ଚଗଲି, ବଗୁଲି, ଅଲି, ବିଜୁ, ଅଜୁ, ସଞ୍ଜୟ, ଭାଇଭାଉଜ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ। ଧ-୧୧୮୩୪

**ପ୍ରଥମ ଶ୍ରାଦ୍ଧବାର୍ଷିକ**
**ଓଁ ନମୋ ଭଗବତେ ବାସୁଦେବାୟ**



**ସ୍ୱର୍ଗତା ବନିତା ମିଶ୍ର**
କୃଷ୍ଣପକ୍ଷ ସପ୍ତମୀ ତିଥି
ପଥୁରିଆ ସାହି, ପୁରୀ

ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ହତଭାଗ୍ୟ ସ୍ୱାମୀ- ବ୍ରଜନାଥ ମିଶ୍ର (ବୁଲୁ), ପୁତ୍ର ଓ କନ୍ୟା- ମିନୁ, ସାନୁ, ବାପୁନୁ ଏବଂ ବ୍ରଜବାସୀ ପରିବାରର ସମସ୍ତ ସଦସ୍ୟ, ସଦସ୍ୟା। ଧ-୬୪୦୪୬

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ସୁବାସ ଚନ୍ଦ୍ର ବରାଳ**
ସା- ଚିନ୍ତାମଣିଶ୍ୱର, ଭୁବନେଶ୍ୱର
ଅବସରପ୍ରାପ୍ତ ଖାଦ୍ୟ ଓ ଯୋଗାଣ ବିଭାଗର ଉପନିର୍ଦ୍ଦେଶକ
ଆବିର୍ଭାବ: ୦୮।୦୯।୫୧
ତିରୋଧାନ: ୧୭।୦୩।୨୦୧୯

ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷ ପ୍ରାପ୍ତି ହେଉ, ଏହାହିଁ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ନିବେଦନ। ଶୋକସନ୍ତପ୍ତ ପରିବାର: ସ୍ତ୍ରୀ- ଲକ୍ଷ୍ମୀବାଈ ବରାଳ, ପୁତ୍ର- ସୁଜିତ, ସୁମିତ, ସୁନିତ, ପୁତ୍ରବଧୂ- ଇପ୍ସିତା, ସ୍ୱାତୀ, ରୁଚି, ନାତିନାତୁଣୀ- ଗୁନ୍‌ଗୁନ୍, ସ୍ୱଣ୍ଣିତ୍, ତୁଗୁ, ରିୟା। ଧ-୫୮୦୬୫

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଡ଼ଃ ସନ୍ତୋଷ କୁମାର ହଜାରୀ**
ଭୁବନେଶ୍ୱର
ତିରୋଧାନ: ୧୭।୦୩।୨୦୧୯

ଅମର ଆତ୍ମାର ସଦ୍‌ଗତି ହେଉ ଏହାହିଁ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପତ୍ନୀ- ଚନ୍ଦ୍ରପ୍ରଭା ହଜାରୀ, ଏ. ରାମା, ସାନ୍ତ୍ୱନା, ସୁବୋଧ, ସଞ୍ଜିତା, ଦେବାଶୀଷ, ଗରିମା, ରୋନି, ସାୟିନୀ, ଇଶା, ୟାଭି, ୟାସ୍ୱି। ଧ-୧୧୮୫୩

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**



ପୂର୍ବତନ ତେଲକୋଇ ବିଧାୟକ ଚନ୍ଦ୍ରସେନା ନାୟକ(୬୩)ଙ୍କ ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟା ୨୦ ମିନିଟ ସମୟରେ ପରଲୋକ ହୋଇଛି। ତାଙ୍କ ମୃତ୍ୟୁରେ କଂଗ୍ରେସ ଦଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଘର ହରିଚନ୍ଦନେପୁର ବ୍ଲକ କୁଙ୍ଗା ଗ୍ରାମରେ। ୧୯୮୦ରୁ ୮୫ ଓ ୧୯୯୫ରୁ ୨୦୦୦ରେ କଂଗ୍ରେସ ଦଳର ୨ ଥର ବିଧାୟକ ହୋଇଥିଲେ। ସେହି ସମୟରେ ବହୁ ଉନ୍ନୟନ ମୂଳକ କାମ କରିଥିଲେ।







### ■ ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ କଡ଼ା ନିର୍ଦ୍ଦେଶ

# ମେ ୧୩ ମଧ୍ୟରେ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କର

**କଟକ ଅଫିସ, ୨୬।୩**

ଆସନ୍ତା ମେ ୧୩ ତାରିଖ ମଧ୍ୟରେ ରାଜ୍ୟରେ ଥିବା ସମସ୍ତ ବେଆଇନ ଚିଙ୍ଗୁଡ଼ି ଘେରିଗୁଡ଼ିକ ଉଚ୍ଛେଦ ହେବ। ଏ ସମ୍ପର୍କିତ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ଜଷ୍ଟିସ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମଙ୍ଗଳବାର ରାଜ୍ୟ ସରକାରଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଉକ୍ତ ଉଚ୍ଛେଦ ସଂକ୍ରାନ୍ତ ରିପୋର୍ଟ ହାଇକୋର୍ଟରେ ଦାଖଲ କରିବାକୁ କୁହାଯାଇଛି।

ଗତ ସୋମବାର ହାଇକୋର୍ଟଙ୍କ ଦ୍ୱାରା ନିଯୁକ୍ତ କୋର୍ଟ ମିତ୍ର ତଥା ଆମିକସ୍ କ୍ୟୁରି ମୋହିତ ଅଗ୍ରୱାଲ ରାଜ୍ୟରେ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ହେବା ପରିବର୍ତ୍ତେ ବୃଦ୍ଧି ପାଉଥିବା ନେଇ ଖଣ୍ଡପୀଠଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଗ୍ରୱାଲ ଦର୍ଶାଇଥିଲେ ଯେ, ୨୦୧୭ରେ ଚିଲିକାରେ ୨୩ ହଜାର ଏକର ପରିମିତ ଜାଗାରେ ଚିଙ୍ଗୁଡ଼ି ଘେରି ରହିଥିଲା। ହାଇକୋର୍ଟରେ ଏ ସମ୍ପର୍କିତ ମାମଲା ରୁଜୁ ହେବା ପରେ ଘେରି ଉଚ୍ଛେଦ ନିମନ୍ତେ ପଦକ୍ଷେପ ନେବାକୁ ହାଇକୋର୍ଟ ସରକାରଙ୍କୁ ଆଦେଶ ଦେଇଥିଲେ। ମାତ୍ର ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ୨୦୧୮ ସେପ୍ଟେମ୍ବରରେ ହାଇକୋର୍ଟରେ ଯେଉଁ ତଥ୍ୟ ଦାଖଲ କରାଯାଇଥିଲା ସେଥିରେ ଚିଲିକାରେ ୨୫ହଜାର ଏକର ପରିମିତ ଜାଗା ଉପରେ ଘେରି ଥିବା ଦର୍ଶାଯାଇଥିଲା। ତେଣୁ ଘେରି ଉଚ୍ଛେଦ ପାଇଁ ହାଇକୋର୍ଟ ଆଦେଶ ଦେବା ପରେ କିଭଳି ଏହି ବେଆଇନ କାର୍ଯ୍ୟ ବୃଦ୍ଧି ପାଉଛି ତାହାକୁ ନେଇ ଆମିକସ୍ କ୍ୟୁରି ଅଗ୍ରୱାଲ ଆଶ୍ଚର୍ଯ୍ୟପ୍ରକଟ କରିଥିଲେ।

### ■ କୋଇଲା ବ୍ଲକ ଆବଣ୍ଟନ ମାମଲା

# ନବୀନଙ୍କୁ ନେଇ ରାଜନୀତି ସରଗରମ

**ଭୁବନେଶ୍ୱର,୨୬।୩(ବ୍ୟୁରୋ)**

କୋଇଲା ବ୍ଲକ ଆବଣ୍ଟନ ମାମଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୋଧରେ ଚାଲିଥିବା ସିବିଆଇ ତଦନ୍ତକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି। ଲୋକ ସଭା ଓ ବିଧାନସଭା ପାଇଁ ନିର୍ବାଚନ ତାରିଖ ଘୋଷଣା ହୋଇ ସାରିଥିବାବେଳେ ନବୀନଙ୍କ ବିରୋଧରେ ଚାଲିଥିବା ସିବିଆଇ ତଦନ୍ତ ବିଷୟ ପୁଣି ଉଠିବା ବିଜେଡି ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଏହାକୁ ନେଇ ବିରୋଧୀ ଦଳଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି।

ନବୀନଙ୍କ ବିରୋଧରେ ଚାଲିଥିବା ତଦନ୍ତକୁ ଶୀଘ୍ର ଶେଷ କରିବାକୁ ସୋମବାର ଆବେଦନକାରୀ ବୈଭବ ବର୍ମା ସୁପ୍ରିମକୋର୍ଟରେ ଏକ ଆବେଦନ କରିଛନ୍ତି। ୫ ବର୍ଷ ପୂର୍ବେ ଅର୍ଥାତ୍ ୨୦୧୪ ମାର୍ଚ୍ଚ ୨୬ରେ ମାମଲା ଦାଏର ହୋଇଥିଲା। ହେଲେ କେଉଁ କାରଣରୁ ତଦନ୍ତ ବିଳମ୍ବ ହୋଇଛି ତାହା ଜାଣିବା ଲାଗି ଏ ସମ୍ପର୍କିତ ସମସ୍ତ ଫାଇଲ ନୋଟିଂ ଅଦାଲତରେ ଉପସ୍ଥାପନ କରିବାକୁ ନିବେଦନ କରାଯାଇଛି। ଆବେଦନକାରୀ ଦର୍ଶାଇଛନ୍ତି ଯେ, ଓଡିଶା ମୁଖ୍ୟମନ୍ତ୍ରୀଙ୍କୁ କୋଇଲା ଆବଣ୍ଟନ ମାମଲାରେ ୨୦୧୭ ନଭେମ୍ବର ୨୫ରେ ସିବିଆଇ ଜେରା କରିଥିଲା। ୨ ବର୍ଷ ବିତିବାକୁ ବସିଥିବା ବେଳେ ତଦନ୍ତର ଚୂଡ଼ାନ୍ତ ପରିଣାମ କାହିଁକି ମିଳିନାହିଁ ବୋଲି ଆବେଦନକାରୀ ଦର୍ଶାଇଛନ୍ତି।

> ■ ନିର୍ବାଚନକୁ ଦେଖି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ପୁରୁଣା ମାମଲାକୁ ଟାଣିବାକୁ ଉଦ୍ୟମ କରିଛନ୍ତି: ପିନାକୀ
>
> ■ ଚୋରି ଚପାଟିର କଥା, ଦେଖାଯାଉ ଆଗକୁ କ'ଣ ହେଉଛି: ଧର୍ମେନ୍ଦ୍ର

ନବୀନଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ବିଜେଡିର ବରିଷ୍ଠ ନେତା ତଥା ଏମ୍‌ପି ପିନାକୀ ମିଶ୍ର ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଏହା ୨୧ ବର୍ଷ ତଳର ଏକ ପୁରୁଣା ମାମଲା। ଅଟଳ ବିହାରୀ ବାଜପେୟୀଙ୍କ ସରକାର ସମୟରେ ନବୀନ କୋଇଲା ମନ୍ତ୍ରୀ ଥିଲେ। ସୁପ୍ରିମକୋର୍ଟରେ କୋଇଲା ଆବଣ୍ଟନ ମାମଲା ଚାଲିଛି। ନବୀନ ଯେତେବେଳେ କେନ୍ଦ୍ରମନ୍ତ୍ରୀ ଥିଲେ ସେତେବେଳେ କୋଇଲା ଆବଣ୍ଟନ କଥା ଉଠି ନ ଥିଲା। କୋଲ୍ ବ୍ଲକ ଆବଣ୍ଟନରେ ନବୀନଙ୍କର କିଛି ଭୂମିକା ନାହିଁ। କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିର୍ବାଚନକୁ ଦେଖି ଏହି ମାମଲାରେ ତାଙ୍କୁ ବାରମ୍ବାର ଟାଣିବାକୁ ଉଦ୍ୟମ କରୁଛନ୍ତି।

ପିନାକୀଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି ଯେ, ପିନାକୀ ବାବୁ 'ନଈ ନ ଦେଖୁଣୁ ...' କାହିଁକି ହେଉଛନ୍ତି। ମନ୍ଦିର ଭିତରେ କିଏ ନା ମୁଁ କଦଳୀ ଖାଇନି। ସମ୍ପୂର୍ଣ୍ଣ ତଥ୍ୟ ଆସିନାହିଁ। ଯେତିକି ତଥ୍ୟ ଆସିଲା ସେଥିରେ କିଛି ଚୋରି ଚପାଟିର କଥା, କିଛି ଭାବପ୍ରୀତିର କଥା ଆସିଛି। ଦେଖାଯାଉ ଆଗକୁ କ'ଣ ହେଉଛି।




# ଭାଜପାରୁ ଇସ୍ତଫା ଦେଲେ ସୁବାସ

**ଭୁବନେଶ୍ୱର,୨୬।୩ (ବ୍ୟୁରୋ)**

ଟିକେଟ୍ ମିଳିବା ଆଶା ରଖି ଶେଷରେ ବିଫଳ ହେଉଥିବା ନେତାମାନେ ଦଳ ବଦଳ କରୁଛନ୍ତି। ବିଜେଡି, ଭାଜପା ଓ କଂଗ୍ରେସ ଦଳରେ ସମଦଶା ଦେଖିବାକୁ ମିଳୁଛି। ନିର୍ବାଚନକୁ କମ୍ ସମୟ ଥିବାବେଳେ ନେତାମାନଙ୍କ ଦଳ ଡିଆଁ ରୋଗ ବର୍ତ୍ତମାନ ସାଧାରଣ ଘଟଣାରେ ପରିଣତ ହେଲାଣି। ବିଜେଡିରେ ଟିକେଟରୁ ବଞ୍ଚିତ ସୁବାସ ଚୌହାନ

**ଜଣଙ୍କ ପକେଟ୍‌ରେ ଦଳ ରହିଛି**



ହେଉଥିବା ନେତାମାନଙ୍କୁ ଦଳରେ ସାମିଲ କରି ଭାଜପା ସେମାନଙ୍କୁ ନିର୍ବାଚନ ଲଢ଼ିବାକୁ ସୁଯୋଗ ଦେଉଛି। କିନ୍ତୁ ଭାଜପାର ଏଭଳି କାର୍ଯ୍ୟକ୍ରମକୁ ଦଳର ଆଶାୟୀ ଗୋଷ୍ଠୀ ତୀବ୍ର ବିରୋଧ କରିବା ସହ ନିର୍ବାଚନୀ ମଇଦାନରେ ବିଜେଡିକୁ ସହଯୋଗ କରିବା ପାଇଁ ଆହ୍ୱାନ କରୁଛନ୍ତି। ଗତ ସୋମବାର ମୟୂରଭଞ୍ଜର ଟାଣୁଆ ନେତା ତଥା ଭାଜପା ଉପସଭାପତି ରାଜ କିଶୋର ଦାସ ବିଜେଡିରେ ଯୋଗ ଦେଇଥିଲେ। ଏହାସହ ଦଳର ନେତୃତ୍ୱକୁ ମଧ୍ୟ ଖୋଲା ଚ୍ୟାଲେଞ୍ଜ କରିଥିଲେ। ସେହିକ୍ରମରେ ବରଗଡ଼ ଲୋକ ସଭା ଆସନ ପାଇଁ ଆଶାୟୀ ଥିବା ଦଳର ଟାଣୁଆ ନେତା ସୁବାସ ଚୌହ୍ୱାନ ମଙ୍ଗଳବାର ଭାଜପାରୁ ଇସ୍ତଫା ଦେଇଛନ୍ତି। ଇସ୍ତଫା ଦେବାପରେ ସୁବାସ ଭାବବିହ୍ୱଳ ହୋଇ ପଡିଥିଲେ। ଏହି ଅବସରରେ ସୁବାସ କହିଛନ୍ତି, ସେ ବହୁତ ମର୍ମାହତ। ଟିକେଟ ମିଳିଲା ନାହିଁ ବୋଲି ନୁହେଁ। ଦଳ ଏବେ ଜଣଙ୍କ ପକେଟ୍‌ରେ ରହିଛି। ଜଣେ କୁଚକ୍ରି ଦଳକୁ ପକେଟରେ ରଖିଛନ୍ତି। ସଂଘ ପରିବାର ସେହି ବ୍ୟକ୍ତିଙ୍କୁ ସୁରକ୍ଷିତ ରଖିଛି। ହଜାର ହଜାର ସ୍ୱଂୟ ସେବକ ଯେଉଁମାନେ ଦୀନଦୟାଲ ଉପାଧ୍ୟାୟ, ଡାକ୍ତର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାମ କରୁଥିଲେ। ଏହାପରେ ବାଜପେୟୀ, ଆଡଭାନୀ ଏବଂ ବର୍ତ୍ତମାନ ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରୁଛନ୍ତି। ହେଲେ ଏହି କାର୍ଯ୍ୟକର୍ତ୍ତାଙ୍କୁ ଆଜି ଅଣଦେଖା କରାଯାଉଛି। ସେଥିଲାଗି ଦଳରୁ ଇସ୍ତଫା ଦେଉଛି। ୫ବର୍ଷ ଧରି ବରଗଡ଼ରେ ଲଗାତାର କାମ କରି ଆସୁଥିଲି। ହେଲେ ଶେଷରେ ମୋତେ ଅଣଦେଖା କରାଗଲା। ଆଗକୁ କେଉଁ ପଦକ୍ଷେପ ନେବି ସେନେଇ ମୋ କାର୍ଯ୍ୟକର୍ତ୍ତାମାନଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନେବି ବୋଲି ସୁବାସ କହିଛନ୍ତି। ଅନ୍ୟପଟେ ସୁବାସ ଖୁବ୍‌ଶୀଘ୍ର ବିଜେଡିରେ ଯୋଗଦେବେ ବୋଲି ତାଙ୍କର ଜଣେ ନିକଟତମ ସହଯୋଗୀ କହିଛନ୍ତି।

ସୁବାସଙ୍କ ଇସ୍ତଫା ପରେ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି, ଭାଜପା ହେଉଛି କାର୍ଯ୍ୟକର୍ତ୍ତା ଆଧାରିତ ଦଳ। ସେଥିରେ ସମସ୍ତ କାର୍ଯ୍ୟକର୍ତ୍ତା ଗୋଟିଏ ଗୋଟିଏ ବୁଥ୍‌ର ଦାୟିତ୍ୱ ନେଇ ଥାଆନ୍ତି। କାହାକୁ ଟିକେଟ୍ ମିଳିବ ନା ନାହିଁ ସେକଥା କେନ୍ଦ୍ରୀୟ ଟିମ୍ ନିଷ୍ପତ୍ତି ନେବ। ଦଳ ତାଙ୍କୁ ଜମା ଅଣଦେଖା କରିନାହିଁ। ସେ ତାଙ୍କ ବ୍ୟକ୍ତିଗତ ନିଷ୍ପତ୍ତି ନେଇଛନ୍ତି। ଟିକେଟ ମିଳିଲେ ଦଳ ଭଲ ନ ମିଳିଲେ ଅଣଦେଖା କରାଯାଉଛି ବୋଲି କହିବା ଦୁର୍ଭାଗ୍ୟଜନକ ବୋଲି ଗୋଲକ କହିଛନ୍ତି।

# ବାଇକ୍‌କୁ ପିଟିଲା ତେଲ ଟ୍ୟାଙ୍କର: ୩ ମୃତ

**ପଦ୍ମପୁର, ୨୬।୩(ଡି.ଏନ.ଏ.):** ବରଗଡ଼ ଜିଲା ବୁଡେନ ଥାନା ଅନ୍ତର୍ଗତ ବାଦିମାଲ ଡୁଙ୍ଗୁରୀ ନିକଟରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟାରେ ଏକ ତେଲ ବୋଝେଇ ଟ୍ୟାଙ୍କର ଧକ୍କାରେ ୩ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଲୋଇସିଂହା ଥାନା ଅନ୍ତର୍ଗତ ଭୁଏପାଲି ଗ୍ରାମର ଦୁର୍ଲଭ ନାଗ(୫୫), କୁଡାପଦର ଗ୍ରାମର ଠାକୁର ବରିହା(୨୮) ଓ ଗାଇସିଲେଟ ଥାନା ଅନ୍ତର୍ଗତ ଯୁବାଖୋଲ ଗ୍ରାମର ଅର୍ଜୁନ ଦୀପ (୩୫)। ତିନିଜଣ ଯାକ ଦହିତା ଗ୍ରାମରେ ଏକ ବିବାହ ଉତ୍ସବରେ ଯୋଗଦେଇ ବାଇକରେ ପାଟଣାଗଡ଼-ପଦ୍ମପୁର ରାସ୍ତାଦେଇ ଘରକୁ ଫେରୁଥିବା ସମୟରେ ବାଦିମାଲ ଡୁଙ୍ଗୁରୀ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ହିଁ ସେମାନଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ବୁଡେନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ମେଡିକାଲ ପଠାଇଛି। ଡାକ୍ତରଖାନାର ଶବ ସଂରକ୍ଷଣ ଗୃହରେ ମୃତଦେହ ରଖାଯାଇଛି। ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।







# ଡବଲ ମର୍ଡର ମାମଲା: ୬ ଦୋଷୀଙ୍କୁ ଆଜୀବନ ଜେଲ୍

**ଆନନ୍ଦପୁର/ହାଟଡିହୀ, ୨୬।୩(ସ୍ୱ.ପ୍ର./ଡି.ଏନ.ଏ.)**

ଆନନ୍ଦପୁର ଅତିରିକ୍ତ ଜିଲା ଦୌରାଜଜ୍ ରାଜେଶ ଦାଶ ମଙ୍ଗଳବାର ଏକ ଡବଲ ମର୍ଡର ଘଟଣାର ଶୁଣାଣି କରି ୬ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଲେଖାଏ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଭିଯୁକ୍ତମାନଙ୍କୁ ଅଧିକ ଏକ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଜଣାପଡ଼ିଛି। ଅଭିଯୁକ୍ତମାନେ ହେଲେ ହାଟଡିହୀ ବ୍ଲକ ସଢ଼ା ଗ୍ରାମର ଜଗନ୍ନାଥ ବେହେରା, ପନ୍ଦାଡୋ ଗ୍ରାମର ଉଦୟ ନାଥ ନାୟକ, ପ୍ରଦୀପ ନାୟକ, ସଞ୍ଜୟ ନାୟକ, ପ୍ରଫୁଲ୍ଲ ନାୟକ, ଦିଲୀପ ନାୟକ। ଗତ ୭।୪।୨୦୧୫ରେ କରଞ୍ଜବାଟି ବଜାର ନିକଟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏକ ଡବଲ ମର୍ଡର ଘଟଣା ଘଟିଥିଲା। ଏଥିରେ ପନ୍ଦାଡୋ ଗ୍ରାମର ରମେଶ ନାୟକ ଓ ବିଦ୍ୟାଧର ଆୟଚଙ୍କ ମୃତ୍ୟୁ ଘଟିଥିଲା। ବାଞ୍ଛାନିଧି ଆୟଚ ଆହତ ହୋଇଥିଲେ। ଏ ନେଇ ମୃତ ରମେଶଙ୍କ ସ୍ତ୍ରୀ ଗୀତାରାଣୀ ସୋସୋ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୨/୧୫) ରୁଜୁ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ଭଗବାନ ତାଙ୍କର ଦୁଇପ୍ରକାର ଭୃତ୍ୟଙ୍କ କାର୍ଯ୍ୟକୁ ଖୁବ୍ ପସନ୍ଦ କରନ୍ତି- ଯେଉଁ ଭୃତ୍ୟ ପରମଶ୍ରଦ୍ଧାରେ ଖୁବ୍ ନୀରବ ଶାନ୍ତ ମନରେ ତାଙ୍କ ମନ୍ଦିରର ପ୍ରାଙ୍ଗଣ ସମାର୍ଜନ କରୁଥାଏ ଏବଂ ଯେଉଁ ଜଣକ ତାଙ୍କ ସହିତ ପୃଥିବୀର ଯୁଦ୍ଧ ଭୂମିରେ ବୀରତ୍ୱର ସହିତ ଯୁଦ୍ଧ କରୁଥାଏ ଈଶ୍ୱରଙ୍କ ବିଜୟ ସମାପନ ହେବା ଯାଏ।
– ଶ୍ରୀଅରବିନ୍ଦ



# ବିଚିତ୍ର ରାଜ୍ୟପାଳ

ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ପଦବୀ ରାଜନୀତିରୁ ବହୁ ଉର୍ଦ୍ଧ୍ୱରେ ଥାଏ। ହେଲେ କିଛିବର୍ଷ ହେବ ଦେଖାଯାଉଛି, ସାମ୍ବିଧାନିକ ପଦମର୍ଯ୍ୟାଦାକୁ ରକ୍ଷାକରିବାରେ କେତେକ ରାଜ୍ୟପାଳ ବିଫଳ ହୋଇଛନ୍ତି। ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ସମୟରେ ନିଯୁକ୍ତ ରାଜ୍ୟପାଳମାନଙ୍କ କ୍ଷେତ୍ରରେ ବହୁ ତ୍ରୁଟିବିଚ୍ୟୁତି ଲକ୍ଷ୍ୟ କରାଯାଉଛି। ନିକଟରେ ରାଜସ୍ଥାନ ରାଜ୍ୟପାଳ କଲ୍ୟାଣ ସିଂ ନିଜ ରାଜ୍ୟ ଉତ୍ତରପ୍ରଦେଶର ଆଲିଗଡ଼ରେ ଭାଜପା ପାଇଁ ପ୍ରଚାରକୁ ଯାଇ ମୋଦି ପୁଣିଥରେ କ୍ଷମତାକୁ ଆସିବା ଦରକାର ବୋଲି କହିଛନ୍ତି। କେବଳ ସେତିକି ନୁହେଁ, ସେ ନିଜକୁ ଭାଜପାର ଜଣେ କର୍ମୀ ବୋଲି କହିବାକୁ ପଛାଇ ନାହାନ୍ତି। ରାଜ୍ୟପାଳ ଭଳି ପଦବୀରେ ଥିବା ବ୍ୟକ୍ତିଙ୍କଠାରୁ ଏହା ଆଦୌ ଆଶା କରାଯାଇ ନ ଥାଏ। କିନ୍ତୁ ଯେଉଁମାନେ ରାଜନୀତିରୁ ଲୋଭ ଛାଡ଼ି ନ ଥାଆନ୍ତି, ସେମାନେ ଯେତେ ବଡ଼ ପଦପଦବୀରେ ଅବସ୍ଥାପିତ ହେଲେ ମଧ୍ୟ ତାଙ୍କର ଛୋଟଲୋକପଣିଆ ଯାଇ ନ ଥାଏ।

କଲ୍ୟାଣ ସିଂଙ୍କ ଭଳି କର୍ନାଟକ ରାଜ୍ୟପାଳ ବାଜୁଭାଇ ଭାଲାଙ୍କ ଭୂମିକା ମଧ୍ୟ ଅତୀତରେ ବିବାଦୀୟ ହୋଇପଡ଼ିଥିଲା। ଗତବର୍ଷ କର୍ନାଟକ ବିଧାନସଭା ନିର୍ବାଚନରେ କୌଣସି ଦଳକୁ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ମିଳି ନ ଥିଲା। କଂଗ୍ରେସ-ଜେଡିଏସ୍ ନିର୍ବାଚନ ପରବର୍ତ୍ତୀ ମେଣ୍ଟ କରି ସରକାର ଗଢ଼ିବାକୁ ରାଜ୍ୟପାଳଙ୍କୁ ବିଧାୟକଙ୍କ ତାଲିକା ଦେଇଥିଲେ ମଧ୍ୟ ବାଜୁଭାଇ ଭାଜପା ନେତା ବି.ଏସ୍. ୟେଦୁରପ୍ପାଙ୍କୁ ସରକାର ଗଢ଼ିବାକୁ ଡାକିଥିଲେ। ଅନୁରୂପ ଭାବେ ୨୦୧୮ରେ ମେଘାଳୟ ବିଧାନସଭା ନିର୍ବାଚନରେ କଂଗ୍ରେସ ଏକକ ସଂଖ୍ୟାଗରିଷ୍ଠତା ପାଇଥିବା ସତ୍ତ୍ୱେ ସେତେବେଳର ରାଜ୍ୟପାଳ ଗଙ୍ଗା ପ୍ରସାଦ ଏନ୍‌ସିପି ନେତା କନ୍‌ରାଡ ସାଙ୍ଗ୍‌ମାଙ୍କୁ ସରକାର ଗଢ଼ିବାକୁ ସୁଯୋଗ ଦେଇଥିଲେ। ବର୍ତ୍ତମାନର ମେଘାଳୟ ରାଜ୍ୟପାଳ ତଥାଗତ ରାୟ ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ପରେ ଘୋଷଣା କରିଥିଲେ ଯେ, କଶ୍ମୀରୀମାନଙ୍କୁ ଭାରତର ଅନ୍ୟ ପ୍ରାନ୍ତରୁ ବିଦା କରାଯାଉ। ତାଙ୍କର ଏଭଳି ମନ୍ତବ୍ୟ ଦେଶବ୍ୟାପୀ ବିବାଦ ସୃଷ୍ଟି କରିଥିଲା। ସେହିପରି ଗୋଆ ରାଜ୍ୟପାଳ ମୃଦୁଲା ସିହ୍ନା ଏବଂ କେଶରୀନାଥ ତ୍ରିପାଠୀ ବିହାର ରାଜ୍ୟପାଳ ଥିବା ବେଳେ ତାଙ୍କ ଭୂମିକା ମଧ୍ୟ ବିବାଦୀୟ ରହିଥିଲା। ଦେଖାଯାଉଛି, ମୋଦିଙ୍କ ଅମଳରେ ନିଯୁକ୍ତି ପାଇଥିବା ରାଜ୍ୟପାଳମାନେ ଦଳୀୟ ରାଜନୀତିରୁ ଉର୍ଦ୍ଧ୍ୱକୁ ଉଠିପାରୁ ନାହାନ୍ତି। କଲ୍ୟାଣ ସିଂଙ୍କ କଥା ଦେଖିଲେ ସାମ୍ବିଧାନିକ ପଦବୀରେ ରହି ଦଳୀୟ ପ୍ରଚାରରେ ଯିବା ଦ୍ୱାରା ସେ ପଦବୀର ଗରିମା ନଷ୍ଟ କରିଛନ୍ତି। ଏମିତି ବି ଦେଖିଲେ ତାଙ୍କ ରାଜନୈତିକ କ୍ୟାରିୟର ବିବାଦୀୟ ରହିଆସିଛି। ୧୯୯୧-୯୨ରେ କଲ୍ୟାଣ ସିଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଥିବା ବେଳେ ହିନ୍ଦୁ କରସେବକମାନେ ଅଯୋଧ୍ୟାରେ ବାବ୍ରୀ ମସ୍‌ଜିଦ ଭାଙ୍ଗିଥିଲେ।

ଭାରତରେ ବିଭିନ୍ନ ସମୟରେ ବିଶେଷକରି ରାଜ୍ୟଗୁଡ଼ିକରେ ସରକାର ଗଠନ ବେଳେ ରାଜ୍ୟପାଳଙ୍କ ଭୂମିକା ନିରପେକ୍ଷ ରହୁ ନ ଥିବା ଦେଖିବାକୁ ମିଳୁଛି। ଗତବର୍ଷ କର୍ନାଟକ ବିଧାନସଭା ନିର୍ବାଚନ ପରେ ଭାଜପା ଆଡ଼କୁ ଢଳି ବାଜୁଭାଇ ଯେଭଳି ୟେଦୁରପ୍ପାଙ୍କୁ ସରକାର ଗଢ଼ିବାକୁ ଆମନ୍ତ୍ରଣ କଲେ, ସେତେବେଳେ ତାଙ୍କର ଇସ୍ତଫା ଦାବି କରାଯାଇଥିଲା। ଆଉ କେତେକେ ଯୁକ୍ତି କରିଥିଲେ ଯେ, ରାଜ୍ୟପାଳ ପଦବୀ ଅଣ-ରାଜନୈତିକ ବ୍ୟକ୍ତିଙ୍କ ପାଇଁ ସଂରକ୍ଷିତ ରହିବା ଉଚିତ। ପୁଣି କୁହାଯାଇଥିଲା ଯେ, ବିଧାନସଭା ନିର୍ବାଚନ ବେଳେ କୌଣସି ରାଜନୈତିକ ଦଳକୁ ସଂଖ୍ୟାଗରିଷ୍ଠତା ନ ମିଳିଲେ, ସେଭଳି କ୍ଷେତ୍ରରେ ରାଜ୍ୟପାଳ କିଭଳି ପଦକ୍ଷେପ ନେବେ ସେଥିଲାଗି ସୁପ୍ରିମକୋର୍ଟ ନିର୍ଦ୍ଦିଷ୍ଟ ନିୟମାବଳୀ ସ୍ଥିର କରିବା ଉଚିତ। ଅନେକ ବୁଦ୍ଧିଜୀବୀ ବହୁ ସମୟରେ ରାଜ୍ୟପାଳଙ୍କ ପଦବୀର ଆବଶ୍ୟକତା ନେଇ ମଧ୍ୟ ପ୍ରଶ୍ନ ଉଠାଉଛନ୍ତି। ଆଜିର ପରିସ୍ଥିତି ଦେଖିଲେ କଲ୍ୟାଣ ସିଂଙ୍କ ଭଳି ବ୍ୟକ୍ତି ପକ୍ଷପାତ କରି ଏକ ନିର୍ଦ୍ଦିଷ୍ଟ ଦଳ ପାଇଁ ଯେତେବେଳେ ଭୋଟ ମାଗୁଛନ୍ତି, ସେଭଳି ସ୍ଥଳେ ରାଜ୍ୟପାଳ ପଦବୀ କେଉଁ ସ୍ତରରେ ଆସି ପହଞ୍ଚିଗଲାଣି ତାହା ସହଜରେ ଅନୁମେୟ। ଉଭୟ ପୂର୍ବର କଂଗ୍ରେସ ଓ ଏବକାର ଭାଜପା ସରକାର ସମୟରେ ରାଜ୍ୟପାଳମାନଙ୍କର ଚରିତ୍ର ଯେଉଁଭଳି ପଦାରେ ପଡ଼ୁଛି, ସେଥିରୁ ପ୍ରମାଣିତ ହେଉଛି ଯେ କଲ୍ୟାଣ ସିଂ, ତଥାଗତ ରାୟ, ଏନ୍. ଡି. ତିୱାରୀଙ୍କ ଭଳି ଲୋକ ଏହି ପଦବୀର ପ୍ରବଳ ମାନହାନି ଘଟାଉଛନ୍ତି। ସାମ୍ବିଧାନିକ ପଦବୀରେ ଥିବା ବ୍ୟକ୍ତି ନିରପେକ୍ଷ ନ ରହିଲେ ଗଣତାନ୍ତ୍ରିକ ବ୍ୟବସ୍ଥା ଭୁଶୁଡ଼ିଯିବା ସୁନିଶ୍ଚିତ।

## ଚିରନ୍ତନୀ

ନିରାକାର କୋଳେ ମୋର
ସାକାର ଜୀବନ ଯିବି ରଚି,
ନାହିଁ ମଧ୍ୟେ ଚିତ୍କାରିବି
ଅଛି ସବୁ ଅଛି! ଅଛି! ଅଛି!
(ଶୂନ୍ୟ ଚିନ୍ତା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 1 | | 8 | | | 6 | | | | | 0 | |
| C | | | | 3 | 7 | | 8 | | B | | 0 | 2 | 9 | E |
| | | 3 | | | E | | | | 6 | | | C | | |
| E | | | | | | D | | 5 | | 3 | A | | | 8 |
| | | 1 | | | | 3 | | | | 5 | | 4 | B | |
| | 3 | | | 2 | D | | | | | B | | 1 | 6 | 0 |
| 2 | | A | | | | | | | E | | | | | |
| 6 | | | 9 | | | A | D | | | | | | | |
| | 5 | | | | | 1 | | | 3 | | 4 | | | |
| | 4 | | | 6 | | | B | 7 | | | 8 | 5 | | 3 |
| | A | | | | | 5 | 7 | 3 | | | | | 1 | |
| 3 | E | 7 | | | A | | 9 | | 8 | | | | | |
| 9 | 8 | 6 | | B | | | | D | | | | E | | |
| 4 | 1 | | | | | | | 2 | | | | 9 | | 6 |
| | 0 | | | 8 | | | | | 9 | A | 5 | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 1 | 2 | 9 | C | 3 | 4 | 8 | 5 | 7 | A | D | B | E | 6 |
| 6 | 7 | 9 | A | 8 | 0 | B | C | 3 | 5 | E | 2 | 4 | D | 1 |
| 8 | A | 5 | 2 | 4 | D | 7 | 1 | E | B | 3 | 6 | 0 | 9 | C |
| 4 | B | D | E | 6 | 1 | 2 | A | 0 | C | 9 | 8 | 3 | 7 | 5 |
| E | C | 3 | 7 | B | 5 | 9 | D | 6 | 4 | 1 | 0 | A | 8 | 2 |
| A | 3 | 0 | 8 | 2 | 9 | 5 | 7 | B | D | C | 4 | 6 | 1 | E |
| 5 | 4 | 1 | 6 | D | B | 8 | E | A | 0 | 2 | 7 | 9 | C | 3 |
| C | 9 | 8 | 4 | 7 | A | 6 | 3 | 2 | E | 5 | 1 | D | 0 | B |
| 2 | D | B | 1 | 5 | E | 0 | 9 | C | 3 | 6 | A | 7 | 4 | 8 |
| 7 | E | 6 | 3 | 0 | C | 1 | 4 | D | 8 | B | 9 | 2 | 5 | A |
| 9 | 0 | C | B | E | 8 | D | 6 | 1 | A | 4 | 3 | 5 | 2 | 7 |
| B | 8 | 4 | C | 3 | 7 | E | 2 | 9 | 6 | 0 | 5 | 1 | A | D |
| 1 | 6 | A | D | 9 | 4 | C | 5 | 8 | 2 | 7 | B | E | 3 | 0 |
| 3 | 2 | E | 5 | 1 | 6 | A | 0 | 7 | 9 | D | C | 8 | B | 4 |
| D | 5 | 7 | 0 | A | 2 | 3 | B | 4 | 1 | 8 | E | C | 6 | 9 |

ଗତକାଲିର ଉତ୍ତର

# ଚାଷୀଙ୍କ ଦ୍ୱିଗୁଣ ଆୟ ଏକ ଭେଳିକି



ତତ୍ତ୍ୱ ଓ ତର୍କ

ବିମଳ ପ୍ରସାଦ ପାଣ୍ଡିଆ

୨୦୧୬ ଫେବୃୟାରୀ ୨୮ ତାରିଖ। ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ତାଙ୍କ ଦଳ ପାଇଁ ତୋଫାନୀ ପ୍ରଚାର କରିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମ କରି କହିଥିଲେ ଯେ, ୨୦୨୨ ମସିହାରେ ଭାରତ ଯେତେବେଳେ ସ୍ୱାଧୀନତାର ୭୫ ବର୍ଷ ପାଳନ କରିବ, ମୁଁ ସେତେବେଳକୁ ଚାଷୀଙ୍କ ଆୟ ଦୁଇଗୁଣ କରିବାକୁ ଚାହେଁ। ଏହା ପରେ ପରେ, ଏପ୍ରିଲ ୨୦୧୬ରେ କୃଷି ବିଷୟରେ ଶିକ୍ଷିତ ତଥା ଭାରତ ସରକାରଙ୍କ କୃଷି ବିଭାଗର ଅତିରିକ୍ତ ସଚିବ ଥିବା ଅଶୋକ ଦଲ୍‌ୱାଇଙ୍କ ଅଧ୍ୟକ୍ଷତାରେ ଏକ ଆନ୍ତଃ ମନ୍ତ୍ରିମଣ୍ଡଳୀୟ କମିଟି ଗଠନ କରାଗଲା। ଏତେ ବଡ଼ ଘୋଷଣା ସରକାର କରିଦେଲେ, କିନ୍ତୁ ସେତେବେଳେ କୃଷକଙ୍କ ଆୟ କେତେ ଥିଲା ସରକାରଙ୍କ ପାଖରେ ତାହାର କିଛି ବିଶେଷ ତଥ୍ୟ ନ ଥିଲା। ୨୦୧୩-୧୪ ମସିହାରେ 'ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟ' (ଏନ୍‌ଏସ୍‌ଏସ୍‌ଓ) କରିଥିବା ଏକ ଛୋଟ ସର୍ବେକ୍ଷଣକୁ ଦଲ୍‌ୱାଇ କମିଟି ଭିତ୍ତି ଭାବେ ନେଲେ। ସେହି ସର୍ବେକ୍ଷଣରେ ଏନ୍‌ଏସ୍‌ଏସ୍‌ଓ ୨୦୧୨ ଜୁଲାଇରୁ ୨୦୧୩ ଜୁନ୍ କୃଷିବର୍ଷର 'କୃଷକ ପରିବାରର ପରିସ୍ଥିତି ଅନୁଶୀଳନ' କରିଥିଲେ। ତାହା କୃଷକଙ୍କ ଆୟ ଉପରେ ଖାସ୍ ଜୋର ଦେଇ ନ ଥିଲେ ବି ସେହି ବର୍ଷ ଦେଶର ବିଭିନ୍ନ ରାଜ୍ୟରେ କୃଷକଙ୍କ ହାରାହାରି ଆୟ କେତେ ରହିଥିଲା ତାହାର ଏକ ଚିତ୍ର ଦେଇଥିଲା। ସେହି ସର୍ବେକ୍ଷଣର ତଥ୍ୟକୁ ଭିତ୍ତିକରି ଦଲ୍‌ୱାଇ କମିଟି ଅନୁମାନ କଲେ ଯେ, ୨୦୧୫-୧୬ ମସିହାରେ କୃଷକଙ୍କ ବାର୍ଷିକ ହାରାହାରି ଆୟ ୯୬,୭୦୩ ଟଙ୍କା ଥିଲା। ଏହି ଅନୁମାନ ଅନୁସାରେ ଦଲ୍‌ୱାଇ କମିଟି ହିସାବ କଲେ ଯେ, ୨୦୨୨-୨୩ ବେଳକୁ ବା ସାତବର୍ଷରେ କୃଷକଙ୍କ ହାରାହାରି ବାର୍ଷିକ ଆୟ ଦୁଇଗୁଣ କରିବାକୁ ହେଲେ ତାଙ୍କ ହାରାହାରି ଆୟ ୨,୧୯,୭୨୪ ଟଙ୍କା ହେବା ଦରକାର।

ସେହି ସାତବର୍ଷରୁ ତିନି ବର୍ଷ ଯାଇସାରିଲାଣି। ଏହି ଲକ୍ଷ୍ୟ କେମିତି ହାସଲ ହେଉଛି ବା ହାସଲ ହେବ ନା ନାହିଁ ତାହାର କୌଣସି ଉତ୍ତର ଭାରତ ସରକାରଙ୍କ ପାଖରେ ନାହିଁ। ଏହି ପ୍ରସଙ୍ଗରେ ରାଜ୍ୟସଭାରେ ଏକ ଅଣତାରକା ପ୍ରଶ୍ନ ମାଧ୍ୟମରେ ସାଂସଦ ମହମ୍ମଦ ନାଦିମୁଲ ହକ୍ ସିଧାସଳଖ କିଛି ପ୍ରଶ୍ନ ପଚାରିଥିଲେ। ଗୋଟିଏ ପ୍ରଶ୍ନ ଥିଲା, ଗତ ତିନିବର୍ଷରେ କୃଷକଙ୍କ ହାରାହାରି ବାର୍ଷିକ ଆୟ କେତେ ରହିଥିଲା? ୦୮।୦୨।୧୯ ତାରିଖରେ ସେହି ପ୍ରଶ୍ନର ଉତ୍ତରରେ ସରକାର କହିଲେ ଯେ, ଏ ବିଷୟରେ ଗତ ତିନିବର୍ଷ ମଧ୍ୟରେ କୌଣସି ତଥ୍ୟ ସଂଗ୍ରହ କରାଯାଇ ନାହିଁ। ବଡ଼ ଆଶ୍ଚର୍ଯ୍ୟ! ଏତେ ବଡ଼ ଯୋଜନା, କିନ୍ତୁ ତଥ୍ୟ ସଂଗ୍ରହର ଉଦ୍ୟମ ବି ନାହିଁ? ରାଜ୍ୟ ସଭାରେ ଆଉ ଏକ ପ୍ରଶ୍ନ ଥିଲା, ସରକାର କୃଷି ଆୟ ଦୁଇଗୁଣା କରିବା ପାଇଁ ନେଇଥିବା ବିଭିନ୍ନ ପଦକ୍ଷେପର କ'ଣ ପ୍ରଭାବ ପଡ଼ିଛି? ଏହାର ଉତ୍ତରରେ କେବଳ ଯୋଜନାଗୁଡ଼ିକର ନାଁ ବତାଇ ମନ୍ତ୍ରୀ ମୂଳ ପ୍ରଶ୍ନକୁ ସମ୍ପୂର୍ଣ୍ଣ ବାଆଁରେଇ ଦେଲେ।

ନୀତି ଆୟୋଗ ମାର୍ଚ୍ଚ ୨୦୧୭ରେ କୃଷକଙ୍କ ଆୟ ଦୁଇଗୁଣ ସନ୍ଦର୍ଭରେ ଏକ ନୀତି ଚିଠା ପ୍ରସ୍ତୁତ କରିଥିଲେ। ସେହି ନୀତି ଚିଠାକୁ ଆୟୋଗର ଜଣେ ସଦସ୍ୟ ରମେଶ ଚାନ୍ଦ ପ୍ରସ୍ତୁତ କରିଥିଲେ। ସରକାରଙ୍କ ସ୍ତରରେ ତଥ୍ୟ ମିଳୁ ନ ଥିବା ବେଳେ ସେହି ଚିଠାରେ ଚାନ୍ଦ ନିଜେ ପୂର୍ବରୁ କରିଥିବା ଏକ ଅଧ୍ୟୟନର ତଥ୍ୟ ପ୍ରଦାନ କରିଥିଲେ। ସେଥିରେ କହିଥିଲେ ଯେ, ୧୯୯୩-୯୪ରୁ ୨୦୧୫-୧୬ ବା ୨୨ବର୍ଷ ମଧ୍ୟରେ କୃଷକଙ୍କ ମୁଣ୍ଡ ପିଛା ପ୍ରକୃତ ଆୟ ବାର୍ଷିକ ହାରାହାରି ୩.୪% ହାରରେ ବଢ଼ିଥିଲା। ତେବେ ସେହି ଅଧ୍ୟୟନରେ ଥିବା ଅନ୍ୟ ଏକ ଚିତ୍ର ଭାରି ଚିନ୍ତାଜନକ ଥିଲା। ସେହି ୨୨ ବର୍ଷରେ କୃଷି ପରିବାର ମୁଣ୍ଡ ପିଛା ଆୟ ହାରାହାରି ୩.୪% ହାରରେ ବଢ଼ିଥିବା ବେଳେ ସେହି ଅବଧିର ଶେଷ ପାଞ୍ଚବର୍ଷରେ ଏହି ବୃଦ୍ଧିହାର ମାତ୍ର ୦.୪୪% ଥିଲା, ଯାହା ଅତ୍ୟନ୍ତ ନୈରାଶ୍ୟଜନକ। ସେହି ନୀତି ଚିଠାରେ ହିଁ କୁହାଯାଇଛି ଯେ ୨୦୧୫-୧୬କୁ ଭିତ୍ତି ବର୍ଷ ହିସାବରେ ନେଇ ୨୦୨୨-୨୩ ସୁଦ୍ଧା ସାତବର୍ଷରେ କୃଷକଙ୍କ ଆୟ ଦୁଇଗୁଣ ହେବା ପାଇଁ ଆୟ ପ୍ରତିବର୍ଷ ହାରାହାରି ୧୦.୪୧% ହାରରେ ବଢ଼ିବା ଦରକାର। ଉଭୟ ନୀତି ଆୟୋଗଙ୍କ 'ନୀତି ଚିଠା'ରେ ଓ ଦଲ୍‌ୱାଇ କମିଟି କୃଷକଙ୍କ ଆୟ ଦୁଇଗୁଣ କରିବା ପାଇଁ ଚିହ୍ନଟ କରିଥିବା ଅନେକ ଉପାୟ ମଧ୍ୟରେ ଫସଲର ଉତ୍ପାଦନ ବା ଉତ୍ପାଦକତା ଏକ ପ୍ରଧାନ ଆବଶ୍ୟକତା ବୋଲି ଚିହ୍ନଟ କରାଯାଇଛି। 'ନ୍ୟାଶ୍‌ନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ଇକୋନୋମିକ୍ସ ଆଣ୍ଡ୍ ପଲିସି ରିସର୍ଚ୍ଚ'ର ଏକ ଅଧ୍ୟୟନ ଅନୁସାରେ ୨୦୦୪ରୁ ୨୦୧୨ ମଧ୍ୟରେ ମୋଟ କୃଷି ଉତ୍ପାଦକତା ହାରାହାରି ୨.୬% ହାରରେ ହିଁ ବଢ଼ିଥିଲା। ଏହି ହାରରେ ବଢ଼ିଲେ ୨୦୨୨-୨୩ ବେଳକୁ ଆୟ ମାତ୍ର ୨୬.୩% ହିଁ ହେବ। ଦଲ୍‌ୱାଇ କମିଟିର ଆକଳନ ଅନୁଯାୟୀ, ଚଳନ୍ତି ହାରରେ ଆୟ ଅଭିବୃଦ୍ଧି ଘଟିଲେ ୨୦୨୨-୨୩ ବେଳକୁ ଦୁଇଗୁଣ ବା ୧୦୦% ନ ବଢ଼ି ମାତ୍ର ୬୬.୫% ହିଁ ବଢ଼ିବ।

ଏହାର ସାରାଂଶ ହେଲା ଯେ, ସାତବର୍ଷରେ ଆୟ ଦୁଇଗୁଣ କରିବାକୁ ହେଲେ ଅନେକ କିଛି ଅଧିକ କରିବାର ଆବଶ୍ୟକତା ଅଛି। ଗତ ଚାରିବର୍ଷରେ ସେମିତି କିଛି ଅସାଧାରଣ ହୋଇଥିବାର ବି ସୂଚନା ମିଳିନାହିଁ। ସରକାର ଆୟ ଦୁଇଗୁଣ କରିବା ଘୋଷଣା କରିଦେଇଛନ୍ତି, କିନ୍ତୁ ଚାଷୀଙ୍କ ଆୟ ପ୍ରକୃତରେ କେତେ ବଢୁଛି, ତାହା ଉପରେ ନଜର ରଖିବା ପାଇଁ କୌଣସି ଠୋସ୍ ବ୍ୟବସ୍ଥା ଆରମ୍ଭ କରିନାହାନ୍ତି। ତଥ୍ୟ ନ ଥିବା ବା ତଥ୍ୟ ଲୁଚାଯାଉଥିବା ବେଳେ ଫସଲର ଉତ୍ପାଦନ ତଥା କୃଷି କ୍ଷେତ୍ରରୁ ସମୁଦାୟ ଆୟ (କୃଷି ଜିଡିପି)ର ଯାହା ତଥ୍ୟ ମିଳୁଛି ତାହା ଅତ୍ୟନ୍ତ ଚିନ୍ତା-ଉଦ୍ରେକକାରୀ। ଚଳିତ ବର୍ଷର ଅର୍ଥନୈତିକ ସର୍ବେକ୍ଷଣ ଉପସ୍ଥାପନ କରାଯାଇନାହିଁ। ଗତବର୍ଷର ଅର୍ଥନୈତିକ ସର୍ବେକ୍ଷଣରେ କୁହାଯାଇଥିଲା ଯେ ୨୦୧୭-୧୮ ବର୍ଷରେ ଭାରତରେ କୃଷିକ୍ଷେତ୍ରର ବିକାଶ ହାର ୨.୧% ରହିବ। କେନ୍ଦ୍ର ସରକାରଙ୍କ 'ସେଣ୍ଟ୍ରାଲ ଷ୍ଟାଟିଷ୍ଟିକାଲ ଅଫିସ' ଫେବୃୟାରୀ ୨୮ ତାରିଖରେ ୨୦୧୮-୧୯ ବର୍ଷ ପାଇଁ ଜାରି କରିଥିବା ଦ୍ୱିତୀୟ ପୂର୍ବାନୁମାନରେ ଅନୁମାନ କରିଛି ଯେ, ଚଳିତ ବର୍ଷ କୃଷି, ଜଙ୍ଗଲ ଓ ମତ୍ସ୍ୟ କ୍ଷେତ୍ରରେ ବିକାଶ ହାର ୨.୭% ରହିବ। ଏହି ବିକାଶ ହାର ଚାଷୀଙ୍କ ଆୟକୁ ୨୦୨୨-୨୩ ସୁଦ୍ଧା ଦୁଇଗୁଣ ଆଡ଼କୁ ଅଗ୍ରସର ହେଉଥିବାର ପୂର୍ବବର୍ଷମାନଙ୍କଠାରୁ କୌଣସି ଭାବରେ ଉନ୍ନତ ଥିବାର କିଛି ବି ଲକ୍ଷଣ ପ୍ରକାଶ କରୁନାହିଁ। ଭାରତର ମୋଟ ଜିଡିପି ହାର ପ୍ରାୟ ୮% ଥିବାବେଳେ କୃଷିକ୍ଷେତ୍ରରେ ଅଭିବୃଦ୍ଧି ହାର ୩%ରୁ କମ୍ ରହିବା ଏହି କ୍ଷେତ୍ରର ଅତ୍ୟନ୍ତ ଦୟନୀୟ ସ୍ଥିତିକୁ ହିଁ ଦର୍ଶାଏ।

ଏବେ ନିର୍ବାଚନ ଋତୁ। କୃଷକଙ୍କ ଆୟ ଦୁଇଗୁଣ କରିବା ସରକାରଙ୍କର ଏକ ବଡ଼ ଘୋଷଣା ଥିଲା। ଏହା ଦେଶର ୭୦% ପରିବାର, ଯେଉଁମାନେ କୃଷିକ୍ଷେତ୍ର ଉପରେ ପ୍ରାଥମିକ ଭାବରେ ନିର୍ଭରଶୀଳ, ତାଙ୍କ ପାଇଁ ଓ ଦେଶ ପାଇଁ ମଧ୍ୟ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏଭଳି ଏକ ବଡ଼ ଘୋଷଣା କରିଥିବା ପ୍ରଧାନମନ୍ତ୍ରୀ ମୋଦି ଏହାକୁ ଚଳିତ ନିର୍ବାଚନରେ ଏକ ପ୍ରମୁଖ ମୁଦ୍ଦା କରିଥିଲେ ତାହା ସକାରାତ୍ମକ ରାଜନୀତିର ଏକ ଉଦାହରଣ ହୋଇଥାନ୍ତା। କିନ୍ତୁ ସେପରି ହେବାର କିଛି ସୂଚନା ମିଳୁନାହିଁ। ନିର୍ବାଚନୀ ସଭାରେ ମୋଦି ଏହାର ନାଁ ହିଁ ଧରୁନାହାନ୍ତି। ବିରୋଧୀ ଦଳ ବି ଏହି ଘୋଷଣାରେ ସରକାରଙ୍କ ବିଫଳତାକୁ ପ୍ରମୁଖ ପ୍ରସଙ୍ଗ କରିପାରିନାହାନ୍ତି। ପ୍ରମୁଖ ଗଣମାଧ୍ୟମରେ ଏହାର ଚର୍ଚ୍ଚା ବିଲ୍‌କୁଲ୍ ନାହିଁ କହିଲେ ଚଳେ। କୃଷକଙ୍କ ଆୟ ଦୁଇଗୁଣ ବଢ଼ାଇବା ଏକ ସ୍ୱାଗତଯୋଗ୍ୟ ଘୋଷଣା ଥିଲା। ତେବେ ଏହା ସହ ଜଡ଼ିତ କୌଣସି ଲକ୍ଷଣ ଟିକିଏ ବି ଆଶା ଉଦ୍ରେକ କରାଇପାରୁନାହିଁ। ଏହା ବି ଏକ ଭେଳିକି ନ ହେଉ।

# ମଞ୍ଚନାଟକର ଦୁର୍ଦ୍ଦିନ



ଅଭୟ କୁମାର ଦାସ

ମଞ୍ଚନାଟକର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ପ୍ରତିବର୍ଷ ମାର୍ଚ୍ଚ ୨୭ ତାରିଖକୁ ବିଶ୍ୱ ଥିଏଟର ବା ରଙ୍ଗମଞ୍ଚ ଦିବସ ରୂପେ ସାରା ବିଶ୍ୱରେ ପାଳନ କରାଯାଇଥାଏ। ୧୯୬୧ ମସିହାରେ ଇଣ୍ଟରନ୍ୟାଶ୍‌ନାଲ ଥିଏଟର ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ପ୍ରଥମ ଥର ପାଇଁ ଏହି ଦିବସ ପାଳନ କରାଯାଇଥିଲା। ସାରା ବିଶ୍ୱରେ ଏହିଦିନ ବିଭିନ୍ନ ପ୍ରକାରର ନାଟ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ମଞ୍ଚନାଟକ ଏକ ପ୍ରଭାବଶାଳୀ ମାଧ୍ୟମ ହୋଇଥିବା ବେଳେ ଏହା ଦର୍ଶକଙ୍କୁ ମନୋରଞ୍ଜନ ଯୋଗାଇବା ସହ ସମାଜ ସୁଧାର ଦିଗରେ ଉଚିତ ବାର୍ତ୍ତା ଦେଇଥାଏ।

କଳା, ସଂସ୍କୃତିର ବିକାଶ ତଥା ପ୍ରଚାର ପ୍ରସାର କ୍ଷେତ୍ରରେ ନାଟକର ଭୂମିକା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ପ୍ରକୃତ ପକ୍ଷେ ଦେଖିଲେ ଆଜିକା ସମୟରେ ଏହି ଦିବସଟି କେବଳ ଲୋକଦେଖାଣିଆ ଭାବେ ପାଳିତ ହେଉଛି। ଦିନ ଥିଲା ଓଡ଼ିଶାରେ ନାଟକର ଲୋକାଦୃତି ଥିଲା ସର୍ବାଧିକ। ପ୍ରଥମେ ପୌରାଣିକ ଓ ଐତିହାସିକ ନାଟକ ଓ ପରେ ପରେ ସାମାଜିକ ଚେତନାଧର୍ମୀ ନାଟକ ଗାଁ ଗାଁରେ ପରିବେଷଣ କରାଯାଇ ବେଶ୍ ଦର୍ଶକୀୟ ଆଦୃତି ପାଇପାରୁଥିଲା। ବର୍ତ୍ତମାନ ଯୁଗରେ ମଞ୍ଚନାଟକର ଆଦର ପ୍ରାୟ ନାହିଁ କହିଲେ ଚଳେ। ସବୁଠାରୁ ଦୁଃଖଦ ବିଷୟ ହେଉଛି ନାଟକର ପ୍ରଚାର ପ୍ରସାର ପାଇଁ ଯେଉଁ ଅଳ୍ପ କିଛି ନାଟ୍ୟ ଅନୁଷ୍ଠାନ ଉଦ୍ୟମ କରୁଛନ୍ତି, ସେମାନଙ୍କୁ ସେପରି ପ୍ରୋତ୍ସାହନ, ସହଯୋଗ କି ସମର୍ଥନ ମିଳୁନାହିଁ। ଏହାଦ୍ୱାରା ଗତ ପାଞ୍ଚବର୍ଷ ଭିତରେ ଅନେକ ନାଟ୍ୟ ଅନୁଷ୍ଠାନ ନିଜ ସଂସ୍ଥା ବନ୍ଦ କରିବାକୁ ବାଧ୍ୟ ହୋଇଛନ୍ତି। ରାଜଧାନୀର ଯେଉଁ ତିନୋଟି ମଣ୍ଡପରେ ନାଟକ ପରିବେଷଣ ହୋଇଥାଏ ସେଥିମଧ୍ୟରୁ ରବୀନ୍ଦ୍ର ମଣ୍ଡପର ଭଡ଼ା ବୃଦ୍ଧି ପାଇଛି। ଅନ୍ୟ ଦୁଇଟି ଭଞ୍ଜକଳା ମଣ୍ଡପ ଓ ଉତ୍କଳ ମଣ୍ଡପ ରହିଥିଲେ ବି ପୂର୍ବପରି ଆଉ ନାଟକ ପରିବେଷଣ ହେଉନାହିଁ। ରବୀନ୍ଦ୍ର ମଣ୍ଡପରେ ଦିନକୁ ଭଡ଼ା ସହ ଉନ୍ନୟନ ଫି ସର୍ବାଧିକ ଥିବାରୁ ମାଗଣାରେ ନାଟକ ପରିବେଷଣ କରୁଥିବା ନାଟ୍ୟ ଅନୁଷ୍ଠାନ ସେତିକି ଭଡ଼ା ଦେବା ପାଇଁ ଆଗ୍ରହ ପ୍ରକାଶ କରନ୍ତି ନାହିଁ। କାରଣ ମାଗଣାରେ ପରିବେଷଣ କରାଯାଉଥିବା ନାଟକରେ ଅଭିନୟ କରୁଥିବା କଳାକାରମାନଙ୍କୁ ମଧ୍ୟ କିଛି ଅର୍ଥ ଦିଆଯାଇଥାଏ। ସେହି ପରିପ୍ରେକ୍ଷୀରେ ମଣ୍ଡପର ଉନ୍ନୟନ ଫି ବୋଝ ଉପରେ ନଳିତାବିଡ଼ା ସଦୃଶ। ତେବେ ଭଞ୍ଜକଳା ମଣ୍ଡପକୁ ଦର୍ଶକ କମ୍ ଆସନ୍ତୁ ପଛେ ଉନ୍ନୟନ ଫି କମ୍ ଥିବାରୁ ଏଠାରେ ନାଟକ ପରିବେଷଣ କରିବାକୁ ନାଟ୍ୟ ଅନୁଷ୍ଠାନଗୁଡ଼ିକ ଆଗ୍ରହୀ ହୋଇଥାନ୍ତି।

## ବିଶ୍ୱ ରଙ୍ଗମଞ୍ଚ ଦିବସ ଉପଲକ୍ଷେ

ରାଜ୍ୟରେ ନାଟକର ବିକାଶ ପାଇଁ ଯେଉଁସବୁ ଉଦ୍ୟମ କରାଯାଉଛି ବୋଲି କୁହାଯାଉଛି ତାହା ପ୍ରକୃତରେ ଲୋକଦେଖାଣିଆ। ଅନେକ ଅନୁଷ୍ଠାନ ଏପରି ସମସ୍ୟା ପାଇଁ ନାଟକ ପରିବେଷଣ ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିବାବେଳେ ଆଉ କିଛି ନାଟ୍ୟ ଅନୁଷ୍ଠାନର କର୍ତ୍ତୃପକ୍ଷ ନାଟକ ମଞ୍ଚସ୍ଥ କରିବାକୁ ସାହସ କରୁନାହାନ୍ତି। ତେବେ ପ୍ରକୃତ କଥା ହେଉଛି ଆଜିକାଲି ଘରେ ଘରେ ଟେଲିଭିଜନ, ଇଣ୍ଟରନେଟ୍, ୟୁଟ୍ୟୁବ୍, ଫେସ୍‌ବୁକ୍ ଆଦିର ପ୍ରବଳ ଚାହିଦା। ଶସ୍ତା ମୂଲ୍ୟରେ ମୋବାଇଲ ଫୋନ୍‌ରେ ଏସବୁ ଜିନିଷ ସହଜରେ ଉପଲବ୍ଧ ହେଉଥିବାରୁ ରାତି ଅନିଦ୍ରା ହୋଇ ଟିକେଟ କାଟି ନାଟକ ଦେଖିବାକୁ ଆଉ ପୂର୍ବପରି ଆଗ୍ରହ ରଖୁନାହାନ୍ତି ଦର୍ଶକ। ସେଥିପାଇଁ ନାଟ୍ୟକଳାକାର, ନାଟ୍ୟକାର, ନାଟ୍ୟ ଅନୁଷ୍ଠାନ ପ୍ରଭୃତିର ଆଗ୍ରହ ମଧ୍ୟ ମଉଳିଯାଉଛି। ଭାରତରେ ବିଶେଷକରି ଦକ୍ଷିଣ ଭାରତରେ ବର୍ତ୍ତମାନ ସୁଦ୍ଧା ସେମାନଙ୍କ ନିଜ ଆଞ୍ଚଳିକ ଭାଷାର ନାଟକ ପ୍ରସ୍ତୁତ ହେଉଛି। ଏହାକୁ ଦେଖିବା ପାଇଁ ଦର୍ଶକମାନେ ବି ଟିକେଟ କାଟି ସମ୍ପୃକ୍ତ ନାଟ୍ୟସଂସ୍ଥା ବା ମଣ୍ଡପକୁ ଯାଉଛନ୍ତି। କିନ୍ତୁ ଆମ ଓଡ଼ିଶାରେ ଟିକେଟ ବ୍ୟବସ୍ଥା ନ ଥାଇ ମାଗଣାରେ ନାଟକ ପ୍ରଦର୍ଶନ ହେଉଥିଲେ ବି ଦେଖିବାକୁ ଦର୍ଶକ ଆସୁନାହାନ୍ତି। ତଥାପି ନାଟକ ଦେଖିବା ପାଇଁ ଶ୍ରଦ୍ଧା ରଖୁଥିବା ଅନେକ ଦର୍ଶକ ଅଛନ୍ତି, ଯେଉଁମାନଙ୍କୁ ଯଥାର୍ଥରେ ଜଣେ ଜଣେ କଳାପ୍ରାଣ ବା କଳାର ପୂଜାରୀ କୁହାଯାଇପାରେ। କିନ୍ତୁ ନିତିଦିନିଆ ବ୍ୟସ୍ତ ଜୀବନର ଗୁରୁଦାୟିତ୍ୱ ସେମାନଙ୍କୁ ନାଟ୍ୟସଂସ୍ଥାରେ ପହଞ୍ଚାଇବା ପାଇଁ ପ୍ରତିବନ୍ଧକ ସାଜିଥାଏ। ସିନେମା ହଲ୍‌ରେ ପଚାଶରୁ ଶହେ ଟଙ୍କା ପର୍ଯ୍ୟନ୍ତ ଦେଇ ଟିକେଟ କାଟି ବା ଡିଭିଡି କିଣି ଘରେ ସିଡୀ ମାଧ୍ୟମରେ ଚଳଚ୍ଚିତ୍ର ଦେଖୁଥିବା ଲୋକେ ମଞ୍ଚନାଟକ ଦେଖିବା ପାଇଁ ଯଦି ଇଚ୍ଛା ନ କରିବେ ତା'ହେଲେ ନାଟ୍ୟକାର ହୁଅନ୍ତୁ ବା ନାଟକ ଆୟୋଜନ କରୁଥିବା ନାଟ୍ୟସଂସ୍ଥା କରିବେ କ'ଣ? ତେଣୁ ମଞ୍ଚନାଟକକୁ ଭଲ ପାଇବା ଏବଂ ଏଥି ପ୍ରତି ସହଯୋଗ ବା ପୃଷ୍ଠପୋଷକତାର ହାତ ବଢ଼ାଇବା ଦାୟିତ୍ୱ ନିଶ୍ଚିନ୍ତ ଭାବେ ଆମ ସମସ୍ତଙ୍କର।

ଗୋତରା, ମାହାଙ୍ଗା, କଟକ,
ମୋ- ୯୪୩୭୧୪୨୭୧୭

## ଏଇ ଭାରତରେ

ଏୟାର ଇଣ୍ଡିଆର ଏକ ବିମାନ ରବିବାର ଦିଲ୍ଲୀରୁ ଶିକାଗୋ ଯାତ୍ରା କରୁଥିବାବେଳେ ଏଥିରେ ଥିଲେ ସୁଧା ସତ୍ୟନ୍ ନାମକ ଜଣେ ମହିଳା। ବିମାନ ମଧ୍ୟରେ କ୍ୟାପଟେନ୍‌ଙ୍କ ନାଁ ଘୋଷଣା ହେଲାବେଳେ ସୁଧା ୩୦ବର୍ଷ ତଳକୁ ଫେରି ଯାଇଥିଲେ। ସେ ପ୍ଲେ ସ୍କୁଲ୍‌ରେ ଶିକ୍ଷୟିତ୍ରୀ ଭାବେ କାମ କରୁଥିଲାବେଳେ ଜଣେ ୩ବର୍ଷର ବାଳକକୁ ନାଁ ପଚାରିବାରୁ ସେ କହିଥିଲେ କ୍ୟାପ୍‌ଟେନ୍ ରୋହନ୍ ଭାସିନ୍। ଆଉ ସେ ଏବେ ସତକୁ ସତ ବିମାନର କକ୍‌ପିଟ୍‌ରେ। ଏହାପରେ ସୁଧା ଏୟାରହୋଷ୍ଟେସ୍‌ଙ୍କୁ ପାଇଲଟ୍‌ଙ୍କ ସହ ଦେଖା କରିବାକୁ ଅନୁରୋଧ କରିଥିଲେ। କିଛି ସମୟ ପରେ ଏୟାରହୋଷ୍ଟେସ୍ ସୁଧାଙ୍କୁ ପାଇଲଟ୍‌ଙ୍କ ସହିତ ଦେଖା କରାଇବା ପରେ ଜଣାପଡ଼ିଲା ସୁଧା ହେଉଛନ୍ତି ପାଇଲଟ୍ ରୋହନ୍‌ଙ୍କର ସେହି ପ୍ଲେ ସ୍କୁଲ୍‌ର ଶିକ୍ଷୟିତ୍ରୀ, ଯାହାଙ୍କୁ ରୋହନ୍ ପିଲାଦିନେ ନିଜ ନାଁ କହିବା ବେଳେ 'କ୍ୟାପଟେନ୍ ରୋହନ୍ ଭାସିନ୍' ବୋଲି କହିଥିଲେ। ଏହା ଜାଣିବା ପରେ ସୁଧା ୩୦ବର୍ଷ ତଳର ସ୍ମୃତି ମନେପକାଇ ରୋହନ୍‌ଙ୍କୁ କୁଣ୍ଢାଇ ପକାଇଥିଲେ। ତାଙ୍କ ଆଖି ଆନନ୍ଦାଶ୍ରୁରେ ଛଳଛଳ ହୋଇଯାଇଥିଲା। ଉଭୟ ଛାତ୍ର ଏବଂ ଶିକ୍ଷୟିତ୍ରୀ ଏକ ଫଟୋ ଉଠାଇଥିଲେ। ୩୦ବର୍ଷ ପୂର୍ବର ଏବଂ ଏବେକାର ଏକ ଫଟୋକୁ ରୋହନଙ୍କ ମା' ସୋସିଆଲ ମିଡିଆରେ ଶେୟାର କରିବା ପରେ ଏହାକୁ ଦେଖି ଅନେକେ ଲାଇକ୍ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ମାର୍ଚ୍ଚ ୧୯୯୪

- ଗାଜା ଓ ଜେରିକୋ ଅଞ୍ଚଳରେ ପାଲେଷ୍ଟିନୀୟଙ୍କୁ ସ୍ୱାୟତ୍ତ ଶାସନ ସୁବିଧା ପ୍ରଦାନ ପାଇଁ ଇସ୍ରାଏଲ ଏବଂ ପାଲେଷ୍ଟାଇନ ମୁକ୍ତି ସାମ୍ମୁଖ୍ୟ ମଧ୍ୟରେ ଆଲୋଚନା ଆରମ୍ଭ।
- ଇଣ୍ଡୋନେସିଆର ଜାଭା ଦ୍ୱୀପରେ ଭୀଷଣ ବର୍ଷା ହେବା ଫଳରେ ବନ୍ୟା ଆସି ୫ଟି ଗ୍ରାମ ଧୋଇ ହୋଇଯିବା ଫଳରେ ୯ଜଣଙ୍କ ମୃତ୍ୟୁ।
- ତାଳଚେର ନିକଟବର୍ତ୍ତୀ ବାଲୁଗାଁଠାରେ କିରୋସିନ ଡ୍ରମ୍‌ରେ ବିସ୍ଫୋରଣ ଘଟି ୯ ଜଣଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ମାଟ୍ରିକ ପରୀକ୍ଷାର୍ଥୀଙ୍କ ସଂଖ୍ୟା କମୁଛି କାହିଁକି

ମହାଶୟ,

ଆମ ରାଜ୍ୟରେ ଜନସଂଖ୍ୟା ବଢୁଛି, ବିଦ୍ୟାଳୟ ସଂଖ୍ୟା ବଢୁଛି ଏବଂ ଶିକ୍ଷକଙ୍କ ସଂଖ୍ୟା ବଢୁଛି। ମାତ୍ର ପ୍ରତିବର୍ଷ ମାଟ୍ରିକ ପରୀକ୍ଷାର୍ଥୀଙ୍କ ସଂଖ୍ୟା କମୁଛି। ୨୦୧୭ରେ ରାଜ୍ୟରେ ୬ ଲକ୍ଷ ୮ ହଜାର ଓ ୨୦୧୮ରେ ୫ ଲକ୍ଷ ୯୦ ହଜାର ପିଲା ପରୀକ୍ଷା ଦେଇଥିବା ବେଳେ ୨୦୧୯ରେ ୫ ଲକ୍ଷ ୮୭ ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା। ପ୍ରତିବର୍ଷ ମାଟ୍ରିକ ପରୀକ୍ଷାର୍ଥୀଙ୍କ ସଂଖ୍ୟା ହ୍ରାସ ପାଇବା ସମ୍ପର୍କରେ ସରକାରଙ୍କ ତରଫରୁ ବ୍ୟାପକ ଅନୁସନ୍ଧାନ ଓ ନିରାକରଣର ବ୍ୟବସ୍ଥା ହେବା ଉଚିତ।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

### ବିଦ୍ୟୁତ୍ ବିଲ୍ ହିସାବ କ୍ରମ

ବର୍ତ୍ତମାନ ବିଦ୍ୟୁତ୍ ବିଲ୍ ବାବଦକୁ ପ୍ରଥମ ୫୦ ୟୁନିଟ୍‌କୁ ଟ୨.୫୦ ପଇସା, ପରବର୍ତ୍ତୀ ୫୦ରୁ ୨୦୦ ୟୁନିଟ୍ ପାଇଁ ଟ୪.୩୦ ପଇସା, ୨୦୦ରୁ ୩୦୦ ୟୁନିଟ୍ ପାଇଁ ଟ୫.୩୦ ପଇସା ଏବଂ ୩୦୦ରୁ ୫୦୦ ୟୁନିଟ୍ ପାଇଁ ଟ୫.୭୦ ପଇସା ନିଆଯାଉଛି। କିନ୍ତୁ କେତେକ ବିଦେଶୀ ରାଷ୍ଟ୍ରରେ ଠିକ୍ ଏହାର ଓଲଟା କ୍ରମରେ ବିଲ୍ ଦିଆଯାଏ। ଫଳରେ ଯେଉଁମାନେ ଅଧିକ ୟୁନିଟ୍ ବିଦ୍ୟୁତ୍ ଜାଳୁଛନ୍ତି ସେମାନେ କୌଣସି ପ୍ରକାର ଚୋରି କରନ୍ତି ନାହିଁ। କାରଣ ସେମାନେ ଯେତେ ଅଧିକ ଜାଳିବେ ସେହି କ୍ରମ ଅନୁସାରେ ତାଙ୍କୁ କମ୍ ବିଲ୍ ଦେବାକୁ ପଡ଼ିବ। ଏପରି ହେଲେ ବିଦ୍ୟୁତ୍ ଚୋରି ବହୁ ପରିମାଣରେ କମିଯିବ। କର୍ତ୍ତୃପକ୍ଷ ଏ ବିଷୟରେ ଥରେ ଚିନ୍ତା କରନ୍ତୁ।

ସୁରେନ୍ଦ୍ର କୁମାର ନାୟକ, ସୁନହଟ, ବାଲେଶ୍ୱର

### ନକଲି ଦେଶପ୍ରେମୀ

ଡ. ଚିନ୍ତାମଣି ପଣ୍ଡା ତାଙ୍କର 'ନକଲି ଦେଶପ୍ରେମୀ' ଶୀର୍ଷକରେ ଅତିସୁନ୍ଦର ବାସ୍ତବ ଚିତ୍ରକୁ ଉପସ୍ଥାପନା କରିଛନ୍ତି, ଯାହା ଦୈନିକ ଧରିତ୍ରୀର ୧ ମାର୍ଚ୍ଚ ୨୦୧୯ ସଂସ୍କରଣରେ ପ୍ରକାଶିତ ହୋଇଛି। ଉକ୍ତ ଲେଖାଟି ମୋତେ କାହିଁକି, ଆଜିର ସଚେତନ ନାଗରିକଙ୍କୁ ନିଶ୍ଚୟ ପ୍ରଭାବିତ କରିବ। ଆଗକୁ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଉକ୍ତ ଆଲେଖ୍ୟଟି ସମାଜକୁ ଏକ ଦିଗ୍‌ଦର୍ଶନ ଦେବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ବନମାଳୀ ବେହେରା, ଭଗବତୀ ସ' ମିଲ ଲେନ୍, ଜଟଣୀ, ଖୋର୍ଦ୍ଧା

### ସ୍ୱଭାବେ ଅଭାବ ନଷ୍ଟ

ସାଧାରଣତଃ ଆମେ କହିଥାଉ 'ଅଭାବେ ସ୍ୱଭାବ ନଷ୍ଟ' କିନ୍ତୁ ଏହା ଠିକ୍ ନୁହେଁ। ସ୍ୱଭାବ ନଷ୍ଟ ହେଲେ ହିଁ ଅଭାବ ଘଟେ। ତେଣୁ ସ୍ୱଭାବକୁ ଠିକ୍ କଲେ ଅଭାବ ଦୂର ହେବ। ସେଥିପାଇଁ ଠାକୁର ଅନୁକୂଳଚନ୍ଦ୍ରଙ୍କ କହିଛନ୍ତି- 'ସ୍ୱଭାବେ ଅଭାବ ନଷ୍ଟ, ଏହା କିନ୍ତୁ ଖାଣ୍ଟି ସ୍ପଷ୍ଟ'। ଭାବ ମାନେ ହୋଇଉଠିବା। ଆମେ ଯେପରି ଖାଣ୍ଟି ହେବା ପ୍ରକୃତି ଆମକୁ ସେହିପରି ପୁରସ୍କାର ନିଶ୍ଚୟ ଦେବ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡମା, ଜଗତ୍‌ସିଂହପୁର

### ପେନ୍‌ସନଭୋଗୀଙ୍କୁ ଅଣଦେଖା

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଆମ ରାଜ୍ୟ ସରକାର ସବୁବର୍ଗର ସାଧାରଣ ଜନତାଙ୍କ ପାଇଁ ଅନେକ ଜନହିତକାରୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କୃଷକ, ଶ୍ରମିକ, ନିର୍ମାଣ ଶ୍ରମିକ, ଶିଳ୍ପୀ, କାରିଗର, କଳାକାର, ଛାତ୍ରୀଛାତ୍ର, ଯୁବକ, ମହିଳା ସମସ୍ତଙ୍କ ପାଇଁ ଆର୍ଥିକ ପ୍ରୋତ୍ସାହନ କିମ୍ବା ସ୍ୱରୋଜଗାରର ବ୍ୟବସ୍ଥା କରିଛନ୍ତି। ହେଲେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ 'ଚିକିତ୍ସା ଭତ୍ତା' ଦେବା ପାଇଁ ଘୋଷଣା କରୁନାହାନ୍ତି। ଏ ବିଷୟରେ ଏକାଧିକ ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଚିକିତ୍ସା ଭତ୍ତା ଅବସରପ୍ରାପ୍ତ କର୍ମଚାରୀଙ୍କର ଯଥାର୍ଥ ଓ ନ୍ୟାୟୋଚିତ ଦାବି। ପଞ୍ଚମ ବେତନ କମିଶନ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ଚିକିତ୍ସା ଭତ୍ତା ଦେବା ପାଇଁ ସୁପାରିସ କରିଥିଲେ। କେନ୍ଦ୍ର ସରକାର ଓ ଅନ୍ୟ ରାଜ୍ୟଗୁଡ଼ିକ ଏହି ଭତ୍ତା ପ୍ରଦାନ କରିଆସୁଛନ୍ତି। ଏବେ ୭ମ ବେତନ କମିଶନ ଲାଗୁ ହୋଇସାରିଥିଲେ ମଧ୍ୟ ଚିକିତ୍ସା ଭତ୍ତା ଆମ ରାଜ୍ୟରେ ଲାଗୁ ନ ହେବା ବଡ଼ ଦୁଃଖଦାୟକ। ରାଜ୍ୟ ସରକାର ଏ ଦାବିର ଯଥାର୍ଥତା ଉପଲବ୍ଧି କରି ତୁରନ୍ତ ନିଷ୍ପତ୍ତି ନେବେ ବୋଲି ଆଶା।

ବସନ୍ତ କୁମାର ସୁନ୍ଦରାୟ, ପ୍ରଭାତୀ ନିଳୟ, ଗୁରୁଜଙ୍ଗ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ପ୍ରମୁଖ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ**



ତଲସରା ବିଧାନସଭା ଆସନ ପାଇଁ ବିଜେଡ଼ି ପ୍ରାର୍ଥୀଭାବେ ଷ୍ଟିଫେନ୍ ସୋରେନ ଓ ସୁନ୍ଦରଗଡ଼ ସଦର ବିଧାନସଭା ଆସନ ପାଇଁ ବିଜେଡ଼ି ପ୍ରାର୍ଥୀ ଭାବେ ଯୋଗେଶ କୁମାର ସିଂ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରୁଛନ୍ତି।



ସୁନ୍ଦରଗଡ଼ ଲୋକ ସଭା ଆସନ ପାଇଁ ଭାଜପା ପ୍ରାର୍ଥୀ ଜୁଏଲ ଓରାମ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରୁଛନ୍ତି।



ସୁନ୍ଦରଗଡ଼ ଲୋକ ସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ଜର୍ଜ ତିର୍କୀ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରୁଛନ୍ତି।



ତଲସରା ବିଧାନସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ଡ. ପ୍ରଫୁଲ୍ଲ ମାଝି ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରୁଛନ୍ତି।



ଭାଜପା ପ୍ରାର୍ଥୀ ପୀତାମ୍ବର ଆଚାର୍ଯ୍ୟ ଛତ୍ରପୁରରେ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।



ସୁନ୍ଦରଗଡ଼ ଲୋକ ସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ସୁନୀତା ବିଶ୍ୱାଳ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରୁଛନ୍ତି।



ନିରଞ୍ଜନ ପୂଜାରୀ ସୋନପୁର ବିଧାନ ସଭା କ୍ଷେତ୍ର ପାଇଁ ନାମାଙ୍କନପତ୍ର ଦାଖଲ କରୁଛନ୍ତି।



ପଦ୍ମପୁର ବିଜେଡି ପ୍ରାର୍ଥୀ ବିଜୟରଞ୍ଜନ ସିଂ ବରିହାଙ୍କ ପ୍ରାର୍ଥୀପତ୍ର ଦାଖଲ।



ନାମାଙ୍କନ ଦାଖଲ କରୁଛନ୍ତି ବରଗଡ଼ ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ।



ଭାଜପା କନ୍ଧମାଳ ଏମ୍.ପି. ପ୍ରାର୍ଥୀ ଖାରବେଳ ସ୍ୱାଇଁ ପ୍ରାର୍ଥୀପତ୍ର ଦାଖଲ କରିବାକୁ ଯାଉଛନ୍ତି।

# ଦ୍ୱିତୀୟ ପର୍ଯ୍ୟାୟ ନାମାଙ୍କନ ଶେଷ

ଭୁବନେଶ୍ୱର, ୨୬।୩(ବ୍ୟୁରୋ)

- ୩୫ ବିଧାନସଭା ପାଇଁ ୩୦୨, ୫ ଲୋକ ସଭା ପାଇଁ ୪୫ ପ୍ରାର୍ଥୀପତ୍ର ଦାଖଲ
- ପ୍ରଥମ ପର୍ଯ୍ୟାୟ ଯାଞ୍ଚ ଶେଷ ୨୮ ବିଧାନସଭା ପାଇଁ ୨୦୩ ପ୍ରାର୍ଥୀ, ୪ ଲୋକ ସଭା ପାଇଁ ୨୮ ପ୍ରାର୍ଥୀପତ୍ର କାଏମ

ଦ୍ୱିତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ଶେଷ ହୋଇଛି। ମଙ୍ଗଳବାର ଏହି ପର୍ଯ୍ୟାୟରେ ବିଧାନସଭା ପାଇଁ ୨୦୫ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଲୋକ ସଭା ପାଇଁ ୨୪ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ତେବେ ଦ୍ୱିତୀୟ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ୩୫ଟି ବିଧାନସଭା ଆସନ ପାଇଁ ମୋଟ ୩୦୨ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ୫ଟି ଲୋକ ସଭା ଆସନ ପାଇଁ ମୋଟ ୪୫ ଜଣ ପ୍ରାର୍ଥୀ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

ସେହିପରି ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସକାଶେ ମଙ୍ଗଳବାର ନାମାଙ୍କନ ପତ୍ରଗୁଡ଼ିକ ଯାଞ୍ଚ ଶେଷ କରାଯାଇଛି। ଯାଞ୍ଚ ପରେ ୨୮ ବିଧାନସଭା ପାଇଁ ୨୦୩ ଜଣଙ୍କର ନାମାଙ୍କନ ପତ୍ର କାଏମ ରହିଛି। ସେହିପରି ୪ଟି ଲୋକ ସଭା ଆସନ ପାଇଁ ଦାଖଲ ହୋଇଥିବା ନାମାଙ୍କନ ପତ୍ରଗୁଡ଼ିକ ଯାଞ୍ଚ ପରେ ୨୮ ଜଣ ପ୍ରାର୍ଥୀଙ୍କର ନାମାଙ୍କନ ପତ୍ର କାଏମ ରହିଛି।

ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ୬୩ଟି ବିଧାନସଭା ଆସନ ପାଇଁ ୫୪୭ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିପରି ୯ଟି ଲୋକ ସଭା କ୍ଷେତ୍ର ପାଇଁ ୭୫ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ତେବେ ପ୍ରଥମ ପର୍ଯ୍ୟାୟରେ୨୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ମୋଟ ୨୩୦ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଯାଞ୍ଚ ପରେ ୨୭ ଜଣଙ୍କର ନାମାଙ୍କନ ପତ୍ର ଖାରଜ ହୋଇ ଯାଇଛି। ସେହିପରି ୪ଟି ଲୋକ ସଭା ନିର୍ବାଚନମଣ୍ଡଳୀରେ ନାମାଙ୍କନ ପତ୍ର ଦାଖଲ କରିଥିବା ୩୦ ଜଣଙ୍କ ମଧ୍ୟରୁ ୨ ଜଣଙ୍କର ପ୍ରାର୍ଥୀପତ୍ର ନାକଚ ହୋଇ ଯାଇଛି। ବୁଧବାର ଦ୍ୱିତୀୟ ପର୍ଯ୍ୟାୟ ନାମାଙ୍କନ ପତ୍ର ଯାଞ୍ଚ କରାଯିବ। ଯାଞ୍ଚ ପରେ ଉଭୟ ପର୍ଯ୍ୟାୟ ପାଇଁ କେତେଜଣ ନିର୍ବାଚନ ମଇଦାନକୁ ଓହ୍ଲାଇବେ ତାହା ସ୍ପଷ୍ଟ ହୋଇଯିବ।

ଏଠାରେ ସୂଚନା ଯୋଗ୍ୟ ଯେ ପ୍ରଥମ ପର୍ଯ୍ୟାୟ ଅର୍ଥାତ୍ ଆସନ୍ତା ଏପ୍ରିଲ ୧୧ ତାରିଖରେ ୪ଟି ଲୋକ ସଭା କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ବ୍ରହ୍ମପୁର ଓ ୨୮ଟି ବିଧାନସଭା ଆସନ ଲାଗି ନିର୍ବାଚନ ଅନୁଷ୍ଠିତ ହେବ। କଳାହାଣ୍ଡି ଲୋକ ସଭା ନିର୍ବାଚନ ମଣ୍ଡଳୀ ସମେତ ନୂଆପଡା, ଖରିଆର, ଲାଞ୍ଜିଗଡ଼, ଜୁନାଗଡ଼, ଧର୍ମଗଡ଼, ଭବାନୀପାଟଣା ଓ ନର୍ଲା ବିଧାନସଭା ଆସନରେ ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ନବରଙ୍ଗପୁର ଲୋକ ସଭା ଆସନ ସହିତ ଉମରକୋଟ, ଝରିଗାଁ, ନବରଙ୍ଗପୁର, ଡାବୁଗାଁ, କୋଟପାଡ, ମାଲକାନଗିରି, ଚିତ୍ରକୋଣ୍ଡା ବିଧାନସଭା, ବ୍ରହ୍ମପୁର ଲୋକ ସଭା ଆସନ ସହ ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି, ଚିକିଟି, ମୋହନା, ପାରଳାଖେମୁଣ୍ଡି ଏବଂ କୋରାପୁଟ ଲୋକ ସଭା ଆସନ ସମେତ ଗୁଣୁପୁର, ବିଷମକଟକ, ରାୟଗଡା, ଲକ୍ଷ୍ମୀପୁର, ଜୟପୁର, କୋରାପୁଟ ଏବଂ ପଟାଙ୍ଗୀ ବିଧାନସଭା ଆସନରେ ନିର୍ବାଚନ ଅନୁଷ୍ଠିତ ହେବ।

ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଏପ୍ରିଲ ୧୮ ତାରିଖରେ ବରଗଡ଼(ସାଧାରଣ ବର୍ଗ) ଲୋକ ସଭା ଆସନ ସମେତ ପଦ୍ମପୁର, ବିଜେପୁର, ବରଗଡ଼, ଅତାବିରା, ଭଟ୍ଲି, ବ୍ରଜରାଜନଗର, ଝାରସୁଗୁଡ଼ା ବିଧାନସଭା ଏବଂ ସୁନ୍ଦରଗଡ଼(ଏସ୍‌ଟି) ଲୋକ ସଭା ଆସନ ସହିତ ତଳସରା, ସୁନ୍ଦରଗଡ଼, ବୀରମିତ୍ରପୁର, ରଘୁନାଥପାଲି, ରାଉରକେଲା, ରାଜଗାଙ୍ଗପୁର, ବଣାଇଁ ବିଧାନସଭା ଆସନ ଲାଗି ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ବଲାଙ୍ଗୀର(ସାଧାରଣ ବର୍ଗ) ଲୋକ ସଭା ଆସନ ସହିତ ବୀରମହାରାଜପୁର, ସୋନପୁର, ଲୋଇସିଂହା, ପାଟଣାଗଡ, ବଲାଙ୍ଗୀର, ଟିଟିଲାଗଡ ଓ କଣ୍ଟାବାଞ୍ଜି ବିଧାନସଭା ଆସନ ଏବଂ କନ୍ଧମାଳ(ସାଧାରଣ ବର୍ଗ) ଲୋକ ସଭା ଆସନ ସହିତ ବାଲିଗୁଡା, ଜି. ଉଦୟଗିରି, କନ୍ଧମାଳ ,ଫୁଲବାଣୀ, କଣ୍ଟାମାଳ, ବୌଦ୍ଧ, ଦଶପଲ୍ଲା ଏବଂ ଭଞ୍ଜନଗର ବିଧାନସଭା ନିର୍ବାଚନ ଏବଂ ଆସ୍କା (ସାଧାରଣ ବର୍ଗ)ଲୋକ ସଭା ଆସନ ସହିତ ଏହା ଅନ୍ତର୍ଗତ ପୋଲସରା, କବିସୂର୍ଯ୍ୟନଗର, ଖଲ୍ଲିକୋଟ, ଆସ୍କା, ସୋରଡା, ସାନଖେମୁଣ୍ଡି ଏବଂ ହିଞ୍ଜିଳି ବିଧାନସଭା ଲାଗି ନିର୍ବାଚନ ଅନୁଷ୍ଠିତ ହେବ।

## ନବୀନ ନିବାସ ସମ୍ମୁଖରେ ଭିଡ଼










ନବୀନ ନିବାସ ସମ୍ମୁଖରେ ମଙ୍ଗଳବାର ଟିକେଟ୍ ଆଶାୟୀ ଓ ଅସନ୍ତୁଷ୍ଟ ନେତାମାନଙ୍କ ଭିଡ଼।

# ମହିଳା ପ୍ରସଙ୍ଗ ଉଠାଇ ବିଜେଡିକୁ ଭାଜପାର ସମାଲୋଚନା

ଭୁବନେଶ୍ୱର,୨୬।୩ (ବ୍ୟୁରୋ)

ବିଜେଡି ୩୩ପ୍ରତିଶତ ଲୋକ ସଭା ଆସନରେ ମହିଳାଙ୍କୁ ନିର୍ବାଚନ ଲଢ଼ାଉଥିବା ଦାବି କରୁଛି। ମାତ୍ର୧୯ବର୍ଷ ଶାସନରେ ରାଜ୍ୟର ମହିଳାମାନଙ୍କ ସ୍ଥିତି କାହିଁକି ଦୟନୀୟ ରହିଛି ବୋଲି କହି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭାଜପା କଡ଼ା ସମାଲୋଚନା କରିଛି। ଲୋକ ସଭାରେ ସାଙ୍କେତିକ ୩୩ ପ୍ରତିଶତ ମାତ୍ର ବିଧାନସଭାରେ କାହିଁକି ନାହିଁ ଏହା ରାଜ୍ୟବାସୀ ପ୍ରଶ୍ନ କରୁଛନ୍ତି। ବର୍ତ୍ତମାନ ବହୁତ ହେଇଗଲା, ରାଜ୍ୟ ସରକାର ବଦଳିବା ଦରକାର ବୋଲି ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ



ଲେଖାଶ୍ରୀ ସାମନ୍ତସିଂହାର

ଲେଖାଶ୍ରୀ କହିଛନ୍ତି ଯେ, ସମାଜର ଆର୍ଥିକ ଓ ସାମାଜିକ ଦୃଷ୍ଟିରୁ ପଛୁଆ ଆଦିବାସୀ ଝିଅମାନଙ୍କ ସହ ସରକାର ଅବହେଳା କରିଛନ୍ତି । ବିଧାନସଭାରେ ଶାସକ ଦଳ ନେତା ସ୍ୱୀକାର କରିଛନ୍ତି ଆବାସିକ ବିଦ୍ୟାଳୟଗୁଡ଼ିକରେ ୧୨ଜଣ ଛାତ୍ରୀ ଗର୍ଭବତୀ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୪ଜଣ ସନ୍ତାନ ପ୍ରସବ କରିଛନ୍ତି। ୨୦୧୭–୧୮ ବର୍ଷରେ ୪୪୫ ଅନୁସୂଚିତ ଜାତି ଓ ଜନଜାତିର ମହିଳା ବଳାତ୍କାରର ଶିକାର ହୋଇଥିବା ସରକାର ବିଧାନସଭାରେ ଲିଖିତ ଉତ୍ତର ଦେଇଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ ସାରା ଦେଶରେ ମହିଳାଙ୍କୁ ଅସଦାଚରଣ ମାମଲାରେ ଓଡ଼ିଶା ଦେଶର ୧ନମ୍ବର ସ୍ଥାନରେ ରହିଛି । ସରକାରଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ଆଧାରରେ ପ୍ରସ୍ତୁତ ହୋଇଥିବା ସର୍ବଶେଷ ନ୍ୟାଶନାଲ କ୍ରାଇମ ରେକର୍ଡ ବ୍ୟୁରୋ ରିପୋର୍ଟ ଅନୁଯାୟୀ ସାରା ଦେଶରେ ଏହି ହାର ୧୩.୬ ଥିବାବେଳେ ଓଡ଼ିଶାରେ ଏହା ୩୧.୧ ହୋଇଛି । ସେହିଭଳି ମହିଳାଙ୍କ ବିରୋଧରେ ଧର୍ତ୍ତବ୍ୟ ଅପରାଧ ମାମଲାରେ ଓଡ଼ିଶା ଦେଶରେ ତୃତୀୟ ସ୍ଥାନରେ ରହିଛି । ଦେଶରେ ଏହା ୫୫.୨ଥିବାବେଳେ ଓଡ଼ିଶାର ୮୪.୫ ରହିଛି । ଏହି ତଥ୍ୟ ନ୍ୟାଶନାଲ କ୍ରାଇମ ରେକର୍ଡ ବ୍ୟୁରୋର କୌଣସି ମନଗଢ଼ା ଅଭିଯୋଗ ନୁହେଁ । ବଳାତ୍କାର ମାମଲାରେ ଗତ କିଛିବର୍ଷ ମଧ୍ୟରେ ଓଡ଼ିଶା ରେକର୍ଡ କରିଛି । ନ୍ୟାଶନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ ତଥ୍ୟ ଅନୁସାରେ ନାବାଳିକା ବଳାତ୍କାର ପୀଡ଼ିତାଙ୍କ ହାର ୬୩ ପ୍ରତିଶତରୁ ଅଧିକ ରହିଛି ବୋଲି ଲେଖାଶ୍ରୀ ଅଭିଯୋଗ କରିଛନ୍ତି । ମାତୃ ମୃତ୍ୟୁ ହାରରେ ଓଡ଼ିଶା ଦେଶରେ ଚତୁର୍ଥ ସ୍ଥାନରେ ରହିଛି । ନବଜାତକ ମୃତ୍ୟୁ ମାମଲାରେ ଓଡ଼ିଶା ଦେଶରେ ପ୍ରଥମ । ଏହା ନବୀନ ପଟ୍ଟନାୟକଙ୍କ ମହିଳାଙ୍କୁ ସମ୍ମାନ କି ବୋଲି ଲେଖାଶ୍ରୀ ପ୍ରଶ୍ନ କରିଛନ୍ତି।

# ନିର୍ବାଚନ ଅଧିକାରୀଙ୍କ ନିକଟରେ ଷ୍ଟାର ପ୍ରଚାରକ ତାଲିକା ଦେଲା ଭାଜପା

**ଭୁବନେଶ୍ୱର,୨୬।୩ (ବ୍ୟୁରୋ):** ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଭାଜପା ୪୦ ଜଣିଆ ତାରକା ପ୍ରଚାରକଙ୍କ ନାମ ଘୋଷଣା କରିସାରିଛି। ଭାଜପା ପକ୍ଷରୁ ଏହି ତାଲିକା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାରଙ୍କ ନିକଟରେ ମଙ୍ଗଳବାର ଦାଖଲ କରାଯାଇଛି । ଏହି ତାଲିକାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ, ଗୃହମନ୍ତ୍ରୀ ରାଜନାଥ ସିଂ, କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରି, ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ, କେନ୍ଦ୍ରମନ୍ତ୍ରୀ ସୁଷମା ସ୍ୱରାଜ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ରାମଲାଲ ଜୀ, କେନ୍ଦ୍ରମନ୍ତ୍ରୀ ଥାୱାରଚାନ୍ଦ ଗେହଲଟ, କେନ୍ଦ୍ରମନ୍ତ୍ରୀ ଜଗତ ପ୍ରସାଦ ନଡ୍ଡା, ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ, କେନ୍ଦ୍ରମନ୍ତ୍ରୀ ନିର୍ମଳା ସିଥାରମଣ, ସୁଶ୍ରୀ ଉମା ଭାରତୀ, ସ୍ମୃତି ଇରାନି, ମୁକତାର ଆବାସ ନକ୍‌ଭୀ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ, ଛତିଶଗଡ଼ ପୂର୍ବତନ ମୁଖ୍ୟମନ୍ତ୍ରୀ ରମଣ ସିଂ, ହେମା ମାଳିନୀ, ଭୂପେନ୍ଦର ଯାଦବ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ରଘୁବର ଦାସ, ରାଜ୍ୟ ପ୍ରଭାରୀ ଅରୁଣ ସିଂ, ସୌଦାନ ସିଂ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖଙ୍କ ନାମ ରହିଛି ।

# ପ୍ରତିଯୋଗିତା ପଛରେ ଛାତ୍ରୀଛାତ୍ର



ସାମଗ୍ରିକ ଶିକ୍ଷା ଦ୍ୱାରା ଜଣେ ପିଲା ସଫଳତାର ଶୀର୍ଷରେ ପହଞ୍ଚିପାରିବ। ଜଣେ ପିଲା ପାଇଁ ଶିକ୍ଷା ସହିତ ବୌଦ୍ଧିକ, ମାନସିକ, ଶାରୀରିକ ବିକାଶ ନିହାତି ଜରୁରୀ। କିନ୍ତୁ ଆଜିକାଲି ଏସବୁ ପାଇଁ ପିଲାଙ୍କ ପାଖରେ ସମୟ ନାହିଁ। ପୂର୍ବରୁ ପିଲାମାନେ ସ୍କୁଲରୁ ଫେରିବା ପରେ ଏକାଠି ଖେଳୁଥିଲେ। ବିଶେଷକରି ଯୌଥ ପରିବାରରେ ରହୁଥିବାରୁ ବିଭିନ୍ନ ଜ୍ଞାନ ଆହରଣ କରୁଥିଲେ। କିନ୍ତୁ ଏବେ ସ୍କୁଲ, ଟିଉଶନ, ହୋମ୍‌ୱାର୍କରେ ସମୟ ଯାଉଛି। ମାତାପିତାମାନେ ପିଲାଙ୍କ ସହ କେବଳ ପାଠପଢ଼ା କଥା ଆଲୋଚନା କରୁଛନ୍ତି। ତେଣୁ ଅନ୍ୟ କୌଣସି କାର୍ଯ୍ୟରେ ପିଲାମାନେ ସାମିଲ ହୋଇପାରୁ ନାହାନ୍ତି। ଏସବୁ କାରଣରୁ ପିଲାମାନେ ମାନସିକ ସ୍ତରରେ ଚାପରେ ରହୁଛନ୍ତି। ଖେଳକୁଦ ହେଉଛି ଏକ ବ୍ୟାୟାମ। ଏଥିଯୋଗୁ ପିଲାମାନଙ୍କ ମାନସିକ ତଥା ଶାରୀରିକ ସନ୍ତୁଳନ ରକ୍ଷା ସହ ବିକାଶ ଘଟିଥାଏ। ମାତ୍ର ବାୟାମ ପାଇଁ ପିଲାମାନେ ସମୟ ପାଉ ନ ଥିବାରୁ ସେମାନଙ୍କର ଅନ୍ୟାନ୍ୟ କାର୍ଯ୍ୟଧାରା ସହ ପାଠପଢ଼ା ମଧ୍ୟ ପ୍ରଭାବିତ ହେଉଛି। ସେହିଭଳି ଆଜିର ପିଲାମାନେ ସାମାଜିକ, ଆଧାତ୍ମିକ ତଥା ସଂସ୍କାରଗତ ଚିନ୍ତାଧାରାଠାରୁ ଢେର୍ ଦୂରରେ ରହୁଥିବାରୁ ସମାଗ୍ରିକ ବିକାଶ ସମ୍ଭବ ହେଉନି। ଏଥିପାଇଁ ଅଭିଭାବକଙ୍କ ମାନସିକତାକୁ ଦାୟୀ କରାଯାଉଛି। କିଛିଦିନ ତଳେ ସୋସିଆଲ ମିଡିଆରେ ଏକ ପୋଷ୍ଟ ଭାଇରାଲ ହୋଇଥିଲା। ସେଥିରେ ଲେଖାଥିଲା 'ଯିଏ ପରୀକ୍ଷାରେ ୪୯% ନମ୍ବର ରଖୁଥିଲେ, ସିଏ ନିଜ ପିଲା ୯୪% ନମ୍ବର ରଖିଲେ ବି ଦୁଃଖ ପ୍ରକାଶ କରୁଛନ୍ତି'। ଅର୍ଥାତ୍ ଆଜିର ଶିକ୍ଷା ବ୍ୟବସ୍ଥା ହିଁ ସେହିପରି ହୋଇଯାଇଛି। ପିଲାମାନେ କେମିତି ଅଧିକରୁ ଅଧିକ ନମ୍ବର ରଖିବେ ସେଇଟା ହିଁ ଅଭିଭାବକଙ୍କ ଏକମାତ୍ର ଲକ୍ଷ୍ୟ ହୋଇଛି। ଏହାଦ୍ୱାରା ସେମାନେ ପିଲାଙ୍କ ଉପରେ କେତେ ବୋଝ ଦେଉଛନ୍ତି ତାହା ଜାଣି ପାରୁନାହାନ୍ତି। ପିଲାଙ୍କୁ ନେଇ ଅଭିଭାବକଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଚାଲିଥିବାବେଳେ ପିଲାମାନେ ଚାପରେ ପଡ଼ି ପରୀକ୍ଷାରେ ଅଧିକ ନମ୍ବର ପାଇଁ ପ୍ରତିଯୋଗିତା କରୁଛନ୍ତି। ସେହିଭଳି ସ୍କୁଲର ମଧ୍ୟ କିଛି ଭୂମିକା ରହିଛି। ସ୍କୁଲରେ ଯଦି ପାଠପଢ଼ା ଠିକ୍ ଭାବେ ହେଉଥାନ୍ତା ତେବେ ପିଲାମାନେ ଟ୍ୟୁଶନ ହୁଅନ୍ତେ ନାହିଁ। ଅପରପକ୍ଷରେ ପିଲାମାନେ ମଧ୍ୟ ନିଜ ଆଡ଼ୁ ସମୟ ବାହାର କରି ଭିନ୍ନ କିଛି କରିବା ଓ ଶିଖିବା ଉଚିତ। ସମୟ ମିଳିବାମାତ୍ରେ ମୋବାଇଲ୍ କିମ୍ବା ଲାପ୍‌ଟପ୍‌ରେ ଗେମ୍ ନ ଖେଳି ଭଲ କାର୍ଯ୍ୟରେ ମନୋନିବେଶ କରିବା ଆବଶ୍ୟକ। ପିଲାଙ୍କ ଏଭଳି ସମସ୍ୟା ଓ ତା'ର ସମାଧାନକୁ ନେଇ ଆମର ଏହି ସ୍ୱତନ୍ତ୍ର ଉପସ୍ଥାପନା।



## ଶିକ୍ଷା ପଦ୍ଧତିରେ ପରିବର୍ତ୍ତନ ଆବଶ୍ୟକ



ଆଜିକାଲିର କମ୍ପିଟେଟିଭ୍ ଦୁନିଆରେ ପିଲାଙ୍କ ପାଇଁ ଏକ ଚ୍ୟାଲେଞ୍ଜ ହୋଇଯାଇଛି। ସର୍ବଭାରତୀୟ ସ୍ତରରେ କିଭଳି ଭଲ ପ୍ରଦର୍ଶନ କରିବେ ସେଥିପାଇଁ ପିଲାଙ୍କୁ ଅଧିକ ପରିଶ୍ରମ କରିବାକୁ ପଡୁଛି। ସ୍କୁଲ, ଟିଉଶନକୁ ଛାଡ଼ିଦେଲେ ସେମାନଙ୍କ ପାଖରେ ଆଉ ସମୟ ମିଳୁ ନାହିଁ। ଅଧିକ ପାଠ ଚାପରେ ମଧ୍ୟ ପିଲାମାନେ ଚିନ୍ତାଗ୍ରସ୍ତ ହୋଇପଡୁଛନ୍ତି। ଏହାକୁ ପରିବର୍ତ୍ତନ କରିବାକୁ ହେଲେ ଉଭୟ ବିଦ୍ୟାଳୟ ଓ ଅଭିଭାବକଙ୍କୁ ଗୁରୁଦାୟିତ୍ୱ ବହନ କରିବାକୁ ପଡ଼ିବ। ଶିକ୍ଷା ପଦ୍ଧତିରେ ପରିବର୍ତ୍ତନ ହେବା ଜରୁରୀ। ତେବେ ପାଠ ଛଡ଼ା ପିଲାମାନେ ଅନ୍ୟ ଦିଗରେ ଯିବା ନିତାନ୍ତ ଆବଶ୍ୟକ। କେବଳ ଭଲ ପାଠ ପଢ଼ିଲେ ପିଲାର ସାମଗ୍ରିକ ବିକାଶ ହୋଇପାରିବ ନାହିଁ।

– ସୁମନ ପାତ୍ର, ଅଭିଭାବକ

## ଅନ୍ୟ ପିଲାଙ୍କୁ ତୁଳନା କରାଯାଇ ଚାପ ଦିଆଯାଉଛି



ପାଠ ଛଡ଼ା ପିଲାମାନେ ଆଉ ଯାହା କିଛି କରିବାକୁ ଚାହିଁବେ ତାହା କରିପାରିବେ। କିନ୍ତୁ ଅଭିଭାବକମାନେ ତାଙ୍କୁ ସୁଯୋଗ ଦେଉନାହାନ୍ତି। ଅନ୍ୟ ପିଲାଠାରୁ ନିଜ ପିଲା କିପରି ଭଲ କରିବ ସେଥିପାଇଁ କେବଳ ପାଠ ପଢ଼ିବାକୁ ବାଧ୍ୟ କରିଥାନ୍ତି। ଏହାଦ୍ୱାରା ଯେ ପିଲା ମାନସିକ ସ୍ତରରେ ଚାପଗ୍ରସ୍ତ ହେଉଛି ତାହା ଜାଣିପାରନ୍ତି ନାହିଁ। ଅଧିକାଂଶ ପିଲା କୌଣସି ନା କୌଣସି କାରଣରୁ ନିଜର ଭାବନାକୁ କହିପାରନ୍ତିନି। କ୍ଲାସ୍‌ରେ ଶିକ୍ଷକମାନେ ପିଲାଙ୍କୁ କ'ଣ ହେବା ପାଇଁ ଚାହୁଁଛନ୍ତି ପଚାରିବା ଦରକାର। ସେମାନଙ୍କ ଇଚ୍ଛା ଓ ଆଗ୍ରହକୁ ତଉଲିବା ଦରକାର। ତା'ହେଲେ ଯାଇ ପିଲା ନିଜର ଲୁକ୍କାୟିତ ପ୍ରତିଭାକୁ ବାହାରକୁ ପ୍ରକାଶ କରିପାରିବ। ସେହିଭଳି ଅଭିଭାବକମାନେ ମଧ୍ୟ ଅନ୍ୟକାହାକୁ ନୁହେଁ, ନିଜ ପିଲାଙ୍କୁ ବୁଝିବା ଓ ବୁଝାଇବା ଉଚିତ।

– ଲିଲି ଜେନାମଣି, ଅଭିଭାବକ

## ସମୟର ଅଭାବ ରହୁଛି



ଏହା ସତ୍ୟ ଯେ, ବର୍ତ୍ତମାନ ପିଲାଙ୍କ ଉପରେ ପାଠପଢ଼ାକୁ ନେଇ ଚାପ ପଡୁଛି। କେବଳ ଶିକ୍ଷା ଦ୍ୱାରା ଜଣେ ପିଲା ସଫଳତା ପାଇ ପାରିବ ନାହିଁ। ପାଠ ପଢ଼ା ସହିତ ପିଲାଙ୍କୁ ଯଦି ଆମେ ଅନ୍ୟ ଆକ୍ଟିଭିଟିଜ୍‌ରେ ସାମିଲ୍ କରିବା ତେବେ ସେମାନେ ନିଶ୍ଚିତ ଭାବେ ତା' ଭିତରେ ଥିବା ସବୁ ପ୍ରତିଭା ବିକଶିତ ହେବ। କିନ୍ତୁ ବର୍ତ୍ତମାନ ସମୟରେ ତାହା ହେଉନାହିଁ। କାରଣ ସମୟର ଅଭାବ ରହୁଛି। ତଥାପି ଅଭିଭାବକ ଓ ଶିକ୍ଷକ ମିଶି ଆଲୋଚନା କରି ପଦକ୍ଷେପ ନେଲେ ପିଲାର ସର୍ବାଙ୍ଗୀନ ଉନ୍ନତି ହୋଇପାରିବ। ଆଉ ଗୋଟିଏ କଥା ହେଉଛି, ଅନେକ ପିଲା ସମୟ ଟିକେ ପାଇଲେ ମୋବାଇଲ ହେଉ କିମ୍ବା ଲ୍ୟାପଟପ୍‌ରେ ସମୟ ଦେଉଛନ୍ତି। ଯାହା ଆଦୌ ଠିକ୍ ନୁହେଁ। ପିଲାର ବୟସକୁ ଦେଖି ଅଭିଭାବକମାନେ ମୋବାଇଲ ଦେବା ଉଚିତ।

– ନୃସିଂହ ଚରଣ ସାହୁ, ଅଭିଭାବକ

## ଅଧିକ କୋର୍ସ ପିଲାଙ୍କ ଚାପ ବଢ଼ାଉଛି



ଏବେ କମ୍ପିଟେସନ ବା ପ୍ରତିଯୋଗିତା ବଢ଼ିଯାଇଥିବାରୁ ଅଭିଭାବକ ହେଉ କିମ୍ବା ଶିକ୍ଷକ ଉଭୟେ ପିଲାର ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। କୋର୍ସ ବହୁତ ଅଧିକ ରହୁଥିବାରୁ ପିଲା ସବୁବେଳେ ଚାପଗ୍ରସ୍ତ ରହୁଛି। ପିଲାଙ୍କୁ ଏଣ୍ଟରଟେନ୍‌ମେଣ୍ଟ ପାଇଁ ସମୟ ମିଳୁନାହିଁ। କେବଳ ଶିକ୍ଷା ନୁହେଁ, ପିଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ଅନ୍ୟ ଆକ୍ଟିଭିଟିଜ୍ ମଧ୍ୟ ରହିବା ଉଚିତ। ଆମେ ପାଠ ପଢ଼ିବା ସମୟରେ ସ୍କୁଲରୁ ଆସି ଖେଳିବାକୁ ଯାଉଥିଲୁ। କିନ୍ତୁ ବର୍ତ୍ତମାନ ତାହା ନାହିଁ। ସ୍କୁଲ, ଟିଉଶନ, ହୋମ୍‌ୱାର୍କ ଭିତରେ ହିଁ ପିଲାମାନେ ନିଜକୁ ସୀମିତ କରି ରଖିଦେଉଛନ୍ତି। ତେଣୁ ଏ ଦିଗରେ ଉଭୟ ଅଭିଭାବକ ଓ ବିଦ୍ୟାଳୟ ସଚେତନ ହେବା ଦରକାର।

– ରାଧା ମୋହନ ରାଉତ, ଅଭିଭାବକ

## କୌଣସି ଉପାୟ ନାହିଁ



ପାଠପଢ଼ା ଆମକୁ ଅଧିକ ଚାପଗ୍ରସ୍ତ କରାଉଛି। ଏହା ସତ୍ୟ। କିନ୍ତୁ ଏହାର କୌଣସି ଉପାୟ ନାହିଁ। ଯେତିକି କୋର୍ସ ରହୁଛି ତାକୁ ସାରିବା ପାଇଁ ସମୟର ଅଭାବ ହେଉଛି। ତେଣୁ କମ୍ ସମୟରେ କିଭଳି ସବୁ କୋର୍ସ ଶେଷ କରି ଅନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେବୁ ତାହା ଚିନ୍ତା କରୁଛୁ।

କୁମାର ଗୌରବ ମହାନ୍ତି, ଛାତ୍ର

## ଇଚ୍ଛା ଥିଲେ ମଧ୍ୟ ସୁଯୋଗ ପାଉନୁ



ସାମଗ୍ରିକ ଶିକ୍ଷା ପାଇଁ କେବଳ ବହି ପାଠପଢ଼ା ଏକାନ୍ତ ନୁହେଁ। ଏକ୍ସଟ୍ରା ଆକ୍ଟିଭିଟିଜ୍ ପ୍ରତି ସମୟ ଦେବା ଉଚିତ। ଏହାଦ୍ୱାରା ମନ ଓ ମସ୍ତିଷ୍କ ଶାନ୍ତ ରହିବ। ପାଠପଢ଼ା ବୋଝ ଭଳି ଲାଗନ୍ତା ନାହିଁ। କିନ୍ତୁ ସମୟର ଅଭାବ ଯୋଗୁ ଆମେ ସେଥିରୁ ବଞ୍ଚିତ ହେଉଛୁ। ଇଚ୍ଛା ଥିଲେ ମଧ୍ୟ ସୁଯୋଗ ପାଉନୁ।

ଅରୋଶିଷ ମହାନ୍ତି, ଛାତ୍ର

## ପ୍ରେରଣାଦାୟକ ଶିକ୍ଷକଙ୍କ ସଂଖ୍ୟା ବହୁତ କମ୍

ମନ, ବୁଦ୍ଧି, ଆତ୍ମା, ଶରୀର ଭିତରେ ସାମଞ୍ଜସ୍ୟ ରହିଲେ ଶିକ୍ଷା ପୂର୍ଣ୍ଣାଙ୍ଗ ରୂପ ନେଇଥାଏ। ପୂର୍ବରୁ ଯୌଥ ପରିବାରରେ ରହି ଶିକ୍ଷା ସହିତ ବିଭିନ୍ନ ଜ୍ଞାନ ଆହରଣ କରିହେଉଥିଲା। ଯେବେଠାରୁ ଯୌଥ ପରିବାରର ଗୁରୁତ୍ୱ କମିଗଲା ସେବେଠାରୁ ଅଭିଭାବକମାନେ ନେଉଥିବା ଦାୟିତ୍ୱ କମର୍ସିଆଲ ହୋଇଗଲା। ବର୍ତ୍ତମାନ ବିନା ଟ୍ୟୁଶନରେ ପିଲାମାନେ ପାଠ ପଢ଼ିବା ଅସମ୍ଭବ ହୋଇଗଲାଣି। ପାରିବାରିକ ତଥା ସାମାଜିକ ପରିସ୍ଥିତି, ବୌଦ୍ଧିକ କ୍ଷମତା ଓ ଉନ୍ମୁକ୍ତତାକୁ ଧ୍ୟାନରେ ରଖି ଶିକ୍ଷକମାନେ ଅଲଗା ଅଲଗା ଉପଦେଶ ଦେବା ଉଚିତ। ରୋଗୀକୁ ଦେଖି ଡାକ୍ତର ଯେଉଁଭଳି ଅଲଗା ଅଲଗା ଔଷଧ ଦିଏ, ସେହିଭଳି ସ୍କୁଲ ହେଉ କି କଲେଜ ପିଲାଙ୍କ ସ୍ଥିତିକୁ ଦେଖି ବିଭିନ୍ନ ଉପାୟରେ ଶିକ୍ଷା ପ୍ରଦାନ କରାଯିବା ଉଚିତ। ଶିକ୍ଷା କାହାକୁ ଊର୍ଦ୍ଧ୍ୱକୁ ନେଇ ନ ଥାଏ। 'ଚରିତ୍ର' ହିଁ ମଣିଷର ସବୁଠୁ ମୂଲ୍ୟବାନ ସମ୍ପତ୍ତି। ଶିକ୍ଷା ହେଉଛି 'ଚରିତ୍ର' ନିର୍ମାଣର ଏକ ପନ୍ଥା, ଯାହାର ସମ୍ବେଦନଶୀଳତା ରହିବ ସେ ସୁସ୍ଥ ସମାଜର ଜଣେ ସଭ୍ୟ ନାଗରିକ ହୋଇପାରିବ। ପୂର୍ବରୁ ଶିକ୍ଷକମାନେ ପ୍ରେରଣାର ଉତ୍ସ ଥିଲେ। ପୂର୍ବରୁ ଯଦି କୌଣସି ଛାତ୍ର ସେହି ଶିକ୍ଷକଙ୍କ ସହିତ କଥା ହେଉଥିଲା ସେତେବେଳେ ପିଲାଟି ଭାବୁଥିଲା ଯେ ମୁଁ ନିଶ୍ଚିତ ଗଡ଼ ଜିତିପାରିବି। ସେହି ପ୍ରେରଣାଦାୟକ ଶିକ୍ଷକ ଆଜିକାଲି ସମାଜରେ ବହୁତ କମ୍ ଦେଖିବାକୁ ମିଳୁଛି।



– ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ, କୁଳପତି, ଉତ୍କଳ ବିଶ୍ୱବିଦ୍ୟାଳୟ

**VENKATESWAR ENGLISH MEDIUM SCHOOL**
CHANDRASEKHARPUR (INFOCITY ROAD), BHUBANESWAR-751 024.
(Affiliated to C.B.S.E., Delhi)
An International Standard School with Day Boarding Facilities.
( NURSERY to STANDARD - XII )
Country's First School with Zoom Class

Facilities
- Billiard
- Gymnasium
- Horse Riding
- Jazz Band
- Scottish Pipe Band
- Skating Rink
- Indoor Games
- Swimming Pool
- Musical Instruments
- School Bus (45 Routes)
- Hostel (only for Boys)
- Value Plus Class



Contact :-
Phone : 7381267777, 7381268888, 7008264922, 9861172693
E- mail - vemschoolcsp.96@gmail.com, Visit us at : www.vemschool.in
Visit our Campus once before admitting your child in any School.

**Future Bhubaneswar School**
FBS ... imparting meaningful education
ANNOUNCES ADMISSIONS INTO CLASS-XI
(SCIENCE STREAM ONLY) FOR THE SESSION 2018-20
Drop in to discover the difference and be a part of the saga of success.

FBS ENTRANCE TEST ON
25 MARCH 2019, 31 MARCH 2018 & 07APRIL 2019
Time: 9:30 a.m. to 12:30 p.m. | Venue : Future Bhubaneswar School

**Eligibility:** Class X students of CBSE/ICSE/BSE or Equivalent Board Cal Apply

**Registration:** Application forms are available at Future Bhubaneswar School at a cust of Rs. 1000/-. Application froms duly filled in may be submitted at the school office between 8.00am to 2.00pm on all working days

**Salient features of FBS :**
- Experienced faculty members
- Integrated entrance Coaching for JEE & NEET
- Well - equipped laboratories & Well stacked library
- Conducive learning ambiance
- Holistic development of the student
- In house hostel for Boys and Girls
- Hygienic and wholesome food
- Transport facility

www.fbs.org.in

Principal, Future Bhubaneswar School, 36, Chandaka Inustrial Estate
Near Sikharchandi Temple, Patia, Bhubaneswar - 751024
Phone: 7381618111 & 7381619111, Email : fbschool2007@yahoo.in

ST. FRANCIS GROUP OF SCHOOLS EDUCATION FOR PERFECTION
Registration open for Std. - XI (Science)
At ST. XAVIER'S HIGH SCHOOL
(Affiliated to CBSE, New Delhi)
"A destination for conquering basics in Science."
*Our highly qualified and dedicated faculty guide the Students in the Classrooms and in well equipped laboratories to help the Students achieve their goals.*
ST. XAVIER'S HIHG SCHOOL, 231, Kedragouri, BBSR, Ph.: 2433986 & ST. XAVIER'S HIHG SCHOOL, 195, Khandagiri, BBSR, Ph.: 2384512
Forms will be available for the Academic Session 2019 - 20 in the School Office between 9.30 A.M. to 12.30 P.M.
Discipline is the key to Success

**DM PUBLIC SCHOOL**
COR & NOC from Govt. of Odisha
CBSE affiliation under process
ADMISSION OPEN
PLAY NURSERY TO STD.-VIII
FOR THE SESSION 2019-20



- Quality Education
- Smart Class Room
- Art, Craft, Music, Dance & Yoga
- Collaboration with Parents
- Outdoor & Indoor Games
- Qualified 'n' Experienced Faculty
- School Transport Facility
- Spoken English
- Own Building with Playground
- Individual attention to Students

At: Basuaghai, Near Siridi Sai Temple, Tankapani Road, BBSR
E-mail: dmpublicschool@yahoo.in, Web: www.dmpublicschool.org
Mob.: 8280085285, 8280085286, 8280085287, 8280085288



## ଡାକ୍ତରଙ୍କ ମତରେ...

ଅଭିଭାବକ ଓ ଶିକ୍ଷକଙ୍କ ଚାପରେ ପିଲାଙ୍କ ମଧ୍ୟରେ କମ୍ପିଟେଟିଭ୍‌ନେସ୍ ଅଧିକ ରହୁଛି। ଚାପ ବଢ଼ିବା ଫଳରେ ପିଲାମାନଙ୍କର ବିଭିନ୍ନ ପ୍ରକାର ବ୍ୟବହାରିକ ସମସ୍ୟା ଦେଖାଦେଉଛି। ସେମାନଙ୍କ ମାଇଣ୍ଡ ସବୁବେଳେ ପାଠପଢ଼ା ଭିତରେ ସୀମିତ ହୋଇଯାଉଛି। ଦ୍ୱିତୀୟ କଥା ହେଲା ବର୍ତ୍ତମାନ ପିଲାମାନେ ସ୍ମାର୍ଟ ଫୋନ୍‌ର ଅତ୍ୟଧିକ ବ୍ୟବହାର କରୁଛନ୍ତି। ଏଥିଯୋଗୁ ପିଲାଙ୍କ ସମୟ ନଷ୍ଟ ହେବା ସହ ପାଠ ପଢ଼ା ପ୍ରଭାବିତ ହେଉଛି। ପରୋକ୍ଷରେ ମଧ୍ୟ ପିଲାର ଜୀବନଧାରା ଉପରେ କୁପ୍ରଭାବ ପଡୁଛି। ଯେପରି କି ଅଧିକ ଚିଡ଼ି ଚିଡ଼ା ହେବା, ପାଠ ପଢ଼ାରେ କମ୍ ଧ୍ୟାନ ଦେବା, ପରିବାର ସଦସ୍ୟ ଓ ସାଙ୍ଗସାଥୀଙ୍କ ସହିତ କମ୍ ମିଳାମିଶା କରିବା, ଏକୁଟିଆ ରହିବାକୁ ପସନ୍ଦ କରିବା, ସ୍ମରଣ ଶକ୍ତି ହ୍ରାସ ପାଇବା, ନିଦ କମିଯିବା, କମ୍ ଶିଖିବା, ଛୋଟ ଛୋଟ କଥାରେ ଭୟଭୀତ ହୋଇଯିବା ଆଦି ଦେଖାଯାଇଥାଏ। କିଛି ପିଲାଙ୍କ ମସ୍ତିଷ୍କର ସ୍ୱାଭାବିକ ବିକାଶ ବାଧାପ୍ରାପ୍ତ ହୋଇଥାଏ। କିଛି ଦିନ ପୂର୍ବରୁ ସ୍ମାର୍ଟ ଫୋନ୍‌ରେ ବିଭିନ୍ନ ଅନ୍‌ଲାଇନ ଗେମ୍ ଖେଳି ଅନେକ ଛୋଟ ପିଲା ଆତ୍ମହତ୍ୟା କରିଥିଲେ। ପିଲାକୁ କେବେ ହେଲେ ଉପହାରରେ ସ୍ମାର୍ଟ ଫୋନ ଦେବା ଉଚିତ ନୁହେଁ। ଖାଇବା ସମୟରେ ଓ ଶୋଇବାକୁ ଯିବା ସମୟରେ ଫୋନ୍ ବ୍ୟବହାର କରିବାକୁ ଦେବା ଉଚିତ ନୁହେଁ। ପିଲାମାନେ ମାତାପିତାଙ୍କ ଅନେକ ବ୍ୟବହାରକୁ ଅନୁସରଣ କରିଥାନ୍ତି, ତେଣୁ ଅଭିଭାବକମାନେ ମଧ୍ୟ ନିଜେ ମୋବାଇଲ ଫୋନର କମ୍ ବ୍ୟବହାର କରିବା ଉଚିତ।

### ଅଭିଭାବକଙ୍କ ପାଇଁ କିଛି ଉପଦେଶ

- ନିଜ ପିଲାର ବ୍ୟବହାର ଉପରେ ସବୁବେଳେ ନଜର ରଖନ୍ତୁ।
- ପିଲାକୁ ଯଥେଷ୍ଟ ସମୟ ଦିଅନ୍ତୁ। ପିଲାର ମନ କଥା ବୁଝିବାକୁ ଚେଷ୍ଟା କରନ୍ତୁ।
- ପିଲା କୌଣସି ଭୁଲ କାମ କଲେ ତାକୁ ଗାଳି କିମ୍ବା ମାଡ଼ ଦିଅନ୍ତୁ ନାହିଁ। ପ୍ରଥମେ ସ୍ନେହର ସହିତ ତା'ର ଭୁଲ୍‌କୁ ବୁଝାନ୍ତୁ।
- ପିଲା ଭଲ କାମ କଲେ ତାକୁ ପ୍ରଶଂସା କରିବା ସହିତ ଉତ୍ସାହିତ କରନ୍ତୁ।
- ପିଲାକୁ ମୋବାଇଲ ଫୋନ୍‌ରୁ ଦୂରେଇ ରଖନ୍ତୁ।
- ପିଲାକୁ ସନ୍ଧ୍ୟା ସମୟରେ ବାହାରେ ଖେଳିବାକୁ ଛାଡ଼ନ୍ତୁ ନାହିଁ।
- ପାଠ ପଢ଼ିବା ଓ ଅଧିକ ନମ୍ବର ରଖିବା ପାଇଁ ପିଲା ଉପରେ ଅତ୍ୟଧିକ ଚାପ ପ୍ରୟୋଗ କରନ୍ତୁ ନାହିଁ। ନିଜ ପିଲାକୁ ଅନ୍ୟ ପିଲାଙ୍କ ସହ ତୁଳନା କରନ୍ତୁ ନାହିଁ।
- ପିଲାମାନଙ୍କୁ ପାଠପଢ଼ାରୁ ଶିଥିଳୀକରଣ କରିବା ଉଚିତ।
- ଆଉଟ୍‌ଡୋର ସ୍ପୋର୍ଟସରେ ପିଲାକୁ ସାମିଲ କରିବା ଉଚିତ।

– ଡା. ସତ୍ୟକାମ ମହାପାତ୍ର, ମନସ୍ତତ୍ତ୍ୱଜ୍ଞ, ଏସ୍‌ସିବି ମେଡିକାଲ କଲେଜ, କଟକ

## ଆଗାମୀ ସମୟ ଲାଗି ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତ କରିବା ଲକ୍ଷ୍ୟ



ଶିଶୁଙ୍କ ଭିତରେ ପ୍ରତିଭା ଏବଂ ଶକ୍ତିର ଭଣ୍ଡାର ରହିଛି। ଶିଶୁର ଦ୍ୱିତୀୟ ବାସସ୍ଥାନ ହେଉଛି ବିଦ୍ୟାଳୟ ଏବଂ ଦ୍ୱିତୀୟ ପିତାମାତାଙ୍କ ସ୍ଥାନ ଶିକ୍ଷକ ନେଇଥାନ୍ତି। ଶିଶୁକୁ ନିଖୁଣ ଭାବେ ଗଢି ତୋଳିବା, ସୃଜନଶୀଳତାକୁ ତୀକ୍ଷ୍ଣ କରିବା ଏବଂ ଆତ୍ମ ସଂଶୟ ଭାବେ ଜଟିଳ ସମସ୍ୟାରୁ ନିବୃତ୍ତ କରିବା ଦିଗରେ ବିଦ୍ୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଛାତ୍ରୀଛାତ୍ରଙ୍କୁ ଆଗାମୀ ସମୟ ଲାଗି ଗଢି ତୋଳିବାରେ ଫ୍ୟୁଚର ଭୁବନେଶ୍ୱର ସ୍କୁଲ ଏହାର ଭୂମିକା ତୁଲାଇ ଆସିଛି। ପ୍ରତି ଶିଶୁକୁ ସାମାଜିକ ପ୍ରତିଯୋଗିତା ପାଇଁ ଦକ୍ଷ ରୂପେ ସମ୍ମୁଖୀନ ହେବା ଦିଗରେ ଗଢି ତୋଳିବା ଆମର ମୁଖ୍ୟ ଉଦ୍ଦେଶ୍ୟ। ସ୍କୁଲର ଦକ୍ଷ ଶିକ୍ଷକ ମଣ୍ଡଳୀ, ନିରନ୍ତର ଚେଷ୍ଟା, ଉନ୍ନତ ପାଠ୍ୟକ୍ରମ ଛାତ୍ରୀଛାତ୍ରଙ୍କୁ ଆଗକୁ ବଢିବାରେ ସହାୟତା କରୁଛି।

– ମାଥ୍ୟୁସ ଥୋମାସ, ପ୍ରିନ୍ସିପାଲ, ଫ୍ୟୁଚର ଭୁବନେଶ୍ୱର ସ୍କୁଲ

## ନିଯୁକ୍ତି ଭିତ୍ତିକ ପାଠ୍ୟକ୍ରମକୁ ଗୁରୁତ୍ୱ ଦେବା ଆବଶ୍ୟକ



ସିବିଏସ୍‌ଇ ଏବଂ ଆଇସିଏସ୍‌ଇ ଏ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏ ନେଇ ଅଭିଭାବକ ତଥା ଛାତ୍ରୀଛାତ୍ର ସଚେତନ ହେବା ଆବଶ୍ୟକ। ଧନ୍ଦାମୂଳକ ପାଠ୍ୟକ୍ରମକୁ ଗୁରୁତ୍ୱ ଦେବା ଆବଶ୍ୟକ। ଭଲ ପ୍ରଦର୍ଶନ କରୁଥିବା ଏବଂ ଅପେକ୍ଷାକୃତ ଭଲ ପ୍ରଦର୍ଶନ କରୁ ନ ଥିବା ଛାତ୍ରୀଛାତ୍ର ସମାନ ରାସ୍ତାରେ ଯାଉଥିବାରୁ ଉଭୟଙ୍କୁ ସମାନ ଫଳ ମିଳି ନ ଥାଏ। ଭଲ ପ୍ରଦର୍ଶନ କରୁ ନ ଥିବା ଛାତ୍ରୀଛାତ୍ରଙ୍କ ଲାଗି ଧନ୍ଦାମୂଳକ ଶିକ୍ଷା ବ୍ୟବସ୍ଥା ରହିଲେ ସେମାନେ ନିଯୁକ୍ତି ନେଇ କୌଣସି ଅସୁବିଧା ସାମ୍ନା କରିବେ ନାହିଁ। ଛାତ୍ରୀଛାତ୍ର କିପରି ଭଲ ଲିଡର ହୋଇ ପାରିବେ ତାକୁ ଧ୍ୟାନରେ ରଖି ଆମ ସ୍କୁଲରେ ବିଭିନ୍ନ ପଦକ୍ଷେପ ନିଆଯାଉଛି।

– ବସନ୍ତ କୁମାର ତ୍ରିପାଠୀ, ପ୍ରିନ୍ସିପାଲ, ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ

## କ୍ଲାସ ରୁମ ଶିକ୍ଷାଦାନ ରୂପରେଖ ବଦଳିଛି



ବର୍ତ୍ତମାନ ସମୟରେ ବିଶ୍ୱ ବଜାର ସହ ଛାତ୍ରୀଛାତ୍ରମାନେ କିଭଳି ତାଳ ମିଳାଇ ଚାଲି ପାରିବେ ତାକୁ ବିଚାର କରି କ୍ଲାସ ରୁମ୍ ଶିକ୍ଷାଦାନରେ ପରିବର୍ତ୍ତନ ଆସିଛି। ବିଭିନ୍ନ ଆପ୍ଲିକେଶନ, ବିଶ୍ଳେଷଣ ସହ ଛାତ୍ରୀଛାତ୍ର ଆଗାମୀ ଦିନରେ କିଭଳି କୁଶଳୀ ହୋଇ ପାରିବେ ତାହା ଉପରେ ଆମ ସ୍କୁଲ ଗୁରୁତ୍ୱ ଦିଏ। ଶିକ୍ଷୟିତ୍ରୀଶିକ୍ଷକମାନେ ଏବେ ଫାସିଲିଟେଟର ଭାବେ କାର୍ଯ୍ୟରତ। ଛାତ୍ରୀଛାତ୍ର ଭଲ ଭାବେ କିଭଳି ପାଠ୍ୟକ୍ରମର ବିଷୟ ବସ୍ତୁକୁ ବୁଝି ପାରିବେ ତାକୁ ଧ୍ୟାନରେ ରଖୁଛୁ। ଏଥିପାଇଁ ଶିକ୍ଷୟିତ୍ରୀଶିକ୍ଷକଙ୍କ ରିଓରିଏଣ୍ଟେଶନ ଏବଂ ଦକ୍ଷତା ବୃଦ୍ଧି ଦିଗରେ କାର୍ଯ୍ୟକ୍ରମ ଜାରି ରଖିଛୁ। ସ୍କୁଲରେ ପ୍ରାଥମିକ ସ୍ତରରେ ଆକ୍ଟିଭିଟି ଭିତ୍ତିକ ପାଠ୍ୟକ୍ରମ ସାମିଲ ରହିଛି। ସେହିଭଳି ଲର୍ଣ୍ଣିଂ ବାଇ ଡୁଇଁ ଉପରେ ପ୍ରାଥମିକତା ଦେଉଛୁ। ସେହିଭଳି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲିଡରଶିପ ଗୁଣକୁ ବଢାଇବା ଲାଗି ବିଭିନ୍ନ ପଦକ୍ଷେପ ନେଉଛୁ।

– ଲିପ୍ସିତା ମହାନ୍ତି, ପ୍ରିନ୍ସିପାଲ, ଭୁବନେଶ୍ୱର ମଡେଲ ପବ୍ଲିକ ସ୍କୁଲ

## ଛାତ୍ରୀଛାତ୍ରଙ୍କ ସୃଜନଶୀଳତାକୁ ଉତ୍ସାହିତ କରାଯିବା ଉଚିତ



ଛାତ୍ରୀଛାତ୍ରଙ୍କ ବୟସ ଯାହା ହେଉନା କାହିଁକି ଶିକ୍ଷାଦାନରେ ପ୍ରଣାଳୀ ସ୍ୱତନ୍ତ୍ର ହେବା ଆବଶ୍ୟକ। ବାଧ୍ୟତା ପରିବର୍ତ୍ତେ ଯଦି ଆନନ୍ଦପୂର୍ବକ ଶିଖିବାରେ ଛାତ୍ରୀଛାତ୍ର ନିଜକୁ ସାମିଲ କରି ପାରିଲେ ଏହା ଉଭୟ ଶିକ୍ଷକ ଓ ବିଦ୍ୟାର୍ଥୀଙ୍କ ଲାଗି ଲାଭବାନ ହୋଇଥାଏ। ଶିକ୍ଷାଦାନ ପ୍ରଣାଳୀ ଆନନ୍ଦ ପୂର୍ବକ ହେଲେ ଏହାର ପ୍ରଭାବ ଦୀର୍ଘସ୍ଥାୟୀ ହୋଇଥାଏ। ଶିଶୁ ମଧ୍ୟରେ ଏହା ପିଲାଟି ଦିନରୁ ଭଲ ଅଭ୍ୟାସ ଆଣିବା ଦିଗରେ କାର୍ଯ୍ୟ କରିଥାଏ। ଏଥିଲାଗି ଶିକ୍ଷୟିତ୍ରୀଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ଦକ୍ଷତା ଉପରେ ବିଶ୍ୱାସ କରିବା ଆବଶ୍ୟକ। ସୃଜନଶୀଳତାକୁ ଉତ୍ସାହିତ କରିବା ଉଚିତ। ପ୍ରତିଭା ପ୍ରଦର୍ଶନ ଲାଗି କ୍ଲାସରୁମ ଏବଂ ଘର ଏକ ପ୍ଲାଟ୍‌ଫର୍ମ ହେବା ଆବଶ୍ୟକ।

– ନାଡିଆ ମୋଘବେଲପୋର, ପ୍ରତିଷ୍ଠାତା ନିର୍ଦ୍ଦେଶକ, ବ୍ଲସମ ସ୍କୁଲ, ଭୁବନେଶ୍ୱର

## ପ୍ରତି ଶିଶୁ ସ୍ୱତନ୍ତ୍ର ପ୍ରତିଭାର ଅଧିକାରୀ



ପ୍ରତି ଶିଶୁ କିଛି ସ୍ୱତନ୍ତ୍ରତା ସହ ଜନ୍ମ ନେଇଥାଏ। ଏହାକୁ ଆମକୁ ବୁଝିବାକୁ ହେବ। ଶିଶୁ କେଉଁ ଦିଗ ପ୍ରତି ଆଗ୍ରହ ଦେଖାଉଛି ତାକୁ ଦେଖିବାକୁ ହେବ। କର୍ମଜୀବୀ ଅଭିଭାବକ ସେମାନଙ୍କ ପିଲାଙ୍କ ସହ ଅଧିକ ସମୟ ବିତାଇବାକୁ ପାଉନାହାନ୍ତି। ପିଲାଙ୍କ ପାଇଁ ସେମାନେ ଆବଶ୍ୟକ ସମୟ ଦେବା ଦରକାର। ପିଲାଟିଏ ୨ ବର୍ଷଠାରୁ ଶିଖିବା ଆରମ୍ଭ କରି ଦେଇଥାଏ। ୨ରୁ ୧୨ ବର୍ଷ ଏକ ଗୁରୁତ୍ୱପୂର୍ଣ୍ଣ ସମୟ। ଆମେ ଶିଶୁଙ୍କ ସ୍ୱତନ୍ତ୍ର ଭାବେ ଶିଖାଇବାକୁ ଗୁରୁତ୍ୱ ଦେଇଥାଉ। ନିଜସ୍ୱ ପ୍ଲେ ୱେ ମେଥଡ୍ ଦ୍ୱାରା ଶିଶୁଙ୍କୁ ଶିଖାଇଥାଉ। ସେହିଭଳି ଅଭିଭାବକ ନିଜ ପିଲାଙ୍କୁ ବାଧ୍ୟ କରି କୌଣସି କଥା ଶିଖାଇବା ଠିକ୍ ନୁହେଁ। ଶିଶୁକୁ ନେଇ ବେଶି ଚିନ୍ତିତ ନ ହେବା ଉଚିତ। ତେଣୁ ଆମେ ଆମ ସ୍କୁଲ୍‌ରେ ଶିଶୁଙ୍କ ଲାଗି ଘର ଭଳି ପରିବେଶ ସୃଷ୍ଟି ଉପରେ ଧ୍ୟାନ ଦେଉଛୁ। ସେହିଭଳି ଏଠାରେ ଫିଲ୍ଡ ଟ୍ରିପ ସୁବିଧା ଛାତ୍ରୀଛାତ୍ରଙ୍କ ଲାଗି ରହିଛି।

– ସୁଚିସ୍ମିତା ପଣ୍ଡା, ପାର୍ଟନର, ୟୁରୋ କିଡ୍‌ସ ପ୍ରି ସ୍କୁଲ

## ଶିକ୍ଷକମାନେ ଜ୍ଞାନ ବାଣ୍ଟିବା ସହ ପିଲାଙ୍କ ଯତ୍ନ ନିଅନ୍ତୁ

ଡି.ଏମ୍. ପବ୍ଲିକ ସ୍କୁଲ୍ ହେଉଛି ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଦେଉଥିବା ଏକ ସହଶିକ୍ଷା ବିଦ୍ୟାଳୟ। ଆମେ ପିଲାଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦେଇଥାଉ। ଶିକ୍ଷକମାନେ ପିଲାଙ୍କ ବ୍ୟକ୍ତିଗତ ଯତ୍ନ ନେଇଥାନ୍ତି। ଜଣେ ଶିକ୍ଷକ ଛାତ୍ରୀଛାତ୍ରଙ୍କ ମିତ୍ର, ଦାର୍ଶନିକ ଓ ମାର୍ଗଦର୍ଶକ ହେବା ଆବଶ୍ୟକ। ଛାତ୍ରୀଛାତ୍ରଙ୍କୁ ଜ୍ଞାନ ବାଣ୍ଟିବା ସହ ସେମାନଙ୍କ ଯତ୍ନ ନେବା ଶିକ୍ଷକଙ୍କ କର୍ତ୍ତବ୍ୟ ହେବା ଉଚିତ।

– ସରୋଜ କୁମାର ପାଢ଼ୀ, ପ୍ରିନ୍ସିପାଲ, ଡି.ଏମ୍. ପବ୍ଲିକ ସ୍କୁଲ୍

## ସାମଗ୍ରିକ ଶିକ୍ଷାର ପ୍ରାସଙ୍ଗିକତାକୁ ବୁଝିବା ଉଚିତ



ସାମଗ୍ରିକ ଶିକ୍ଷାର ଅର୍ଥ ଦୁଇଟି। ଗୋଟିଏ ହେଉଛି ବିଷୟ ଶିକ୍ଷା ବା ଟେକ୍ସଟ୍ ବୁକ୍ ଶିକ୍ଷା। ଅନ୍ୟଟି ହେଲା ବହି ବାହାରର ଶିକ୍ଷା ଯେମିତିକି ଖେଳ, ନାଚ, ଗୀତ ଇତ୍ୟାଦି। ସେହି ଶିକ୍ଷାକୁ ଅବହେଳା କରିବାର ଅର୍ଥ ହେଲା ପିଲାର ସାମଗ୍ରିକ ଶିକ୍ଷାକୁ ଅବମାନନା କରିବା। ସ୍କୁଲରୁ ଫେରି ପିଲାମାନେ ଖେଳପଡ଼ିଆରେ ସମୟ ଦେବା ଆବଶ୍ୟକ। ସ୍କୁଲ ଭିତରେ ମଧ୍ୟ ଏଥିପ୍ରତି ଯଥେଷ୍ଟ ଧ୍ୟାନ ଦିଆଯିବା ଦରକାର। ଶିକ୍ଷକ ଓ ଅଭିଭାବକଙ୍କ ମାନସିକତାର ପରିବର୍ତ୍ତନ ଆବଶ୍ୟକ। ସେମାନେ ସାମଗ୍ରିକ ଶିକ୍ଷାର ପ୍ରାସଙ୍ଗିକତାକୁ ବୁଝିବା ଉଚିତ। ଯଦି ପିଲା କେବଳ ବହିରେ ସୀମିତ ହୋଇଯିବ ତେବେ ଭବିଷ୍ୟତରେ ସେ ଜଣେ ବଡ଼ ବ୍ୟକ୍ତିତ୍ୱ ହୋଇପାରିବ ନାହିଁ।

– ପ୍ରଫେସର ପ୍ରୀତୀଶ ଚନ୍ଦ୍ର ଆଚାର୍ଯ୍ୟ, ବିଭାଗୀୟ ମୁଖ୍ୟ, ଡିପାର୍ଟମେଣ୍ଟ ଅଫ୍ ଏଜୁକେଶନ ଇନ୍ ସୋସିଆଲ ସାଇନ୍ସେସ୍ ଆଣ୍ଡ ହ୍ୟୁମାନିଟିଜ୍, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ

BLOSSOMS SCHOOL
Estd. 1984 Affiliated to CBSE, New Delhi
"The education and training of Children is among the most meritorious acts of Humankind"
ADMISSION OPEN : NURSERY to X



Bharatpur, Bhubaneswar
Web: www.blossomsschool.in, E-mail: blossoms@blossomsschool.in
Contact: 9937478699/9937578699, Kindergarten: 8763837485

ADMISSION NOTICE FOR THE SESSION 2019-20
ST. XAVIER'S HIGH SCHOOL
(A Unit of St. Xavier's Group of Schools)

ST. XAVIER'S HIGH SCHOOL (ICSE)
Classes : Mont. I, II, III & Std. I to IX
XI SCIENCE, COMMERCE
Club House Gate, Gallery No.-2, Barabati Stadium, Cuttack - 1
Ph. : 0671-2302215, Mob. : 08895613717

ST. XAVIER'S HIGH SCHOOL (CBSE)
Classes
Mont. I, II, III & Std. I to VIII
Plot No. 455/4791, Patia, Bhubaneswar-31 (Odisha)
Phone : 0674-2116868, 8895613709/12

ST. XAVIER'S HIGH SCHOOL (CBSE)
Classes
Mont. I, II, III & Std. I to IX
Mahima Nagar, Pota Pokhari, Naya Bazar, Cuttack-753004,Odisha
Phone : 0671-2975006, 2975007

ST. XAVIER'S HIGH SCHOOL (CBSE)
Classes
Mont. I, II, III & Std. I to VI
Near APEX Diagnostic Center, Jobra Road, College Square, Cuttack-753003
Ph : 8658572363, 9439447200,7205602390

ST. XAVIER'S HIGH SCHOOL (CBSE)
Classes
Mont. I, II, III & Std. I to VIII
Plot No. 455/4791, Patia, Bhubaneswar-31 (Odisha)
Phone : 0674-2116868, 8895613709/12

ST. XAVIER'S HIGH SCHOOL (CBSE)
Classes
Mont. I, II, III & Std. I to VIII
Rajabati Nagar, Near G. S. College, Athagarh
Phone : 8895613713, 8280056099

KRISHNAMURTY WORLD SCHOOL
Co-Ed. Day Boarding cum Residential CBSE School
RANKED 1
Air-Conditioned Hostel Facilities for Boys
Classes from Mont.-I,II,III & Std.-I to IX
(Every year adding one new class upto Std.-XII)
NH-5, Jaripada, Near Pratap Nagari, Cuttack-11
Phone : 9438556301, 8763920758
★ As per RTE Norms 25%of seats in Std-I are reserved for students of socially and economically backward and weaker section.

ST. XAVIER'S PURPLE TURTLE
OUR BRANCHES
- Near APEX Diagnostic centre, Jobra Road College Square, Cuttack-753003 Ph : 8658572363, 9439447200,7205602390
- Plot no 344,Cantonment Road Near Chandi chhak,Cuttack, Ph.: 7978851402,9439447200
- Plot no 1133, Mahanadi Vihar, Cuttack 753004, Ph.: 7653097301,7327880402
- Plot No. 455/4791,Patia,Bhubaneswar,Ph; 0674-2116868,8895613709/12
- Plot No. 455/4791,Patia,Bhubaneswar,Ph; 0674-2116868,8895613709/12

We don't have any other branches at Cuttack and Bhubaneswar
www.stxavierschools.org www.stxaviershighschool.org

କେବଳ ଭଲ ପାଠପଢା ନୁହେଁ, ଭଲ ମଣିଷଟିଏ ଗଢି ତୋଳିବା ଆମର ନିରନ୍ତର ପ୍ରୟାସ .... ଟି.ଏସ୍.ଜି. ଗୁରୁକୁଳ



ଟି.ଏସ୍.ଜି. ଗୁରୁକୁଳ ମୋ ପ୍ରିୟ ସ୍କୁଲ୍

SUMMER COURSE for 10th Examinees
upto 60,000/- Scholarship for individual scholars in case of Regular Admission.
BSE(Odia) / CBSE / ICSE students
Starts from 23rd March - 2019 | 2 Months | Starts from 5th April - 2019

✓ Every child is unique.
✓ A bundle of innate talents and abilities.
✓ A genius waiting to be discovered.
✓ A personality waiting to be groomed.
✓ At TSG Gurukul we recognize this simple & profound truth.

THREE TIER STUDY SYSTEM :
8.20AM to 1PM - Regular Classes
2PM to 4PM - Doubt clearing / Coaching Classes
6.30PM to 8.30PM - Tuition
87 qualified, experienced & dedicated teachers posted to look after every aspect of the 1000 boarders. Apart from their academic activities we educate them on
CO-EDUCATIONAL & RESIDENTIAL :
TSG Gurukul situated in Gothapatna, Bhubaneswar is a massive campus of 5 acres of land having state-of-the-art- infrastructure duly designed with separate boys and girls hostel with an army of 100 non-teaching staffs for taking care of the boarders. Veg & Non-veg menus four times a day are available for the boarders. Sweepers & Dhobis are available for cleaning & laundary services. We provide central RO system for safe drinking water.
SPORTS AND ADVENTURE :
Due stress is laid in Gurukul to prepare our students to become outstanding athletes. Indoor & Outdoor games like Cricket, Badminton, Table tennis, Chess, Snooker, Basketball, Kabadi, Khokho, Horse riding, Gym, Yoga & Karate are available for the students.
DANCE, MUSIC & FINE ART :
For the all around development of children, be it physical, moral or academic we make a holistic approach so that the inner creative potential of them finds a proper outlet. Our endeavour in this regard always appears to be quite fruitful.
STUDY TOUR :
Every year our students are flying to neighbouring counrties for an intermingling of art and culture.
VOCATIONAL & LIFE SKILL FROM STD. VI TO XII
- Language Laboratory
- Mobile Technology
- Graphics Designing
- Computer-Hardware & Networking
- Cooking & Baking
- Fashion Designing
- Tailoring & Toy Making



FOR ADMISSION
LKG to XII(Sc. & Com)
CONTACT :
9438782020
9040090653
MAIN CAMPUS :
444, GOTHAPATNA, MALIPADA, KHANDAGIRI BHUBANESWAR
CITY OFFICE
Plot No. 116-A, Surya Nagar, Near Governor house, NEXA Show room, Bhubaneswar
OUR OTHER PRIVILEDGED CAMPUSES :
PURAN PADHAN, BALAKATI, BHUBANESWAR
BALANGA, NIMAPARA, PURI
KESINGA, KALAHANDI
JEYPORE, KORAPUT
E.MAIL ID :
tsggurukul@gmal.com
WEBSITE :
netsgurukul.com

CBSE
LKG to XII(Sc. & Com.)
Affiliated to CBSE, New Delhi
(Day-Cum-Residential)

UTKAL UNIVERSITY
+3 Sc. & Com.(Hons.), B.Sc. Nursing
(Day-Cum-Residential)

CHSE
Affiliated to CHSE, Odisha
Std. VI to +2 Sc. & Com.
(Day-Cum-Residential)

DMET, F & W Dept., ODISHA
1st time in Odisha 100% Job Oriented Courses
B.Sc. Optometry / Physiotherapy(BPT) / B.Sc. Medical Lab Techiology / B.Sc. Medical Imaging Technology / B.Sc. in Emergency Medicine / B.Sc. in Anesthesia Technology / Certified Course in Ophthalmic Assistant/ Surgical Assistant/ OT Technicians / Neuro Technician / ECG Technicians / EEG Technicians / EMG Technicians / Ward Technician / First Aid
Proposed
At - Balakati, Bhubaneswar Campus



TSG gurukul
A symbol of Holistic Development

ମେନ୍ କ୍ୟାମ୍ପସ୍: ଗୋଠପାଟଣା, ମଳିପଡା, ଭୁବନେଶ୍ୱର
ବାଲକାଟି ଶାଖା: ପୁରଣ ପଧାନ, ବାଲକାଟି
ନିମାପଡା ଶାଖା: ବଳଙ୍ଗା, ପୁରୀ
ଜୟପୁର ଶାଖା: ବେଲ୍ ରୋଡ୍, ଜୟପୁର
କେସିଙ୍ଗା ଶାଖା: କେସିଙ୍ଗା, କଳାହାଣ୍ଡି
ଉପରୋକ୍ତ ଶାଖାଗୁଡିକ ଛାଡି ଓଡିଶାରେ ଆମର ଅନ୍ୟ କୌଣସି ଶାଖା ନାହିଁ।

ADMISSION OPEN
CHETANA PUBLIC SCHOOL
NOC Certified
CO-EDUCATION C.B.S.E.
NURSERY 3 YEAR
L.K.G. 4 YEAR
U.K.G. 5 YEAR
STANDARD-I to STANDARD-X
HIG-26, SAILASHREE VIHAR, BHUBANESWAR-21
Ph.: 0674-2740850, 9439541913
E-mail: chetanapublicschoolbbsr@gmail.com
Website: www.chetanapublicschool.com

Euro Kids Pre-School
INFOCITY BHUBANESWAR
ADMISSION OPEN FOR 2019-20
Most beautiful Pre-School of Bhubaneswar
☑ PLAYGROUP ☑ EURO JUNIOR(LKG)
☑ NURSERY ☑ EURO SENIOR(UKG)





Winner of EuroKids Excellence Award 2018



8895428901 7008763381
Email: eurokidsinfocity@gmail.com



ଜନନୀ ଏବଂ ଜନ୍ମଭୂମି ସ୍ୱର୍ଗଠାରୁ ମଧ ମହାନ୍।
- ମହର୍ଷି ବାଲ୍ମିକୀ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଓଡ଼ିଶା ଷ୍ଟେଟ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ପକ୍ଷରୁ ରାଜ୍ୟ ପୁରସ୍କାର ଉତ୍ସବ, ରାଜ ଭବନ, ସକାଳ ୯ଟା।
- ଆଚାର୍ଯ୍ୟ ବିହାରସ୍ଥିତ ସିଏସ୍ଆଇଆର୍-ଆଇଏମ୍ଏମ୍ଟି ପକ୍ଷରୁ ଦକ୍ଷତାମୂଳକ ତାଲିମ ଶିବିର, କ୍ୟାମ୍ପସର କନଫରେନ୍ସ ହଲ, ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ୩୦।
- ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ, ବୁଦ୍ଧ ମନ୍ଦିର ସାମ୍ନା, ଅପରାହ୍ନ ୪ଟା।
- ରାଜେନ୍ଦ୍ର ସାରଙ୍ଗୀଙ୍କ ଜୟନ୍ତୀ ଅବସରରେ ଆଲୋଚନାଚକ୍ର, ଲୋହିଆ ଏକାଡେମୀ, ଅପରାହ୍ନ ୫ଟା ୩୦।
- ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୫ଟା ୩୦।
- ସଂସ୍କୃତି ଚର୍ଚ୍ଚା, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ସନ୍ଧ୍ୟା ୬ଟା।
- ବଶିଷ୍ଟ ବିଚାର ମଞ୍ଚ ପକ୍ଷରୁ 'ଓଡ଼ିଶାରେ ଦର୍ଶନ ଶିକ୍ଷା ଇତିହାସ' ପୁସ୍ତକର ଉନ୍ମୋଚନ ଉତ୍ସବ, ରିଜିଓନାଲ କଲେଜ ଅଫ ଏଜୁକେଶନର ସଭାକକ୍ଷ, ସନ୍ଧ୍ୟା ୬ଟା।

**କଟକ**
- କ୍ୟାରମ ପ୍ରତିଯୋଗିତା, ଡଗରାପଡ଼ା, ଷ୍ଟୋନୀରୋଡ, କଟକ ଦୁର୍ଗାମଣ୍ଡପ, ପୂର୍ବାହ୍ନ ୧୧ଟା।
- ଉତ୍କଳ କଳା ପରିଷଦ ଓ କଳାବିକାଶ କେନ୍ଦ୍ର ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳନ, କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସନ୍ଧ୍ୟା ୭ଟା ।

**ପୁରୀ**
- ଶ୍ରୀ ଶ୍ରୀ ସତ୍ୟ ନାରାୟଣ ସମିତିର 'ବାଦିପାଲା', ଦୋଳବେଦୀ, ଲକ୍ଷ୍ମୀ ବଜାର, ସନ୍ଧ୍ୟା ୭ଟା।

**ବାଲକାଟୀ**
- ବାଲକାଟୀ ପଞ୍ଚୁଦୋଳ ମେଳଣ, ପ୍ରତାପଶାସନ ମେଳଣ ପଡ଼ିଆ, ସନ୍ଧ୍ୟା ୬ଟା।

# ପ୍ରହସନ ପାଲଟିଛି 'ନାଟ୍ୟଧାରା'

**ସସ୍ମିତା ପାଇକରାୟ**
**ଭୁବନେଶ୍ୱର,୨୬।୩**

### ଆଜି ବିଶ୍ୱ ନାଟକ ଦିବସ

- ଦୂରେଇଗଲେଣି ଏକାଧିକ ସଂସ୍ଥା ଓ ନାଟ୍ୟକାର
- ଯୁବ ନାଟ୍ୟ ନିର୍ଦ୍ଦେଶକଙ୍କୁ ସୁଯୋଗ ଦିଆଯାଉ ନ ଥିବା ଅଭିଯୋଗ
- ପ୍ରଚାର ପ୍ରସାର ଅଭାବରୁ ଆସୁନାହାନ୍ତି ଦର୍ଶକ



ମଞ୍ଚ ନାଟକକୁ ପୁନର୍ଜୀବିତ କରିବା ପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ମାସିକ ନାଟକ ପରିକ୍ରମା କାର୍ଯ୍ୟକ୍ରମ 'ନାଟ୍ୟଧାରା' ଏକ ପ୍ରହସନରେ ପରିଣତ ହୋଇଛି। ପୂର୍ବରୁ ଏହି କାର୍ଯ୍ୟକ୍ରମକୁ ନେଇ ଅନେକ ବିବାଦ ସୃଷ୍ଟି ହୋଇଥିବା ବେଳେ ଏବେ ପୁଣିଥରେ ବିବାଦ ଦେଖାଦେଇଛି। କେତେବେଳେ ନାଟକ ଚୟନରେ ପ୍ରିୟାପ୍ରୀତି ତୋଷଣ ତ କେତେବେଳେ କେତେକ ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କ ଦ୍ୱାରା ଏହା ପରିଚାଳିତ ହେଉଥିବା ଅଭିଯୋଗ ଆସିଛି। ଏଭଳି ଏକାଧିକ ବିବାଦ ମଧ୍ୟରେ ଛନ୍ଦି ହୋଇ ରହିଥିବା 'ନାଟ୍ୟଧାରା' ଭୁବନେଶ୍ୱରର କେତେଜଣ ବଳିଷ୍ଠ ନାଟ୍ୟ ବ୍ୟକ୍ତିତ୍ୱଙ୍କ ଦ୍ୱାରା ପରିଚାଳିତ ହେଉଥିବା ଅଭିଯୋଗ ହୋଇଛି। ଓଡ଼ିଶା ନାଟ୍ୟସଂଘର ସଦସ୍ୟ ଥିବା ଏହି ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକମାନେ ନାଟକ ଚୟନରେ ପାତରଅନ୍ତର କରୁଥିବା ସହ କେତେକ ନିର୍ଦ୍ଦିଷ୍ଟ ନାଟ୍ୟଦଳଙ୍କୁ ସୁଯୋଗ ଦେଉଛନ୍ତି। ସେହିଭଳି ନାଟକ ପରିବେଷଣ ପାଇଁ ରହିଥିବା ନିୟମର ମଧ୍ୟ ଅବମାନନା କରାଯାଉଥିବା ଯୁବ ନାଟ୍ୟକାରମାନେ ଅଭିଯୋଗ ଆଣିଛନ୍ତି। ଏପରି କି, ଓଡ଼ିଶା ନାଟ୍ୟସଂଘର ଏଭଳି ମନମାନିକୁ ବିରୋଧ କରି ଏକାଧିକ ନାଟ୍ୟଦଳ ଏବଂ ବରିଷ୍ଠ ନାଟ୍ୟ ବ୍ୟକ୍ତିତ୍ୱମାନେ ଧୀରେ ଧୀରେ ନାଟ୍ୟଧାରାଠାରୁ ଦୂରେଇଯାଉଥିବା ଦେଖିବାକୁ ମିଳୁଛି। ଏପଟେ ପ୍ରଚାର ପ୍ରସାର ଅଭାବରୁ ନାଟ୍ୟଧାରାରେ ପରିବେଷିତ ନାଟକଗୁଡ଼ିକ ହାତଗଣତି ଦର୍ଶକଙ୍କୁ ଆକୃଷ୍ଟ କରିବାରେ ବି ବିଫଳ ହେଉଛି।

ମଞ୍ଚ ନାଟକର ପ୍ରସାର ଏବଂ ନାଟ୍ୟଦଳଗୁଡ଼ିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ୨୦୧୨ରୁ ଆରମ୍ଭ ହୋଇଥିଲା ନାଟ୍ୟଧାରା କାର୍ଯ୍ୟକ୍ରମ। ପ୍ରତି ମାସରେ ଭଞ୍ଜ କଳାମଣ୍ଡପରେ ୩ଟି ଏବଂ ରବୀନ୍ଦ୍ର ମଣ୍ଡପରେ ଗୋଟିଏ ଏହିପରି ମୋଟ ୪ଟି ନାଟକ ମଞ୍ଚସ୍ଥ କରିବାକୁ ନିଷ୍ପତ୍ତି ହୋଇଥିଲା। ଭୁବନେଶ୍ୱରର ୨୦୦ କିମି ପରିଧି ମଧ୍ୟରେ ଯେଉଁ ନାଟ୍ୟଦଳ ରହିଛନ୍ତି, ସେମାନେ ଭଞ୍ଜ କଳାମଣ୍ଡପରେ ଅନୁଷ୍ଠିତ ନାଟ୍ୟଧାରାରେ ଅଂଶଗ୍ରହଣ କରିପାରିବେ। ଦୂରଦୂରାନ୍ତରେ ଥିବା ନାଟ୍ୟାନୁଷ୍ଠାନଗୁଡ଼ିକ ରବୀନ୍ଦ୍ର ମଣ୍ଡପରେ ଗୋଟିଏ ଦିନ ଅନୁଷ୍ଠିତ ନାଟକ ପରିକ୍ରମାରେ ଭାଗନେଇପାରିବେ। ଭଞ୍ଜ କଳାମଣ୍ଡପ ପାଇଁ ୧୭ ହଜାର ଟଙ୍କାର ଆର୍ଥିକ ଅନୁଦାନ ଦିଆଯାଉଥିବା ବେଳେ ରବୀନ୍ଦ୍ର ମଣ୍ଡପ ପାଇଁ ୨୪ ହଜାର ଟଙ୍କା ଅନୁଦାନ ଦିଆଯିବା ନିୟମ ରହିଛି। ହେଲେ ମିଳିଥିବା ସୂଚନା ମୁତାବକ, ଏହି ନିୟମକୁ ଉଲ୍ଲଂଘନ କରି ମନଇଚ୍ଛା ନାଟକ ପରିବେଷଣ କରାଯାଉଛି। କେତେବେଳେ ପାଖ ସଂସ୍ଥାକୁ ରବୀନ୍ଦ୍ର ମଣ୍ଡପରେ ଦେଖିବାକୁ ମିଳୁଛି ତ କେତେବେଳେ ଦୂରଦୂରାନ୍ତରୁ ଆସୁଥିବା ସଂସ୍ଥାକୁ କମ୍ ଅନୁଦାନରେ ଭଞ୍ଜ କଳାମଣ୍ଡପରେ ନାଟକ ପରିବେଷଣ କରିବାକୁ ପଡୁଛି। ସେହିଭଳି ୨୦୧୭ରେ ନାଟ୍ୟଧାରା ନାଟକ ଚୟନକୁ ନେଇ ବିବାଦ ସୃଷ୍ଟି ହେବା ପରେ ଏଥିରେ ସ୍ୱଚ୍ଛତା ଆଣିବାକୁ ସ୍ୱତନ୍ତ୍ର କମିଟି ଗଠନ କରାଯାଇଥିଲା। ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ବରିଷ୍ଠ ଅଧିକାରୀଙ୍କ ସହ ଓଡ଼ିଶା ନାଟ୍ୟସଂଘର ଦୁଇଜଣ ସଦସ୍ୟଙ୍କୁ ନେଇ ଗଠିତ କମିଟି ନାଟକ ଚୟନ କରିବାକୁ ସ୍ଥିର ହୋଇଥିଲା। ଏହାସହ ନାଟକ ପରିବେଷଣ କରିବାକୁ ଥିବା ସଂସ୍ଥା ପାଇଁ ମଧ୍ୟ କିଛି ନୂଆ ନିୟମ ବା ଗାଇଡ୍‌ଲାଇନ୍ ପ୍ରଚଳନ କରାଯାଇଥିଲା। ହେଲେ କିଛିଦିନ ପାଳନ କରିବା ପରେ ଏବେ ସବୁ ନିୟମକୁ ଫୁ କରିଦେଇଛି ଉଭୟ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ନାଟ୍ୟସଂଘ। ନା କମିଟି କାମ କରୁଛି ନା ଗାଇଡ୍‌ଲାଇନ୍ ପାଳନ ହେଉଛି। ସବୁ ନିଷ୍ପତ୍ତି ନାଟ୍ୟସଂଘ ଦ୍ୱାରା ହେଉଛି। ନାଟ୍ୟସଂଘର ସଦସ୍ୟମାନେ ନିଜ ମନ ମୁତାବକ ସୁହାଇଲା ଭଳି ସଂସ୍ଥାକୁ ଚୟନ କରୁଥିବା ବେଳେ କେବଳ ଔପଚାରିକତା ପାଇଁ ସଂସ୍କୃତି ସଚିବଙ୍କ ମୋହର ଲାଗୁଛି। ଓଡ଼ିଶା ନାଟ୍ୟସଂଘର କାର୍ଯ୍ୟକାରୀ ପରିଷଦ ନାଟ୍ୟଧାରା ପାଇଁ ନାଟକ ଚୟନ କରୁଥିବା ସଂଘ ସଭାପତି ସ୍ୱୀକାର କରିଛନ୍ତି। ଏ ନେଇ ସଭାପତି ହରେନ୍ ସାହୁ କହିଛନ୍ତି, ଭଞ୍ଜ କଳାମଣ୍ଡପ କିମ୍ବା ରବୀନ୍ଦ୍ର ମଣ୍ଡପ, ସବୁଠି ସବୁ ନାଟକ ପରିବେଷଣ ହୋଇପାରିବ। ଭୁବନେଶ୍ୱରଠାରୁ ୨୦୦ କିମି ମଧ୍ୟରେ ନାଟ୍ୟସଂସ୍ଥା କେବଳ ଭଞ୍ଜ କଳାମଣ୍ଡପରେ ନାଟକ ପରିବେଷଣ କରିବେ ବୋଲି କିଛି ମାନେନାହିଁ। ଯେତେବେଳେ ଦୂରରୁ କୌଣସି ନାଟ୍ୟସଂସ୍ଥା ମିଳୁନାହାନ୍ତି, ସେତେବେଳେ ଆମେ ନିକଟବର୍ତ୍ତୀ ନାଟ୍ୟସଂସ୍ଥାକୁ ରବୀନ୍ଦ୍ର ମଣ୍ଡପରେ ପରିବେଷଣ ପାଇଁ ଦେଉଛୁ। ନାଟକ ଚୟନ ଆମ କାର୍ଯ୍ୟକାରୀ ପରିଷଦ କରେ ଓ ତାହାକୁ ସଂସ୍କୃତି ବିଭାଗ ସଚିବ ଅନୁମୋଦନ କରନ୍ତି। ଅନ୍ୟପକ୍ଷରେ ଓଡ଼ିଶା ନାଟ୍ୟସଂଘ ସଚିବ ବିଜୟ ଜେନାଙ୍କୁ ଏ ସମ୍ପର୍କରେ ପଚାରିବାରେ ସେ କହିଥିଲେ, ମୁଁ ନାଟ୍ୟଧାରା ବାବଦରେ ଏତେ କିଛି ଜାଣିନି। ସମସ୍ତ ନିଷ୍ପତ୍ତି ଓଡ଼ିଶା ନାଟ୍ୟସଂଘ ନିଏ। ନାଟକ ଚୟନ ମଧ୍ୟ ନାଟ୍ୟସଂଘ କରେ। ଏ ସମ୍ପର୍କରେ ସେମାନେ ହିଁ କହିପାରିବେ ବୋଲି ସେ କହିଥିଲେ।

# ଆତସବାଜିରେ ଝଲସିଲା ଜମାଣ ରାତି

**ଓଡ଼ିଶା ପ୍ରସିଦ୍ଧ ହରିରାଜପୁର ମେଳଣ**

**ଜଟଣୀ/କଣାସ, ୨୬।୩(ଡି.ଏନ.ଏ.)**

ଓଡ଼ିଶା ପ୍ରସିଦ୍ଧ ଶ୍ରୀପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ପଞ୍ଚୁଦୋଳ ମେଳଣ ମଙ୍ଗଳବାର ରାତିରୁ ଆରମ୍ଭ ହୋଇଛି। ଜଟଣୀ ନିକଟବର୍ତ୍ତୀ ହରିରାଜପୁର ଗ୍ରାମରେ ଅନୁଷ୍ଠିତ ଏହି ମେଳଣର ମଙ୍ଗଳବାର ଜମାଣ ରାତ୍ରରେ ଲକ୍ଷାଧିକ ଜନସମାଗମ ହୋଇଥିଲା। ବିଳମ୍ବିତ ରାତିରେ ଭଣ୍ଡାର ଘରୁ କୋଠ ଭୋଗ ଆସିବା ପରେ ଥାନପତି ଶ୍ରୀପଶ୍ଚିମାଶମ୍ଭୁ ସୋମନାଥ ଦେବ ଜମାଣ ରାତିରେ ମନ୍ଦିରରୁ ବାହାରି ଥିଲେ। ବାହାରିବା ପରେ ବାଟ ଅଗଣାରେ ରହିଥିଲେ। ସେଠାରେ କୋଠ ଭୋଗ ଲାଗି କରାଯିବା ପରେ ଠାକୁର ଦୋଳ ବିମାନକୁ ବିଜେ କରିଥିଲେ। ପରେ ପଶ୍ଚିମ ଦ୍ୱାର ଦେଇ ବିରାଟ ପଟୁଆରରେ ମେଳଣ ପଡ଼ିଆକୁ ଯାତ୍ରା କରିଥିଲେ। ପଟୁଆରରେ ଯିବା ସମୟରେ ବାଟରେ ଥିବା ଶ୍ରୀଗୋପାଳଜୀ (ମଠ ଠାକୁର) ଓ ଶ୍ରୀବାଳମୁକୁନ୍ଦ ଦେବ ପାଲିଙ୍କିରେ ଥାନପତିଙ୍କ ସହ ମେଳଣ ପଡ଼ିଆକୁ ଯାଇଥିଲେ। ଏହି ଅବସରରେ ଆକର୍ଷଣୀୟ ଆତସବାଜି ପ୍ରଦର୍ଶନ ସହ ରଙ୍ଗବେରଙ୍ଗ କଳରଙ୍ଗ, ବାଦ୍ୟରୋଶଣୀ, ଘଣ୍ଟ ଘଣ୍ଟା, ତୁରୀ, ମହୁରୀ, ଶଙ୍ଖନାଦ, ଘୋଡ଼ାନାଚ, ନାଗାନାଚ, ପଞ୍ଚାଖେଳ, ରାଜାରାଣୀ ଆଦି ନୃତ୍ୟରେ ଚତୁଃପାର୍ଶ୍ୱ ପ୍ରକମ୍ପିତ ହୋଇଉଠିଥିଲା। ଏଥିସହ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ମେଳଣ ପଡ଼ିଆରେ ବିଭିନ୍ନ ଗ୍ରାମରୁ ନିମନ୍ତ୍ରିତ ହୋଇ ଆସିଥିବା ୮୦ ହରିହର ବିଗ୍ରହ ଦୋଳ ବିମାନରେ ଉପବିଷ୍ଟ ରହିଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ବାଣୁଆଙ୍କ ବ୍ୟତୀତ ମାନସିକ ପୂରଣ ହୋଇଥିବା ବହୁ ଭକ୍ତ ଏଠାରେ ରାତି ତମାମ ବାଣ ଫୁଟାଇଥିଲେ। ଆତସବାଜି ପ୍ରଦର୍ଶନରେ ମେଳଣ ପଡ଼ିଆ ଝଲସି ଉଠିଥିଲା। ୮୦ ଏକର ବିଶିଷ୍ଟ ମେଳଣ ପଡ଼ିଆରେ ୧୫ ଶହ ଅସ୍ଥାୟୀ ଦୋକାନ ବଜାର ହେବା ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ପ୍ରସିଦ୍ଧ ମେଳଣ ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଶୁକ୍ରବାର ଠାକୁର ମେଳଣ ଉତ୍ସବ ଅନୁଷ୍ଠିତ ହେବ।



# ପ୍ରଥମ ପାଳି ଯାତ୍ରାରେ ନେତୋତ୍ସବ

**ମା'ମଙ୍ଗଳାଙ୍କ ଝାମୁଯାତ୍ରା ଆରମ୍ଭ**

**କାକଟପୁର, ୨୬।୩(ଡି.ଏନ୍.ଏ.)**





ଚୈତ୍ର ମାସର ପ୍ରଥମ ମଙ୍ଗଳବାର ପାରମ୍ପରିକ ପ୍ରଥାନୁସାରେ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ମନ୍ଦିରରେ ଆରମ୍ଭ ହୋଇଛି ଝାମୁଯାତ୍ରା। ଏକ ମାସ ବ୍ୟାପୀ ଚାଲିବାକୁ ଥିବା ଏହି ପର୍ବର ପ୍ରଥମ ପାଳିଯାତ୍ରାରେ ମନ୍ଦିରରେ ଅନୁଷ୍ଠିତ ହୋଇଛି ନେତୋତ୍ସବ। ପ୍ରାତଃ ୪ଟାରେ ମନ୍ଦିର ଫିଟାଯାଇ ମା'ଙ୍କ ସ୍ନାନ, ମାର୍ଜଣା ନୀତି ପରେ ମା'ଙ୍କୁ ଚନ୍ଦନ ବେଶରେ ସଜ୍ଜିତ କରାଯାଇଥିଲା। ମନ୍ଦିର ପହୁଡ଼ ଫିଟାଯିବା ପରେ ଭକ୍ତମାନେ ମନ୍ଦିରର ଉତ୍ତର ଦ୍ୱାର ଦେଇ ବ୍ୟାରିକେଡ ମଧ୍ୟରେ ମନ୍ଦିର ଭିତରକୁ ପ୍ରବେଶ କରି ମା'ଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ନିକଟସ୍ଥ ଗ୍ରାମଗୁଡ଼ିକରୁ ଶତାଧିକ ଗୋପାଳକ ନିଜ ନିଜ ଗୋଠରେ ଚିରାଟ ଧରି ଓଗାଳ ଗାଇଗାଇ ମନ୍ଦିରରେ ପ୍ରବେଶ କରିବା ସହିତ ବେଢ଼ା ପରିକ୍ରମା କରିଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥିବା ନୂଆ ନେତକୁ ପୂଜାପଣ୍ଡା ମା'ଙ୍କ ନିକଟରେ ପୂଜା କରିବା ପରେ ଶୋଭାଯାତ୍ରାରେ ବେଢ଼ା ପରିକ୍ରମା କରାଯାଇ ମନ୍ଦିର ଚୂଡ଼ାକୁ ଉଠାଇଥିଲେ। ପୂର୍ବରୁ ସେବକମାନେ ଶୁଦ୍ଧ ଜଳ, କ୍ଷୀର, ଚୁଆ, ଚନ୍ଦନରେ ମନ୍ଦିର ଚୂଡ଼ାରେ ଥିବା ଚକ୍ରକୁ ଶୋଧନ କରିଥିଲେ। ହରିବୋଲ ହୁଳହୁଳି ଶବ୍ଦରେ ମନ୍ଦିର ଚୂଡ଼ାରେ ଥିବା ପୁରୁଣା ପତାକା ଖୋଲାଯାଇ ନୂଆ ନେତ ବନ୍ଧାଯାଇଥିଲା। ପରେ ଘଣ୍ଟପାଟୁଆମାନେ ଏକ ଶୋଭାଯାତ୍ରାରେ ପ୍ରାଚୀ ନଦୀର ଘଣ୍ଟତୋଳା ତୁଠକୁ ଯାଇ ପାଣିତୋଳା କାର୍ଯ୍ୟକରି ମନ୍ଦିରକୁ ଫେରିଥିଲେ। ମା'ଙ୍କୁ ସ୍ତୁତିକରି ଆଜ୍ଞାମାଳ ପାଇବା ପରେ ମନ୍ଦିର ବେଢ଼ା ଏବଂ ସିଂହଦ୍ୱାର ସମ୍ମୁଖରେ ପାଟୁଆ ନୃତ୍ୟ ପରିବେଷଣ କରିଥିଲେ। ସଧବା ମହିଳାମାନେ ମନ୍ଦିର ବେଢ଼ାରେ ଥିବା ପଙ୍କେଇକୁ ପୂଜା କରିବା ସହିତ ନିଜ ପରିବାର, ସ୍ୱାମୀ, ସନ୍ତାନଙ୍କ ମଙ୍ଗଳ କାମନା କରି ମନ୍ଦିର ବେଢ଼ାରେ ନୂଆ ଅରୁଆ ଚାଉଳ, ବିରି ପକାଇ ଜାମୁ ଡାଳରେ ଓଳାଇଥିଲେ। କାକଟପୁର ଥାନା ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। କାକଟପୁର ତହସିଲଦାର ରୋଜିନା ଦାଶ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତୀକ ପଟ୍ଟନାୟକ, ଆଇଆଇସି ସୁମନ୍ତୀ ମହାନ୍ତି ପ୍ରମୁଖ ମନ୍ଦିରରେ ଉପସ୍ଥିତ ରହି ଯାତ୍ରାକୁ ପରିଚାଳନା କରିଥିଲେ।





ମଙ୍ଗଳବାର ଭୁବନେଶ୍ୱର ଉପକଣ୍ଠ ମଦନପୁର ଗ୍ରାମର ଶ୍ରୀଶ୍ରୀ ଚନ୍ଦ୍ରଶେଖର ଦେବଙ୍କ ପଞ୍ଚୁଦୋଳ ମେଳଣରେ ଶ୍ରଦ୍ଧାଳୁମାନେ ଅବିରରେ ହୋଲି ଖେଳିବା ସହ ବିଭିନ୍ନ କୌଶଳ ପ୍ରଦର୍ଶନ କରୁଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com


ଅଶୋକ


ଦୀପକ


ଗୌରୀଶଙ୍କର


ବିଶ୍ୱଜିତ୍


ଶ୍ରୀମା


ଦେବୀପ୍ରସାଦ


ଦେବ୍


ସାର୍ଥକ


ଅଭିଜିତ


ଅମିୟ



ଯେଉଁ ଲୋକ ନିଜକୁ ଆୟତ୍ତରେ ରଖିପାରିଛି, ସିଏ ହିଁ ସବୁଠାରୁ ଶକ୍ତିଶାଳୀ।
- ସେନେକା



## ସଂକ୍ଷେପରେ

### କଂଗ୍ରେସ ଭବନରେ ଭଙ୍ଗାରୁଜା ଘଟଣା
### ୭ ଅଭିଯୁକ୍ତ ଗିରଫ, ଜେଲ ଗଲେ

**ଭୁବନେଶ୍ୱର,୨୬।୩ (ବ୍ୟୁରୋ):** କଂଗ୍ରେସ ଭବନରେ ପଶି ବ୍ୟାପକ ଭଙ୍ଗାରୁଜା କରିବା ଘଟଣାରେ ପୋଲିସ ମଙ୍ଗଳବାର ୭ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ଯଦୁପୁର ଅଞ୍ଚଳର ସେକ୍ ଅମିର ମହମ୍ମଦ, ସବିର ମହମ୍ମଦ, ଲତିଫୁର ରେହମାନ, ସାଜିର ଖାନ, ହଦାଖତ ଖାନ ଓ ଡୁମଡୁମା ଅଞ୍ଚଳର ସାୟଦ ତଫିକ, ବିଶ୍ୱରଞ୍ଜନ ଖଟେଇ। ସେମାନଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ସେମାନେ ବ୍ୟବହାର କରିଥିବା ଏକ କାର୍‌କୁ ମଧ ଜବତ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ବୟାନକୁ ଆଧାର କରି ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବା ପାଇଁ ଚଢାଉ ଜାରି ରହିଛି ବୋଲି ପୋଲିସ କମିଶନର ସତ୍ୟଜିତ ମହାନ୍ତି ସୂଚନା ଦେଇଛନ୍ତି। ଶନିବାର ରାତିରେ ଏକ ଗୋଷ୍ଠୀର ଯୁବକମାନେ ବାଇକ ଓ କାର୍ ରାଲିରେ ଆସି କଂଗ୍ରେସ ଭବନରେ ପଶି ବ୍ୟାପକ ଭଙ୍ଗାରୁଜା କରିଥିଲେ। କବାଟ ଓ ତାଲା ଭାଙ୍ଗି ଭିତରେ ଥିବା କମ୍ପ୍ୟୁଟର, ଚେୟାର, ଟେବୁଲ ଆଦି ବହୁ ସାମଗ୍ରୀ ଫିଙ୍ଗାଫୋପଡ଼ା କରିବା ସହ ବାଡ଼େଇ ଭାଙ୍ଗି ଦେଇଥିଲେ। ଏଥିସହ ଲାଗିଥିବା ବ୍ୟାନରଗୁଡ଼ିକୁ ଚିରି ଦେଇଥିଲେ। ସେମାନେ ଟିକେଟ ବଣ୍ଟନକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ରାହୁଲ ଗାନ୍ଧୀ ଓ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନାଁରେ ସ୍ଲୋଗାନ ଦେଇଥିଲେ। ଏହି ଘଟଣାକୁ ନେଇ ପିସିସି କାର୍ଯ୍ୟାଳୟ ସମ୍ପାଦକ ବୈଦ୍ୟନାଥ ସ୍ୱାଇଁ ରବିବାର ସକାଳେ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। ଏହି ଆଧାରରେ ପୋଲିସ ଆଇପିସି ଦଫା ୧୪୭, ୪୫୨, ୩୨୩, ୨୯୪, ୪୨୭, ୧୪୯ରେ ମାମଲା (ନଂ.୧୦୨/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ଏକାମ୍ର ଭୁବନେଶ୍ୱର ନିର୍ବାଚନମଣ୍ଡଳୀ ପାଇଁ ବିଧାୟକ ଟିକେଟରୁ ବଞ୍ଚିତ ଏକ ଗୋଷ୍ଠୀ ଏହି କାଣ୍ଡ ଘଟାଇଥିବା କୁହାଯାଉଥିଲା। ହେଲେ ଏଭଳି କାର୍ଯ୍ୟ କଂଗ୍ରେସ କର୍ମୀଙ୍କର ନୁହେଁ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିବା ପରେ ଘଟଣା ଭିନ୍ନ ମୋଡ଼ ନେଇଛି।

## କମିଶନରେଟ ପୋଲିସର ନିର୍ବାଚନୀ ପ୍ରସ୍ତୁତି
# ରାଜନୈତିକ ଦଳର ପ୍ରତିନିଧିଙ୍କୁ ନେଇ ବୈଠକ

- ପ୍ରଚାର, ଶୋଭାଯାତ୍ରା ପାଇଁ ଲାଇସେନ୍ସ ବାଧ୍ୟତାମୂଳକ
- ଏଥର ସିଙ୍ଗଲ୍ ୱିଣ୍ଡୋ ମାଧ୍ୟମରେ ଲାଇସେନ୍ସ

**ଭୁବନେଶ୍ୱର,୨୬।୩ (ବ୍ୟୁରୋ)**

ଆସନ୍ତା ୧୧ ତାରିଖରୁ ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏଥିଲାଗି ନାମାଙ୍କନପତ୍ର ଦାଖଲ ଆରମ୍ଭ ହୋଇଯାଇଥିବାବେଳେ ପ୍ରଚାର ମଧ ଜୋର୍ ଧରିଲାଣି। ତେବେ ଭୁବନେଶ୍ୱର ସମେତ ଉପକୂଳ ଅଞ୍ଚଳରେ ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟରେ ନିର୍ବାଚନ ହେବ। ବିଶେଷକରି ଭୁବନେଶ୍ୱରରେ କିଭଳି ଶୃଙ୍ଖଳିତ ତଥା ଅବାଧ ନିର୍ବାଚନ ହେବ। ସେଥିପାଇଁ କମିଶନରେଟ ପୋଲିସ ପ୍ରସ୍ତୁତି ଚଳାଇଛି। ମଙ୍ଗଳବାର ଡିସିପିଙ୍କ କାର୍ଯ୍ୟାଳୟରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କୁ ନେଇ ଏକ ବୈଠକ ବସିଥିଲା। ଡିସିପି ଅନୁପ କୁମାର ସାହୁ ଅଧ୍ୟକ୍ଷତା କରି ପୋଲିସର ନିର୍ବାଚନୀ ଗାଇଡ୍‌ଲାଇନ୍ ସମ୍ପର୍କରେ ଆଲୋଚନା କରିଥିଲେ।

ଶୋଭାଯାତ୍ରା ଓ ନିର୍ବାଚନୀ ପ୍ରଚାର ପାଇଁ ଲାଇସେନ୍ସ ବାଧ୍ୟତାମୂଳକ ବୋଲି ଆଲୋଚନାବେଳେ ଡିସିପି ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଜଣାଇଥିଲେ। ତେବେ ଚଳିତବର୍ଷ ନିର୍ବାଚନୀ ଗାଇଡ୍‌ଲାଇନ୍‌ରେ କିଛିଟା ପରିବର୍ତ୍ତନ କରାଯାଇଛି। ପୂର୍ବରୁ ଲାଇସେନ୍ସ ପାଇଁ ରାଜନୈତିକ ଦଳଗୁଡ଼ିକ ଡିଆଇବିରେ ଆବେଦନ କରୁଥିଲେ। ଏଥର କିନ୍ତୁ ଏଡିଏମ୍ କାର୍ଯ୍ୟାଳୟରେ ଥିବା ସିଙ୍ଗଲ୍ ୱିଣ୍ଡୋ ମାଧ୍ୟମରେ ଲାଇସେନ୍ସ ଆବେଦନ କରାଯିବାର ବ୍ୟବସ୍ଥା ହୋଇଛି। ଏହି ସିଙ୍ଗଲ୍ ୱିଣ୍ଡୋରେ ଜିଲା ନିର୍ବାଚନ ଅଧିକାରୀଙ୍କ ପ୍ରତିନିଧି, ଉପଜିଲାପାଳ ଓ କମିଶନରେଟ ପୋଲିସର ପ୍ରତିନିଧି ରହିଛନ୍ତି। ଲାଇସେନ୍ସ ପାଇଁ ପୋଲିସ ସେଠାରେ ଆବେଦନକାରୀ ରାଜନୈତିକ ଦଳକୁ କିଛି ନିୟମାବଳୀ ଦେବ ଓ ଜିଲା ନିର୍ବାଚନ ଅଧିକାରୀ ମଧ କିଛି ନିୟମାବଳୀ ପ୍ରଦାନ କରିବେ। ତାହାକୁ ପାଳନ କରିବା ପାଇଁ ରାଜନୈତିକ ଦଳ ସହମତି ହେବା ପରେ ପଞ୍ଜିକୃତ କରାଯାଇ ଲାଇସେନ୍ସ ଦିଆଯିବ ବୋଲି ଡିସିପି ସୂଚନା ଦେଇଥିଲେ।

### ଆଡ୍‌ଭାଇଜରି ପାଳନ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର ଓ କଟକରେ ଏପ୍ରିଲ ୨୩ରେ ନିର୍ବାଚନ ହେବାକୁ ଥିବାବେଳେ ଡିସିପି ବିଭିନ୍ନ ରାଜନୈତିକ ଦଳ ପାଇଁ ଆଡ୍‌ଭାଇଜରି ଜାରି କରିଛନ୍ତି। ଏହାକୁ ସମସ୍ତେ ପାଳନ କରି ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ପରିଚାଳନାରେ ସହଯୋଗ କରିବାକୁ ଡିସିପି ବୈଠକରେ ରାଜନୈତିକ ଦଳଗୁଡିକୁ ପରାମର୍ଶ ଦେଇଛନ୍ତି। ବେସରକାରୀ ଜମି ଉପରେ ସଭା କରିବାକୁ ହେଲେ ଉକ୍ତ ଜମି ମାଲିକଙ୍କଠାରୁ ଅନୁମତି ଆଣିବାକୁ ପଡିବ। ଗୋଟିଏ ସ୍ଥାନ ପାଇଁ ଏକାଧିକ ଆବେଦନ ହୋଇଥିଲେ ପ୍ରଥମ ଆବେଦନକୁ ଅନୁମତି ମିଳିବ। ସମସ୍ତ ଘଟଣା ବିଷୟରେ ମୁଖ୍ୟ ନିର୍ବଚନୀ କମିଶନରଙ୍କୁ ଜଣାଯିବ। ଶୋଭାଯାତ୍ରାରେ ଦଳଗୁଡିକ କେତେ ଲୋକ ଓ କେତେ ଗାଡି ବ୍ୟବହାର କରାଯିବ ସେ ନେଇ ପୋଲିସକୁ ଆଗୁଆ ସୂଚନା ଦେବେ। ୧୦ରୁ ଅଧିକ ଚାରିଚକିଆ ଯାନ ପ୍ରାର୍ଥୀମାନେ ରାଲିରେ ବ୍ୟବହାର କରିପାରିବେ ନାହିଁ। ଯଦି ବ୍ୟବହାର କରିବେ ୧୦୦ ମିଟର ବ୍ୟବଧାନରେ ଗାଡି ରଖାଯିବ। ବାଧ୍ୟତାମୂଳକ। ରାଲି ଯିବାବେଳେ ରାସ୍ତାର ଅଧାଭାଗ ସାଧାରଣ ଲୋକଙ୍କ ପାଇଁ ଛଡାଯିବ। ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଶୋଭାଯାତ୍ରାରେ ବାଣ ଫୁଟାଇବା ଉପରେ ସମ୍ପୂର୍ଣ୍ଣ କଟକଣା କରାଯିବା ସହ ନିର୍ବାଚନ କମିଶନଙ୍କ ନିୟମ ଅନୁସାରେ ଲାଇଟ୍ ସ୍ପିକର ବ୍ୟବହାର କରିବେ। ରୋଡ୍ ଶୋରେ ସ୍କୁଲ୍ ପିଲା, ବାଳିକା ଓ ନାବାଳକଙ୍କୁ ସାମିଲ କରାଯାଇପାରିବ ନାହିଁ। ସର୍ବାଧିକ ୬ ଫୁଟ ଚଉଡା ଓ ୪ ଫୁଟର ବ୍ୟାନର ବ୍ୟବହାର କରିବେ। ରାଲିରେ ସାମିଲ ଗାଡିରେ ୧ ଫୁଟ ଲମ୍ବର ଦଳୀୟ ପତାକା ବ୍ୟବହାର କରାଯିବ। ଶୋଭାଯାତ୍ରା ବେଳେ କୌଣସି ପ୍ରକାର ମାରଣାସ୍ତ୍ର, ବାଡି ଓ ଲାଠି ବ୍ୟବହାର କରାଯାଇପାରିବନି। ମିଳିଥିବା ଅନୁମତି ରୁଟ୍‌ରେ ହିଁ ଶୋଭାଯାତ୍ରା ଓ ପ୍ରାର୍ଥୀଙ୍କ ଗାଡ଼ି ଚଳାଚଳ କରିବ। କୌଣସି ଧାର୍ମିକ ଅନୁଷ୍ଠାନରେ ନିର୍ବାଚନୀ ବ୍ୟାନର ପୋଷ୍ଟର ମାରିବା କିମ୍ବା ଧର୍ମକୁ ନେଇ ଆକ୍ଷେପ କରାଯାଇ ପାରିବ ନାହିଁ। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ଜଣାଇ ଦେଇଛନ୍ତି।

## 'ମୁଁ ନବୀନଙ୍କ ପାଇଁ କହୁଛି' କାର୍ଯ୍ୟକ୍ରମ ଶୁଭାରମ୍ଭ




**ଭୁବନେଶ୍ୱର,୨୬।୩(ବ୍ୟୁରୋ)**

ବିଜେଡି ପକ୍ଷରୁ ମଙ୍ଗଳବାର 'ମୁଁ ନବୀନଙ୍କ ପାଇଁ କହୁଛି' କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ଦଳୀୟ ମୁଖ୍ୟାଳୟଠାରେ ଆଇଟି ସେଲ୍ ମୁଖ୍ୟ ଅମର ପଟ୍ଟନାୟକଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ସାରା ରାଜ୍ୟରୁ ମତାମତ ପାଇଁ ୨ଟି ଭ୍ୟାନ୍ ବିଭିନ୍ନ ଗ୍ରାମାଞ୍ଚଳକୁ ପଠାଯାଇଛି। ଏହି ଅବସରରେ ଅମର ପଟ୍ଟନାୟକ କହିଛନ୍ତି ଯେ, 'ମୁଁ ନବୀନଙ୍କ ପାଇଁ କହୁଛି' କାର୍ଯ୍ୟକ୍ରମ ଦ୍ୱାରା ବିଭିନ୍ନ ମତାମତ ସଂଗ୍ରହ କରାଯାଇପାରିବ। ବିଶେଷତଃ ବିଜେଡି ସଭାପତିଙ୍କୁ ନେଇ ବିରୋଧୀ ଦଳଗୁଡିକ କରୁଥିବା ସମାଲୋଚନା ଉପରେ ଜନସାଧାରଣ ସେମାନଙ୍କ ମତାମତ ଦେଇପାରିବେ। ଏଥିସହିତ ଦଳୀୟ ନେତୃତ୍ୱ ତଥା ନବୀନ ପଟ୍ଟନାୟକଙ୍କ ଉପରେ ରଖିଥିବା ଆସ୍ଥା ଓ ବିଶ୍ୱାସକୁ ନେଇ ଖୋଲାଖୋଲି ମନ୍ତବ୍ୟ ମଧ ଦେଇପାରିବେ।

## ନ୍ୟାୟ ଯୋଜନା ବିଷୟରେ ବଖାଣିଲେ ନିରଞ୍ଜନ

### କହିଲେ ଏହା ପୃଥିବୀର ସବୁଠାରୁ ବଡ ଯୋଜନା

**ଭୁବନେଶ୍ୱର,୨୬।୩ (ବ୍ୟୁରୋ)**

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନ୍ୟୂନତମ ଆୟ(ନ୍ୟାୟ) ଯୋଜନାର ଘୋଷଣା ଏକ ଐତିହାସିକ ନିଷ୍ପତ୍ତି। ଗରିବୀ ହଟାଇବା ପାଇଁ ଏହା ଦୁନିଆର ସବୁଠୁ ବଡ ଯୋଜନା ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନିରଞ୍ଜନ କହିଛନ୍ତି ଯେ, ଗତ ୫ବର୍ଷରେ ଗରିବ ଲୋକମାନେ ରୁଟି, କପଡା ଏବଂ ଆୟ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କଂଗ୍ରେସ ନିର୍ଣ୍ଣୟ କରିଛି ୨୦ପ୍ରତିଶତ ସବୁଠୁ ଗରିବ ଲୋକ ଅର୍ଥାତ୍ ଦେଶର ୫କୋଟି ପରିବାରକୁ ଗରୀବ ସୀମା ରେଖାରୁ ସବୁଦିନ ପାଇଁ ବାହାର କରାଯିବ। ଦେଶର ୨୦ପ୍ରତିଶତ ଗରିବ ପରିବାରକୁ ବାର୍ଷିକ ୭୨ହଜାର ଟଙ୍କା ମିଳିବ। ଏହି ଟଙ୍କା ସିଧାସଳଖ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବ। ଦେଶର ୫କୋଟି ପରିବାରଙ୍କୁ ମିଳିବ ବାର୍ଷିକ ୭୨ହଜାର ଟଙ୍କା। ଦେଶର ପ୍ରାୟ ୨୫କୋଟି ଲୋକଙ୍କୁ ଏହି ଲାଭ ମିଳିବ। ଏହା ଦୁନିଆର ସବୁଠାରୁ ବଡ ନ୍ୟୁନତମ ଆୟ ଯୋଜନା। ଉପା ସରକାର ୧୦ବର୍ଷରେ ଏମ୍‌ଜିଏନାରିଜିଏସ୍ ଯୋଜନା ମାଧ୍ୟମରେ ୧୪କୋଟି ଲୋକଙ୍କୁ ଗରୀବି ବାହାର କରିଥିଲା। ବର୍ତ୍ତମାନର କୌଣସି ସମାଜ କଲ୍ୟାଣ ଯୋଜନା ଓ ସବ୍‌ସିଡିକୁ ବନ୍ଦ କରାଯିବ ନାହିଁ। ନ୍ୟାୟ ଯୋଜନାର ସରଞ୍ଜନା ଦେଶର ବହୁ ଖ୍ୟାତନାମା ଅର୍ଥଶାସ୍ତ୍ରୀମାନଙ୍କ ଦ୍ୱାରା ହୋଇଛି। ଆସନ୍ତା ଦିନରେ ଏହି ଯୋଜନା ବିସ୍ତୃତ ଭାବେ ଦିଆଯିବ ବୋଲି ନିରଞ୍ଜନ କହିଛନ୍ତି। ନ୍ୟାୟ ଯୋଜନା ପାଇଁ ଜରୁରୀ ଅର୍ଥ ଆମ ଅର୍ଥ ବ୍ୟବସ୍ଥାରେ ରହିଛି। ଏନେଇ ଦଳ ବିଚାର ବିମର୍ଶ କରୁଛି। ପ୍ରତିଟି ଭୋଟ୍ କଂଗ୍ରେସକୁ ଗରିବ ଓ ବଞ୍ଚିତଙ୍କ ଅଧିକାରକୁ ସୁଦୃଢ଼ କରିବ ଏବଂ ଏକ ଉଜ୍ଜ୍ୱଳ ଭବିଷ୍ୟତ ଓ ପ୍ରଗତିଶୀଳ ଦେଶର ନିର୍ମାଣ କରିବ। ଏହି ଯୋଜନା ଦ୍ୱାରା ଓଡ଼ିଶା, ଛତିଶଗଡ ଏବଂ ଝାଡଖଣ୍ଡ ଭଳି ରାଜ୍ୟ ଅଧିକ ଉପକୃତ ହେବେ। ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ନିରଞ୍ଜନ କହିଛନ୍ତି।

## ସମ୍ବିତ୍ ପାତ୍ରଙ୍କ ରୋଡ୍ ଶୋ



### ଅଲାରନାଥ ପୀଠରୁ ଆରମ୍ଭ, ବକ୍ସି ଜନ୍ମ ପୀଠରେ ଶେଷ

**ବ୍ରହ୍ମଗିରି, ୨୬।୩(ଡି.ଏନ୍.ଏ.)**

ପୁରୀ ଲୋକ ସଭା ଆସନରୁ ଭାଜପାର ଏମ୍‌ପି ପ୍ରାର୍ଥୀ ହେବା ପରେ ସମ୍ବିତ୍ ପାତ୍ର ପ୍ରଚାର ଆରମ୍ଭ କରିଛନ୍ତି। ମଙ୍ଗଳବାର ସେ ବ୍ରହ୍ମଗିରିରେ ରୋଡ୍ ଶୋ କରିଥିଲେ। ଅଲାରନାଥ ପୀଠରୁ ଏହି ରୋଡ୍ ଶୋ ଆରମ୍ଭ ହୋଇ ବକ୍ସିଙ୍କ ଜନ୍ମପୀଠରେ ଶେଷ ହୋଇଥିଲା। ରୋଡ୍ ଶୋ'କୁ ନେଇ ବ୍ରହ୍ମଗିରି ଭାଜପା କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ସମ୍ବିତ୍‌ଙ୍କୁ ରେବଣା ନୂଆଗାଁଠାରୁ ହଜାର ହଜାର କର୍ମୀ ସ୍ୱାଗତ କରିବା ସହ ଏକ ବିଶାଳ ଶୋଭାଯାତ୍ରାରେ ବ୍ରହ୍ମଗିରିସ୍ଥିତ ଅଲାରନାଥ ପୀଠକୁ ଆଣିଥିଲେ। ସେଠାରେ ଶ୍ରୀଜୀଉଙ୍କୁ ଦର୍ଶନ କରି ଗଡ଼ରୋଡ଼ଙ୍ଗସ୍ଥିତ ବକ୍ସି ପୀଠକୁ ଯାଇଥିଲେ। ଏହି ରୋଡ୍ ଶୋ'ରେ ଭାଜପାର ବ୍ରହ୍ମଗିରି ବିଧାୟକ ପ୍ରାର୍ଥୀ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଏବଂ ଉପାସନା ମହାପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ପାତ୍ର ଓଡ଼ିଶାର ଜନସାଧାରଣ ବର୍ତ୍ତମାନ ପରିବର୍ତ୍ତନ ଚାହାନ୍ତି। ମୁଁ ମହାପ୍ରଭୁ ଜଗନ୍ନାଥ ଓ ଅଲାରନାଥଙ୍କୁ ଦର୍ଶନକରି ଓଡ଼ିଶା ଓ ଭାରତରେ ଏକ ସ୍ୱଚ୍ଛ ନିର୍ମଳ ସରକାର ଗଠନ ହେବା ପାଇଁ ଆଶୀର୍ବାଦ ଭିକ୍ଷା କରୁଛି। ଏଥର ନିଶ୍ଚୟ ପରିବର୍ତ୍ତନ ହେବ ବୋଲି ସେ କହିଥିଲେ।

### ଆଜି 'ସଂସ୍କୃତି ଚର୍ଚ୍ଚା' ୩୦ରେ 'ପୁସ୍ତକ ଚର୍ଚ୍ଚା'

**ଭୁବନେଶ୍ୱର,୨୬।୩(ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ୨୭ ତାରିଖ ସନ୍ଧ୍ୟାରେ 'ସଂସ୍କୃତି ଚର୍ଚ୍ଚା' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରାଜ୍ୟ ଅଭିଲେଖାଗାରରେ ଆୟୋଜନ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଜ୍ୟୋତିର୍ବିଦ୍ ତଥା ବାସ୍ତୁଶାସ୍ତ୍ର ବିଶେଷଜ୍ଞ ଡ. ମନୋଜ କୁମାର ଲେଙ୍କା ମୁଖ୍ୟବକ୍ତା ଭାବେ ଯୋଗଦେବେ। 'ଉତ୍କଳୀୟ ସଂସ୍କୃତିରେ ତୁଳସୀ ଓ ଶିପର ମାହାତ୍ମ୍ୟ' ପ୍ରସଙ୍ଗ ଉପରେ ସେ ବକ୍ତବ୍ୟ ରଖିବେ। ସେହିପରି ଆସନ୍ତା ୩୦ ତାରିଖ ସନ୍ଧ୍ୟାରେ ବିଭାଗ ପକ୍ଷରୁ ଓଡ଼ିଆ ଭାଷା ପ୍ରତିଷ୍ଠାନ ଆନୁକୂଲ୍ୟରେ 'ପୁସ୍ତକ ଚର୍ଚ୍ଚା' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କଥାକାର ପ୍ରଫେସର ମନୋଜ ଦାସଙ୍କ 'କଥା ଓ କାହାଣୀ' ଗ୍ରନ୍ଥ ସମ୍ପର୍କରେ ବିଶିଷ୍ଟ ସାହିତ୍ୟିକା ଡ. ଅର୍ଚ୍ଚନା ନାୟକ ଆଲୋଚନା କରିବେ। ଉଭୟ କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଓ ନିର୍ଦ୍ଦେଶକ ବିଜୟ କୁମାର ନାୟକ ଉପସ୍ଥିତ ରହିବେ।

## ଯକ୍ଷ୍ମା ସଚେତନତା ପାଇଁ ୧୧,୦୦୦ କିମି ସାଇକେଲ ଯାତ୍ରା

**କଟକ ଅଫିସ/ଭୁବନେଶ୍ୱର,୨୬।୩(ବ୍ୟୁରୋ):** ଯକ୍ଷ୍ମାମୁକ୍ତ ଭାରତ ଏବଂ ଯକ୍ଷ୍ମା ସଚେତନତା ସୃଷ୍ଟି ନିମନ୍ତେ ରୋଟାରି କ୍ଲବ, ଭଦ୍ରକ ମିଡ୍‌ଟାଉନ୍‌ର ସଭ୍ୟ ରୋଟାରିଆନ୍ ତ୍ରିଲୋଚନ ମହାଲିକ ୧୧,୦୦୦ କିଲୋମିଟର ସାଇକେଲ ଯାତ୍ରା ଆରମ୍ଭ କରିଛନ୍ତି। ଏହି ଯାତ୍ରାରେ ସେ ଦେଶର ୨୦ ରାଜ୍ୟକୁ ୨୫୧ ଦିନରେ ଅତିକ୍ରମ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଭଦ୍ରକରୁ ଯାତ୍ରାରମ୍ଭ କରି ସେ କଟକରେ ପହଞ୍ଚିବା ପରେ ମଙ୍ଗଳବାର ରୋଟାରି କ୍ଲବ, କଟକ ମିଡ୍‌ଟାଉନ୍ ପକ୍ଷରୁ ତାଙ୍କୁ ସ୍ଥାନୀୟ ଏକ ହୋଟେଲରେ ସ୍ୱାଗତ କରାଯାଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ରୋଟାରି କ୍ଲବ, କଟକ ମିଡ୍‌ଟାଉନ୍‌ର ସଭାପତି ଡ. ଭବାନୀ ଶଙ୍କର ଦାସଙ୍କ ସଭାପତିତ୍ୱରେ ଏ ନେଇ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ରୋଟାରି କଟକ ଗ୍ରେଟରର କୃଷ୍ଣ ଦାଶବର୍ମା, ରୋଟାରି କଟକ ଗ୍ରୀନ୍‌ଫିଲ୍ଡର ଡ. ପୂର୍ଣ୍ଣାନନ୍ଦ ମିଶ୍ର ଓ ରୋଟାରି କଟକ ଅଭିନବର ଜୀବନ ପଟ୍ଟନାୟକ ଉପସ୍ଥିତ ଥିଲେ। କ୍ଲବ ଅଧ୍ୟକ୍ଷ ରୂପେଶ କୁମାର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶୁଭ୍ରାଂଶୁ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ସେହିପରି ସନ୍ଧ୍ୟାରେ ତ୍ରିଲୋଚନ ଭୁବନେଶ୍ୱରରେ ପହଞ୍ଚିବା ପରେ ରୋଟାରି କ୍ଲବ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ରୋଟାରି କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା**




### ନଦୀରେ ବୁଡ଼ି ଇଞ୍ଜିନିୟରିଂ ଛାତ୍ର ମୃତ

**ବ୍ରହ୍ମଗିରି, ୨୬।୩(ଡି.ଏନ୍.ଏ.)**

ବ୍ରହ୍ମଗିରିସ୍ଥିତ ମୋଟ ପଲିଟେକନିକ୍ କଲେଜର ଜଣେ ଛାତ୍ର ମଙ୍ଗଳବାର ହରଚଣ୍ଡୀ ମନ୍ଦିର ନିକଟସ୍ଥ ନଦୀରେ ଗାଧୋଉଥିବା ସମୟରେ ନଦୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସେ ହେଲେ ଉକ୍ତ ମହାବିଦ୍ୟାଳୟର ଇଲେକଟ୍ରିକ୍ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର ରାଜେନ୍ଦ୍ର ବାରିକ(୧୯)। ସେଠାରୁ ତାଙ୍କୁ ଗୁରୁତର ଅବସ୍ଥାରେ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପରେ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ରାଜେନ୍ଦ୍ରଙ୍କ ଘର ପୁରୀ ବାଲିସାହିରେ।

### ରଥ ପାଇଁ କାଠ ତନଖି
### ଆଜି ନୟାଗଡ଼ ଯିବେ ୪ ଜଣିଆ ଟିମ୍

**ପୁରୀ ଅଫିସ, ୨୬।୩:** ଆସନ୍ତା ଜୁଲାଇ ୪ତାରିଖରେ ରଥଯାତ୍ରା। ପବିତ୍ର ଅକ୍ଷୟ ତୃତୀୟାରୁ ଆରମ୍ଭ ହେବ ରଥ ନିର୍ମାଣ। ତେଣୁ ଏହା ପୂର୍ବରୁ କାଠ ସଂଗ୍ରହ ଉଦ୍ୟମ ଜାରି ରଖିଛି ଶ୍ରୀମନ୍ଦିର ପ୍ରଶାସନ। ଇତିମଧ୍ୟରେ ପଞ୍ଚମ ପର୍ଯ୍ୟାୟ କାଠ ପୁରୀରେ ପହଞ୍ଚି ସାରିଲାଣି। ତେବେ ଆହୁରି ଆବଶ୍ୟକ ହେଉଥିବା ଫାଶୀ, ଅସନ, ଧଉରା ଆଦି କାଠ ତନଖି ପାଇଁ ବୁଧବାର ଶ୍ରୀମନ୍ଦିର ପ୍ରଶାସନର ୪ ଜଣିଆ ଟିମ୍ ନୟାଗଡ଼ ଗସ୍ତ କରିବେ। ଏହି ଟିମ୍ ୩ ଦିନ ଧରି ସେଠାରେ କାଠ ଚୟନ କରିବେ। ଶ୍ରୀମନ୍ଦିରର ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପଙ୍କ ନେତୃତ୍ୱରେ ଯିବାକୁଥିବା ଏହି ଟିମ୍‌ରେ ରଥକାଠ ଅମିନ ଲକ୍ଷ୍ମଣ ମହାପାତ୍ର, ନନ୍ଦିଘୋଷ ରଥର ମୁଖ୍ୟ ମହାରଣା ବିଜୟ କୁମାର ମହାପାତ୍ର ଏବଂ ଭୋଇ ସର୍ଦ୍ଦାର ରବି ଭୋଇ ସାମିଲ ଅଛନ୍ତି।

## ଦିଲ୍ଲୀରୁ ଓଡ଼ିଶା ଲମ୍ବିଛି ବେଆଇନ କାରବାର

### ୨୬୫୦୦ ବୋତଲ କଫ ସିରପ ଜବତ, ୪ ଗିରଫ

- ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବ ପୋଲିସ

**କଟକ ରୋଡ,୨୬।୩(ଡି.ଏନ୍.ଏ.)**

ରାଜ୍ୟରେ ବଢ଼ିଚାଲିଛି ବେଆଇନ କଫ୍ ସିରପ ବେପାର। ଦିଲ୍ଲୀରୁ ଲମ୍ବିଛି ଏହି ର୍‍ୟାକେଟ୍‌ର ଚେର। ଅଳ୍ପ ଦାମରେ ମିଳୁଥିବା ଏହି କଫସିରପକୁ ଯୁବପିଢୀ ନିଶା ଭାବେ ଗ୍ରହଣ କରୁଛନ୍ତି। ଭୁବନେଶ୍ୱର ବଡ଼ଗଡ଼ ଥାନା ପୋଲିସ କଟକରୁ ବହୁ ପରିମାଣରେ କଫସିରପ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଥିବା ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ପୁରୀଘାଟ ଥାନା ଅଧୀନ ଯାଉଁଳିଆପଟି ଅଞ୍ଚଳର ଅଜୟ ଅଗ୍ରୱାଲ, ମଙ୍ଗଳାବାଗ ଥାନା ଅଧୀନ ଥୋରିଆସାହିର ବିକାଶ ମହାରଣା, ବିଶ୍ୱନାଥ ମୁଳିଆ ଓ ଦରଘାବଜାର ଥାନା ବାଉଁଶଗଳିର ସେଖ୍ ଆଜାରଉଦ୍ଦିନ। ଏମାନଙ୍କଠାରୁ ୨୬୫୦୦ ବୋତଲ କଫସିରପ ଜବତ ହୋଇଛି। ଜବତ ଔଷଧର ମୂଲ୍ୟ ୩୫ଲକ୍ଷ ଟଙ୍କା ହେବ ବୋଲି ବଡ଼ଗଡ଼ ଥାନା ଅଧିକାରୀ ଦିଲୀପ କୁମାର ସ୍ୱାଇଁ କହିଛନ୍ତି। ଏନେଇ ଥାନାରେ ଏକ ମାମଲା(ନଂ.୮୫/୧୯)ରୁଜୁ ହୋଇଥିବା ବେଳେ ୩ଟି ସ୍କୁଟର ଜବତ ହୋଇଛି। ସୂଚନା ଅନୁଯାୟୀ, ବଡ଼ଗଡ଼ ଥାନା ଅଧୀନ କଳ୍ପନା ଅଞ୍ଚଳରେ ବହୁଳ ଭାବେ କଫସିରପ ବିକ୍ରି ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏନେଇ କମିଶନରେଟ୍ ପୋଲିସ ପକ୍ଷରୁ ନଜର ରଖାଯାଇଥିବା ଉକ୍ତ କଫ ସିରଫ କେଉଁଠାରୁ ଆସୁଛି ସେ ନେଇ ଅନୁସନ୍ଧାନ ଜାରି ରହିଥିଲା। ଗତ ୨୫ ତାରିଖରେ ଅଭିଯୁକ୍ତ ଆଜାର ଉଦ୍ଦିନ କଳ୍ପନା ଛକ ନିକଟରେ ଥିବା ଏକ ଔଷଧ ଦୋକାନକୁ ସିରଫ ନେଇ ଆସିଥିବା ପୋଲିସ ସୂଚନା ପାଇଥିଲା। ଏହି ଆଧାରରେ ସେଠାରେ ଚଢ଼ାଉ ପରେ ତାଙ୍କଠାରୁ ୩୫୦ ବୋତଲ କଫସିରଫ ଜବତ ହୋଇଥିଲା। ଏହା ସହ ଆଜାର ଉଦ୍ଦିନଙ୍କୁ ଅଧିକ ପଚରାଉଚରା ପାଇଁ ଥାନାକୁ ଅଣାଯାଇଥିଲା। ଏହି ଘଟଣା ପଛରେ କଟକ ଜାଉଁଳିଆପଟିର ବ୍ୟବସାୟୀ ଅଜୟ ରହିଥିବା ବେଳେ ସେ ଭୁବନେଶ୍ୱରର ଅଧିକାଂଶ ଔଷଧ ଦୋକାନକୁ ସିରଫ ଯୋଗାଇଥିବା ଆଜାର ଉଦ୍ଦିନ ପୋଲିସ ନିକଟରେ ସ୍ୱୀକାର କରିଥିଲା। ପରେ ପୋଲିସ କଟକ ନନ୍ଦିସାହି ଗୋଦାମରେ ଚଢ଼ାଉ କରିବା ପରେ ସେଠାରୁ ୨୬୧୫୦ ବୋତଲ କଫସିରଫ ଜବତ କରିଥିଲା। ବଡ଼ଗଡ଼ ଥାନା ଅଧିକାରୀ ସ୍ୱାଇଁଙ୍କ କହିବା ଅନୁଯାୟୀ, ଅଜୟ ବିନା କାଗଜପତ୍ରରେ ଦିଲ୍ଲୀରୁ କଫସିରଫ ଆଣିବା ପରେ ଗିରଫ ଅନ୍ୟ ୩ ଅଭିଯୁକ୍ତ ତାଙ୍କଠାରୁ ପ୍ରତ୍ୟେକ ବୋତଲ ୭୦ଟଙ୍କାରେ କିଣିବା ପରେ ବଜାରରେ ଥିବା କେତେକ ଔଷଧ ଦୋକାନରେ ଅଧିକ ଲାଭ ରଖି ବିକ୍ରି କରିଥାନ୍ତି। କେବଳ ଭୁବନେଶ୍ୱର ନୁହେଁ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଅଜୟ କଫସିରଫ ଯୋଗାଇଥାଏ ବୋଲି ପୋଲିସ କହିଛି। ବୁଧବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବା ସହ ପୁନର୍ବାର ସେମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ପୋଲିସ ଯୋଜନା କରିଛି।



## ଆଶ୍ରମ ପରିସରରେ ନକଲି ମଦ ବ୍ୟବସାୟ, ୩ ଗିରଫ

**କଟକ ରୋଡ,୨୬।୩(ଡି.ଏନ୍.ଏ.)**

ରାଜଧାନୀର ଏକ ଆଶ୍ରମ ପରିସରରେ ନକଲି ମଦ ବିକ୍ରି ଅଭିଯୋଗରେ କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ସଂସ୍ଥା ମଙ୍ଗଳବାର ୩ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବିହାର ଅଞ୍ଚଳର ରାମବାଳି ଯାଦବ, ସ୍ୱାଧୀନ ସୁନ୍ଦରାୟ ଓ ସୁଗ୍ରୀବ ଯାଦବ। ଏମାନଙ୍କଠାରୁ ୪୦୦ବୋତଲ ମଦ, ୨୦ଲିଟର ରେକ୍ଟିଫାଏଡ ସ୍ପିରିଟ, ୧ହଜାର ଠିପି ଓ ୧ହଜାର ଖାଲି ମଦ ବୋତଲ ଜବତ ହୋଇଛି। ଏହି ଅଭିଯୁକ୍ତମାନେ ଆଶ୍ରମ ପରିସରରେ ରହୁଥିଲେ ବୋଲି ଗୋଇନ୍ଦା ସଂସ୍ଥା ପକ୍ଷରୁ ଜଣାପଡିଛି। ସୂଚନା ଅନୁଯାୟୀ, ଖଣ୍ଡଗିରି ଥାନା ଅଞ୍ଚଳରେ ଥିବା ଏକ ଆଶ୍ରମ ମଧ୍ୟରେ ମଦ ବିକ୍ରି ହେଉଥିବା ନେଇ ଗୋଇନ୍ଦା ଟିମକୁ ବହୁ ଦିନ ପୂର୍ବରୁ ତଥ୍ୟ ସଂଗ୍ରହ କରିଥିଲେ। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ ଇନିସପେକ୍ଟର ଜଗଦୀଶ ସାମଲଙ୍କ ସହ ଏକ ଟିମ ଆଶ୍ରମରେ ଚଢ଼ାଉ କରିଥିଲେ। ଟମ୍ ପହଞ୍ଚିବା ପୂର୍ବରୁ ପ୍ରାୟ ୪୦ପେଟି ମଦ ଅନ୍ୟାନ୍ୟ ଅଞ୍ଚଳକୁ ବିକ୍ରି ସରିଥିବା ବେଳେ ସଂସ୍ଥା ସେଠାରୁ ମଦ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲେ। ତେବେ ଜବତ ମଦ ନକଲି ମଦ ବୋଲି ଇନସପେକ୍ଟର ସାମଲ କହିଛନ୍ତି। ଅନ୍ୟପକ୍ଷରେ ଆଶ୍ରମ ପରିସରରୁ ଠିପି, ଖାଲି ବୋତଲ ଓ ସ୍ପିରିଟ ଜବତ ପରେ ଏଠାରେ ଅଭିଯୁକ୍ତମାନେ ନକଲି ମଦ ପ୍ରସ୍ତୁତ କରୁଥିବା ଅବକାରୀ ବିଭାଗ ଜାଣିବାକୁ ପାଇଛି। ତେବେ ଆଶ୍ରମ ମାଲିକଙ୍କ ସମ୍ପର୍କରେ ତଦନ୍ତ ଜାରି ରହିଛି ବୋଲି ଗୋଇନ୍ଦା ଇନିସପେକ୍ଟର କହିଛନ୍ତି। ଏନେଇ କେନ୍ଦ୍ରାଞ୍ଚଳ ଗୋଇନ୍ଦା ସଂସ୍ଥାରେ ମାମଲା ନଂ. ୨୨୧, ୨୨୨, ୨୨୩(୧୮/୧୯)ରୁଜୁ ହୋଇଛି।

## ସଂକ୍ଷେପରେ

### ନେତାଙ୍କ କାର୍‌ରୁ ୨ଲକ୍ଷ ଜବତ

**ବରଗଡ଼ ଅଫିସ୍,୨୬।୩:** ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ମଙ୍ଗଳବାର ନାମାଙ୍କନ ଦାଖଲର ଅନ୍ତିମ ଦିବସ ଥିଲା। ଏହି ପରିପ୍ରେକ୍ଷୀରେ ପଦ୍ମପୁର ଉପଖଣ୍ଡ ଦୁବଲାବାହାଲ ଗ୍ରାମ ନିକଟରୁ ମେଲଛାମୁଣ୍ଡା ଥାନା ପୋଲିସ ଏକ କାର୍(ନଂ-ଓଡ଼ି୧୭କେ ୧୧୬୬)ରୁ ନଗଦ ୨ଲକ୍ଷ ଟଙ୍କା ଜବତ କରିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ସେହି ଗାଡ଼ିରୁ ଏକ ନିର୍ଦ୍ଦିଷ୍ଟ ଦଳର ପତାକା ଜବତ୍ ହୋଇଥିବା ପଦ୍ମପୁର ଏସ୍‌ଡ଼ିପିଓ ପି.କେ ସାହୁ କହିଛନ୍ତି। ଜବତ୍ ଗାଡ଼ି ଏକ ପେଟ୍ରୋଲ ପମ୍ପ ମାଲିକଙ୍କର ଏବଂ ସେ ଏକ ନିର୍ଦ୍ଦିଷ୍ଟ ଦଳର କାର୍ଯ୍ୟକର୍ତ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି।

### ସାଲେପୁରର ଜୋନ୍ କମିଟିକୁ ରଦ୍ଦ କଲେ ନିରଞ୍ଜନ

**ଭୁବନେଶ୍ୱର, ୨୬।୩ (ବ୍ୟୁରୋ):** ସାଲେପୁର ବିଧାୟକ ପ୍ରକାଶ ବେହେରା କିଛିଦିନ ତଳେ କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଇ ସାରିଛନ୍ତି। ଫଳରେ ପ୍ରକାଶଙ୍କ ସହ ତାଙ୍କର ବହୁ ସମର୍ଥକ ମଧ ଭାଜପାରେ ଯୋଗ ଦେଇଥିଲେ। ଏସବୁକୁ ଦୃଷ୍ଟିରେ ରଖି ସାଲେପୁର ନିର୍ବାଚନମଣ୍ଡଳୀର ସମସ୍ତ ଜିଲା ପରିଷଦ ଜୋନ୍ କଂଗ୍ରେସ କମିଟିକୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ରଦ୍ଦ କରିଛନ୍ତି। ଏନେଇ ପିସିସି ସମ୍ପାଦକ ବୈଦ୍ୟନାଥ ସ୍ୱାଇଁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା କରିଛନ୍ତି।

### ଆୟୁବ୍ ଖାଁ କେନ୍ଦ୍ରାପଡ଼ା ବିଜେଡି ପର୍ଯ୍ୟବେକ୍ଷକ

**ଭୁବନେଶ୍ୱର,୨୬।୩(ବ୍ୟୁରୋ):** ହାଜି ମହମ୍ମଦ ଆୟୁବ ଖାଁଙ୍କୁ ବିଜେଡି ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଏହି ନିଯୁକ୍ତି ଦେଇଛନ୍ତି। ସେ ଉପରୋକ୍ତ ଦାୟିତ୍ୱ ସହ କେନ୍ଦ୍ରାପଡା ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ତୁଲାଇବେ। ସେହିପରି କଟକ ଜିଲା କାର୍ଯ୍ୟକାରୀ ସଭାପତି ପ୍ରଫୁଲ ସିଂଙ୍କୁ ଗଞ୍ଜାମ ଜିଲା ସାନଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି।

■ କେନ୍ଦ୍ରାପଡ଼ା ଲୋକ ସଭା ନିର୍ବାଚନମଣ୍ଡଳୀ

# ଗଡ଼ରକ୍ଷା ବିଜେଡି ପାଇଁ ସମ୍ମାନର ପ୍ରଶ୍ନ

**କେନ୍ଦ୍ରାପଡ଼ା ଅଫିସ, ୨୬।୩**

କେନ୍ଦ୍ରାପଡ଼ାର ରାଜନେତାମାନେ ରାଜ୍ୟ ତଥା ଜାତୀୟସ୍ତରର ରାଜନୀତିରେ ସକ୍ରିୟ ଅଂଶଗ୍ରହଣ କରି ସବୁବେଳେ ଚର୍ଚ୍ଚାରେ ରହିଆସିଛନ୍ତି। ଏହି ଆସନରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ୧୯୭୭, ୧୯୮୦ ଓ ୧୯୮୪ରେ ଜନତା ପାର୍ଟି ତରଫରୁ ୩ ଥର ନିର୍ବାଚନ ଜିତିଥିଲେ। ତାଙ୍କ ମୃତ୍ୟୁ ପରେ ବିଜେଡି ଗଠନ ହେବା ପରଠାରୁ ଏହି ଆସନ ବିଜେଡି ଗଡ ରହିଆସିଛି। ୧୯୯୯ରେ ପ୍ରଭାତ ସାମନ୍ତରାୟ, ୨୦୦୪ରେ ଅର୍ଚ୍ଚନା ନାୟକ, ୨୦୦୯ ଓ ୨୦୧୪ ନିର୍ବାଚନରେ ବୈଜୟନ୍ତ ପଣ୍ଡା ଏଠାରୁ ଜିତି ବିଜେଡିର ସ୍ଥିତି ମଜଭୁତ କରିଛନ୍ତି। ଏବେ କିନ୍ତୁ ପରିସ୍ଥିତି ବଦଳିଯାଇଛି। ବୈଜୟନ୍ତଙ୍କୁ ବିଜେଡିରୁ ବହିଷ୍କୃତ କରାଯିବା ପରେ ସେ ଭାଜପାରେ ଯୋଗଦେଇ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ହୋଇଛନ୍ତି। ଏଥିସହ ଆଗାମୀ ନିର୍ବାଚନରେ ସେ ଏହି ଆସନ ପାଇଁ ଭାଜପା ପକ୍ଷରୁ ଲୋକ ସଭା ପ୍ରାର୍ଥୀ ହୋଇଛନ୍ତି। ଅପରପକ୍ଷେ ୨୦୧୮ରେ ବିଜୟ ମହାପାତ୍ର ଭାଜପାରୁ ଇସ୍ତଫା ଦେଇଥିଲେ ମଧ ପୁନର୍ବାର ଭାଜପାକୁ ଫେରିବା ନେଇ ଚର୍ଚ୍ଚା ଜୋର ଧରିଛି। ଏଭଳି ସ୍ଥିତିରେ ବିଜେଡି ପାଇଁ ଚଳିତ ନିର୍ବାଚନ ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି ଚର୍ଚ୍ଚା ହେଉଛି। ଏହି ଗଡ଼ ରକ୍ଷା କରିବା ଏବେ ଦଳ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି।

ସୂଚନାଯୋଗ୍ୟ, କେନ୍ଦ୍ରାପଡା ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ଏପ୍ରିଲ ୨୯ରେ ନିର୍ବାଚନ ହେବାକୁ ଥିବାବେଳେ ଆସନ୍ତା ୨ରୁ ୯ ମଧ୍ୟରେ ପ୍ରାର୍ଥୀପତ୍ର ଦାଖଲ କରାଯିବ। ଏହି ସଂସଦୀୟ କ୍ଷେତ୍ର ମଧ୍ୟରେ କଟକ ଜିଲାର ସାଲେପୁର, ମାହାଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀ ସହ କେନ୍ଦ୍ରାପଡା ଜିଲାର ପାଟକୁରା, କେନ୍ଦ୍ରାପଡା, ଆଳି, ରାଜନଗର ଓ ମହାକାଳପଡା ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ୨୦୧୪ ସାଧାରଣ ନିର୍ବାଚନରେ ଭାଜପା ଏଠାରେ ୩ୟ ସ୍ଥାନରେ ଥିବା ବେଳେ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଜିଲାର ୩୨ଟି ଜିଲା ପରିଷଦ ଜୋନରୁ ୧୦ଟି ଅକ୍ତିଆର କରି ୨ୟ ସ୍ଥାନରେ ରହିଛି। ଏପରି ସ୍ଥିତିରେ ଏହି ଆସନକୁ ଦଖଲ କରିବା ପାଇଁ ଭାଜପା ଜୋର୍‌ଦାର ପ୍ରୟାସ ଚଳାଇଛି।

ଏପର୍ଯ୍ୟନ୍ତ ଭାଜପା ବ୍ୟତୀତ ଅନ୍ୟ କୌଣସି ଦଳ ଏଠାରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରି ନାହାନ୍ତି। ତେବେ ଆଶାୟୀ ପ୍ରାର୍ଥୀଙ୍କୁ ନେଇ ରାଜନୀତି ସରଗରମ ହୋଇଛି।

ଏସମ୍ପର୍କରେ ରାଜନୈତିକ ବିଶ୍ଲେଷକ ଚିତ୍ତରଞ୍ଜନ ସାହୁ, ରାଧାକାନ୍ତ ମହାନ୍ତି, ପ୍ରତାପ ଚନ୍ଦ୍ର ପାଢ଼ୀ କୁହନ୍ତି ଯେ, ଏହି ଆସନରୁ ବିଜୟ ଓ ବୈଜୟନ୍ତଙ୍କ ମେଳିକୁ ପ୍ରତିହତ କରିବା ପାଇଁ ବିଜେଡି ପକ୍ଷରୁ ଉପଯୁକ୍ତ ପ୍ରାର୍ଥୀ ଚୟନ ଆବଶ୍ୟକ। ପୂର୍ବରୁ ରାଜ୍ୟ ବିଜେଡି ସମ୍ପାଦକ ପ୍ରମୋଦ ସାହୁ, ଅଭିନେତା ଅନୁଭବ ମହାନ୍ତି, ଆଇଏଏସ୍ ଅଧିକାରିଣୀ ସୁଜାତା କାର୍ତ୍ତିକେୟନ, ରାଜ୍ୟ ସଭା ସଦସ୍ୟ ପ୍ରତାପ ଦେବଙ୍କ ନାମ ଆଶାୟୀ ତାଲିକାରେ ଥିବାବେଳେ ଏବେ ଦିଲୀପ ରାୟଙ୍କୁ ନେଇ ଚର୍ଚ୍ଚା ଜୋରଧରିଛି । ସେ ଏପର୍ଯ୍ୟନ୍ତ ବିଜେଡିରେ ଯୋଗଦେଇ ନଥିବା ବେଳେ ତାଙ୍କୁ ପ୍ରାର୍ଥୀ କରିବା ଲାଗି ବିଚାର ଚାଲିଛି। ଏଥିସହ ବିଜୟଙ୍କ ଏକାନ୍ତ ସହଯୋଗୀ ୨୬ ନଂ ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ ଭାଜପା ଛାଡି ବିଜେଡିରେ ଯୋଗଦେବା ସମ୍ଭାବନା ରହିଛି। ଏନେଇ ବିଜେଡି ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ସାମଲ ବିଜେଡିରୁ ଏମ୍‌ପି ପ୍ରାର୍ଥୀ ହେଲେ ବିଜୟ ଓ ବୈଜୟନ୍ତଙ୍କ ମେଳିରେ ଫାଟ ସୃଷ୍ଟି ହେବ ବୋଲି ବିଶ୍ଲେଷକମାନେ ମତ ଦେଇଛନ୍ତି। ଏହାଦ୍ୱାରା ଭାଜପାକୁ ଚେକ୍ ଦିଆଯାଇପାରିବ ବୋଲି ସେମାନେ ପ୍ରକାଶ କରିଛନ୍ତି। ସେହିପରି ଏହି ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପକ୍ଷରୁ ପୂର୍ବତନ ଏମ୍‌ପି ପ୍ରାର୍ଥୀ ଧରଣୀଧର ନାୟକଙ୍କୁ ପୁନର୍ବାର ପ୍ରାର୍ଥୀ କରିବା ଲାଗି ଚର୍ଚ୍ଚା ହେଉଛି । ଏପରିସ୍ଥଳେ ସବୁ ଦଳ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

■ ଭାଜପାର ବିଜୟ ସଂକଳ୍ପ ସଭା

# ଭ୍ରଷ୍ଟାଚାରୀଙ୍କୁ ସୁରକ୍ଷା ଦେବାରେ ନବୀନ ନମ୍ବର ୱାନ୍




ବିଜୟ ସଙ୍କଳ୍ପ ସମାବେଶରେ ଉପସ୍ଥିତ ଭାଜପା ନେତାମାନେ।

**ବଳଙ୍ଗା,୨୬।୩(ଡି.ଏନ୍.ଏ.)**

ପୁରୀ ଜିଲା ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଳଙ୍ଗାରେ ମଙ୍ଗଳବାର ଭାଜପାର ବିଜୟ ସଂକଳ୍ପ ସଭା ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଭାଜପାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଯୋଗଦେଇ ବିଜେଡି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ବର୍ଷିଛନ୍ତି। ଆଗାମୀ ନିର୍ବାଚନରେ ଓଡ଼ିଶାରେ ଭାଜପା ବାଜିମାତ କରିବ ଓ ନବୀନ ସରକାରଙ୍କୁ ହଟାଇବା ପାଇଁ ସେ ଆହ୍ୱାନ ଦେଇଥିଲେ । ଏଥିସହ ମୋଦି ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନ ମନୋଜ ବେହେରାଙ୍କ ଦାଦାଙ୍କୁ ବିଜେଡି ନେତା ଦେବାଶିଷ ସାମନ୍ତରାୟ କରିଥିବା ଦୁର୍ବ୍ୟବହାରକୁ ସେ ତୀବ୍ର ସମାଲୋଚନା କରିଥିଲେ। ଏଭଳି ନେତାଙ୍କୁ ନବୀନ ଦଳରୁ ତଡ଼ିଆ ମାରି ବିଦା କରିବା ଦରକାର ବୋଲି ସେ କହିଥିଲେ। ଓଡ଼ିଶାରେ ନାରୀ ନିର୍ଯାତନା, ହିଂସା ବଢି ଚାଲିଛି। ତେଣୁ କୁନ୍ଦୁଲୀ ପୀଡ଼ିତାଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ନ୍ୟାୟ ମିଳିପାରିନାହିଁ। ତେଣୁ ବାଧହୋଇ ସେ ଆତ୍ମହତ୍ୟା କରିଥିଲେ। ଭ୍ରଷ୍ଟାଚାରୀଙ୍କୁ ସୁରକ୍ଷା ଦେବାରେ ନବୀନ ନମ୍ବର ୱାନ ବୋଲି ସେ ପ୍ରକାଶ କରିଥିଲେ। ଏହାପରେ କଂଗ୍ରେସକୁ ସେ ଟାର୍ଗେଟ କରିଥିଲେ। ଏୟାର ଷ୍ଟ୍ରାଇକକୁ ନେଇ କଂଗ୍ରେସର ବିବାଦୀୟ ମନ୍ତବ୍ୟକୁ ସମ୍ପର୍କରେ ସେ କହିଲେ ଯେ ଯଦି ପୁଣି କେବେ ଏୟାର ଷ୍ଟ୍ରାଇକ ହୁଏ, ତେବେ କଂଗ୍ରେସ ନେତାଙ୍କୁ ଜେଟ୍‌ରେ ବାନ୍ଧି ପଠାଇ ଦିଆଯିବ। ସମାବେଶରେ ନିମାପଡ଼ା ନିର୍ବାଚନମଣ୍ଡଳୀ ଭାଜପା ବିଧାୟିକା ପ୍ରାର୍ଥିନୀ ପ୍ରଭାତୀ ପରିଡା ଯୋଗଦେଇ ଭାଜପା ସରକାରକୁ ଆସିଲେ ନିମାପଡ଼ାକୁ ସବଡିଭିଜନ ଘୋଷଣା କରାଯିବ ଏବଂ ବଳଙ୍ଗାକୁ ବ୍ଲକର ମାନ୍ୟତା ମିଳିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ପୁରୀ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ମଣ୍ଡଳ ସଭାପତି ପ୍ରସନ୍ନ କୁମାର ଦାସ, ଉପସଭାପତି ସରୋଜ କୁମାର ସାହୁ, ତପସ୍ୱିନୀ ବେହେରା, ଜ୍ୟୋତି ମହାପାତ୍ର, ଜିଲା ପରିଷଦ ପୂର୍ଣ୍ଣଚନ୍ଦ୍ର ଓଝା, ରଞ୍ଜନ କୁମାର ପ୍ରଧାନ, ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

■ ରଜନୀକାନ୍ତ ପ୍ରାର୍ଥୀ ହେଲେ ଅନୁଗୋଳରେ ବିଦ୍ରୋହ ଚର୍ଚ୍ଚା

# ସ୍ୱାଧୀନରେ ଲଢ଼ିପାରନ୍ତି ବରିଷ୍ଠ ନେତା

**ଅନୁଗୋଳ ଅଫିସ, ୨୬।୩**

ଅନୁଗୋଳ ଜିଲାର ୫ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିସାରିଛି। ଭାଜପା ମଧ ଆଠମଲ୍ଲିକକୁ ବାଦ୍ ଦେଇ ଅନ୍ୟ ୪ଟିରେ ଦଳୀୟ ପ୍ରାର୍ଥୀଙ୍କ ନାମ ପ୍ରକାଶ କରିଛି। ହେଲେ ଏଯାଏ ଅନୁଗୋଳରେ ଅଙ୍କ କଷି ଚାଲିଛି ବିଜେଡି। ଅନୁଗୋଳ, ତାଳଚେର, ଛେଣ୍ଡିପଦା, ଆଠମଲ୍ଲିକ ଓ ପାଲଲହଡ଼ା ନିର୍ବାଚନମଣ୍ଡଳୀର କେଉଁ ନେତାଙ୍କ ସପକ୍ଷରେ କେତେ ସମର୍ଥନ ରହିଛି, ସେ ନେଇ ଦଳ ଅନୁସନ୍ଧାନ ଜାରି ରଖିଥିବାରୁ ଏଯାଏ ପ୍ରାର୍ଥୀ ଘୋଷଣା ହୋଇପାରୁ ନ ଥିବା ଆଲୋଚନା ହେଉଛି। ତେବେ ଅନୁଗୋଳ ଆସନକୁ ନେଇ ଏବେ ସାଧାରଣରେ ଭିନ୍ନ ଚର୍ଚ୍ଚା ହେଉଥିବା ଜଣାପଡ଼ିଛି। ଏଠାରୁ ଯଦି ୩ ଥରିଆ ବିଧାୟକ ରଜନୀକାନ୍ତ ସିଂଙ୍କୁ ଦଳ ପୁଣି ପ୍ରାର୍ଥୀ କରେ ତା'ହେଲେ ତାଙ୍କୁ ବିରୋଧ କରୁଥିବା କେତେଜଣ ନେତା ଓ ସେମାନଙ୍କ ଅନୁଗତ ବିଦ୍ରୋହ କରିପାରନ୍ତି। ଏପରି କି ସେମାନଙ୍କ ମଧ୍ୟରୁ ଜଣେ ବରିଷ୍ଠ ନେତା ରଜନୀକାନ୍ତଙ୍କ ବିପକ୍ଷରେ ସ୍ୱାଧୀନ ପ୍ରାର୍ଥୀ ହୋଇପାରନ୍ତି ବୋଲି ଆଲୋଚନା ହେଉଛି।

ଦୀର୍ଘ ୨୦ ବର୍ଷ ଧରି ଅନୁଗୋଳ ବିଜେଡିରେ ପରିବାର ରାଜନୀତି ଚାଲିଛି। ୨୦୦୦ ମସିହା ସାଧାରଣ ନିର୍ବାଚନରେ ରଜନୀକାନ୍ତଙ୍କ ପିତା ଅଦ୍ୱୈତ ପ୍ରସାଦ ସିଂ ବିଜେଡିରୁ ବିଜୟୀ ହୋଇଥିଲେ। ତାଙ୍କ ପରେ ଲଗାତାର ୨୦୦୪, ୨୦୦୯ ଓ ୨୦୧୪ ନିର୍ବାଚନରେ ରଜନୀକାନ୍ତ ସିଂ ବିଜେଡି ପ୍ରାର୍ଥୀ ଭାବେ ନିର୍ବାଚନ ଜିତି ଆସୁଛନ୍ତି। ତେବେ ଚଳିତଥର ଦଳ ତାଙ୍କୁ ପ୍ରାର୍ଥୀ କରିବ କି ନାହିଁ ତାହା ସ୍ପଷ୍ଟ ହୋଇ ନ ଥିଲେ ବି ନିଜେ ରଜନୀକାନ୍ତ କିନ୍ତୁ ଏ ନେଇ ଦୃଢ଼ ଆଶାବାଦୀ ରହିଛନ୍ତି। ତାଙ୍କ ବ୍ୟତୀତ ଦଳରୁ ଟିକେଟ୍ ପାଇଁ ବରିଷ୍ଠ ନେତା ତଥା ପୂର୍ବତନ ଏନ୍‌ଏସି ନଗରପାଳ ଭକ୍ତି ପ୍ରସାଦ ଦାସ ଓ ତାମଡା ଅଧ୍ୟକ୍ଷ ଶକ୍ତି ପ୍ରସାଦ ପଟ୍ଟନାୟକ ମଧ ଆଶାୟୀ ଅଛନ୍ତି। ସେହିପରି ଦଳ ମହିଳା କାର୍ଡ ଖେଳିଲେ ରଜନୀକାନ୍ତଙ୍କ ସ୍ତ୍ରୀଙ୍କ ଭାଗରେ ଅନୁଗୋଳ ପଡ଼ିପାରେ ବୋଲି ଚର୍ଚ୍ଚା ହେଉଛି। କିନ୍ତୁ ନିର୍ବାଚନମଣ୍ଡଳୀରେ ରଜନୀଙ୍କ ବିରୋଧୀଙ୍କ ସଂଖ୍ୟା ପୂର୍ବାପେକ୍ଷା ଅଧିକ ବୃଦ୍ଧି ପାଇଛି। ସେମାନେ ଏଠାରୁ ନୂଆ ମୁହଁ ଚାହୁଁଥିବାରୁ ଦଳ କାହାକୁ ପ୍ରାର୍ଥୀ କରିବ ସେ ନେଇ ରଣନୀତି ପ୍ରସ୍ତୁତିରେ ଲାଗିଥିବା କୁହାଯାଉଛି। ଅପରପକ୍ଷରେ ଦଳୀୟ ପ୍ରାର୍ଥୀ ଘୋଷଣା ଯେତିକି ବିଳମ୍ବ ହେଉଛି ନେତା ଓ କର୍ମୀଙ୍କ ମଧ୍ୟରେ ଆଶଙ୍କା ସେତିକି ବଢ଼ିଚାଲିଛି। ଆଖି ଆଗରେ ଦୁଇ ବିରୋଧୀ ଦଳ କଂଗ୍ରେସ ଓ ଭାଜପାର ନିର୍ବାଚନୀ ପ୍ରସ୍ତୁତି ଜୋର ଧରିଥିବା ବେଳେ ସେମାନେ ଏଯାଏ ହାତବାନ୍ଧି ବସି ରହିଛନ୍ତି। ରଜନୀକାନ୍ତ ଏଠାରୁ ପୁଣି ପ୍ରାର୍ଥୀ ହେବେ ବୋଲି ତାଙ୍କ ସମର୍ଥକ ସହରରେ କହି ବୁଲୁଥିବା ବେଳେ ଏବେ ତାଙ୍କ ବିରୋଧୀ ନେତା ମଧ ସଜବାଜ ହେଲେଣି। ଦଳ ସଭାପତି ରଜନୀକାନ୍ତଙ୍କୁ ଟିକେଟ୍ ଦେଲେ ବିରୋଧୀମାନେ ବିଦ୍ରୋହ କରିବେ ବୋଲି କୁହାଯାଉଛି। ଏପରି କି ରଜନୀକାନ୍ତଙ୍କ ପ୍ରାର୍ଥୀତ୍ୱକୁ ବିରୋଧ କରି ଜଣେ ବରିଷ୍ଠ ନେତା ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବାକୁ ଯୋଜନା କରିଥିବା ଶୁଣାଯାଉଛି। ସମ୍ପୃକ୍ତ ନେତାଙ୍କ ହାତରେ ୨୦ ହଜାରରୁ ଅଧିକ ଭୋଟ ଥିବାରୁ ସେ ରଜନୀକାନ୍ତଙ୍କ ଖେଳ ଓଲଟପାଲଟ କରିଦେବାର ସାମର୍ଥ୍ୟ ରଖିଥିବା ଦାବି କରୁଛନ୍ତି। ୨୦୧୪ ପୂର୍ବ ସାଧାରଣ ନିର୍ବାଚନରେ ବିଧାୟକ ରଜନୀକାନ୍ତଙ୍କୁ ୭୨,୩୭୯ ଭୋଟ ମିଳିଥିଲା। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ପ୍ରତାପ ଚନ୍ଦ୍ର ପ୍ରଧାନ ୫୨,୦୩୬ ଖଣ୍ଡ ଭୋଟ ପାଇଥିଲେ। ତେବେ ୨୦୧୪ ନିର୍ବାଚନରେ ରଜନୀକାନ୍ତଙ୍କ ଲୋକପ୍ରିୟତା ହ୍ରାସ ପାଇଥିବା ପ୍ରମାଣିତ ହୋଇସାରିଛି। ଏପରି ସ୍ଥିତିରେ ଦଳ କାହାକୁ ପ୍ରାର୍ଥୀ କରିବ ତାହାକୁ ନେତା ଓ କର୍ମୀମାନେ ଚାହିଁ ବସିଛନ୍ତି।

## ବିଜେଡି କାର୍ଯ୍ୟାଳୟରେ ପହଞ୍ଚିଲା ଧର୍ମଶାଳାରୁ ଆସିଥିବା ମତାମତ ବାକ୍ସ

**ଭୁବନେଶ୍ୱର,୨୬।୩(ବ୍ୟୁରୋ)**

ବିଜେଡି ପକ୍ଷରୁ ମାର୍ଚ୍ଚ ୫ରୁ 'ଘରେ ଘରେ ଶଙ୍ଖ, ମତାମତ ଦିଅନ୍ତି ଆପଣ– ପାଳନ କରନ୍ତି ନବୀନ' କାର୍ଯ୍ୟକ୍ରମ ପାଳନ କରାଯାଇଆସୁଛି। ଏହି କାର୍ଯ୍ୟକ୍ରମ ଜରିଆରେ ରାଜ୍ୟର ୮୬ ଲକ୍ଷ ପରିବାରଙ୍କଠାରୁ ମତାମତ ସଂଗ୍ରହ କରାଯାଇଥିଲା। ସେହି କ୍ରମରେ ମଙ୍ଗଳବାର ଧର୍ମଶାଳା ନିର୍ବାଚନ ମଣ୍ଡଳୀର ସମସ୍ତ ୫୪ଟି ପଞ୍ଚାୟତରୁ ଆସିଥିବା ମତାମତକୁ ବିଜେଡି କାର୍ଯ୍ୟାଳୟରେ ହସ୍ତାନ୍ତର କରାଯାଇଛି। ଆସିଥିବା ମତାମତକୁ ବିଭିନ୍ନ ଫୋରମ୍‌ରେ ଆଲୋଚନା କରାଯାଇ ଇସ୍ତାହାରରେ ସ୍ଥାନ ଦିଆଯିବ ବୋଲି ବିଧାୟକ ପ୍ରଣବ ବଳବନ୍ତରାୟ କହିଛନ୍ତି।

### ୪ ମାଓବାଦୀ ସମର୍ଥକ ଗିରଫ
### ବ୍ୟାନର, ପୋଷ୍ଟର ଜବତ

**ରାଇଘର/ଉମରକୋଟ, ୨୬।୩ (ଡି.ଏନ୍.ଏ):** ନବରଙ୍ଗପୁର ଜିଲା ରାଇଘର-କୁନ୍ଦେଇ ମୁଖ୍ୟ ରାସ୍ତା ନିକଟରୁ ମଙ୍ଗଳବାର ଭୋରୁ ରାଇଘର ପୋଲିସ ୪ ମାଓବାଦୀ ସମର୍ଥକଙ୍କୁ ଗିରଫ କରିଛି। ସେମାନେ ହେଲେ ଛତିଶଗଡ ଜିଲା ଖଲାରୀ ଥାନା ଅନ୍ତର୍ଗତ ଜଡାତରେଇ ଗ୍ରାମର ପିଲାରାମ ନେତାମ, ଈଶ୍ୱରଲାଲ ନେତାମ, ଟିକେଶ ନେତାମ ଓ ସୟ ନେତାମ । ସେମାନଙ୍କ ନିକଟରୁ ବିପୁଳ ପରିମାଣର ମାଓବାଦୀ ବ୍ୟାନର ଓ ପୋଷ୍ଟର ଜବତ କରାଯାଇଛି। ଉମରକୋଟ ଥାନାରେ ଏକ ଖବରଦାତା ସମ୍ମିଳନୀରେ ନବରଙ୍ଗପୁର ଏସ୍‌ପି ନୀତିନ ଡୁଗୁଡୁ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଛତିଶଗଡ ସୀମାନ୍ତ ଅଞ୍ଚଳରେ ରାଇଘର ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ୨ଟି ବାଇକରେ ୪ ଜଣ ଯାଉଥିବା ବେଳେ ଅଟକ ରଖି ଯାଞ୍ଚ କରିଥିଲା। ସେମାନଙ୍କ ନିକଟରୁ ବିପୁଳ ପରିମାଣର ମାଓବାଦୀ ପୋଷ୍ଟର, ବ୍ୟାନର ଜବତ କରିବା ସହ ଗିରଫ କରିଥିଲା।

### ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**ନବରଙ୍ଗପୁର,୨୬।୩(ବି.ପ୍ର.):** ଏକ ହତ୍ୟା ମାମଲାରେ ଉମରକୋଟ ଉପକାରାଗାରରେ ଥିବା ବିଚାରାଧୀନ କଏଦୀ ଦେବ ମାଝୀ(୩୫)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ମୃତ୍ୟୁ ଘଟିଛି । ଦେବଙ୍କ ଘର ରାଇଘର ବ୍ଲକ ରାହାସପାରା ଗାଁ । ସେ ୪ ମାସ ତଳେ ଗିରଫ ହୋଇ ଉପକାରାଗାରରେ କଏଦୀ ଭାବେ ରହୁଥିଲେ । ସୋମବାର ଅପରାହ୍ନରେ ତାଙ୍କ ହାତ ଗୋଡ ଅକାମୀ ହୋଇ ଯାଇଥିଲା। ଏନେଇ ଉପକାରାଗାର କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଜଣାଇବା ପରେ ତୁରନ୍ତ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରୁ ତାଙ୍କୁ ନବରଙ୍ଗପୁର ଜିଲା ସଦର ମହକୁମା ଚିକିତ୍ସାଳୟକୁ ରାତିରେ ନିଆଯାଇଥିଲା। ମଙ୍ଗଳବାର ସକାଳେ ଦେବଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ପ୍ୟାରିସ୍ ବେକରି ନିର୍ଦ୍ଦେଶକଙ୍କୁ ଆଗୁଆ ଜାମିନ

**କଟକ ଅଫିସ, ୨୬।୩:** କେକ୍ କମ୍ପାନୀ ପ୍ୟାରିସ ବେକରିର ନିର୍ଦ୍ଦେଶକ ଜୟନାରାୟଣ ପୂଜାପଣ୍ଡା ଓ ତାଙ୍କ ସ୍ତ୍ରୀ ରାଜଲକ୍ଷ୍ମୀ ମହାସୁଆରଙ୍କୁ ହାଇକୋର୍ଟରୁ ଆଗୁଆ ଜାମିନ ମିଳିଛି। ଗତ ଡିସେମ୍ବର ୧୭ରେ ହାଇକୋର୍ଟ ଉଭୟଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଥିଲେ। ସୂଚନାଥାଉ କି, ଉଭୟଙ୍କ ବିରୋଧରେ ଏକାଧିକ ଦୋକାନୀ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖାରେ ବହୁ କୋଟି ଟଙ୍କା ଠକେଇ ଅଭିଯୋଗ କରିଥିଲେ। ଟଙ୍କା ନେଇ ମାଲ୍ ଡେଲିଭରି ନ ଦେବା ଅଭିଯୋଗ ହୋଇଥିଲା। ପ୍ୟାରିସ ବେକରିର ପାର୍ଟନର ବିଭାସ ରଞ୍ଜନ ମଧ ଏ ସମ୍ପର୍କରେ ଭୁବନେଶ୍ୱର କୋର୍ଟରେ ଏକ କମ୍ପ୍ଲେନ୍ କେସ୍ ଦାଏର କରିଥିଲେ। ଭୁବନେଶ୍ୱର କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ନୟାପଲ୍ଲୀ ଥାନାରେ ଉଭୟଙ୍କ ବିରୋଧରେ ଗତ ନଭେମ୍ବର ମାସରେ ମାମଲା ରୁଜୁ ହୋଇଥିଲା।

ନବମ ଶ୍ରେଣୀ ଛାତ୍ରୀ ଶିଶୁକନ୍ୟା ଜନ୍ମ ଦେବା ଘଟଣା

## ୩ଲକ୍ଷ କ୍ଷତିପୂରଣ ଦେବାକୁ ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୨୬।୩ (ବ୍ୟୁରୋ)**

**ଛାତ୍ରୀଙ୍କୁ ସରକାରୀ ନିୟମ ଅନୁଯାୟୀ ଥଇଥାନ କରାଯାଉ**

କୋରାପୁଟ ଜିଲାର ଏକ ଆବାସିକ ସରକାରୀ ସ୍କୁଲ୍ ଛାତ୍ରୀବାସରେ ରହୁଥିବା ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ୨୦୧୭ରେ ବଳାତ୍କାର କରାଯାଇଥିଲା। ସ୍କୁଲର ପ୍ରଧାନଶିକ୍ଷକ ଛାତ୍ରୀଙ୍କୁ ବଳାତ୍କାର କରିବା ପରେ କାହାକୁ ନ କହିବାକୁ ଧମକ ଦେଇଥିଲେ। ଭୟରେ ଛାତ୍ରୀଜଣକ କାହାକୁ ନ କହି ଶେଷରେ ଏକ ଶିଶୁ କନ୍ୟା ଜନ୍ମ ଦେଇଥିଲେ। ଏହି ଘଟଣାକୁ ନେଇ ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆର୍‌ସି)ଙ୍କ ନିକଟରେ ଏକ ପିଟିଶନ ହୋଇଥିଲା। ଏହାର ବିଚାର କରି ଓଏଚ୍‌ଆର୍‌ସି ସଦସ୍ୟ ଜଷ୍ଟିସ ରଘୁବୀର ଦାଶ ପୀଡିତା ଛାତ୍ରୀଙ୍କୁ ୩ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଅନୁସୂଚିତ ଜାତି ଓ ଜନଜାତି ବିଭାଗର କମିଶନର କମ୍ ସେକ୍ରେଟେରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଉକ୍ତ ଟଙ୍କା ଛାତ୍ରୀଙ୍କ ନାମରେ ୭ବର୍ଷ ପାଇଁ ଫିକ୍ସଡ୍ ଡିପୋଜିଟ୍ କରିବାକୁ କୁହାଯାଇଛି। ୬ମାସ ପରେ ଏହି ଟଙ୍କାରୁ ଯାହା ସୁଧ ଆସିବ ତାହାକୁ ଛାତ୍ରୀଙ୍କୁ ଦିଆଯିବ। ଏହାସହ ସରକାରୀ ନିୟମ ଅନୁଯାୟୀ ଛାତ୍ରୀଙ୍କୁ ଥଇଥାନ କରାଯିବାକୁ ନିର୍ଦ୍ଦେଶ ରହିଛି। ସରକାର ଚାହିଁଲେ ଅଭିଯୁକ୍ତଙ୍କଠାରୁ ଉକ୍ତ ଟଙ୍କା ଭରଣା କରି ପୀଡିତାଙ୍କୁ ଦିଆଯାଇପାରିବ ବୋଲି ଜଷ୍ଟିସ ଦାଶ କହିଛନ୍ତି।

ସୂଚନାଯୋଗ୍ୟ, ଏହିସମ୍ବେଦନଶୀଳଘଟଣାକୁନେଇମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ ଗୋ ଓ ବିଜୟ କୁମାର ପଣ୍ଡା ଓଏଚ୍‌ଆର୍‌ସିଙ୍କ ନିକଟରେ ଏକ ପିଟିଶନ କରିଥିଲେ। ଓଏଚ୍‌ଆର୍‌ସି ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ କୋରାପୁଟ ଏସ୍‌ପି ଓ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ରିପୋର୍ଟକୁ ଆଧାର କରି ଶୁଣାଣି ହୋଇଥିଲା।


ଧରିତ୍ରୀ DHARITRI **CAREER APPOINTMENT**
every Wednesday & Saturday

**URGENTLY REQUIRED**
1. Lady Receptionist cum Front office In charge - 1 No.
2. House Keeping Staff - 2 Nos.
3. Travel Executive - 1 No.
4. Lady office Executive (Travel & Tours) - 1 No.
Please contact : TRIUMPH INN, 58, ASHOK NAGAR, BHUBANESWAR.
MOB -9437012533

**WANTED**
ଭୁବନେଶ୍ୱର ନୟାପଲ୍ଲୀସ୍ଥିତ କଲେଜ ନିମନ୍ତେ Clerk, Accountant (M), ବସ୍ ଡ୍ରାଇଭର, କାର ଡ୍ରାଇଭର, ପିଅନ, ହାଉସ କିପିଂ Staff ଆବଶ୍ୟକ। ରହିବା ବ୍ୟବସ୍ଥା ଅଛି।
BIMSR, 1480. IRC Village, Bhubaneswar -
9040009727, 8456845313

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା:- 10th/above. Monthly Salary upto Rs.27,000/- (Part Time / Full Time)
Contact-9938676412

**OFFICIALLY JOB**
ଯୋଗ୍ୟତା:- ଦଶମ ପାସ୍/ଫେଲ୍, ବୟସ:- (18-40) Yrs. ମାସିକ ଦରମା upto Rs.25,000/-
Contact Immediately
Mob-8763257042

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 27,000/, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

**WALK-IN-INTERVIEW**

| NO EXPERIENCE REQUIRED | SEO EXPERIENCE (MUST) REQUIRED |
| --- | --- |
| • HR & DM<br>• Sales & Marketing | • Content Writer<br>• SEO Sale (International)<br>• Web Developer<br>• Social Media Analyst<br>• PPC Analyst |

AuroIN 933, DLF Ciber City, Patia, Bhubaneswar
Mob : 9437513333, 7381738333, 9937292133

**ଡ୍ରାଇଭର ଓ ମାଳି ଆବଶ୍ୟକ**
ଅଫିସ୍ ଓ ଘରୋଇ ଚାରିଚକିଆ ଯାନ ଚଳେଇବା ପାଇଁ ଡ୍ରାଇଭର ଏବଂ ଫୁଲ ଗଛ ଓ ପରିବା ଚାଷ ପାଇଁ ମାଳି ଆବଶ୍ୟକ। ଦରମା ସହିତ ରହିବା ଓ ଖାଇବାର ସୁବିଧା ଦିଆଯିବ।
ଠିକଣାରେ ଯୋଗାଯୋଗ କରନ୍ତୁ
DLF Cibercity, Infront of Silicon Institute, Patia, 9th Floor, #929, Bhubaneswar
Phone No. : 0674-7107777, 7852984720

**Contact: 9938414918**
ଭୁବନେଶ୍ୱର ଅଫିସ୍‌ରେ କାମ କରିବା ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (17-35) yrs. ରହିବା ସୁବିଧା ଦିଆଯିବ। Monthly Salary upto Rs. 24000/-.

Bhubaneswar Snacks Cafe ପାଇଁ Sales Boy/Girl ଆବଶ୍ୟକ ଏବଂ ଦୋକାନରେ କାମ କରିବା ପାଇଁ ପିଲା ଆବଶ୍ୟକ।
7609948661
8984466226

**Vacancy In Citicon Engineers Ltd.**
1) **Relationship Manager - 5 nos (M/F)**, Fresher or experience in Real Estate.
2) **Office Manager -1(M)**, Minimum 0-3 years experience required. Candidate must be Graduate with Basic Computer Knowledge.
3) **Personal Assistant To Director - 1(M/F)**, Minimum 0-5 years experience required. Candidate must be Graduate or above with Basic Computer Knowledge.
4) **Personal Secretary to CMD -1(F/M)**, Minimum 5-7 years experience required. Candidate must be Graduate with MBA & Computer Knowledge.
5) **Transport Manager -1(M)**, 0-5 years experience required in Vehicle maintenance or Automobile Field.
6) **Data Entry Operator -1(M/F)**, Minimum 2-5 years experience with knowledge in Tally
7) **Office Assistant -2(M)**, Fresher or experience, Matric or above having Two wheeler is a must.
SALARY –NEGOTIABLE
**WALK-IN INTERVIEW : 01.04.19 to 10.04.19**
ADDRESS- Head Office, Plot No – 540, Saheed Nagar, Near Saheed Sporting Club, BBSR-7, Odisha, India
CONTACT NO-6372015600 / 06742540528
MAIL ID- Hr@citiconengineers.com
WEBSITE- www.citiconengineers.com

**TEACHERS WANTED**
Applications are invited from trained & experienced Teachers with good English Communication for primary & Nursery group. English, Hindi, Maths subjects efficiency are mostly required.
SUNRISE PUBLIC SCHOOL, B-48, Ruchika Market, Baramunda, BBSR-03, Classes from Pre-Nursery/ Nursery, Std-I to Std-VIII.
Contact: 9937014627, 9439363445, 9439733552
E-mail ID: sunrisepub.school@gmail.com

**PART / FULL TIME**
ଘରକାମ / ରୋଷେଇ / ରୋଗୀଙ୍କ ଯତ୍ନ / ଛୋଟପିଲାଙ୍କ ଯତ୍ନ ଏବଂ ଡ୍ରାଇଭର ଆବଶ୍ୟକ।
7381222430
7008010850

**Teachers Wanted**
Walk in interview. Candidates with NTT, CT and B.Ed are invited to face an interview on 2nd April 2019 at 10 AM. in the premises of Utkal International School situated. At-Banipada, Post- Chasapada, Dist-Cuttack, PIN-754027. Candidates are requested to Come with their original document with 2 sets of Xerox Copies and Passport size Photos.

**EDUCATORS REQUIRED**
23 YEARS OF EXCELLENCE IN QUALITY EDUCATION
PARAMITA SCHOOLS
CBSE ICSE IGCSE SSC
Creative and Successful - DAY & RESIDENTIAL Schools near Hyderabad looking for EDUCATORS for CAMBRIDGE-IGCSE, CISCE-ICSE & CBSE.
Also require FRENCH/SPANISH EDUCATOR.
Minimum Salary package p.a.

| PRE-PRIMARY | ENGLISH & SOCIAL | MATH & SCIENCE |
| --- | --- | --- |
| Rs. 3,00,000 | Rs. 3,60,000 | Rs. 4,20,000 |

Higher pay for deserving and experienced Educators.
Freshers with good communication skills can also apply.
FREE Board & Accommodation facility
For more information contact 8886127373, 9885136655
Apply online https://jobs.paramitaschools.in for Interview
INTERVIEWS 31-MAR-2019, SUNDAY 10:00AM - 05:00PM
Must register online for Interviews
Interviews will be conducted in ROURKELA. Venue details will be communicated directly to the short-listed Candidates.

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

See Career Appointment on every Wednesday & Saturday



ତୁମେ ଯଦି ଅଳ୍ପ କଥା କହିଲ, ତୁମ ପ୍ରାର୍ଥନା ସର୍ବୋତ୍କୃଷ୍ଟ ହେବ।
-ଲୁଥର



## ସଂକ୍ଷେପରେ

### ଟ୍ରକ୍ ଡ୍ରାଇଭରଙ୍କୁ ଆକ୍ରମଣ: ଦାଦାବଟି ଆଦାୟ, ୨ ଗିରଫ

**ଭୁବନେଶ୍ୱର,୨୬।୩ (ବ୍ୟୁରୋ):** ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଟ୍ରକ ଅଟକାଇ ଆକ୍ରମଣ କରିବା ସହ ଦାଦାବଟି ଆଦାୟ କରିଥିବା ଦୁଇଜଣଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିବା ସହ ୧୦ ହଜାର ଟଙ୍କା ଜବତ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ମୁଣ୍ଡାବସ୍ତିରେ ରହୁଥିବା ରାମା କିସ୍‌କୋ(୨୨) ଓ ଗୋବିନ୍ଦ ଗୋଇପାଇ(୨୦)। ପୋଲିସ ସୂଚନା ମୁତାବକ ସୋମବାର ବିଳମ୍ବିତ ରାତିରେ ଟ୍ରକ (ନଂ. ଏଚଆର ୩୮ ଜେଡ ୫୧୧୩)ର ଡ୍ରାଇଭର ପଟିଆରେ ମାଲ ଖାଲି କରି ଫେରୁଥିଲେ। ପୁରୀ ବାଇପାସ୍‌ରେ ଟ୍ରକ ପାର୍କିଂ କରି ମାଲିକଙ୍କ ସହ ମୋବାଇଲରେ କଥା ହେଉଥିଲେ। ଏହି ସମୟରେ ଦୁଇଜଣ ତାଙ୍କ ସହଯୋଗୀଙ୍କ ସହ ହାତରେ ଲାଠି ଧରି ଟ୍ରକ ନିକଟରେ ପହଞ୍ଚିଥିଲେ। ଡ୍ରାଇଭରଙ୍କୁ ଧମକ ଚମକ ଦେବା ସହ ଦାଦାବଟି ମାଗିଥିଲେ। ଡ୍ରାଇଭର ଟଙ୍କା ଦେବାକୁ ଅରାଜି ହେବାରୁ ତାଙ୍କୁ ଟ୍ରକରୁ ଭିଡିଆଣି ମାଡ ମାରିବା ସହ ପକେଟରୁ ୧୦ ହଜାର ଟଙ୍କା ଛଡାଇ ନେଇଥିଲେ। ଏହି ସମୟରେ ନାଇଟ ପାଟ୍ରୋଲିଂ କରୁଥିବା ପିସିଆର ଘଟଣାସ୍ଥଳରେ ପହଞ୍ଚିବା ଦେଖି ଦୁର୍ବୃତ୍ତମାନେ ଦୌଡିବା ଆରମ୍ଭ କରିଥିଲେ। ଏହି ସମୟରେ ପୋଲିସ ଦୁଇଜଣଙ୍କୁ କାବୁ କରି ନେଇଥିଲା। ପୋଲିସ ସେମାନଙ୍କ ନିକଟରୁ ୧୦ ହଜାର ଟଙ୍କା ଜବତ କରିବା ସହ ନଂ. ୧୦୮/୧୯ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ଜାମିନ ନାମଞ୍ଜAୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ପୋଲିସ ଚଢାଉ ଜାରି ରଖିଛି।

### ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ଛୁରାମାଡ଼

**ଭୁବନେଶ୍ୱର,୨୬।୩ (ବ୍ୟୁରୋ):** ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ନୟାପଲ୍ଲୀ ଥାନା ସାଲିଆସାହି ଇଡ୍‌କୋ ପଡିଆରେ ଜଣେ ଯୁବକଙ୍କୁ ମଙ୍ଗଳବାର ରାତି ପ୍ରାୟ ସାଢେ ୮ଟାରେ ଛୁରାମାଡ ହୋଇଛି। ତାଙ୍କ ପିଠିରେ ଗଭୀର ଆଘାତ ଲାଗିଛି। ତାଙ୍କୁ ପିସିଆର ଭ୍ୟାନ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡିକାଲକୁ ପଠାଇ ଦିଆଯାଇଛି। ଆହତ ଯୁବକ ଜଣଙ୍କ ହେଲେ ସାଲିଆସାହିର ରାଜେଶ ଶଶି (୩୩)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଛୁରାମାଡ କରିଥିବା ବ୍ୟକ୍ତି ଜଣକ ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ରାଜେଶ ଇଡ୍‌କୋ ପଡିଆରେ ରାତିରେ ବସିଥିଲେ। ଏହି ସମୟରେ ୪ ଜଣ ଯୁବକ ଆସି ତାଙ୍କୁ ଗାଳିଗୁଲଜ କରିଥିଲେ। ପରେ ତାଙ୍କୁ କାବୁ କରି ନିର୍ଘାତ ମାଡ ମାରିଥିଲେ। ଯୁବକମାନଙ୍କ ମଧ୍ୟରୁ ଜଣେ ଛୁରି ବାହାର କରି ତାଙ୍କ ପିଠିରେ ଭୁସି ଦେଇଥିଲେ। ରାଜେଶ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ବେଳେ ଅକ୍ରମଣକାରୀ ଯୁବକ ଫେରାର ହୋଇଯାଇଥିଲେ। ତାଙ୍କ ପାଟିଶୁଣି ସ୍ଥାନୀୟ ଲୋକ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା।

### କାଠଯୋଡି ବ୍ରିଜ୍‌ରୁ ଝୁଲନ୍ତା ମୃତଦେହ ଜବତ

**କଟକ ଅଫିସ,୨୬।୩:** କାଠଯୋଡି ରେଲୱେ ଲାଇନ ବ୍ରିଜ୍‌ରୁ ମଙ୍ଗଳବାର ଏକ ଝୁଲନ୍ତା ମୃତଦେହ ଜବତ କରିଛି କଟକ ଜିଆରପି ପୋଲିସ। ସେ ହେଲେ ବାରଙ୍ଗ ଥାନା ଅନ୍ତର୍ଗତ କହ୍ନେଇପଡା ଅଞ୍ଚଳର ଜଳଧର ମୁଦୁଲି(୫୦)। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଥିବା ବେଳେ ଏନେଇ ଏକ ମାମଲା(ନଂ.୨୦/୧୯) ରୁଜୁ ହୋଇଛି। ପ୍ରାଥମିକ ତଦନ୍ତରୁ ଜଳଧର ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଜଳଧର ବ୍ରିଜ୍‌ରେ ଝୁଲି ରହିଥିବା ଦେଖି ସ୍ଥାନୀୟ ଲୋକେ ମଙ୍ଗଳବାର ପୋଲିସକୁ ଜଣାଇଥିଲେ। ସକାଳ ପ୍ରାୟ ସାଢେ ୧୧ଟାରେ ଜିଆରପି ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଜଳଧର ବେକରେ ରଶି ଲଗାଇ ବ୍ରିଜ୍‌ରେ ଝୁଲି ରହିଥିବାବେଳେ ପୋଲିସ ତାଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲା।

■ ଚନ୍ଦ୍ରଶେଖରପୁର ଅଞ୍ଚଳରେ ପୁଣି ଦୁର୍ବୃତ୍ତଙ୍କ ଆତଙ୍କ

# ତାଲା ଭାଙ୍ଗି ନେଇଗଲେ ୩ ଲକ୍ଷ ଟଙ୍କା, ସୁନା ଗହଣା

**ଭୁବନେଶ୍ୱର,୨୬।୩ (ବ୍ୟୁରୋ)**

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଦୁର୍ବୃତ୍ତମାନେ ଆକ୍ରମଣ କରି ଏକ ଲୁଟ ଘଟାଇ ଥିଲେ। ଏହି ଘଟଣାରେ ପୋଲିସ କାହାକୁ ଗିରଫ କରି ନ ଥିବା ବେଳେ ପୁଣି ନୀଳାଦ୍ରିବିହାର ସେକ୍ଟର-୨, ପ୍ଲଟ ନଂ. ୩୧୩ ରେ ରହୁଥିବା ଜଣେ ଠିକାଦାରଙ୍କ ଘରୁ ଚୋରି ହୋଇଛି। ଘରେ କେହି ନ ଥିବା ବେଳେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଲୁଟ୍‌ପାଟ କରିଥିଲେ। ଘରେ ଥିବା ନଗଦ ୩ ଲକ୍ଷ ଟଙ୍କା ଓ ୨ ଲକ୍ଷ ଟଙ୍କାର ସୁନା ଗହଣା ଲୁଟି ନେଇଛନ୍ତି। ଏ ନେଇ ଥାନାରେ ଘର ମାଲିକ ପଦ୍ମଲୋଚନ ମହନ୍ତ ମଙ୍ଗଳବାର ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ତନାଘନା କରିଥିଲେ ମଧ୍ୟ ଲୁଟେରାଙ୍କ ସମ୍ପର୍କରେ କୌଣସି ଟେର ପାଇନି।

ପୋଲିସ ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲା ସମୁକୁଳ ଗ୍ରାମର ପଦ୍ମଲୋଚନ ମହନ୍ତ ଦୀର୍ଘବର୍ଷ ହେବ ନୀଳାଦ୍ରିବିହାରରେ ରହି ଆସୁଛନ୍ତି। ରବିବାର ପଦ୍ମଲୋଚନ କୌଣସି କାମରେ ପରିବାର ସହ ନିଜ ଗାଁକୁ ଯାଇଥିଲେ। ସେ ମଙ୍ଗଳବାର ପରିବାର ସହ ଘରକୁ ଫେରିଥିଲେ। ଫେରିବା ପରେ ଘରର ତାଲା ତଡାଯାଇଥିବା ବେଳେ ଆଲମାରି ଓ ଟ୍ରଙ୍କ ଭଙ୍ଗା ଯାଇଥିବା ବେଳେ ଆସବାବପତ୍ର ଏଣେତେଣେ ଫୋପଡା ଯାଇଥିଲା। ଆଲମାରିରେ ଥିବା ଟଙ୍କା ଓ ସୁନା ଗହଣା ନ ଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଖବର ପାଇ ସେଠାରେ ଯାଞ୍ଚ କରିବା ସହ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପଦ୍ମଲୋଚନ କହିଛନ୍ତି, ସେ ଘରେ ଟଙ୍କା ରଖିଥିବା ନେଇ ତାଙ୍କର ଜଣେ ସମ୍ପର୍କୀୟ ଜାଣିଥିଲେ। ତେଣୁ ଏହି ଚୋରି ପଛରେ ତାଙ୍କର ହାତଥିବା ସେ ସନ୍ଦେହ କରୁଛନ୍ତି। ଏ ନେଇ ପୋଲିସକୁ ସେ ଜଣାଇଛନ୍ତି। ପୋଲିସ ତାଙ୍କୁ ଡାକି ପଚରାଉଚରା କଲେ ସବୁ ଜଣାପଡିବ ବୋଲି ପଦ୍ମଲୋଚନ କହିଛନ୍ତି।

ଅନ୍ୟପକ୍ଷେ ଘରେ ପଦ୍ମଲୋଚନ କ'ଣ ପାଇଁ ନଗଦ ଏତେ ଟଙ୍କା ରଖିଥିଲେ ତାହାକୁ ନେଇ ଏବେ ପ୍ରଶ୍ନ ଉଠୁଛି। ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି। ଏହି ଚୋରି ପଛରେ ସ୍ଥାନୀୟ କେତେଜଣ ଯୁବକଙ୍କ ହାତଥିବା ପୋଲିସ ସନ୍ଦେହ କରୁଛି। ତେଣୁ ପୋଲିସ ପଦ୍ମଲୋଚନଙ୍କ ପଡୋଶୀମାନଙ୍କୁ ଏ ନେଇ ପଚରାଉଚରା କରୁଛି। ଅନ୍ୟପକ୍ଷେ ଉକ୍ତ ଅଞ୍ଚଳରେ ଲୁଟ୍, ଡକାୟତି ଓ ଚୋରି ବଢୁଥିବାରୁ ଅଞ୍ଚଳବାସୀ ଏକ ପ୍ରକାର ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଏପରି କି କୌଣସି ବ୍ୟକ୍ତି ଘର ଛାଡି ବାହାରକୁ ଯିବାକୁ ଉଚିତ ମଣୁନାହାନ୍ତି। ଏ ନେଇ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକଙ୍କୁ ପଚାରିବାରେ ରବିବାର ରାତିରେ ଏହି ଘଟଣା ଘଟିଛି। ସେ ଏତେ ଟଙ୍କା ଘରେ କିଭଳି ରଖିଥିଲେ ତାହା ଆମକୁ ସନ୍ଦେହ ଘେରରେ ପକାଇଛି। ଆମେ ତଦନ୍ତ ଚଳାଇଛୁ। ଖୁବ୍‌ଶୀଘ୍ର ଦୁର୍ବୃତ୍ତମାନଙ୍କୁ ଗିରଫ କରାଯିବ ବୋଲି ସେ କହିଥିଲେ।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ମଙ୍ଗଳବାର ଲାବଣ୍ୟ ଥିଏଟର ପକ୍ଷରୁ ପରିବେଷିତ ନାଟକ 'ଅନାଗତ'ର ଏକ ଦୃଶ୍ୟ।

## 'ସ୍ୱଚ୍ଛ ଓ ସବୁଜ ଭୁବନେଶ୍ୱର' ଅଭିଯାନର ଶୁଭାରମ୍ଭ



**ଭୁବନେଶ୍ୱର,୨୬।୩(ବ୍ୟୁରୋ)**

ପରିବେଶ ସମସ୍ୟାର ନିରାକରଣ ନିମନ୍ତେ ଓଡ଼ିଶା ପରିବେଶ ସମିତି ତରଫରୁ ଭୁବନେଶ୍ୱର ମହାନଗର ନିଗମ ସହାୟତାରେ ମଙ୍ଗଳବାର 'ସ୍ୱଚ୍ଛ ଓ ସବୁଜ ଭୁବନେଶ୍ୱର' ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ଏହି ଅଭିଯାନର ଆଭିମୁଖ୍ୟ ହେଉଛି ପ୍ରଶାସନିକ ଉଦ୍ୟମକୁ ଫଳପ୍ରଦ କରିବା ପାଇଁ ସ୍ଥାନୀୟ ଅଧିବାସୀଙ୍କ ସହଯୋଗ ଓ ସହଭାଗିତାକୁ ପ୍ରୋତ୍ସାହନ ପ୍ରଦାନ କରିବା। ପ୍ରଥମ ଦିନରେ ଖଣ୍ଡଗିରି-ଉଦୟଗିରି ଐତିହ୍ୟସ୍ଥଳୀ ଅଞ୍ଚଳରେ ବିଏମ୍‌ସି କମିଶନର ସମର୍ଥ ବର୍ମା ଅଭିଯାନର ଶୁଭାରମ୍ଭ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ନିଜ ପରିବେଶକୁ ପ୍ରଦୂଷଣମୁକ୍ତ, ସବୁଜ ଓ ସୁନ୍ଦର ରଖିବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ ହେବା ଆବଶ୍ୟକ ବୋଲି CAସ କହିଥିଲେ। ପରିବେଶ ସମିତି ସଭାପତି ଡ. ସୁନ୍ଦର ନାରାୟଣ ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ମୁଖ୍ୟ ପ୍ରତ୍ନତତ୍ତ୍ୱ ବିଶେଷଜ୍ଞ ଅରୁଣ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେ କହିଥିଲେ, ଭୁବନେଶ୍ୱରରେ ରହିଥିବା କୀର୍ତ୍ତିରାଜିର ଯଥେଷ୍ଟ ଗୁରୁତ୍ୱ ଥିବାରୁ ଏହାର ସୁରକ୍ଷା ସହ ସ୍ୱଚ୍ଛତା ଏବଂ ପରିବେଶର ଗୁଣାତ୍ମକ ମାନ ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆୟୋଜକ ସଭ୍ୟ ରଘୁନାଥ ପୃଷ୍ଟି ଉପସ୍ଥିତ ଅନ୍ୟ ସଭ୍ୟମାନଙ୍କୁ ସବୁଜ ସଂକଳ୍ପ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଂ. ମନୋରଞ୍ଜନ ମିଶ୍ର, ବିଏମ୍‌ସି ଅତିରିକ୍ତ କମିଶନର ସୁରଥ ଚନ୍ଦ୍ର ମଲ୍ଲିକ, ପରିବେଶ ସମିତି ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କୁ ଅସଦାଚରଣ କରି ଜଣେ ଗିରଫ

**ବାଲକାଟୀ,୨୬।୩(ଡି.ଏନ୍.ଏ.)**

ବାଲକାଟୀ ଫାଣ୍ଡି ଅଞ୍ଚଳରେ ଜଣେ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ମଙ୍ଗଳବାର ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଭଦ୍ରକ ଜିଲା ଅଞ୍ଚଳର ଦେବ ସାହୁ। ସେ ବାଲକାଟୀ ବଜାରରେ ରହି ଏକ ହୋଟେଲ କର୍ମଚାରୀ ଭାବେ କାମ କରୁଛନ୍ତି। ସୂଚନା ମୁତାବକ, ଦେବ ବାଲକାଟୀ ବଜାରରେ ଥିବା ଏକ ହୋଟେଲରେ ସେଲ୍ସମ୍ୟାନ ଭାବେ କାର୍ଯ୍ୟ କରୁଥିବା ବେଳେ ଉକ୍ତ ମହିଳା ଜଣକ ମଧ୍ୟ ସେଠି ବାସନ ମଜାମଜି କରନ୍ତି। ମହିଳା ଜଣକ ସୋମବାର ସନ୍ଧ୍ୟାରେ ହୋଟେଲରେ ବାସନ ମାଜୁଥିବା ସମୟରେ ଦେବ ତାଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ମହିଳା ଜଣକ ବାଲକାଟୀ ଫାଣ୍ଡିରେ ଅଭିଯୋଗ କରିଥିଲେ। ମହିଳାଙ୍କ ଅଭିଯୋଗକୁ ଭିତ୍ତି କରି ବାଲିଅନ୍ତା ଥାନାରେ ନଂ ୮୦/୧୯ରେ ଏକ ମାମଲା ରୁଜୁ କରିଥିଲା। ତେବେ ମଙ୍ଗଳବାର ଏହି ମାମଲାରେ ଅଭିଯୁକ୍ତ ଦେବଙ୍କୁ ବାଲକାଟୀ ଫାଣ୍ଡି ପୋଲିସ ଗିରଫ କରିଥିଲା। ଦେବ ଜAଣେ ବିବାହିତ ହୋଇଥିବା ବେଳେ ୨ଟି ସନ୍ତାନର ପିତା ଅଟନ୍ତି।

## ବିଦ୍ୟୁତ୍ ସଞ୍ଚୟ, ଜୀବନ ସୁରକ୍ଷା ତାଲିମ




ସଞ୍ଚୟ ଏବଂ ଜୀବନ ସୁରକ୍ଷା ତାଲିମରେ ଯୋଗଦେଇଥିବା ଗ୍ରାମବାସୀ।

**ପୁରୁଣା ଭୁବନେଶ୍ୱର, ୨୬। ୩(ଡି.ଏନ.ଏ.)**

ଦୀର୍ଘ ୪୦ ବର୍ଷ ପରେ ଗାଁକୁ ବିଦ୍ୟୁତ ଆଲୁଅ ଆସିବା ପରେ କନ୍ଦଳେଇ ଆଦିବାସୀପଲ୍ଲୀର ଅଧିବାସୀ ଏହାର ସଞ୍ଚୟ ଏବଂ ଜୀବନ ସୁରକ୍ଷା ପାଇଁ ତାଲିମ ନେଇ ନିଜର ସAଚ୍ଛୋଟତା ଦେଖାଇଛନ୍ତି। ମଙ୍ଗଳବାର ନୂଆଦିଲ୍ଲୀର ସାମାଜିକ ସଙ୍ଗଠନ ଆଶ୍ରା ପକ୍ଷରୁ କନ୍ଦଳେଇ ଆଦିବାସୀ ଗାଁରେ ବିଜୁଳି ଶକ୍ତିର ସଞ୍ଚୟ, ସଂରକ୍ଷଣ ଓ ଉଚିତ୍ ବ୍ୟବହାର ଉପରେ ଏକ ତାଲିମ ଦିଆଯାଇଥିଲା। କରେଣ୍ଟ ମାରିଲେ ପ୍ରାଥମିକ ଉପଚାର ସମ୍ବନ୍ଧରେ ବୁଝାଯାଇଥିଲା। ଇଞ୍ଜିନିୟର ବାସୁଦେବ ମିଶ୍ର ସହ ସାମାଜିକ କର୍ମୀ ସୁଶାନ୍ତ ସାହୁ, ପ୍ରଦୀପ ରଞ୍ଜନ ରାଉତ, ଶିକ୍ଷକ ପବିତ୍ର ମୋହନ ନାୟକ, ତ୍ରିଲୋଚନ ବେଉରା, ନାରାୟଣ ପ୍ରଧାନ, ପ୍ରିୟବ୍ରତ ପଣ୍ଡା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ମେଳଣ ସମୟରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ବାରଙ୍ଗ,୨୬।୩(ଡି.ଏନ୍.ଏ.)**

ଦାରୁଠେଙ୍ଗ ଗ୍ରାମରେ ସୋମବାର ରାତିରେ ପଞ୍ଚୁଦୋଳ ମେଳଣ ଚାଲିଥିବା ବେଳେ ଜଣେ ବ୍ୟକ୍ତିଙ୍କୁ କଟୁରିରେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏଥିରେ ଆହତ ବ୍ୟକ୍ତି ଜଣକ ହେଲେ ସ୍ଥାନୀୟ ଗ୍ରାମର ତପନ କୁମାର ଚକ୍ରବର୍ତ୍ତୀ(ଡଲୁ)। ତାଙ୍କୁ ସେହି ଗ୍ରାମର ସନ୍ତୋଷ ପାହାଡ ସିଂ(ଖୋବା) ଆକ୍ରମଣ କରିଥିଲେ।

ପ୍ରକାଶ ଯେ, ପଞ୍ଚୁଦୋଳ ମେଳଣ ପାଇଁ ଗ୍ରାମବାସୀ ବ୍ୟସ୍ତ ଥିବାବେଳେ କିପରି ଶାନ୍ତିଶୃଙ୍ଖଳାରେ ଶେଷହେବ ସେଥିପାଇଁ ଗ୍ରାମର ଯୁବକମାନେ ତତ୍ପର ଥିଲେ। ରାତି ସାଢେ ୮ଟା ସମୟରେ ଡଲୁ ଗ୍ରାମର ଏକ ଛକରେ ଛିଡାହୋଇ ଯୁବକମାନଙ୍କ ସହ ଆଲୋଚନା କରୁଥିବାବେଳେ ଖୋବା ଆସି ତାଙ୍କୁ ପଛପଟରୁ କଟୁରିରେ ମରଣାନ୍ତକ ଆକ୍ରମଣ କରି ସହଯୋଗୀର ବାଇକରେ ଚମ୍ପଟ ମାରିଥିଲେ। ଏହାପରେ ଉପସ୍ଥିତ ଯୁବକମାନେ ଆହତ ଡଲୁଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନେଇଥିଲେ। ତାଙ୍କ ମୁଣ୍ଡର ଏକ ପାର୍ଶ୍ୱରେ କ୍ଷତ ସୃଷ୍ଟି ହୋଇଛି। ଏ ନେଇ ମଙ୍ଗଳବାର ଡୁଲୁ ଚନ୍ଦକା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ୫୭/୧୯ନଂରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ବେଳେ ଏ ପର୍ଯ୍ୟନ୍ତ ଆକ୍ରମଣକାରୀଙ୍କୁ ଧରି ପାରି ନାହିଁ। ମେଳଣ ପାଇଁ ଗ୍ରାମରେ ପୋଲିସ ଫୋର୍ସ ମୁତୟନ ଥିଲେ ମଧ୍ୟ ଆକ୍ରମଣକାରୀଙ୍କ ଆକ୍ରମଣକୁ ରୋକି ପାରି ନ ଥିବା ଘଟଣାକୁ ଗ୍ରାମବାସୀ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଅପରପକ୍ଷେ ଏହି ଆକ୍ରମଣ କୌଣସି ପୁରୁଣା ବିବାଦକୁ ନେଇ ହୋଇଥାଇପାରେ ବୋଲି ପୋଲିସ କହୁଥିବା ବେଳେ ଖୁବଶୀଘ୍ର ଆକ୍ରମଣକାରୀଙ୍କୁ ଧରାଯିବ ବୋଲି ମଧ୍ୟ ସୂଚନା ଦେଇଛନ୍ତି।

## ବାଲ୍‌ଟିରୁ ମିଳିଲା ନବଜାତ ଶିଶୁପୁତ୍ରର ମୃତଦେହ

**ଭୁବନେଶ୍ୱର,୨୬।୩ (ବ୍ୟୁରୋ)**

ନୟାପଲ୍ଲୀ ଥାନା ଅନ୍ତର୍ଗତ ଏନ୍-୬ ପ୍ଲଟ୍ ନଂ.୪୩୬ସ୍ଥିତ ଘର ପାଚେରି ପଛରୁ ପ୍ଲାଷ୍ଟିକ ବାଲ୍‌ଟି ଭିତରେ ଏକ ନବଜାତ ଶିଶୁପୁତ୍ରର ମୃତଦେହକୁ ଠାବ କରାଯାଇଛି। ମଙ୍ଗଳବାର ସକାଳେ ପାଚେରି ନିକଟରୁ ଦୁର୍ଗନ୍ଧ ବାହାରୁଥିବାରୁ ଲୋକେ ସେଠାରେ ପହଞ୍ଚି ରକ୍ତଲଗା ମୃତଦେହକୁ ବାଲ୍‌ଟି ଭିତରେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏନେଇ ପୋଲିସ ୩୯/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ କିଏ କାହିଁକି ସେଠାରେ ନବଜାତ ଶିଶୁପୁତ୍ରର ମୃତଦେହକୁ ବାଲ୍‌ଟିରେ ରଖିଥିଲେ ତାହାର ଖୋଳତାଡ଼ କରୁଛି ପୋଲିସ। କେହି ମହିଳା ମୃତ ଶିଶୁପୁତ୍ରକୁ ଜନ୍ମ ଦେବା ପରେ ତାହାକୁ ବାଲ୍‌ଟିରେ ଆଣି ଏଠାରେ ରଖାଯାଇଥିବା ଅନୁମାନ କରାଯାଉଛି। ଏଥିପାଇଁ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଥିଲେ ମଧ୍ୟ କିଛି ବି ସୁରାକ ମିଳିପାରିନି। ରାଜଧାନୀରେ ବାରମ୍ବାର ନବଜାତ ଶିଶୁ ମୃତ ଅବା ଜୀବିତ ଅବସ୍ଥାରେ ମିଳିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ସୋମବାର ସକାଳେ ମଧ୍ୟ କ୍ୟାପିଟାଲ ଥାନା ଅନ୍ତର୍ଗତ ଶାସ୍ତ୍ରୀନଗର ବସ୍ତିରୁ ଏକ ନବଜାତ ଶିଶୁପୁତ୍ରକୁ ଉଦ୍ଧାର କରାଯାଇଥିଲା। କେହି ମହିଳା ଶିଶୁଟିକୁ ଜନ୍ମ ଦେବା ପରେ ସାମାଜିକ ଲଜ୍ଜା ଭୟରେ କେହି ଯୁବତୀ ଡ୍ରେନ୍ ଉପରେ ଶିଶୁଟିକୁ ଶୁଆଇ ଘୋଡ଼ାଇ ଦେଇ ଚାଲିଯାଇଥିବା କୁହାଯାଉଛି। ଉଦ୍ଧାର ପରେ ଶିଶୁଟିକୁ ଚିକିତ୍ସା ପାଇଁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ଶିଶୁ ଭବନରେ ଭର୍ତ୍ତି କରାଯାଇଥିଲା।

## ଏଥର ବି ମରାମତି ହେଲେନି ଚଳନ୍ତି ପ୍ରତିମା

**ପୁରୁଣା ଭୁବନେଶ୍ୱର, ୨୬। ୩(ଡି.ଏନ.ଏ.)**

### ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା

ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କର ରୁକୁଣା ରଥଯାତ୍ରା ପାଇଁ ପ୍ରସ୍ତୁତି ଜୋର୍‌ସୋର ଥିବାବେଳେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମରାମତି ପ୍ରସଙ୍ଗ ଆଶା ଆଶଙ୍କାରେ। ରଥରେ ଯାତ୍ରା କରୁଥିବା ଠାକୁରଙ୍କ ଚଳନ୍ତି ପ୍ରତିମାମାନ ଭଗ୍ନ ଏବଂ ଅବକ୍ଷୟ। ତେଣୁ ଏହି ପ୍ରାଚୀନ ମୂର୍ତ୍ତିଗୁଡ଼ିକ ପରିବର୍ତ୍ତନ ପାଇଁ ବିଭିନ୍ନ ସମୟରେ ସେବାୟତମାନଙ୍କ ପକ୍ଷରୁ ଦାବି ହୋଇ ଆସୁଥିଲା। ମନ୍ଦିର ପ୍ରଶାସନ ଏହାର ମରାମତି କିମ୍ବା ବଦଳାଇବା ନେଇ ପୁରୀ ମୁକ୍ତି ମଣ୍ଡପକୁ ପ୍ରସ୍ତାବ ଲୋଡ଼ିଥିଲା। ଶେଷ ପ୍ରସ୍ତାବରେ ମୂର୍ତ୍ତିଗୁଡ଼ିକ ଶୀତଳୀକରଣ ପଦ୍ଧତି ମାଧ୍ୟମରେ ମରାମତି ସମ୍ଭବ ବୋଲି ମୁକ୍ତ ମଣ୍ଡପ ପକ୍ଷରୁ କୁହାଯାଇଥିଲା। ଏପଟେ ୪୦ ବର୍ଷ ଧରି ରଥରେ କାଳସୀ ବା ସାରଥି କାର୍ଯ୍ୟ ନିଭାଉଥିବା ନରସିଂହ ଖୁଣ୍ଟିଆ ୨୦୧୦ରେ ତତ୍କାଳୀନ ମନ୍ଦିର କାର୍ଯ୍ୟନିର୍ବାହୀ ଅଫିସରଙ୍କୁ ମୂର୍ତ୍ତି ବଦଳାଇବା ସମ୍ବନ୍ଧରେ ଅଭିଯୋଗ କରିଥିଲେ। ଇତିମଧ୍ୟରେ ଏହି କାର୍ଯ୍ୟ ଅଦ୍ୟାବଧି ସମ୍ପନ୍ନ ହୋଇ ନ ଥିବାରୁ ଚଳିତବର୍ଷ ରଥରେ ଭଗ୍ନ ଚଳନ୍ତି ପ୍ରତିମା ଯାତ୍ରା କରିବା ନେଇ ଖୁଣ୍ଟିଆ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଗତବର୍ଷ ରଥରୁ ଭାରସାମ୍ୟ ହରାଇ ଖସି ପଡ଼ିଥିବାବେଳେ ଏବେ ସେ ଅସୁସ୍ଥ ଅଛନ୍ତି। ମାତ୍ର ତାଙ୍କ ପୁଅ ବିଭୂତି ଭୂଷଣ ଖୁଣ୍ଟିଆ ଏହି କାର୍ଯ୍ୟ ନିଭାଇଲେ ବି ମୁଁ ପ୍ରତ୍ୟକ୍ଷ ଭାବେ ସାରଥି କାର୍ଯ୍ୟ ପାଇଁ ସହଯୋଗ କରିବି। ଚଳନ୍ତି ପ୍ରତିମା ମରାମତି ପ୍ରସଙ୍ଗ ପୁଣି ଉଠାଇବି। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ କୁହନ୍ତି, ଶୀତଳୀକରଣ ପଦ୍ଧତିରେ ମୂର୍ତ୍ତିଗୁଡ଼ିକୁ ମରାମତି ପାଇଁ କୌଣସି କାରିଗର ମିଳୁନ ନଥିବାବେଳେ ଏହି ପଦ୍ଧତି ବ୍ୟବହାର ପାଇଁ ଅନ୍ୟମାନେ ଭୟ କରୁଛନ୍ତି। ତଥାପି ମୁକ୍ତମଣ୍ଡପକୁ ଏ ସମ୍ବନ୍ଧରେ ରିମାଣ୍ଡର କରାଯାଇଛି। ଯାତ୍ରା ପରେ ନିଯୋଗ ପ୍ରମୁଖଙ୍କ ସହ ଯୋଗାଯୋଗ କରାଯାଇ ଉପଯୁକ୍ତ ପଦକ୍ଷେପ ନିଆଯିବ।

## ପଞ୍ଚବଟୀ ଦୋଳ ମେଳଣ



ପଞ୍ଚବଟୀ ଦୋଳମେଳଣରେ ସୁସଜ୍ଜିତ ହୋଇ ରହିଥିବା ଦୋଳ ବିମାନ।

**ବାଲିଅନ୍ତା,୨୬।୩(ଡି.ଏନ୍.ଏ.)**

ବାଲିଅନ୍ତା ବ୍ଲକ ଅଧୀନ ଜଗନ୍ନାଥପୁର ପଞ୍ଚାୟତରେ ମଙ୍ଗଳବାର ପଞ୍ଚବଟୀ ଦୋଳମେଳଣ ଅନୁଷ୍ଠିତ ହୋଇଯାଇଛି। ସୋମବାର ରାତି ୧ଟାରୁ ମେଳଣର ରୋଶଣି ଶୋଭାଯାତ୍ରା ତ୍ରିନାଥ ବଜାରରୁ ବାହାରି ବୁଲି ଥିଲା। ଏଥିରେ ଆଖପାଖ ଗ୍ରାମର ୫ଟି ଦୋଳ ବିମାନ ଯୋଗଦେଇଥିଲେ। ମେଳଣର ଥାନପତି ପଞ୍ଚବଟୀ ଜୟରଶାସନ ଗ୍ରାମର ବଟେଶ୍ୱର ମହାଦେବଙ୍କ ସମେତ ଷୋହଳ ଗ୍ରାମର ମଦନମୋହନ ଦେବ, ଚାରିବାଟିଆର ରାଧାକାନ୍ତ ଦେବ, ଜଗନ୍ନାଥପୁରର ଗୋପୀନାଥ ଦେବ ଓ ଗୁଆଳିର ଗୋପୀନାଥ ଦେବଙ୍କ ସୁସଜ୍ଜିତ ଦୋଳବିମାନ ଶୋଭାଯାତ୍ରାରେ ଆସି ବଟେଶ୍ୱର ମହାଦେବଙ୍କ ମନ୍ଦିର ପରିସର ମଣ୍ଡପରେ ବିଜେ କରିଥିଲେ। ସନ୍ଧ୍ୟାରେ ଠାକୁରଙ୍କ ଦୋଳ ବିମାନ ସମ୍ମୁଖରେ ୨୫ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା।

■ ଟେଷ୍ଟ ଡ୍ରାଇଭ ଆଳରେ ଲୁଟୁଥିଲେ ଦାମୀ ବାଇକ୍

# ଗିରଫ ଦୁଇ ଅଭିଯୁକ୍ତ ଜେଲ ଗଲେ

**ଭୁବନେଶ୍ୱର,୨୬।୩ (ବ୍ୟୁରୋ)**

### ବାଇକ୍, ଟଙ୍କା, ମୋବାଇଲ ଜବତ

ଟେଷ୍ଟ ଡ୍ରାଇଭ ଆଳରେ ଦାମୀ ବାଇକ୍ ଲୁଟୁଥିବା ଦୁଇ ଅଭିଯୁକ୍ତଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ପୁରୀ ଜିଲା ତାଳବଣିଆ ଥାନା ଅନ୍ତର୍ଗତ ମଧୁବନ ଅଞ୍ଚଳର ଅବିନାଶ ଖୁଣ୍ଟିଆ, ପୁରୀ ସଦର ଥାନା ଅନ୍ତର୍ଗତ ଖଣ୍ଡିବନ୍ଧ ଅଞ୍ଚଳର ପ୍ରଭୁରାମ ସ୍ୱାଇଁ। ପୋଲିସ ସେମାନଙ୍କ ନିକଟରୁ ୩ ମୋବାଇଲ, ୨ ବାଇକ୍ ଓ ୮ ହଜାର ଟଙ୍କା ଜବତ କରିଛି। ପୋଲିସ ଏହାର ତଦନ୍ତ କରି ନଂ. ୧୦୭/୧୯ରେ ମାମଲା ରୁଜୁ କରିଥିଲା। ଏଥିସହ ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ପୋଲିସ ତଦନ୍ତ ଜାରି ରଖିଛି।

ପୋଲିସ ସୂଚନା ମୁତାବକ, ସୋନପୁର ଜିଲାର ରଜତ ପାତ୍ର ଭୁବନେଶ୍ୱରରେ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ବି' ଟେକ୍ ପଢିବା ସହ ନୟାପଲ୍ଲୀରେ ରୁହନ୍ତି। ତାଙ୍କ ବାଇକ୍ (ଓଡି ୩୩ ୟୁ ୦୬୧୪)କୁ ବିକ୍ରି କରିବାକୁ ସେ ଓଏଲଏକ୍ସରେ ବିଜ୍ଞାପନ ଦେଇଥିଲେ। ପୁରୀ ଅଞ୍ଚଳର ପରିଚୟ ଦେଇ ଦୁଇଜଣ ଯୁବକ ଉକ୍ତ ବାଇକ୍ କିଣିବାକୁ ତାଙ୍କ ସହ ଯୋଗାଯୋଗ କରିଥିଲେ। ୫ ଦିନ ତଳେ ଦୁଇ ଯୁବକ ମଞ୍ଚେଶ୍ୱର ଅଞ୍ଚଳରେ ପହଞ୍ଚି ଟେଷ୍ଟ ଡ୍ରାଇଭ କରିବା ବାହାନାରେ ବାଇକ୍ ନେଇ ଫେରାର ହୋଇଯାଇଥିଲେ। ଖୋଜା ଖୋଜି ପରେ ଗାଡି ନ ପାଇବାରୁ ନିରାଶ ହୋଇ ରଜତ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ସୋମବାର ଉକ୍ତ ଯୁବକଦ୍ୱୟ ରଜତଙ୍କୁ ଫୋନ କରି ଗାଡି ଫେରାଇଦେବା ପାଇଁ ୧୦ ହଜାର ଟଙ୍କା ମାଗିଥିଲେ। ଏ ସଂକ୍ରାନ୍ତରେ ପୋଲିସକୁ ଜଣାଇଲେ ଗାଡି ମିଳିବନି ବୋଲି ତାଙ୍କୁ ଧମକ ଦେଇଥିଲେ। ବାଧ୍ୟ ହୋଇ ରଜତ ୧୦ ହଜାର ଟଙ୍କା ଧରି ସେମାନେ ଦେଇଥିବା ଠିକଣା ମୁତାବକ ମାଷ୍ଟର କ୍ୟାଣ୍ଟିନ ଅଞ୍ଚଳରେ ପହଞ୍ଚିଥିଲେ। ସେମାନେ ଆଣିଥିବା ବାଇକ୍ (ଓଡି୧୩ ଜେ ୩୮୮୯) ମଝିରେ ରଜତଙ୍କୁ ବସାଇ ମାଷ୍ଟର କ୍ୟାଣ୍ଟିନରୁ ଲୋୟର ପିଏମଜି ରାସ୍ତାରେ ନେଇ ଯାଇଥିଲେ। ଉକ୍ତ ରାସ୍ତାରେ ଯିବା ବେଳେ ବାମପଟେ ରଜତଙ୍କ ବାଇକ୍ ପାର୍କିଂ ହୋଇଥିବା ଦେଖାଇଥିଲେ। ୧୦ ହଜାର ଟଙ୍କା ଦେଇ ବାଇକ୍ ନେବାକୁ କହିଥିଲେ। ସେହି ସମୟରେ ରଜତ ପିଏମ୍‌ଜି ଆଉଟପୋଷ୍ଟ ନିକଟରେ ଗାଡି ଚଳାଉଥିବା ଯୁବକଙ୍କ ବେକକୁ ଚାପି ଧରି ଓହ୍ଲାଇବାକୁ ଚେଷ୍ଟା କରିଥିଲେ। ନିୟନ୍ତ୍ରଣ ହରାଇ ଯୁବକଦ୍ୱୟ ତଳେ ପଡିଯିବାରୁ ସେଠାରେ ଉପସ୍ଥିତ ପୋଲିସ ସେମାନଙ୍କୁ କାବୁ କରି ନେଇଥିଲେ। ପରେ ବାଇକ୍ ସହ ଦୁଇଜଣଙ୍କୁ ମଞ୍ଚେଶ୍ୱର ପୋଲିସକୁ ହସ୍ତାନ୍ତର କରିଥିଲା।

# କଦଳୀ ଫସଲର ମୁଖ୍ୟ ରୋଗ ନିୟନ୍ତ୍ରଣ ବ୍ୟବସ୍ଥା

ଉଭୟ ଫଳ ଓ ପରିବା ରୂପେ ବ୍ୟବହୃତ ହୁଏ କଦଳୀ। ଏହା ଠାକୁରଙ୍କ ଭୋଗ ରୂପେ ବ୍ୟବହାର ଠାରୁ ଆରମ୍ଭ କରି ପରିବା ଭାବେ ନିତିଦିନିଆ ତରକାରିରେ ମଧ୍ୟ ବ୍ୟବହାର କରାଯାଏ। କିନ୍ତୁ କଦଳୀର ଉତ୍ପାଦନ ହାର ଆମ ରାଜ୍ୟରେ କମ୍। ଏଥିପାଇଁ ଆମକୁ ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ର ଆଦି ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଉତ୍ପାଦନ ହାର ହ୍ରାସ ପାଇବାରେ ମୁଖ୍ୟ କାରଣ ମଧ୍ୟରୁ ମାରାତ୍ମକ ରୋଗ ଅନ୍ୟତମ। ତେଣୁ କେଉଁ ଉପାୟ ଅବଲମ୍ବନ କଲେ କଦଳୀ ବଗିଚାକୁ ରୋଗମୁକ୍ତ ରଖାଯାଇପାରିବ ସେହି ବିଷୟରେ ଏଠାରେ ସୂଚିତ କରାଯାଉଛି।





- କଦଳୀ ବଗିଚାକୁ ରୋଗମୁକ୍ତ କରିବା ପାଇଁ ପୁଆ ବିଶୋଧନ ଏକ ମୁଖ୍ୟକାର୍ଯ୍ୟ। ଏଥିପାଇଁ ପ୍ରତି ୧ ଲିଟର ପାଣିରେ ୫୦୦ ଗ୍ରାମ ଗୋବର, ୨ ମି.ଲି. ମନୋକ୍ରୋଟୋଫସ୍, ୨ ଗ୍ରାମ ବାଭିଷ୍ଟିନ ଓ ୧ ଗ୍ରାମ ପ୍ଲାଣ୍ଟୋମାଇସିନ୍ ମିଶାଇ ଦ୍ରବଣ ପ୍ରସ୍ତୁତ କରି ସେଥିରେ ପୁଆଗୁଡ଼ିକୁ ଲଗାଇବା ପୂର୍ବରୁ ୨୦-୩୦ ମିନିଟ୍ ବୁଡ଼ାଇ ଲଗାଇବା ଆବଶ୍ୟକ।
- ଅଣକଦଳିଆ, ପତ୍ରପୋଛା, ଝାଉଁଳା, ଫଳଶଢ଼ା ଓ ପତ୍ରଚିତା ଆଦି ରୋଗ ଦ୍ୱାରା ଆକ୍ରାନ୍ତ ଗଛକୁ ପ୍ରଥମରୁ କାଟି ନଷ୍ଟ କରି ଦିଅନ୍ତୁ।
- ଝାଉଁଳା ଆକ୍ରାନ୍ତ କଦଳୀ କିଆରିରେ ପଟୁମାଟି ମିଶା ବନ୍ୟାଜଳ ଭର୍ତ୍ତି କରି କିଛିଦିନ ବାନ୍ଧି ରଖିଲେ ଏହି ରୋଗର ପ୍ରାଦୁର୍ଭାବ କମିଥାଏ।
- ନୀରୋଗା ପୁଆ ବା ସୁସ୍ଥ ପୁଆ ସଂଗ୍ରହ କରି ଲଗାନ୍ତୁ।
- ପୁଆ ଲଗାଇବା ପୂର୍ବରୁ ପ୍ରତି ଗାତରେ ୨୫୦ ଗ୍ରାମ ନିମ୍ବପିଡ଼ିଆ, ୫୦ ଗ୍ରାମ ଫୁରାଡମ୍ ଓ ୧୦ ଗ୍ରାମ ବାଭିଷ୍ଟିନ ପ୍ରୟୋଗ କରାଯିବା ଆବଶ୍ୟକ।
- କଦଳୀ ବଗିଚାର ଚାରିପଟେ ଯଥାସମ୍ଭବ ବାତ୍ୟା ନିରୋଧକ ଗଛ ଲଗାଇ ପବନର ଗତି କମ୍ କରିପାରିବା।
- ତିନି/ଚାରି ବର୍ଷରେ ଥରେ କଦଳୀ କିଆରିକୁ ଭାଙ୍ଗି ସେଠାରେ ଅନ୍ୟ ଯେକୌଣସି ଫସଲ ଚାଷ କଲେ କଦଳୀ ଫସଲକୁ ଲାଭ ମିଳିବ।
- ଚମ୍ପା, ମୋହନବଂଶୀ, ପୁଭାନ୍, ରୋବୁଷ୍ଟା, ରାଜବାଲେ ପ୍ରଭୃତି କଦଳୀ କିସମ ଚାଷ କଲେ ଭଲ।
- ଝାଉଁଳା ରୋଗ ଦ୍ୱାରା ମରିଯାଉଥିବା ଗଛକୁ ନଷ୍ଟ କରିଦେବା ପରେ ସେଠାରେ ଗାତ ପ୍ରତି ୧ କି.ଗ୍ରା. ଚୂନ ପ୍ରୟୋଗ କରି ଗାତ ବିଶୋଧନ କରିବାର ୨୦ ଦିନ ପରେ ପୁନର୍ବାର କଦଳୀ ଲଗାଯାଇପାରେ।
- ଉପଯୁକ୍ତ ଦୂରତା ଓ ଗଭୀରରେ ଗାତ ଖୋଳି ତାକୁ ୮ ଦିନ ଟାଣ ଖରାରେ ଶୁଖାନ୍ତୁ। ତା'ପରେ ଗାତରେ ଅଳିଆ ଆବର୍ଜନା ଓ କାଠିକୁଟା ଭର୍ତ୍ତିକରି ତାକୁ ପୋତିଦିଅନ୍ତୁ।

**ଝାଉଁଳା ରୋଗ:**

- ଏହାକୁ ପାନାମା ରୋଗ ମଧ୍ୟ କୁହାଯାଏ।
- ଏହା କବକଜନିତ ରୋଗ।
- ଏହି ରୋଗରେ ତଳପଟୁ ପତ୍ର ହଳଦିଆ ପଡ଼ିଯାଏ ଏବଂ ପତ୍ର ବାହାରୁଥିବା ଜାଗାଟି ଭାଙ୍ଗିଯାଏ ଓ ତଳକୁ ଓହଳିପଡ଼େ। ଆସ୍ତେ ଆସ୍ତେ ସମ୍ପୂର୍ଣ୍ଣ ଗଛଟି ଝାଉଁଳିପଡ଼େ ଆଉ ପତ୍ରଗୁଡ଼ିକ ଶୁଖି ମରିଯାଏ। ରୋଗଗ୍ରସ୍ତ ବୁଦାରୁ ଦୁର୍ବଳ ପୁଆମାନ ସୃଷ୍ଟି ହୁଏ ଏବଂ ପଚାଗନ୍ଧ ବାହାରେ। ଏହି ରୋଗ ଗୋଟିଏ ଜମିରୁ ଅନ୍ୟ ଜମିକୁ ଜଳସେଚନ ପାଣି ଏବଂ ରୋଗିଣା ପୁଆ ଦ୍ୱାରା ସଂକ୍ରମିତ ହୁଏ। ରସଥାଳି, ଅମୃତପାଣି, ପାଟକପୁରା ଆଦି କିସମରେ ଏହି ରୋଗ ଅଧିକ ହୁଏ।

**ଅଣକଦଳିଆ ରୋଗ:**

- ଏହା ଭୂତାଣୁଜନିତ ମାରାତ୍ମକ ରୋଗ
- ଏହା ଫସଲକୁ ଯେକୌଣସି ଅବସ୍ଥାରେ ଆକ୍ରାନ୍ତ କରେ।
- ଆକ୍ରାନ୍ତ ଗଛର ସବୁ ପତ୍ର ଏକତ୍ର ମିଶି ଗୁଚ୍ଛ ବା ପେଣ୍ଠା ପରି ଗଛ ଅଗରୁ ବାହାରେ।
- ନୂଆ ପୁଆଗୁଡ଼ିକ ଠିକ୍‌ଭାବରେ ବଢ଼ି ନ ପାରି ଅତ୍ୟନ୍ତ ଗେଡ଼ା ହୁଏ।
- ପତ୍ରଗୁଡ଼ିକ ଆକାରରେ ଛୋଟ ଓ ଟାଣ ହୋଇଯାଏ।
- କଅଁଳ କାନ୍ଦି ସମୟେ ସମୟେ ଗଣ୍ଡି ଫଟାଇ ବାହାରିପଡ଼େ।
- ଏହି ରୋଗ ଅଗଷ୍ଟରୁ ନଭେମ୍ବର ମାସ ମଧ୍ୟରେ ଦେଖାଯାଏ।
- ସାଧାରଣତଃ ଜଉପୋକ ଦ୍ୱାରା ସଂକ୍ରମିତ ହୋଇଥାଏ।

**ସିଗାଟୋକା ବା ପତ୍ରଚିତା ରୋଗ:**

- ଏହା ଏକ କବକଜନିତ ରୋଗ।
- ଏଥିରେ ଈଷତ୍ ହଳଦିଆ ଓ ବାଦାମୀ ରଙ୍ଗର ଲମ୍ବାଳିଆ ଦାଗଗୁଡ଼ିକ ଶିରା ସହିତ ସମାନ୍ତରାଳ ହୋଇ ଦେଖାଯାଏ।
- ଏହି ଦାଗଗୁଡ଼ିକ ବଢ଼ି ଆୟତାକୃତି, ଗାଢ଼ବାଦାମୀ ବା କଳା ହୋଇଯାଏ, ଯାହାର ମଝିଅଂଶ ମାଟିଆ ଓ ଧୂସର ଦେଖାଯାଏ, କେତେକ ଦାଗର ଧାରକୁ ଲାଗି ହଳଦିଆ ବଳୟ ଓ ଦାଗ ମଝିରେ କଳାଛିଟ ଦେଖାଯାଏ।
- ରୋଗ ଆକ୍ରମଣ ଅଧିକ ହେଲେ ଦାଗଗୁଡ଼ିକ ଅଣ୍ଡାକୃତି ହୋଇ ପରସ୍ପର ସହିତ ମିଶି ଚକଡ଼ା ଚକଡ଼ା ଦେଖାଯାଏ। ରୋଗର ପ୍ରାଦୁର୍ଭାବ ପୁରୁଣା ପତ୍ରରେ ଅଧିକ ଦେଖାଯାଏ।
- ସାଧାରଣତଃ ବର୍ଷାଦିନେ ଓ ଝଡ଼ବାତ୍ୟା ପରେ ଏହି ରୋଗ ଅଧିକ ପରିମାଣରେ ଦେଖାଯାଏ।

**ମଞ୍ଜୀକୀଳା ରୋଗ:** ମଞ୍ଜୀକୀଳା ରୋଗ ଆକ୍ରମଣର ପ୍ରଥମାବସ୍ଥାରେ ମୂଳପତ୍ର ମଳିନ ଦେଖାଯାଏ। ସେଥିରେ ଛଡ଼ା ଛଡ଼ା ହୋଇ ପାଣିମିଶା ଦାଗମାନ ଦେଖାଯାଏ। କିଛି ଦିନ ମଧ୍ୟରେ ସଂକ୍ରମିତ ମଞ୍ଜିପତ୍ର କଳା ପଡ଼ି ପଚିବାକୁ ଆରମ୍ଭ କରେ। ଏହା ଅଠା ଲାଗିଲା ପରି ଶକ୍ତ ଭାବେ ଗୁଡ଼େଇହୋଇ ମୋଡ଼ି ମୋଡ଼ି ବାହାରେ। ଆସ୍ତେ ଆସ୍ତେ ଅନ୍ୟ ପତ୍ରଗୁଡ଼ିକ ମରିଯାଏ। ଆକ୍ରମଣ ଅଧିକ ହେଲେ ସମ୍ପୂର୍ଣ୍ଣ ଗଛଟି ମରିଯାଏ। ଏହି ରୋଗ ଦ୍ୱାରା ବୁଦାର ସବୁ ଗଛ ସଂକ୍ରମିତ ନ ହୋଇ କେବଳ ଗୋଟିଏ ଗଛ ସଂକ୍ରମିତ ହୋଇପାରେ ଓ ଆକ୍ରାନ୍ତ ଗଛଟିର ଗଣ୍ଡି ଉପରକୁ ସୁସ୍ଥ ଜଣାପଡୁଥିଲେ ସୁଦ୍ଧା ଭିତରେ ମଞ୍ଜି ଶଢ଼ି କଳା ପଡ଼ିଯାଏ। ବର୍ଷା ଋତୁରେ ଏହି ରୋଗ ବେଶି ପରିମାଣରେ ଦେଖାଯାଏ।

**-ପ୍ରୀତିଲଗ୍ନା ଧଳ, ଡି. ଶୁଭମ୍**
*-ଓୟୁଏଟି, ଭୁବନେଶ୍ୱର*
*ମୋ:୯୯୩୮୪୯୩୯୪୨, ୯୪୩୮୪୬୭୦୭୯*



# ଧାନ ଚାଷର ଜଳ, ରୋଗପୋକ ଓ ଅମଳ ପରିଚାଳନା

(ଦ୍ୱିତୀୟ ଭାଗ)

ଧାନ ଗଛରେ ପତ୍ରମୋଡା ପୋକ ଆକ୍ରମଣ କଲେ ପତ୍ରର ଉପର ତଳକୁ କିମ୍ବା ୨ଟି ପତ୍ରକୁ ମୋଡି ଦେଇ ତହିଁରେ ରହି ସବୁଜ ଅଂଶ କୋରି ଖାଇଥାଏ। ପତ୍ରରେ ଲମ୍ବାଲମ୍ବା ଧଳା ପଟି ଦେଖାଯାଏ। ନଳିପୋକ ହେଲେ ପୋକ ଅଗକୁ କାଟି ଖୋଳ ବା ନଳି ତିଆରି କରି ଲୁଚିକି ରହିଥାଏ। ଏହି ନଳି ପତ୍ର ଧାରରୁ ଓହଳିଥାଏ ଅଥବା ପାଣିରେ ଭାସେ। ଏଥିରେ ମଧ୍ୟ ଲମ୍ବାଲମ୍ବା ଧଳାପଟି ଦେଖାଯାଏ। ବିରିହା ପୋକର ଶରୀର କଳା ଓ କଣ୍ଟା କଣ୍ଟା ଦିଶେ। ଏହା ଅଧିକ ପତ୍ର ଖାଇବାରେ ଖେତ ହପରପୋଡା ପରି ଦିଶିଥାଏ। ଉପରୋକ୍ତ ତିନୋଟି ପୋକର ନିୟନ୍ତ୍ରଣ ନିମନ୍ତେ କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ୫୦ପ୍ରତିଶତ ଏସ.ପି ୨୦ଗ୍ରାମ୍/କ୍ଲୋରୋପାଇରିଫସ ୨୦ ପ୍ରତିଶତ ଇସିର ୨୫ ମିଲି/ପ୍ରୋଫେନଫସ ୫୦ପ୍ରତିଶତ ଇ.ସି.ର ୨୦ ମି.ଲି. ୧୦ଲିଟର ପାଣିରେ ମିଶାଇ ଫସଲରେ ଭଲ ଭାବେ ସିଞ୍ଚନ କରାଯାଏ।

ଗନ୍ଧିପୋକ ଧାନର କ୍ଷୀର ଢୋକିବା ସମୟରେ ରସ ଶୋଷି ନେବା ଫଳରେ ଧାନ ଲୋଟାକୋଟା ହୋଇ ଅଗାଡ଼ି ହୋଇଯାଏ। ପଚା ଗେଣ୍ଡାକୁ କିଆରିର ବିଭିନ୍ନ ସ୍ଥାନରେ ଟଙ୍ଗାଇଦେଲେ ତାହାର ରସକୁ ଶୋଷି ପୋକ ମରିଯାଆନ୍ତି। ନଚେତ୍ ମାଲାଥିୟନ୍ ୫୦% ଇ.ସି.ର ୨୦ମି.ଲି. ୧୦ଲିଟର ପାଣିରେ ମିଶାଇ ସିଞ୍ଚନ କରାଯାଏ। ଦହିଆ ପୋକ ଶୁଖିଲା ପାଗ ବା ମରୁଡ଼ି ଭଳି ଅନୁଭୂତ ସମୟରେ ଗଛର ରସ ଶୋଷି ନିଅନ୍ତି। ଗଛ ହଳଦିଆ ପଡ଼ିଯାଏ। ପତ୍ର ମୋଡ଼ି ହୋଇ ଆଦୌ କେଣ୍ଡା ବାହାରି ନ ଥାଏ ବା ଅଗାଡ଼ିଆ କେଣ୍ଡା ବାହାରେ। ଦହିଆ ଓ କେଣ୍ଡାକଟା ପୋକର ନିୟନ୍ତ୍ରଣ ନିମନ୍ତେ ପ୍ରୋଫେନ୍‌ଫସ୍ ୫୦% ଇ.ସି.ର ୨୦ମି.ଲି./ଥାୟୋମେଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି. ୨ ଗ୍ରାମ୍ ୧୦ଲିଟର ପାଣିରେ ମିଶାଇ ମିଶାଇ ସିଞ୍ଚନ କରାଯାଏ।

**ପରବର୍ତ୍ତୀ ଯତ୍ନ ଓ ଅମଳ:** ଧାନ ଫୁଲ ଉଡ଼ାଇବାର ୨୫-୩୫ ଦିନ ମଧ୍ୟରେ ଅମଳ ଉପଯୋଗୀ ହୋଇଥାଏ। କେଣ୍ଡାରେ ୮୦-୮୫ ଭାଗ ଧାନ ପାଚିଗଲେ ଏହା ଅମଳ ଉପଯୋଗୀ ହୋଇଥାଏ। ଠିକ୍ ସମୟରେ କାଟିଲେ କେଣ୍ଡାରୁ ଧାନ ଅଧିକ ଝଡ଼ି ନ ଥାଏ। କେଣ୍ଡାକଟା ପୋକ ଆକ୍ରମଣ ଅଧିକ ହୋଇ ନ ଥାଏ। ଧାନର ରଙ୍ଗ ଚିକ୍କଣ ଦେଖାଯାଏ ଓ ଗଜାଶକ୍ତି ଭଲ ରହିଥାଏ।

ଧାନ କାଟି ସାରି ଜମିରେ ୫-୭ ଦିନ ଭଲ କରି ଶୁଖାଇବା ପରେ ଅମଳ ଯନ୍ତ୍ର ସାହାଯ୍ୟରେ ବା ବେଙ୍ଗଳା କରି ଧାନ ଅମଳ କରାଯାଏ। ତା'ପରେ ଧାନକୁ ଭଲ ଭାବେ ଉଡ଼ାଉଡ଼ି କରି ୨-୩ଟି ଟାଣ ଖରାରେ ଶୁଖାଇ ନୂଆ ଅଖା ବା ଭଲ ଭାବେ ଝଡ଼ା ଓ ଧୁଆ ହୋଇଥିବା ପୁରୁଣା ଅଖାରେ ରଖାଯାଏ। ବିହନ ଧାନକୁ ୧୧-୧୩% ଜଳୀୟାଂଶ ଥାଇ ସାଇତିବା ଆବଶ୍ୟକ। ଶୁଖାଯାଇଥିବା ଧାନକୁ ଦାନ୍ତ ମଝିରେ ରଖି ଚାପିଲେ ଯଦି ଟକ୍ କରି ଶବ୍ଦ ସହ ୨ ଖଣ୍ଡ ହୋଇଯାଏ, ତାହେଲେ ଠିକ୍ ଆର୍ଦ୍ରତାରେ ଅଛି ବୋଲି ବୁଝାଯିବ। ସାଇତା ସମୟରେ ଆର୍ଦ୍ରତା ଅଧିକ ଥିଲେ ଗଜା ଶକ୍ତିରେ ହ୍ରାସ ଘଟିବା ସହ ଶୀଘ୍ର ପୋକ ଆକ୍ରମଣ କରିଥାନ୍ତି ଓ ପ୍ରକ୍ରିୟାକରଣ ନିମନ୍ତେ ଅନୁମତି ଦିଆଯାଇ ନ ଥାଏ।

ବିଲ ମୂଷା ପାଇଁ ଗାତ ଠାବ କରି କୀଟନାଶକ ଦେଇ କାଦୁଅରେ ଲିପି ଦିଆଯାଏ। ଘର ମୂଷା ଲାଗି ଜିଙ୍କ୍ ଫସ୍‌ଫାଇଡ୍ ଔଷଧ ଖାଦ୍ୟ ଥୋପ ରୂପେ ଦିଆଯାଏ। ର୍ୟାଟ୍ କିଲର୍, ରୋବାନ୍, ମୋର୍ଟିନ୍ କେକ୍ ବଜାରରୁ ଆଣି ଖଣ୍ଡ ଖଣ୍ଡ କରି ମୂଷା ଯାତାୟାତ ରାସ୍ତାରେ ରଖି ପାଖରେ ପାଣିପାତ୍ର ରଖିଦେଲେ ଖାଇସାରି ପାଣି ପାଖକୁ ଆସି ପିଇବା ମାତ୍ରେ ମରିଯାଆନ୍ତି। ସାଇତା ସମୟରେ ଉକୁଣିଆ ବା ଶୁଣ୍ଢା ପୋକ, ଭମା ପୋକ, ନୋଳି ବା ବିଣ୍ଡା ପୋକ, ଚାଉଳ ମଥ୍, ଶସ୍ୟକଣା ପୋକ ନିୟନ୍ତ୍ରଣ ଲାଗି ବ୍ୟବସ୍ଥା ଗ୍ରହଣ କରାଯିବା ଦରକାର। ଧାନ ସାଇତା ଘରକୁ ଚଢ଼େଇ ନ ପଶିବା ଲାଗି ଝରକା ଓ ସ୍କାଇ ଲାଇଟ୍‌ରେ ଜାଲି ଦିଆଯାଏ। ଶୁଖିଲା ଧାନ ସହ ନିମ୍ବ, ବେଗୁନିଆ, ବେଲ, ବଣତୁଳସୀ, କରଞ୍ଜ ପତ୍ର ୧% ମିଶାଇ ରଖିଲେ ପୋକ ସହଜରେ ଲାଗି ନ ଥାଏ। ସାଇତା ଘର ଓ ଏହାର ନିକଟ ଅଞ୍ଚଳ ପରିଷ୍କାର ରଖିବା ସହ ସାଇତା ଘରକୁ ନିୟମିତ ପରିଦର୍ଶନ କରିବା ଭଲ। ଏକର ପ୍ରତି ଅଧିକ ଅମଳକ୍ଷମ ଧାନ ଚାଷରୁ ୧୮-୩୦ କୁଇଣ୍ଟାଲ ଓ ବାସ୍ନା ଧାନ ଚାଷରୁ ୧୩-୧୮ କୁଇଣ୍ଟାଲ ଅମଳ ମିଳିଥାଏ।

**-ଡ.ପରେଶ କୁମାର ପଣ୍ଡା**
*ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର, ମୋ: ୭୨୦୫୦୯୬୦୮୦*

## ଶଙ୍ଖସାରୁ

ଶଙ୍ଖସାରୁ ବିହନ ମୁଣ୍ଡା ଗୁଡ଼ିକରୁ ୨ରୁ ୩ଟି ଗଜା ଥିବା ୫୦ ଗ୍ରାମ୍ ଓଜନର ଖଣ୍ଡ କାଟି ବିହନ ଆକାରରେ ବ୍ୟବହାର କରନ୍ତୁ। ଏକ ଏକର ଫସଲ ପାଇଁ ୮ ରୁ ୧୦ କୁଇଣ୍ଟାଲ ସାରୁ ବିହନ ବ୍ୟବହାର କରନ୍ତୁ। ସର୍ବଦା ହୃଷ୍ଟପୁଷ୍ଟ ରୋଗ ନିରୋଧକ ଶକ୍ତି ଥିବା କିସମ ଲଗାନ୍ତୁ। ଏକ କିଗ୍ରା ସାରୁ ବିହନରେ ମେଟାଲାକ୍ସିଲ୍ ଓ ମାଙ୍କୋଜେବ୍ ମିଶ୍ରଣରୁ ଏକ ଗ୍ରାମ୍ ହିସାବରେ ମିଶାଇ ବିଶୋଧନ କରନ୍ତୁ।



## ପିଆଜ ଅମଳ

ପିଆଜ ଗଛ ପୁରାପୁରି ଶୁଖିଯିବା ପୂର୍ବରୁ ଫସଲରେ ଶତକଡା ୬୦-୭୦ଭାଗ ପତ୍ର ହଳଦିଆ ହୋଇ ଝୁଲି ପଡିଲେ ଅମଳ କରନ୍ତୁ। ଭଲଭାବରେ ଶୁଖିଥିବା ପିଆଜକୁ କାର୍ବେଣ୍ଡାଜିମ୍ ଦ୍ରବଣ (ପ୍ରତି ଲିଟର ପାଣିରେ ଏକ ଗ୍ରାମ୍) ସିଞ୍ଚନ କରି ଶୀତଳ ଭଣ୍ଡାରରେ ୦-୧.୫ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ଓ ଶତକଡା ୬୦ଭାଗ ଆପେକ୍ଷିକ ଆର୍ଦ୍ରତାରେ ରଖିଲେ ପିଆଜ ଗଜା ନ ହୋଇ ଅଧିକ ଦିନ ରହିଥାଏ।



ପ୍ରଥମ ପୃଷ୍ଠାରୁ...

## ଘସିପୁରାରେ...

ସମ୍ପୃକ୍ତି ଥିବା ନେଇ ଘସିପୁରା ବିଧାନସଭା ଆସନରେ ଭାଜପା ପକ୍ଷରୁ ଏଥର ପ୍ରାର୍ଥୀ ହୋଇଥିବା ପୃଥ୍ୱୀରାଜ କୁଅଁର ଗଣମାଧ୍ୟମ ଆଗରେ ଅଭିଯୋଗ କରି ଏହାର ତଦନ୍ତ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଜେଡି ନେତା ଆଶିଷ ଚକ୍ରବର୍ତ୍ତୀ ଏବଂ ଜିଲା ସଭାପତି ବିମ୍ବାଧର ବିଶ୍ୱାଳ ମଙ୍ଗଳବାର ଅପରାହ୍ଣରେ ଏକ ଖବରଦାତା ସମ୍ମିଳନୀ ଡାକି ଭାଜପାର ଅଭିଯୋଗ ସମ୍ପୂର୍ଣ୍ଣ ଅମୂଳକ ବୋଲି କହିଛନ୍ତି। ଏସମ୍ପର୍କରେ ଆନନ୍ଦପୁର ଏସଡିପିଓ ବିଦ୍ୟୁତ ଚନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ କହିଛନ୍ତି ପ୍ରାଥମିକ ତଦନ୍ତ ପରେ ବ୍ୟକ୍ତିଗତ ଶତ୍ରୁତା କାରଣରୁ ଏଭଳି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ତେବେ ଏଥିରେ କୌଣସି ରାଜନୈତିକ ଦଳର ସମ୍ପୃକ୍ତି ଥିବା ନେଇ କୌଣସି ସୂଚନା ମିଳିନାହିଁ। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ଗଣମାଧ୍ୟମକୁ ପ୍ରତିକ୍ରିୟା ଜଣାଇ କହିଛନ୍ତି, ରାମଚନ୍ଦ୍ରଙ୍କ ହତ୍ୟା ଘଟଣାରେ ତାଙ୍କ ପରିବାରର ସମ୍ପୃକ୍ତିଥିବା ନେଇ ଘସିପୁରା ନିର୍ବାଚନମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ କୁଅଁର କରିଥିବା ଅଭିଯୋଗ ଭିତ୍ତିହୀନ। ଏଭଳି ମିଥ୍ୟା ଆରୋପକୁ ଖଣ୍ଡନ କରୁଛି। ରାମଚନ୍ଦ୍ର ଜଣେ ଟାଣୁଆ ନେତା ଥିଲେ। ତାଙ୍କୁ ହତ୍ୟା କରାଯିବା ଅଞ୍ଚଳ ପାଇଁ ଦୁଃଖଦ ଘଟଣା। ତଦନ୍ତ ଚାଲିଛି, ଖୁବଶୀଘ୍ର ଦୋଷୀମାନେ ଦଣ୍ଡ ପାଇବେ। ରାମଚନ୍ଦ୍ର ମଙ୍ଗଳବାର ବିଜେଡିରେ ସାମିଲ ହେବାକୁ ପ୍ରତିଶ୍ରୁତି ଦେଇଥିଲେ। ସେ ଦଳରେ ସାମିଲ ହୋଇଥିଲେ ବିଜେଡିର ଶକ୍ତି ବୃଦ୍ଧି ପାଇଥାନ୍ତା।

ରାମଚନ୍ଦ୍ର କଂଗ୍ରେସର ଜଣେ ଟାଣୁଆ ନେତା ଭାବେ ପୂର୍ବରୁ ପରିଚିତ ଥିଲେ। ୧୯୯୭ରୁ ୨୦୦୨ ପର୍ଯ୍ୟନ୍ତ ସେ ଆନନ୍ଦପୁର ବ୍ଲକର ଚେୟାରମ୍ୟାନ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୧୪ ସାଧାରଣ ନିର୍ବାଚନରେ ସେ ଘସିପୁରା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ତୃତୀୟ ସ୍ଥାନରେ ରହିଥିଲେ। ପରେ ଦୀର୍ଘ ଦିନ ଧରି ରାଜନୀତିଠାରୁ ଦୂରେଇ ଯାଇଥିଲେ। ୨୦ ନଂ ଜାତୀୟ ରାଜପଥକୁ ଲାଗିଥିବା ଧକୋଠା ପଞ୍ଚାୟତର ବଡ଼ଏକତାଳି ଗାଁରେ ସୋମବାର ସନ୍ଧ୍ୟାରେ ସେ ତାଙ୍କର ସମର୍ଥକଙ୍କୁ ନେଇ କୁଣ୍ଡାକୋଟରେ ଏକ ବୈଠକ କରିଥିଲେ। ସମର୍ଥକଙ୍କ ସହିତ ରାମଚନ୍ଦ୍ର ମଙ୍ଗଳବାର ବିଜେଡିରେ ସାମିଲ ହେବାର କାର୍ଯ୍ୟକ୍ରମ ମଧ୍ୟ ରହିଥିଲା। ତାଙ୍କ ପରିବାରବର୍ଗ କହିଛନ୍ତି ଯେ, ରାତି ପ୍ରାୟ ୧୦ ଟା ସମୟରେ ପଞ୍ଚାୟତର ୪ ଜଣ ଲୋକ ଆସି ତାଙ୍କ ଘରେ ପହଞ୍ଚିଥିଲେ। ସେମାନେ ଘରେ ବସି ବିଭିନ୍ନ ବିଷୟରେ କଥା ହୋଇଥିଲେ। ଚା' ଓ ମୃଦୁପାନୀୟ ପିଇବା ସାଙ୍ଗକୁ ପିଠା ବି ଖାଇଥିଲେ। କିଛି ସମୟ ପରେ ବାହାରେ କେତେକ ଲୋକ ଅଛନ୍ତି ଆସ କଥାହେବା କହି ସେମାନେ ରାମଚନ୍ଦ୍ରଙ୍କୁ ଡାକିନେଇଥିଲେ। ସେ ଗେଟ୍ ବାହାରକୁ ଯିବାପରେ ପୂର୍ବ ଯୋଜନା ଅନୁଯାୟୀ ପ୍ରସ୍ତୁତ ହୋଇରହିଥିବା ୧୫ରୁ ଉର୍ଦ୍ଧ୍ୱ ଲୋକ ତାଙ୍କୁ ଖଣ୍ଡା, ଭୁଜାଲିରେ ଆକ୍ରମଣ କରିଥିଲେ। ସେମାନେ ରାମଚନ୍ଦ୍ରଙ୍କ ଗୋଟିଏ ହାତ କାଟିଦେବାରୁ ସେ ବିକଳରେ ଚିତ୍କାର କରିଥିଲେ। ତାଙ୍କର ଜଣେ ଝିଅ ଘରୁ ବାହାରକୁ ଆସି ପାଟି କରିବାରୁ ଦୁର୍ବୃତ୍ତମାନେ କଟା ହାତକୁ ଧରି ଫେରାର ହୋଇଯାଇଥିଲେ। ପରିବାର ଲୋକେ ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ୧୫ କି.ମି. ଦୂର ଆନନ୍ଦପୁର ଡାକ୍ତରଖାନାକୁ ନେଇ ଆସିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଆତ୍ମୀୟସ୍ୱଜନଙ୍କ କାନ୍ଦବୋବାଳି ଡାକ୍ତରଖାନା ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି କରିଥିଲା।

ରାମଚନ୍ଦ୍ରଙ୍କୁ ହତ୍ୟା କରାଯିବା ଖବର ପ୍ରଚାର ହେବାପରେ ସାରା ଅଞ୍ଚଳ ସ୍ତବ୍ଧ ହୋଇଯାଇଥିଲା। ପୋଲିସ ପହଞ୍ଚି ଡାକ୍ତରଖାନାରୁ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର ବ୍ୟବଚ୍ଛେଦ ପରେ ମୃତଦେହକୁ ଧକୋଠା ଗାଁକୁ ଆଣି ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଛି। ଘଟଣାର ପ୍ରତ୍ୟକ୍ଷଦର୍ଶୀ ରାମଚନ୍ଦ୍ରଙ୍କ ଝିଅ ଆକ୍ରମଣକାରୀ ଅଭିଯୁକ୍ତଙ୍କୁ ଚିହ୍ନିଥିବା ପୋଲିସକୁ ସୂଚନା ଦେଇଛନ୍ତି। ଆନନ୍ଦପୁର ଏସଡିପିଓ ପଣ୍ଡା ଖବରଦାତାଙ୍କୁ ଏହି ସୂଚନା ଦେଇ କହିଛନ୍ତି, ୨ ଜଣ ଡିଏସପି, ୫ ଜଣ ଆଇଆଇସି ତଦନ୍ତ କାର୍ଯ୍ୟ କରୁଛନ୍ତି। ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଧକୋଠା ଗ୍ରାମ ବଡଏକତାଳିର ଅଜିତ୍ ପୃଷ୍ଟି, ପୂର୍ଣ୍ଣଚନ୍ଦ୍ର ବୌତେଇ, ସଞ୍ଜିତ୍ ପୃଷ୍ଟି। ଅନ୍ୟ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ। ରାମଚନ୍ଦ୍ରଙ୍କ ଝିଅ ମିନାରାଣୀ ଘସିପୁରା ଥାନାରେ ଦେଇଥିବା ଏତାଲା ଅନୁଯାୟୀ ପୋଲିସ ହତ୍ୟା ମାମଲା (ନଂ.୫୧/୨୦୧୯) ରୁଜୁ କରିଛି।

ରାମଚନ୍ଦ୍ରଙ୍କ ହତ୍ୟା ଏବଂ ଏହାପଛରେ ମନ୍ତ୍ରୀ ବଦ୍ରି ପାତ୍ରଙ୍କ ପରିବାରର ସମ୍ପୃକ୍ତି ଅଭିଯୋଗ ଘଟଣା ଚାରିଆଡ଼େ ଚାଞ୍ଚଲ୍ୟ ସୃଷ୍ଟି କରିଥିବାବେଳେ ଗିରଫ ୩ ଅଭିଯୁକ୍ତ ଜଣେ ଜିଲା ପରିଷଦ ସଦସ୍ୟଙ୍କ ସମ୍ପର୍କୀୟ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ମଙ୍ଗଳବାର ଅପରାହ୍ଣରେ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ଏବଂ ପରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଧକୋଠା ଗାଁକୁ ଯାଇ ସମ୍ପୃକ୍ତ ପରିବାରକୁ ଭେଟି ସମବେଦନା ଜଣାଇ ଫେରିଛନ୍ତି।

## ମହାପ୍ରଭୁଙ୍କ...

କରିଛନ୍ତି। ଏହା ଓଡ଼ିଶାର ସମସ୍ତ ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ କୁଠାରାଘାତ କରିଛି। ଧର୍ମର ଦୁହାଇଦେଇ ଭୋଟରଙ୍କୁ ରାଜନୈତିକ ଉଦ୍ଦେଶ୍ୟରେ ପ୍ରଭାବିତ କରିବା ଉଦ୍ୟମ ଆଇନ ବିରୁଦ୍ଧ। ଏହାଦ୍ୱାରା ନିର୍ବାଚନ ଆଦର୍ଶ ଆଚରଣ ବିଧିକୁ ଉଲ୍ଲଂଘନ କରାଯାଉଛି। ସୋସିଆଲ ମିଡିଆରେ ପ୍ରଚାର ଉଦ୍ଦେଶ୍ୟରେ ଏହା ମଧ୍ୟ ପ୍ରସାରଣ କରାଯାଇଛି। ଏହାର ତଦନ୍ତ କରାଯାଇ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏତଲାରେ ନିବେଦନ କରାଯାଇଛି।

ସେହିପରି ସମ୍ବିତ୍‌ଙ୍କ ବିରୋଧରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ଆଣିଛି ପ୍ରଦେଶ କଂଗ୍ରେସ। ଏ ନେଇ ପ୍ରଦେଶ କଂଗ୍ରେସ ତରଫରୁ ମୁଖପାତ୍ର ନିଶିକାନ୍ତ ମିଶ୍ରଙ୍କ ନେତୃତ୍ୱରେଏକ ୫ ଜଣିଆ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏକ ଅଭିଯୋଗ ପତ୍ର ଦେଇଛନ୍ତି। ଧର୍ମ ଓ ଜାତି ଆଧାରରେ ନିର୍ବାଚନ ଲଢୁଥିବା ଭାଜପା ପ୍ରାର୍ଥୀ ସମ୍ବିତ୍‌ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏହି ପ୍ରତିନିଧି ଦଳରେ ମୁଖପାତ୍ର ପ୍ରଶାନ୍ତ ଶତପଥୀ, ରଜନୀ ମହାନ୍ତି, ଅଶୋକ ସାମଲ ଓ ଦୀପକ ମହାପାତ୍ର ଯୋଗ ଦେଇଥିଲେ।

ଏ ସମ୍ପର୍କରେ ସମ୍ବିତ୍ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଗଣଦେବତା। ସମସ୍ତଙ୍କ ଆରାଧ୍ୟ। ମହାପ୍ରଭୁଙ୍କ ପ୍ରତି ମୋର ଭକ୍ତି ଏବଂ ଗଭୀର ବିଶ୍ୱାସ ରହିଛି। ଠାକୁରଙ୍କ ବିଗ୍ରହ ଧରି ରାଲିରେ ସାମିଲ ହେବା ପଛରେ ମୋର କୌଣସି ରାଜନୈତିକ ଉଦ୍ଦେଶ୍ୟ ନ ଥିଲା। ସୋମବାର ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିବା ସମୟରେ ପିପିଲି ନିକଟରେ ଜଣେ ଭଦ୍ରବ୍ୟକ୍ତି ମୋତେ ଜଗନ୍ନାଥଙ୍କ ବିଗ୍ରହ ବଢ଼ାଇ ଦେଇଥିଲେ। ଜଣେ ଓଡ଼ିଆ ଭାବେ ସେହି ବିଗ୍ରହଙ୍କୁ ଆଣି ମୁଣ୍ଡିଆ ମାରିଥିଲି। ନିର୍ବାଚନ ସମୟ ଥିବାରୁ ତାଙ୍କୁ ମୂର୍ତ୍ତି ରଖିବାକୁ କହି ଫେରାଇ ଦେଇଥିଲି। ତେଣୁ ଜଣେ ଭକ୍ତର ଭାବାବେଗକୁ ନେଇ ଏଭଳି ରାଜନୀତି କରା ନ ଯାଉ।

ଅନ୍ୟପକ୍ଷରେ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ ସାରି ସମ୍ବିତ୍ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଭେଟିଥିଲେ। ଏହି ସମୟରେ ସେ ପୁରୀରେ ଏଥର ଶଙ୍ଖ ଫୁଟିବ ବୋଲି କହିଦେଇଥିଲେ। ପଦ୍ମ ଫୁଟିବା କଥା କହିବାକୁ ଯାଇ ସେ ଏଭଳି ଭୁଲ ଉଚ୍ଚାରଣ କରିବା ପରେ ଏହାକୁ ନେଇ ଚର୍ଚ୍ଚା ଜାରି ରହିଛି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। କେବଳ ସେତିକି ନୁହେଁ ସେ ସୋମବାର କରିଥିବା ଶୋଭାଯାତ୍ରା ପାଇଁ ଜିଲା ପ୍ରଶାସନ ନିକଟରୁ ଅନୁମତି ନେଇ ନ ଥିବାରୁ ତାଙ୍କୁ ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାସ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି।

## ବିଜେଡି...

ମନାକରିଥିବାରୁ ଦଳ ସେଠାରେ ନୂଆ ପ୍ରାର୍ଥୀ ଖୋଜୁଛି। ସେହିପରି ସମ୍ବଲପୁରରେ ନଗେନ୍ଦ୍ର ପ୍ରଧାନଙ୍କୁ ବଦଳାଯାଇ ପୂର୍ବତନ ପୂର୍ତ୍ତ ସଚିବ ନଳିନୀ ପ୍ରଧାନଙ୍କୁ ପ୍ରାର୍ଥୀ କରାଯିବ ବୋଲି ଶୁଣିବାକୁ ମିଳିଛି। ସେହିପରି କେନ୍ଦୁଝରରେ ଶକୁନ୍ତଳା ଲାଗୁରୀଙ୍କ ବଦ ଳରେ ଅନ୍ୟ ଜଣେ ମହିଳା, ଭୁବନେଶ୍ୱରରେ ପ୍ରସନ୍ନ ପାଟଶାଣୀଙ୍କ ବଦଳରେ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ଅରୂପ ପଟ୍ଟନାୟକଙ୍କୁ ପ୍ରାର୍ଥୀ କରିବା ପାଇଁ ପ୍ରଚେଷ୍ଟା କରାଯାଉଛି। ପୁରୀ, କଟକରେ ପୂର୍ବ ପ୍ରାର୍ଥୀଙ୍କୁ ବଦଳା ନ ଯିବାର ଯଥେଷ୍ଟ ସମ୍ଭାବନା ରହିଛି। ବିଜେଡି ପାଇଁ ଢେଙ୍କାନାଳ ଲୋକ ସଭା ପ୍ରାର୍ଥୀ ଚୟନ କଷ୍ଟକର ହୋଇପଡ଼ିଛି। ଦଳର ଶୀର୍ଷ ନେତୃତ୍ୱ କୌଣସି ଗୋଟିଏ ନାଁ ଉପରେ ସହମତି ଆଣିପାରୁନାହିଁ। କିଛିଦିନ ତଳେ ଦଳ ମଧ୍ୟରୁ ଉପଯୁକ୍ତ ପ୍ରାର୍ଥୀ ନ ମିଳିବାରୁ ଢେଙ୍କାନାଳ ରାଜପରିବାରର ସଦସ୍ୟା ମିନାଳ କୁମାରୀଙ୍କୁ ପ୍ରାର୍ଥିନୀ କରିବା ପାଇଁ ଚେଷ୍ଟା କରାଯାଇଥିଲା। ହେଲେ ବରିଷ୍ଠ କଂଗ୍ରେସ ନେତା କେ.ପି. ସିଂଦେଓଙ୍କୁ କଂଗ୍ରେସ ପ୍ରାର୍ଥୀ କରାଯିବାର ସମ୍ଭାବନା ଥିବାରୁ ରାଜ ପରିବାରରୁ ଅନ୍ୟ କେହି ବିଜେଡି ଟିକେଟ୍‌ରେ ଲଢିବେ ନାହିଁ ବୋଲି ସୂତ୍ରରୁ ପ୍ରକାଶ। ସମ୍ବଲପୁର ଏମ୍‌ପି ନଗେନ୍ଦ୍ର ପ୍ରଧାନଙ୍କୁ ଢେଙ୍କାନାଳ ଆସନରୁ ପ୍ରାର୍ଥୀ କରିବା ପାଇଁ ବିଚାର କରାଯାଉଥିବା ଜନୈକ ବିଜେଡି ନେତା କହିଛନ୍ତି।

ସେହିପରି ତୃତୀୟ ପର୍ଯ୍ୟାୟ ହେବାକୁ ଥିବା କେତେକ ବିଧାନସଭା ଆସନରେ ଦଳ ପ୍ରାର୍ଥୀ ସନ୍ଧାନରେ ରହିଛି। ଏହି ଆସନଗୁଡିକ ହେଉଛି- ଭୁବନେଶ୍ୱର(ଉତ୍ତର), ଭୁବନେଶ୍ୱର (ମଧ୍ୟ), ଚିଲିକା, ଆନନ୍ଦପୁର, କେନ୍ଦୁଝର, ଘସିପୁରା, ଆଠମଲ୍ଲିକ, ତେଲକୋଇ, ଛେଣ୍ଡିପଦା ଏବଂ ହିନ୍ଦୋଳ। କଟକ ଜିଲାର ବାଙ୍କୀ ଏବଂ ଚୌଦ୍ୱାର-କଟକ ବିଧାନସଭା ଆସନରେ ବର୍ତ୍ତମାନ ବିଧାୟକଙ୍କ ପୁଅଙ୍କୁ ଟିକେଟ୍ ଦିଆଯିବ ବୋଲି ଜଣାପଡିଛି। ପୁରୀ ଲୋକ ସଭା ଅନ୍ତର୍ଗତ ୭ଟି ବିଧାନସଭା ଆସନରେ ବିଜେଡି ପୂର୍ବ ପ୍ରାର୍ଥୀ ବଦଳାଇବ ନାହିଁ। କେବଳ ସତ୍ୟବାଦୀରେ ଉମାକାନ୍ତ ସାମନ୍ତରାୟଙ୍କୁ ପ୍ରାର୍ଥୀ କରିବ ବୋଲି ଆଲୋଚନା ହେଉଛି। ଉଲ୍ଲେଖଯୋଗ୍ୟ ଯେ, ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେଡି ତାଙ୍କ ଉପରୁ ନିଲମ୍ବନ ହଟାଇଦେଇଥିଲା। ଜଟଣୀରେ ଭାଗୀରଥି ବଡଜେନାଙ୍କ ବଦଳରେ ବିଭୂତି ବଳବନ୍ତରାୟ, ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁଙ୍କ ବଦଳରେ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଜୟଦେବରେ ମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ବଦଳରେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲିଙ୍କ ନାଁ ବିଚାର କରାଯାଉଛି। ତିନି ଦିନ ପୂର୍ବେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୧ରୁ ୨୧ ଲୋକ ସଭା ଆସନ ଜିତିବା ନେଇ ଦୃଢୋକ୍ତି ପ୍ରକାଶ କରିଥିଲେ। ଗୁରୁବାର ସୁଦ୍ଧା ବିଜେଡି ଏହି ପର୍ଯ୍ୟାୟ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରିବାର ଯଥେଷ୍ଟ ସମ୍ଭାବନା ରହିଛି। ୩ ଦିନ ପୂର୍ବେ ତୃତୀୟ ପର୍ଯ୍ୟାୟରେ ହେବାକୁ ଥିବା ୨ଟି ବିଧାନସଭା ଆସନ(ସମ୍ବଲପୁର, ରେଢାଖୋଲ) ପାଇଁ କେବଳ ପ୍ରାର୍ଥୀ ଘୋଷଣା କରିଛି। ସେମାନେ ହେଲେ ଡା. ରାସେଶ୍ୱରୀ ପାଣିଗ୍ରାହୀ ଏବଂ ରୋହିତ ପୂଜାରୀ। ବଳକା ୪୦ ବିଧାନସଭା ଏବଂ ୬ ଲୋକ ସଭା ଆସନରେ ବିଜେଡି କାହାକୁ ପ୍ରାର୍ଥୀ କରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ନବୀନ ନିବାସ...





ମୁହାଁମୁହିଁ ହୋଇଥିବା ନିଆଳି ବିଧାୟକଙ୍କ ସପକ୍ଷ ଓ ବିପକ୍ଷ ଗୋଷ୍ଠୀ।

କିଛିଦିନ ପୂର୍ବେ ମଧ୍ୟ ତୃପ୍ତିରଞ୍ଜନଙ୍କ ସମର୍ଥକ ଆସି ପ୍ରମୋଦଙ୍କ ବିରୋଧରେ ବିଷୋଦ୍‌ଗାର କରିଥିଲେ। ସେହିପରି ବାଙ୍କୀ ନିର୍ବାଚନମଣ୍ଡଳୀରେ କେତେଜଣ ବିଜେଡି ସମର୍ଥକ ଆସି ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ବାଙ୍କୀରେ ପାରିବାରିକ ରାଜନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ସମର୍ଥକମାନେ କହିଛନ୍ତି। ବାଲେଶ୍ୱର ଜିଲା ଜଳେଶ୍ୱର ବିଜେଡିର କେତେଜଣ କର୍ମୀ ବିଧାୟକ ଅଶ୍ୱିନୀ ପାତ୍ରଙ୍କ ବିରୋଧରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

| Dollar | Sensex | Nifty | Gold | Silver |
|---|---|---|---|---|
| 68.86 (10) | 38,233.41 (424.50) | 11,483.25 (129) | 33,170.00 (₹50) | 39,100.00 (₹100) |

କୃଷି କ୍ଷେତ୍ରରେ ଆବଶ୍ୟକ ହେଉଥିବା ବିଭିନ୍ନ ସଲ୍ୟୁଶନକୁ ନଜରରେ ରଖି 'ବରୋଦା କିଶାନ' ନାମରେ ଏକ ଡିଜିଟାଲ ପ୍ଲାଟଫର୍ମ ଆଣିବାକୁ ନିଷ୍ପତ୍ତି ହୋଇଛି।

– ପି.ଏସ୍. ଜୟକୁମାର, ଏମ୍‌ଡି ତଥା ସିଇଓ ବ୍ୟାଙ୍କ ଅଫ୍ ବରୋଦା



୪ଜି ସ୍ପେକ୍ଟ୍ରମ ଲାଗି ବିଏସ୍ଏନ୍ଏଲ୍ , ଏମ୍‌ଟିଏନ୍ଏଲ୍ ସହ ଆଲୋଚନା କରାଯିବାକୁ ଯୋଜନା ରହିଛି।

–ଆର୍.ଏସ୍. ଶର୍ମା, ଟ୍ରାଇ, ଅଧ୍ୟକ୍ଷ



## ସଂକ୍ଷେପରେ

### ଆରବିଆଇ ଗଭର୍ନରଙ୍କ ନିଯୁକ୍ତି ତଥ୍ୟ ଦେବନି କେନ୍ଦ୍ର

ନୂଆଦିଲ୍ଲୀ,୨୬-୩: ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସଙ୍କ ନିଯୁକ୍ତି ସଂକ୍ରାନ୍ତୀୟ ତଥ୍ୟ ଦେବାକୁ କେନ୍ଦ୍ର ସରକାର ମନା କରିଦେଇଛନ୍ତି। ଆର୍‌ଟିଆଇ ଆଇନ ଅଧୀନରେ ଏ ସମ୍ପର୍କରେ ସୂଚନା ଲୋଡାଯିବାରୁ ଏହାର ଜବାବରେ ସରକାର ସ୍ୱଚ୍ଛ ଆଇନ ସମ୍ପର୍କରେ ଉଲ୍ଲେଖ କରି ଏଭଳି ତଥ୍ୟ ପ୍ରଘଟ କରାଯାଇପାରିବନି ବୋଲି କହିଛନ୍ତି। ସରକାର ଏ ସମ୍ପର୍କରେ ମନ୍ତ୍ରିଗୋଷ୍ଠୀ, ସଚିବ ଓ ଅନ୍ୟ ଅଧିକାରୀମାନଙ୍କ ମଧ୍ୟରେ ହୋଇଥିବା ଆଲୋଚନା ସମ୍ପର୍କରେ ଜଣାଇପାରିବେନି ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି। ଆର୍‌ଟିଆଇ ଦ୍ୱାରା ମଗାଯାଇଥିବା ସୂଚନାର ଜବାବରେ ସରକାର ଗଭର୍ନର ପଦ ଲାଗି ଚୂଡ଼ାନ୍ତ ପ୍ରାର୍ଥୀଙ୍କ ତାଲିକା ତଥା ନିଯୁକ୍ତିକୁ ନେଇ ଫାଇଲ ନୋଟିଂ ସମ୍ପର୍କରେ ଜଣାଇବେ ନାହିଁ ବୋଲି କହିଛନ୍ତି।

### ନୂଆ ନିୟମ ଯୋଗୁ ଟିଭି ବିଲ୍ କମିବ

ନୂଆଦିଲ୍ଲୀ,୨୬-୩: ଟିଭି ଚ୍ୟାନେଲ ପାଇଁ ନୂଆ ନିୟମ ପ୍ରଣୟନ କରାଯିବା ପରେ ଡିଟିଏଚ୍ ଓ କେବଲ ଉପଭୋକ୍ତାଙ୍କ ଟିଭି ବିଲ୍ ବଢ଼ିବ ନାହିଁ। ଅନ୍ୟପକ୍ଷରେ ନିଜ ମନପସନ୍ଦର ଚ୍ୟାନେଲ ଦେଖିବାର ସ୍ୱାଧୀନତା ମିଳିବ ବୋଲି ଟ୍ରାଇ ଅଧ୍ୟକ୍ଷ ଆର୍.ଏସ୍. ଶର୍ମା ମଙ୍ଗଳବାର କହିଛନ୍ତି। ନୂଆ ନିୟମ ଅନୁସାରେ ଏପ୍ରିଲ ପହିଲାରୁ ଟିଭି ଦର୍ଶକ ନିଜ ପସନ୍ଦର ଚ୍ୟାନେଲ ପାଇଁ ହିଁ କେବଳ ଅର୍ଥ ଦେବେ। ଅପରେଟର୍ସ ସେମାନଙ୍କୁ ଅନ୍ୟ ଚ୍ୟାନେଲ ଦେଖିବାକୁ ବାଧ କରିପାରିବେ ନାହିଁ। ନୂଆ ନିୟମ ଅଧୀନରେ ଟ୍ରାଇ ଦ୍ୱାରା ଚ୍ୟାନେଲ ଦର ଧାର୍ଯ୍ୟ କରାଯାଉଛି। ସର୍ବାଧିକ ଦର ୧୯ ଟଙ୍କା ହେବ। ଶର୍ମା କହିଛନ୍ତି ଯେ, ନୂଆ ନିୟମ ଲାଗୁ ହେବା ପରେ କେବଳ ଅପରେଟର୍ସ ଓ ଉପଭୋକ୍ତାଙ୍କ ମାସିକ ବିଲ୍ ବଢ଼ିବନାହିଁ।

### ଶେୟାର ପୁନଃଖରିଦ ଯୋଜନାରୁ ଓହରିଲା ମାଇଣ୍ଡଟ୍ରି

ନୂଆଦିଲ୍ଲୀ,୨୬-୩: ନିର୍ମାଣ କ୍ଷେତ୍ରରେ କାର୍ଯ୍ୟରତ ଇଞ୍ଜିନିୟରିଂ କମ୍ପାନୀ ଏଲ୍ଆଣ୍ଡଟି ଦ୍ୱାରା ଜବରଦସ୍ତ ଅଧିଗ୍ରହଣ ଉଦ୍ୟମ ସ୍ୱରୂପ ଶେୟାର କିଣିବା ଲାଗି ଦିଆଯାଇଥିବା ପ୍ରସ୍ତାବ ଉପରେ ବିଚାର ପାଇଁ ମାଇଣ୍ଡଟ୍ରି ପକ୍ଷରୁ ମଙ୍ଗଳବାର ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଛି। ଏଥିରେ ବୋର୍ଡର ସ୍ୱାଧୀନ ନିର୍ଦ୍ଦେଶକମାନଙ୍କୁ ସାମିଲ କରାଯାଇଛି। ମଙ୍ଗଳବାର ଅନୁଷ୍ଠିତ ବୋର୍ଡ ବୈଠକରେ ଶେୟାର ପୁନଃଖରିଦ ଯୋଜନାରୁ କମ୍ପାନୀ ଓହରିଯିବାକୁ ନିଷ୍ପତ୍ତି ନେଇଛି। କମ୍ପାନୀ ପକ୍ଷରୁ ଷ୍ଟକ୍ ଏକ୍ସଚେଞ୍ଜକୁ ଦିଆଯାଇଥିବା ସୂଚନାରେ କୁହାଯାଇଛି ଯେ, ସ୍ୱାଧୀନ ନିର୍ଦ୍ଦେଶକ ରେଡ଼ିଓ ସିଟି ସିଇଓ ଅପୂର୍ବା ପୁରୋହିତଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଏଲ୍ଆଣ୍ଡଟିର ଅଯାଚିତ ପ୍ରସ୍ତାବ ଉପରେ ଏହି କମିଟି ନିଜର ସୁପାରିସ ପ୍ରଦାନ କରିବ। ସୂଚନାଥାଉ କି, ଏଲ୍ଆଣ୍ଡଟି ପକ୍ଷରୁ ମାଇଣ୍ଡଟ୍ରିର ୫.୧୩ କୋଟି ଅର୍ଥାତ୍ ୩୧% ଶେୟାର କିଣିବା ଲାଗି ପ୍ରସ୍ତାବ ଦିଆଯିବ। କମ୍ପାନୀ ଏଥିପାଇଁ ଶେୟାର ମୂଲ୍ୟ ୯୮୦ ଟଙ୍କା ଧାର୍ଯ୍ୟ କରିଛି। ଏହାଦ୍ୱାରା ଏଲ୍ଆଣ୍ଡଟି ପ୍ରାୟ ୫୦୩୦ କୋଟି ଟଙ୍କା ବିନିଯୋଗ କରିବ। ପ୍ରାୟ ୧୦,୮୦୦ କୋଟି ଟଙ୍କାରେ ମାଇଣ୍ଡଟ୍ରିର ୬୬ ପ୍ରତିଶତ ଅଂଶଧନ କିଣିବାକୁ ଇଞ୍ଜିନିୟରିଂ କମ୍ପାନୀ ଆଗ୍ରହ ପ୍ରକାଶ କରିଛି। ଯାହାକୁ ମାଇଣ୍ଡଟ୍ରିର ପ୍ରମୋଟରମାନେ ବିରୋଧ କରିଛନ୍ତି।

## ୭% ଜିଡିପି ଅଭିବୃଦ୍ଧି ହାର ତଥ୍ୟ

# ସନ୍ଦେହ ପ୍ରକାଶ କଲେ ରାଜନ

ନୂଆଦିଲ୍ଲୀ,୨୬-୩

ଚଳିତ ଆର୍ଥିକ ବର୍ଷରେ ଭାରତର ଜିଡିପି ୭% ହାରରେ ବଢ଼ିବ ବୋଲି କେନ୍ଦ୍ରର ଏନ୍‌ଡିଏ ସରକାର ଡିଣ୍ଡିମ ପିଟୁଥିବା ବେଳେ ଏହାକୁ ନେଇ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ତଥା ଖ୍ୟାତିସମ୍ପନ୍ନ ଅର୍ଥନୀତିଜ୍ଞ ରଘୁରାମ ରାଜନ ପ୍ରଶ୍ନ ଉଠାଇଛନ୍ତି। ତେବେ ସେ କହିଛନ୍ତି ଯେ, ଦେଶର ମୋଟ ଘରୋଇ ଉତ୍ପାଦ ପରିସଂଖ୍ୟାନକୁ ନେଇ ଉପୁଜିଥିବା ସନ୍ଦେହ ଦୂର କରାଯିବା ଆବଶ୍ୟକ। ସେଥିପାଇଁ ଏକ ନିରପେକ୍ଷ ବିଶେଷଜ୍ଞ କମିଟି ଗଠନ କରାଯିବା ଉଚିତ୍।

ନିଜର ପୁସ୍ତକ ' ଦ ଥାର୍ଡ ପିଲାର' ଉନ୍ମୋଚନ ଅବସରରେ ମିଡିଆ ସହ ସାକ୍ଷାତ୍କାର ବେଳେ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିର ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ କହିଛନ୍ତି ଯେ, କେଉଁ ଆଧାରରେ ଜିଡିପି ପରିସଂଖ୍ୟାନ ଦିଆଯାଉଛି ଏବଂ ଏହାଦ୍ୱାରା ଆମକୁ କ'ଣ ଜାଣିବାକୁ ମିଳୁଛି, ସେ କହିପାରିବେ ନାହିଁ। ଦେଶର ଠିକ୍ ଅଭିବୃଦ୍ଧି ହାର ଜାଣିବାକୁ ହେଲେ ପରିସଂଖ୍ୟାନକୁ ପରିବର୍ତ୍ତନ କରାଯିବା ଆବଶ୍ୟକ। ସୂଚନାଥାଉ କି, ବିନା ନିଯୁକ୍ତି ସୃଷ୍ଟିରେ ଅର୍ଥନୀତି ୭ରୁ ୮% ହାରରେ ଅଭିବୃଦ୍ଧି ହାସଲ କରିପାରିବ ନାହିଁ। କୌଣସି ବଡ଼ ସାମାଜିକ ଆନ୍ଦୋଳନ ହୋଇ ନ ଥିବାରୁ ଏହା ଦର୍ଶାଉଛି ଯେ, ଏହା ନିଯୁକ୍ତିବିହୀନ ଅଭିବୃଦ୍ଧି ନୁହେଁ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଯୁକ୍ତି ଦର୍ଶାଇ ଆସୁଛନ୍ତି। ଅଭିବୃଦ୍ଧି ହାର ପରିସଂଖ୍ୟାନରେ



ରଘୁରାମ ରାଜନ

ସଂଶୋଧନ ପରେ କେତେକ ଆର୍ଥିକ ପରିସଂଖ୍ୟାନକୁ ନେଇ ଏବେ ସନ୍ଦେହ ସୃଷ୍ଟି ହେଲାଣି। ଏହା ଉପରେ ନିଜ ପ୍ରତିକ୍ରିୟାରେ ରାଜନ କହିଛନ୍ତି ଯେ, ସବୁକିଛି ସ୍ପଷ୍ଟ ହେବା ଉଚିତ୍। ଉଲ୍ଲେଖ କରାଯାଇପାରେ ଯେ, ଗତ ବର୍ଷ ନଭେମ୍ବରରେ କେନ୍ଦ୍ର ସରକାର କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ସିଏସ୍ଓ) ଦ୍ୱାରା ପ୍ରକାଶିତ ଉପା ସରକାରଙ୍କ କାର୍ଯ୍ୟକାଳର ଜିଡିପି ଅଭିବୃଦ୍ଧି ହାରକୁ ହ୍ରାସ କରିଥିଲେ। ଏଭଳି ଭାବେ ୨୦୧୭-୧୮ର ଅଭିବୃଦ୍ଧି ହାରକୁ ୬.୭%ରୁ ସଂଶୋଧିତ କରି ୭.୨% ପ୍ରତିଶତ କରାଯାଇଥିଲା। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସର୍ବନିମ୍ନ ରୋଜଗାର ଗ୍ୟାରେଣ୍ଟି ଯୋଜନା ସମ୍ପର୍କରେ ଉଲ୍ଲେଖ କରି ରାଜନ କହିଛନ୍ତି ଯେ, ଏହି ଯୋଜନାର ସମ୍ପୂର୍ଣ୍ଣ ବିବରଣୀ କ'ଣ ହେବ ତାହା ଗୁରୁତ୍ୱପୂର୍ଣ୍ଣ। ଏହାକୁ ଗରିବ ଲୋକଙ୍କ ନିକଟକୁ କିପରି ପହଞ୍ଚାଯିବ ତାହା ବିଚାରଯୋଗ୍ୟ। ଏହା ଅନ୍ୟ ଯୋଜନା ସହିତ ମିଶିବ ଅଥବା ବର୍ତ୍ତମାନର ଯୋଜନାର ବିକଳ୍ପ ହେବ , ତାହା ସ୍ଥିର କରିବାକୁ ହେବ। ଲୋକଙ୍କ ହାତରେ ସିଧାସଳଖ ଅର୍ଥ ଦେବା ଦ୍ୱାରା ସେମାନଙ୍କୁ ଶକ୍ତିଶାଳୀ କରାଯାଇପାରୁଛି, ଏହା ସେ ଦେଖିଛନ୍ତି। ଲୋକେ ନିଜ ଆବଶ୍ୟକତା ଅନୁଯାୟୀ ମିଳୁଥିବା ଅର୍ଥକୁ ଖର୍ଚ୍ଚ କରିପାରିବେ। ତେବେ ଏଭଳି କୌଣସି ବ୍ୟବସ୍ଥା ଅଥବା ଯୋଜନା(ସବ୍‌ସିଡି) ଅଛି ଯାହାକୁ ଆମେ ପ୍ରତିଷ୍ଠାପିତ କରିପାରିବୁ, ଏହା ଦେଖିବାକୁ ହେବ। ଉଲ୍ଲେଖ କରାଯାଇପାରେ ଯେ, ଦେଶର ୫ କୋଟି ଗରିବ ପରିବାରକୁ ଅର୍ଥାତ୍ ୨୫ କୋଟି ଲୋକଙ୍କୁ ସର୍ବନିମ୍ନ ଆୟ ଯୋଜନାରେ ବାର୍ଷିକ ୭୨ ହଜାର ଟଙ୍କା ଦିଆଯିବ ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ନିର୍ବାଚନ ପ୍ରଚାର ଅବସରରେ ଘୋଷଣା କରିଛନ୍ତି। ଗୋଟିଏ ପରିବାର ମାସକୁ ୧୨ ହଜାର ଟଙ୍କା ରୋଜଗାର କରିବା ପର୍ଯ୍ୟନ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। କେଉଁ ବିଷୟକୁ ନେଇ ଦେଶବାସୀ ସାଧାରଣ ନିର୍ବାଚନରେ ଭୋଟ୍ ଦେବେ ବୋଲି ପ୍ରଶ୍ନ ହେବାରୁ ରାଜନ କହିଛନ୍ତି ଯେ, ଭାରତର ଅର୍ଥନୀତି ଦୃଢ଼ ହେବା ଆବଶ୍ୟକ। ଚଳିତ ନିର୍ବାଚନରେ ଏ ଦିଗରେ ଫୋକସ୍ କରିବା ଦରକାର। ଚାଇନାର ଉଦାହରଣ ଦେଇ ସେ କହିଛନ୍ତି ଯେ, ପ୍ରଥମେ ଏହି ପଡୋଶୀ ଦେଶ ନିଜର ଅର୍ଥନୀତିକୁ ଦୃଢ଼ କଲା। ଏବେ ଆମେ ଦେଖିପାରୁଛୁ ଯେ, ଚାଇନାର ସୈନ୍ୟବାହିନୀ ଓ ଏହା ପ୍ରତିରକ୍ଷା ବ୍ୟବସ୍ଥା ଅତ୍ୟନ୍ତ ଶକ୍ତିଶାଳୀ ହୋଇଉଠିଛି। ନିଯୁକ୍ତି ନେଇ ସେ କହିଛନ୍ତି ଯେ, ହାଇସ୍କୁଲ ଓ ଡିଗ୍ରୀ ଯୋଗୁ ଯୁବବର୍ଗଙ୍କୁ ସୁରକ୍ଷିତ ନିଯୁକ୍ତି ମିଳୁନି, ଏହା ଦେଖିବାକୁ ମିଳୁଛି। ସରକାରୀ ନିଯୁକ୍ତି କ୍ଷେତ୍ରରେ ଦୟନୀୟ ଅବସ୍ଥା ଦେଖାଯାଉଛି। ରେଳୱେର ୯୦ ହଜାର ପଦ ପାଇଁ ଅଢ଼େଇ କୋଟି ଯୁବତୀଯୁବକ ଆବେଦନ କରୁଛନ୍ତି। ଏଥିରୁ ବୁଝିବାକୁ ହେବ ଯେ, ସୁରକ୍ଷିତ ତଥା ଭଲ ଚାକିରି ପ୍ରତି ଯୁବବର୍ଗଙ୍କ ଆଗ୍ରହ ରହିଛି। ନିଯୁକ୍ତି ସଙ୍କଟ ଦୂର କରିବା ଲାଗି ଯଥେଷ୍ଟ ଧ୍ୟାନ ଦିଆଯାଇନାହିଁ। ନିଯୁକ୍ତି ସମ୍ପର୍କରେ ଦେଶରେ ଭରସାଯୋଗ୍ୟ ତଥ୍ୟ ନାହିଁ। ଇପିଏଫଓ ଓ ଅନ୍ୟ ସଂସ୍ଥା ଦ୍ୱାରା ପ୍ରଦତ୍ତ ତଥ୍ୟ ଉପରେ ଭରସା କରାଯାଇପାରିବ ନାହିଁ। ନିଯୁକ୍ତି ସଂକ୍ରାନ୍ତୀୟ ତଥ୍ୟ ସଂଗ୍ରହ ଉପରେ ଜୋର୍ ଦେବାକୁ ହେବ। କାରଣ ଏଦିଗରେ ଆମର ରେକର୍ଡ ଅତ୍ୟନ୍ତ ଖରାପ। ବିମୁଦ୍ରୀକରଣ ନେଇ ରାଜନ ତାଙ୍କର କ୍ଷୋଭ ଲୁଚାଇ ନାହାନ୍ତି। ସେ କହିଛନ୍ତି ଯେ, ବିମୁଦ୍ରୀକରଣରୁ ଏତିକି ଶିଖିବାକୁ ମିଳୁଛି ଯେ, ଆମେ ଅତୀତ ଆଡେ ଦୃଷ୍ଟି ଦେଇପାରିବା ଏବଂ ନେଇଥିବା ନିଷ୍ପତ୍ତି କିଭଳି କାର୍ଯ୍ୟକାରୀ ହେଲା ତାହା ଦେଖିପାରିବା। ସରକାର ଏଥିରୁ କି ଶିକ୍ଷା ପାଇଲେ ତାହା ଜାଣିପାରିବେ। ପ୍ରକୃତ ତଥ୍ୟ ଆଧାରରେ ଏଭଳି ନିଷ୍ପତ୍ତି ନେବା ନେଇ ଆତ୍ମସମୀକ୍ଷା କରିବାକୁ ହେବ। ସରକାର ନିଜେ ନିଜକୁ ପଚାରନ୍ତୁ ଯେ, ନେଇଥିବା ନିଷ୍ପତ୍ତି ସଫଳ ଅଥବା ବିଫଳ ହେଲା। ଏହାପରେ ନିଜର ଉନ୍ନତି କରିପାରିବେ। ଖାଲି ସେତିକି ନୁହେଁ ସରକାର ଓ ଘରୋଇ ସେକ୍ଟର ମଧ୍ୟରେ ଅଧିକ ସ୍ୱଚ୍ଛତା ବଜାୟ ରହିବା ଆବଶ୍ୟକ ବୋଲି ରାଜନ କହିଛନ୍ତି।

- ଉପୁଜିଥିବା ସନ୍ଦେହ ନେଇ ବିଶେଷଜ୍ଞ କମିଟି ଗଠନ କରାଯାଉ
- ସର୍ବନିମ୍ନ ଆୟ ଗ୍ୟାରେଣ୍ଟି ସମ୍ପୂର୍ଣ୍ଣ ବିବରଣୀ ଗୁରୁତ୍ୱପୂର୍ଣ୍ଣ
- ନିଯୁକ୍ତି କ୍ଷେତ୍ରରେ ଦୟନୀୟ ସ୍ଥିତି
- ବିମୁଦ୍ରୀକରଣ ନେଇ ଆତ୍ମସମୀକ୍ଷା କରିବାକୁ ହେବ

## ଅଫ୍‌ଲାଇନ ବଜାର ଉପସ୍ଥିତି ଦୃଢ଼ କରିବ ଏମ୍ଆଇ:ଏମ୍‌ଡି



ଭୁବନେଶ୍ୱରର ଖାରବେଳ ନଗରସ୍ଥିତ ମା ମୋବାଇଲ ଷ୍ଟୋର ପରିଦର୍ଶନ ଅବସରରେ (ଡାହାଣରୁ ଦ୍ୱିତୀୟ) ଏମ୍‌ଡି ମନୁ କୁମାର ଜୈନ, ଷ୍ଟୋରର ସ୍ୱତ୍ତ୍ୱାଧିକାରୀ ବିନୋଦ ଡାନିଏଲ, ବିତରକ ଜୟ ସଦାନୀ ଏବଂ ରମା ସଦାନୀ ପ୍ରମୁଖ ।

ଭୁବନେଶ୍ୱର,୨୬-୩

ପ୍ରମୁଖ ସ୍ମାର୍ଟଫୋନ ନିର୍ମାତା କମ୍ପାନୀ ଏମ୍ଆଇ ଘରୋଇ ବଜାରରେ ଏହାର ସ୍ଥିତିକୁ ଆହୁରି ଦୃଢ କରିବ। କମ୍ପାନୀ ବର୍ତ୍ତମାନ ଦେଶର ୫୦ରୁ ଊର୍ଦ୍ଧ୍ୱ ପ୍ରମୁଖ ସହରରେ ଏହାର ଉପସ୍ଥିତି ଜାହିର କରିଛି। ଘରୋଇ ବଜାରରେ ୨୦୧୭ ପରଠାରୁ ଏହା ମାର୍କେଟ ଲିଡର ଥିବାବେଳେ ୨୦% ବଜାର ଅଂଶ ହାସଲ କରିଛି। ଏହା ଅନଲାଇନରେ ମଧ୍ୟ ୫୨% ବଜାର ଅଂଶ ସହ ଅଗ୍ରସର ହେଉଛି। ଅଫଲାଇନ ବଜାରରେ ସ୍ଥିତିକୁ ଦୃଢ଼ୀକରଣ କରିବାକୁ ଅଧିକରୁ ଅଧିକ ପାର୍ଟନରଙ୍କ ସହ ଯୋଡି ହେଉଥିବା ଏମ୍ଆଇ ଇଣ୍ଡିଆର ଏମ୍‌ଡି ମନୁ କୁମାର ଜୈନ କହିଛନ୍ତି। ଏଠାରେ ଅନୁଷ୍ଠିତ ଡିଲରମିଟ କାର୍ଯ୍ୟକ୍ରମରେ ସେ କମ୍ପାନୀର ବିଭିନ୍ନ ପଦକ୍ଷେପ ଉପରେ ସୂଚନା ଦେଇଛନ୍ତି।

### ସୁଲଭ ମୂଲ୍ୟ ଗୁଣବତ୍ତା ପ୍ରଡକ୍ଟ

କମ୍ପାନୀ ରେକର୍ଡ ୭ ବର୍ଷ ସମୟ ମଧ୍ୟରେ ୧୫ ବିଲିୟନ ଡଲାର ରାଜସ୍ୱ ମାଇଲଷ୍ଟୋନ ହାସଲ କରିଛି। ଏହା କେବଳ ସୁଲଭ ମୂଲ୍ୟ ଏବଂ ଗୁଣବତ୍ତା ବିଶିଷ୍ଟ ପ୍ରଡକ୍ଟଗୁଡ଼ିକ ଯୋଗୁ ସମ୍ଭବ ହୋଇଥିବା ସେ କହିଛନ୍ତି। ବେଶି ପ୍ରଡକ୍ଟ ନ ଆଣି ଲୋକମାନେ ସୁଲଭ ମୂଲ୍ୟରେ କିଭଳି ଭଲ ପ୍ରଡକ୍ଟ ତଥା ସେବା ଅଭିଜ୍ଞତା ପାଇବେ ତାକୁ ନଜରରେ ରଖାଯାଇଛି। ଫିଚର ଫୋନରୁ ସ୍ମାର୍ଟଫୋନକୁ ରୂପାନ୍ତରିତ ହେଉଥିବା ଗ୍ରାହକଙ୍କ ଲାଗି ଉନ୍ନତ ପ୍ରଡକ୍ଟ ଲାଇନ ଅପ୍ ରହିଛି।

### ଆଣିବ ଅଧିକ ଆଇଓଟି ପ୍ରଡକ୍ଟ

କମ୍ପାନୀ ଘରୋଇ ବଜାରରେ ଅଧିକରୁ ଅଧିକ ଇଣ୍ଟରନେଟ ଅଫ୍ ଥିଙ୍ଗସ(ଆଇଓଟି) ପ୍ରଡକ୍ଟ ଆଣିବା ଦିଗରେ କାର୍ଯ୍ୟ କରୁଛି। ବ୍ୟାଣ୍ଡ, ପାୱାର ବ୍ୟାଙ୍କ, ସ୍ମାର୍ଟ ସ୍କୁଟର, ସ୍ମାର୍ଟ କନେକଟେଡ ଡିଭାଇସ ଭଳି ଅନ୍ୟ ବର୍ଗରେ ଏହା ପ୍ରଡକ୍ଟ ଯୋଗାଉଛି। ଏହି ଶୃଙ୍ଖଳାରେ ଅଧିକରୁ ଅଧିକ ପ୍ରଡକ୍ଟ ଆଣିବାଉପରେ ଏହା ଧ୍ୟାନ କେନ୍ଦ୍ରିତ କରିଛି। ଚାଇନାରେ ୧୦୦ରୁ ଅଧିକ ସ୍ମାର୍ଟ ଡିଭାଇସ ଉପଲବ୍ଧ କରାଉଛି।

### ମେକ୍ ଇନ୍ ଇଣ୍ଡିଆ ପ୍ରତିବଦ୍ଧତା

କମ୍ପାନୀ କେନ୍ଦ୍ର ସରକାରଙ୍କ ମେକ୍ ଇନ ଇଣ୍ଡିଆରେ ନିଜର ପ୍ରତିବଦ୍ଧତା ଦେଖାଇଛି। ଏହା ପୂର୍ବରୁ ସ୍ମାର୍ଟଫୋନ ଆସେମ୍ବଲ କରାଉଥିବା ବେଳେ ଦେଶରେ ଅଧିକରୁ ଅଧିକ ପ୍ରଡକ୍ଟ ନିର୍ମାଣ ଉପରେ କାର୍ଯ୍ୟ କରୁଛି। ଘରୋଇ ବଜାରରେ ନିଜର ଉତ୍ପାଦନ ୟୁନିଟ ସ୍ଥାପନା କରିବା ସହ ପ୍ରତି ସେକେଣ୍ଡରେ ଏହା ୩ ସ୍ମାର୍ଟଫୋନ ନିର୍ମାଣ କରୁଛି। ଏହାର ୟୁନିଟଗୁଡ଼ିକରେ କାର୍ଯ୍ୟ କରୁଥିବା ମୋଟ ୨୦,୦୦୦ କର୍ମଚାରୀଙ୍କ ମଧ୍ୟରୁ ୯୫% ମହିଳା ଅଛନ୍ତି। ମେକ୍ ଇନ ଇଣ୍ଡିଆରେ ଘରୋଇ ବଜାରରେ ଟିଭି ଉତ୍ପାଦନକୁ ଗୁରୁତ୍ୱ ଦିଆଯାଇଛି।

### ଏମଆଇ୩ ଠାରୁ ନୋଟ୍ ୭ ପର୍ଯ୍ୟନ୍ତ ଯାତ୍ରା

ଘରୋଇ ବଜାରରେ ଏମ୍ଆଇ ୩ ମଡେଲଠାରୁ ଯାତ୍ରା ଆରମ୍ଭ କରି ଏହା ବର୍ତ୍ତମାନ ନୋଟ ୭ ପର୍ଯ୍ୟନ୍ତ ବିଭିନ୍ନ ମଡେଲ ଆଣିଛି। କମ୍ପାନୀ ନୋଟ୍ ମଡେଲ ଗୁଡ଼ିକ ବିଶେଷ ସଫଳ ରହିଛି। ସେହିଭଳି ନୂଆ କରି ଆଣିଥିବା ପୋକୋ ମଡେଲର ବିକ୍ରି ହାର ମଧ୍ୟ ଉନ୍ନତ ରହିଛି। କମ୍ପାନୀ ଅଫ୍ ଲାଇନ ବଜାର ବାଦ ନିଜସ୍ୱ ଅନଲାଇନ ପ୍ଲାଟଫର୍ମରେ ମଧ୍ୟ ପ୍ରଡକ୍ଟ ବିକ୍ରି କରୁଛି।

### ଗ୍ରାହକ, ପାର୍ଟନରଙ୍କ ସହ ବଢ଼ୁଛି

କମ୍ପାନୀ ଏହାର ବିକ୍ରି ଅଂଶୀଦାରଙ୍କୁ ପ୍ରିଫର୍ଡ ପାର୍ଟନର କହୁଥିବାବେଳେ ଗ୍ରାହକଙ୍କୁ ସର୍ବଦା ଭଲ ପ୍ରଡକ୍ଟ ଦ୍ୱାରା ପ୍ରାଥମିକତା ଦେଇ ଆସିଛି। ଏହାର ଏମ୍ଆଇ ଫ୍ୟାନ କ୍ଲବ ଦ୍ୱାରା କମ୍ପାନୀନିଜ ପ୍ରଡକ୍ଟ ଗୁଡିକୁ ପିଅର ଗ୍ରୁପଙ୍କ ନିକଟରେ ବେଶ ଲୋକପ୍ରିୟ କରାଇ ପାରିଛି। ଏହା ବାଦ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଗ୍ରାହକଙ୍କ ନିକଟରେ ପହଞ୍ଚିବା ଲାଗି ବିଭିନ୍ନ ଫର୍ମାଟରେ ଷ୍ଟୋର ମାନ ସ୍ଥାପନ କରିଛି। ଏହା ମଧ୍ୟରେ ମି ହୋମ୍, ପ୍ରିଫର୍ଡ ପାର୍ଟନର ଭଳି ଷ୍ଟୋର ସାମିଲ ରହିଛି।

## ରାମ୍‌କୋ ସିମେଣ୍ଟକୁ କର୍ପୋରେଟ ଗଭର୍ନାନ୍ସ ପୁରସ୍କାର



ଭୁବନେଶ୍ୱର,୨୬-୩

ପ୍ରମୁଖ ସିମେଣ୍ଟ ନିର୍ମାତା ରାମ୍‌କୋ ସିମେଣ୍ଟ ଲିମିଟେଡକୁ ଏକ୍ସଲେଣ୍ଟ କର୍ପୋରେଟ ଗଭର୍ନାନ୍ସ ପୁରସ୍କାର ମିଳିଛି। ସେହିଭଳି ଇଣ୍ଟରନ୍ୟାଶନାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ଫର ମାନୁଫାକଚରିଂ ପକ୍ଷରୁ କମ୍ପାନୀର ଆରିଆଲୁର ୟୁନିଟ ଗ୍ରୀନ ମାନୁଫାକଚରିଂ କ୍ଷେତ୍ରରେ ଗୋଲ୍ଡ ମେଡାଲ ଲାଭ କରିଛି। ଇସ୍ରୋର ପୂର୍ବତନ ନିର୍ଦ୍ଦେଶକ ମିଲ୍ ସ୍ୱାମୀ ଆନ୍ନାଦୁରାଇ ଏବଂ ମୁରୁଗାପା ଗ୍ରୁପର ଏ.ଭେଲାୟାନଙ୍କଠାରୁ କମ୍ପାନୀର ମାନୁଫାକଚରିଂ ୟୁନିଟ ମୁଖ୍ୟ ଏହି ପୁରସ୍କାରକୁ ଗ୍ରହଣ କରିଥିଲେ।

## ଜେଟ୍ ଏୟାରୱେଜକୁ ବ୍ୟାଙ୍କଗୁଡ଼ିକର ସହାୟତା

# ଭିନ୍ନ ମାନଦଣ୍ଡକୁ ନେଇ ମାଲ୍ୟାଙ୍କ ପ୍ରଶ୍ନ

ନୂଆଦିଲ୍ଲୀ,୨୬-୩

ଜେଟ୍ ଏୟାରୱେଜକୁ ବଞ୍ଚାଇବା ଲାଗି ଏସ୍‌ବିଆଇ ନେତୃତ୍ୱରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ସହାୟତାର ହାତ ବଢ଼ାଇବାକୁ ନେଇ କିଙ୍ଗଫିଶର ଏୟାରଲାଇନ୍ସ ମାଲିକ ତଥା ମଦ ବ୍ୟବସାୟୀ ବିଜୟ ମାଲ୍ୟା କେନ୍ଦ୍ର ସରକାର ଓ ବ୍ୟାଙ୍କଗୁଡ଼ିକ ପ୍ରତି ପ୍ରଶ୍ନ କରିଛନ୍ତି। ଏକାଧିକ ଟୁଇଟ୍ କରି ସେ ଅଭିଯୋଗ କରିଛନ୍ତି ଯେ, ଯେଉଁଭଳି ଭାବେ ଜେଟ୍‌କୁ ଆର୍ଥିକ ସହାୟତା ଦେଇ ଏହାକୁ ସଙ୍କଟରୁ ଉଦ୍ଧାର କରାଗଲା ତାହା ଦେଖି ସେ ଖୁସି। ମାଲ୍ୟା ଲେଖିଛନ୍ତି ଯେ, ସରକାର ଓ ବ୍ୟାଙ୍କଗୁଡ଼ିକ ତାଙ୍କର ବକେୟା ଅର୍ଥ ନେଇ ସଙ୍କଟରେ ଥିବା ଜେଟ୍‌କୁ ଉଦ୍ଧାର କରନ୍ତୁ। ସେ ଲେଖିଛନ୍ତି ଯେ, ବ୍ୟାଙ୍କଗୁଡ଼ିକ ଆର୍ଥିକ ସହାୟତା ଦେଇ ଜେଟ୍ ଏୟାରୱେଜକୁ ସଙ୍କଟରୁ ବାହାର କରିବାକୁ ଚେଷ୍ଟା କରୁଛନ୍ତି। ବେଲ୍ ଆଉଟ ପ୍ୟାକେଜ ଦ୍ୱାରା ନିଯୁକ୍ତି, ଯୋଗାଯୋଗ ଏବଂ



କମ୍ପାନୀକୁ ରକ୍ଷା କରାଯାଇପାରିଲା। କିଙ୍ଗଫିଶର ଏୟାରଲାଇନ୍ସ କ୍ଷେତ୍ରରେ ମଧ୍ୟ ସରକାର ଅନୁରୂପ ପଦକ୍ଷେପ ନେବା ଉଚିତ୍ ଥିଲା। ମାଲ୍ୟା ଟୁଇଟ୍‌ରେ ଲେଖିଛନ୍ତି ଯେ, ଅର୍ଥ ଫେରାଇବା ନେଇ ସେ କର୍ଣ୍ଣାଟକ ହାଇକୋର୍ଟରେ ତାଲିକା ଉପସ୍ଥାପନ କରିଛନ୍ତି। ଏହାଦ୍ୱାରା ବ୍ୟାଙ୍କଗୁଡ଼ିକୁ ସେମାନଙ୍କର ବକେୟା ଅର୍ଥ ମିଳିଯିବ। ତାଙ୍କ ବକେୟା ବ୍ୟାଙ୍କ କାହିଁକି ନେଉନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ଅର୍ଥରେ ଜେଟ୍ ଏୟାରୱେଜକୁ ଉଦ୍ଧାର କରାଯାଇପାରନ୍ତା ବୋଲି ସେ କହିଛନ୍ତି। ବିଭିନ୍ନ ବ୍ୟାଙ୍କରୁ ପ୍ରାୟ ୯ହଜାର କୋଟି ଟଙ୍କା ନେଇ ଲଣ୍ଡନ ଫେରାର ହୋଇଥିବା ମଦ ବ୍ୟବସାୟୀ ମାଲ୍ୟା ଏବେ ଭାରତ ପ୍ରତ୍ୟର୍ପଣ ଅପେକ୍ଷାରେ ରହିଛନ୍ତି। ସେ ଲେଖିଛନ୍ତି ଯେ, କିଙ୍ଗଫିଶର ଏୟାରଲାଇନ୍ସ ଓ ଏହାର କର୍ମଚାରୀଙ୍କୁ ବଞ୍ଚାଇବା ଲାଗି ସେ ୪ ହଜାର କୋଟି ଟଙ୍କା ନିବେଶ କରିଥିଲେ। ଏଥିପ୍ରତି ଧ୍ୟାନ ଦିଆଗଲା ନାହିଁ। ବଦଳରେ ତାଙ୍କୁ ନିର୍ଯାତନା ଦିଆଗଲା। ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଦେଶର ସବୁଠାରୁ ଭଲ ଘରୋଇ ଏୟାରଲାଇନ୍ସକୁ ବରବାଦ୍ କରିବା କାର୍ଯ୍ୟରେ ଲାଗିପଡିଲେ। ଏନ୍‌ଡିଏ ସରକାରରେ ଭିନ୍ନ ମାନଦଣ୍ଡ ଆପଣାଗଲା ବୋଲି ସେ ତାଚ୍ଛଲ୍ୟ କରିଥିଲେ।

## ପୁଣି ଜାମିନ ଆବେଦନ କରିବେ ନୀରବ

ଲଣ୍ଡନ,୨୬-୩

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ରୁ ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କା ଠକିବା ଅଭିଯୋଗରେ ସ୍ଥାନୀୟ ଜେଲ୍‌ରେ ବନ୍ଦୀ ଥିବା ହୀରା ବ୍ୟବସାୟୀ ନୀରବ ମୋଦି ଶୁକ୍ରବାର ୱେଷ୍ଟମିନିଷ୍ଟର କୋର୍ଟରେ ଦ୍ୱିତୀୟ ଥର ଲାଗି ଜାମିନ ଆବେଦନ କରିବେ। ଗତ ବୁଧବାର ନୀରବ ସେଣ୍ଟ୍ରାଲ ଲଣ୍ଡନ ବ୍ୟାଙ୍କ ଶାଖାରେ ନିଜର ଏକ ଆକାଉଣ୍ଟ ଖୋଲିବାକୁ ଉଦ୍ୟମ କରୁଥିବା ବେଳେ ସ୍କଟଲାଣ୍ଡ ୟାର୍ଡ ପୋଲିସ ତାଙ୍କୁ ଗିରଫ କରିଥିଲା। ତାଙ୍କୁ କୋର୍ଟରେ ହାଜର କରାଯିବା ମାତ୍ରେ ଡିଷ୍ଟ୍ରିକ୍ଟ ଜଜ୍ ମାରୀ ମାଲନ ତାଙ୍କର ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ତାଙ୍କ ପ୍ରତ୍ୟର୍ପଣ ନେଇ ମାମଲା ଆରମ୍ଭ ହୋଇଥିବା ବେଳେ ୨୯ରେ ଶୁଣାଣି ପାଇଁ ବିଚାରପତି ପରବର୍ତ୍ତୀ ତାରିଖ ଧାର୍ଯ୍ୟ କରିଥିଲେ। ଭାରତ ପାଇଁ ଯୁକ୍ତି କରୁଥିବା କ୍ରାଉନ ପ୍ରସିକ୍ୟୁଶନ ସର୍ଭିସ ବାରିଷ୍ଟର ଜୋନାଥନ ସ୍ୱେନ ନୀରବଙ୍କ ପ୍ରଥମ ଜାମିନ ଆବେଦନକୁ ବିରୋଧ କରିଥିଲେ। ସେ ଜାମିନ ପାଇ ପଳାୟନ କରିପାରନ୍ତି ବୋଲି ବାରିଷ୍ଟରଙ୍କ ଯୁକ୍ତିକୁ ବିଚାରପତି ମାଲନ ଗ୍ରହଣ କରିଥିଲେ। ଚିଫ୍ ମାଜିଷ୍ଟ୍ରେଟ ଇମା ଆର୍‌ବୁଥନଟ୍‌ଙ୍କ ଇଜଲାସ୍‌ରେ ପରବର୍ତ୍ତୀ ଶୁଣାଣି ହେବ।

## ଆଗ୍ରହର ପରିପ୍ରକାଶ (ଇଓଆଇ)

ଦୁର୍ଲଗା, ଝାରସୁଗୁଡ଼ାଠାରେ ମେସର୍ସ ଜୈନ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍‌ପିଏଲ୍)ର ୬୫ ମିଟର ଉଚ୍ଚ ଚିମ୍‌ନୀକୁ ଭାଙ୍ଗିବା ପାଇଁ ଇଓଆଇ ଆମନ୍ତ୍ରଣ କରାଯାଉଛି। ବିବରଣୀ ପାଇଁ ଆଗ୍ରହୀ ପାର୍ଟିମାନେ ନିମ୍ନ ଅନୁଯାୟୀ ଋଣଦାତାଙ୍କ ସମ୍ପୃକ୍ତ ୱେବ୍‌ସାଇଟ୍ ପରିଦର୍ଶନ କରିପାରନ୍ତି:-

www.hudco.org, www.indianbank.in, www.pnbindia.in

## OFFICE OF THE NOTIFIED AREA COUNCIL, BARPALI

Email:-barpalinac@gmail.com
Phone No.-(06646) 256705
No.921 / Dt.25.03.2019

The Executive Officer NAC Barpali, invites sealed tenders in prescribed from, for awarding lease contract for Parking fees, Daily Market & Hoarding in close tender as mentioned below:-

| Sl No. | Name of the property | For the year | Offset Price | Cost. of T.P | EMD |
|---|---|---|---|---|---|
| 1. | Parking Fees | 2019-20 | Rs.1,80,000/- | Rs.1,000/- | Rs.40,000/- |
| 2. | Daily Market | 2019-20 | Rs.3,60,000/- | Rs.1,500/- | Rs.50,000/- |
| 3. | Hoarding on rent Basis | 2019-20 | Rs.80,000/- | Rs.1,000/- | Rs.20,000/- |

The prescribed Non-transferable tender forms are obtainable from the office of the Notified Area Council, Barpali (including holidays) on payment of prescribed tender paper cost (Non refundable) up to 1.00 PM of Dtd.31.03.19 & sealed tender to be dropped enclosed with all requisite documents in tender box kept in this office up to 3.00 PM. Dtd.31.03.19 & opened on Dt.31.03.19 at 4.00 PM. in the presence of the bidders or their authorized representatives. If more than one bid quoted as equal value then the tender will be finalized through a transparent lottery system. All other details can be had from the Tax section of NAC, Barpali during the office hour. The authority reserves the right to cancel or reject all or any tender without assigning any reason thereof.

Sd./- Executive Officer, NAC, Barpali

## DIRECTORATE OF HORTICULTURE
GOVT. OF ODISHA
KRUSHI BHAWAN, GOPABANDHU MARG
BHUBANESWAR-751001
EMAIL ID:-supportdho.od@nic.in
Phone No.-0674-2391831

No.-NHM (H2) 14/18 02/2019 Dt.25.03.2019

**CORRIGENDUM**

**TO REQUEST FOR PROPOSAL (RFP) for selection of 'Project Management Unit (PMU) for Reforming Odisha's Horticulture'**

No.176-L:- With reference to the **RFP No.1/2019,** published on dt.02.03.2019 and subsequent queries received, this corrigendum is being issued to the Request for Proposal for selection of 'Project Management Unit (PMU) for Reforming Odisha's Horticulture'. The details of corrigendum can be downloaded from the website **https://tendersodisha.gov.in** and **www.odihort.nic.in.** Further the last date for submission of proposal has been extended to 02.05.2019 till 17.00 Hours. For further details, please visit the website as mentioned above.

Directorate of Horticulture, Govt. of Odisha reserves the right to accept or reject any application and to annul the process at any time, without any liability and assigning any reason thereof.

Sd./-
Director of Horticulture
Odisha

01038/11/0012/1819

## NOTICE

No.22-G

To
Sri Pravat Kumar Ojha, Mining Officer,
Under transfer to the O/o the M.O., Bolangir.

Sub :- Regarding Joining in the office of the Mining Officer, Bolangir.

Sir,

It is to inform you through this Notice that after careful consideration, Govt. have been pleased to reject your representation dt.31.01.2019 praying for retention at old station i.e. in the O/o the DDM, Jajpur Road or adjust in and around Headquarter at Bhubaneswar or Cuttack/ Berhampur/Baripada vide their office order No.1744/SM dt.08.03.2019 which has been sent to you both to your old station (DDM, Jajpur Road) and in your permanent address (By Regd. Post with A/D) vide this Directorate Memo. No. 2292/DM dt. 12.03.2019 & No.2293/DM dt. 11.03.2019 respectively.

By publication of this Notice, it is treated that you have received the aforesaid Govt. order and as such you are hereby directed to join in your new place of posting i.e. in the office of the Mining Officer, Bolangir within 7 days of publication of this notice failing which action as deemed proper will be taken in the matter.

30004/11/0010/1819 **DIRECTOR OF MINES, ODISHA**

ଭାରତରେ ହିରୋ ଇଣ୍ଡିଆନ ଓପନ ଟୁର୍ନାମେଣ୍ଟ ଖେଳିବା ଅବସରରେ ମୁଁ ଏକ ଆଇପିଏଲ୍ ମ୍ୟାଚ ଦେଖିବା ଲକ୍ଷ୍ୟ ରଖିଛି ।

–ବ୍ରାଣ୍ଡନ ଷ୍ଟୋନ୍, ଦକ୍ଷିଣ ଆଫ୍ରିକୀୟ ଗଲ୍ଫ ଖେଳାଳି



ଚଳିତ ବର୍ଷ ଆଇପିଏଲ୍‌ରେ ମୋତେ ଆନ୍ଦ୍ରେ ରସେଲଙ୍କ ବିରୋଧରେ ବୋଲିଂ କରିବାକୁ ପଡ଼ିବ ନାହିଁ, ସେଥିପାଇଁ ମୁଁ ଖୁସି ।

–ଲୋକି ଫର୍ଗୁସନ, ନାଇଟ ରାଇଡର୍ସ ପେସ୍ ବୋଲର



## ସଂକ୍ଷେପରେ

### କର୍ଣ୍ଣାଟକଠାରୁ ହାରିଲା ଓଡ଼ିଶା

**କଟକ ଅଫିସ,୨୬।୩:** ସୁରଟର ସି.ବି ପଟେଲ ଗ୍ରାଉଣ୍ଡରେ ମଙ୍ଗଳବାର ଖେଳାଯାଇଥିବା ୨୩ ବର୍ଷରୁ କମ୍ ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଓଡ଼ିଶା ୩୩ ରନରେ କର୍ଣ୍ଣାଟକ ଠାରୁ ପରାସ୍ତ ହୋଇଛି। ଓଡ଼ିଶା ଟସ୍ ଜିତି କର୍ଣ୍ଣାଟକକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ଓଡ଼ିଶା ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ୪ ଓ ବର୍ଷାରାଣୀ ସିଂ ୩ ଉଇକେଟ ଅକ୍ତିଆର କରିବା ଦ୍ୱାରା କର୍ଣ୍ଣାଟକ ଦଳର ସ୍କୋର ୧୧୪ରନରେ ସୀମିତ ରହିଯାଇଥିଲା। କର୍ଣ୍ଣାଟକ ଓପନର ଏସ୍. ଶୁଭ ୫୧ରନର ସଂଘର୍ଷପୂର୍ଣ୍ଣ ଇନିଂସ ଖେଳିଥିଲେ। ୧୧୫ରନର ବିଜୟ ଲକ୍ଷ୍ୟକୁ ପିଛା କରି ଓଡ଼ିଶା ୮୧ରନରେ ଅଲଆଉଟ ହୋଇଥିଲା। ପୁନମ ନାୟକ ୧୮ରନ, ସୁଶ୍ରୀ ୧୦ରନ ଓ ରାମାଲକ୍ଷ୍ମୀ ଏକ୍କା ୧୪ରନ କରିଥିବା ବେଳେ ଅନ୍ୟ କେହି ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। କର୍ଣ୍ଣାଟକର ଏସ୍. ଆର. ପାଟିଲ ଓ ସି. ପ୍ରତ୍ୟୁଷାଙ୍କୁ ୩ଟି ଲେଖାଏଁ ଉଇକେଟ ମିଳିଥିଲା। ଆସନ୍ତା ୩୦ ତାରିଖରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଉତ୍ତରପ୍ରଦେଶ ବିପକ୍ଷରେ ଖେଳିବ ।

### ସୋଟୋକାନ୍ କରାଟେ ସେଣ୍ଟର ଅଫ୍ ଓଡ଼ିଶାର ସଫଳତା

**କଟକ ଅଫିସ,୨୬।୩:** ଭୁବନେଶ୍ୱରର ଉତ୍କଳ କରାଟେ ସ୍କୁଲଠାରେ ଅନୁଷ୍ଠିତ ହୋଇଥିବା ୩୧ତମ ରାଜ୍ୟ ଜୁନିୟର, କ୍ୟାଡେଟ୍ ଓ ୨୧ବର୍ଷରୁ କମ୍ ବୟସ ବର୍ଗର କରାଟେ ଚାମ୍ପିୟନଶିପ୍‌ରେ ସୋଟୋକାନ୍ କରାଟେ ସେଣ୍ଟର ଅଫ୍ ଓଡ଼ିଶା ପ୍ରତିଯୋଗୀମାନେ ସଫଳ ହୋଇଛନ୍ତି। ସେଣ୍ଟର ମୋଟ ୭ଟି ପଦକ ଜିତିଥିବା ବେଳେ ଏଥିରେ ୪ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ରହିଛି । କାଟା ବିଭାଗରେ ଗୌରବ କର, ପ୍ରୀତିପଦ୍ମା ନାୟକ ରୌପ୍ୟ, ତାନଭି ନାଥାନି ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। କୁମିତେରେ ଗୌରବ ଓ ପ୍ରୀତିପଦ୍ମା ରୌପ୍ୟ ପଦକ ଜିତିଥିବା ବେଳେ ତାନଭି ଓ ଶକ୍ତି ପ୍ରସାଦ ବ୍ରୋଞ୍ଜ ପଦକ ଜିତିଛନ୍ତି। ଆସୋସିଏଶନ ସଭାପତି ଶିବାଶିଷ କର ଓ ସମ୍ପାଦକ ନର୍ମଦା ଗୁଇଁ ପଦକ ବିଜୟୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

### ରୋନାଲ୍ଡୋ ଆହତ

**ଲିସବନ, ୨୬।୩(ଏଏଫ୍‌ପି):** ପର୍ତ୍ତୁଗାଲ ଓ ସର୍ବିଆ ମଧ୍ୟରେ ଅନୁଷ୍ଠିତ ୟୁରୋପିଆନ ଚାମ୍ପିୟନଶିପ୍ ଯୋଗ୍ୟତା ପର୍ଯ୍ୟାୟରେ ଏକ ମ୍ୟାଚ୍ ଡ୍ର'ରେ ସମାପ୍ତ ହୋଇଛି। ଗ୍ରୁପ୍-ବି'ର ଏହି ମୁକାବିଲାରେ ଉଭୟ ଦଳ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୋଟିଏ ଲେଖାଏ ଗୋଲ ଦେବା ଫଳରେ ମ୍ୟାଚ୍ ୧-୧ରେ ଡ୍ର ରହିଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ୨ଟି ଯାକ ଗୋଲସ୍କୋର ହୋଇଥିଲା। ୭ମ ମିନିଟ୍‌ରେ ସର୍ବିଆକୁ ମିଳିଥିବା ଏକ ପେନାଲ୍ଟି ସୁଯୋଗକୁ କୌଣସି ତ୍ରୁଟି ନ କରି ମିଡ୍‌ଫିଲ୍ଡର ଡୁସାନ ତାଡିକ୍ ଦଳକୁ ୧-୦ ଗୋଲରେ ଅଗ୍ରଣୀ କରାଇଥିଲେ। ଏହାପରେ ମ୍ୟାଚ୍‌ର ୪୨ତମ ମିନିଟ୍‌ରେ ପର୍ତ୍ତୁଗାଲ ଏହି ଗୋଲଟି ଶୁଝାଇ ଦେବାରେ ସଫଳ ହୋଇଥିଲା। ଡାନିଲୋ ପେରେରା ୨୫ ୟାର୍ଡ ଦୂରରୁ ଏକ ଚମତ୍କାର ଶର୍ଟ ମାରି ବଲକୁ ସର୍ବିଆ ନେଟ୍ସ ମଧ୍ୟକୁ ପଠାଇ ଦେଇଥିଲେ। ଏହାପରେ ଦ୍ୱିତୀୟାର୍ଦ୍ଧରେ କୌଣସି ଗୋଲ ନ ହେବାକୁ ମ୍ୟାଚ୍ ଅମୀମାଂସିତ ରହିଥିଲା। ପର୍ତ୍ତୁଗାଲର ଷ୍ଟାର୍ ଷ୍ଟ୍ରାଇକର ତଥା ୫ଥର ବାଲୋନ ଡିଓର୍ ପୁରସ୍କାର ବିଜେତା କ୍ରିଷ୍ଟିଆନୋ ରୋନାଲ୍ଡୋ ଏହି ମ୍ୟାଚ୍‌ର ୩୧ତମ ମିନିଟ୍‌ରେ ଆଘାତ ପାଇ ପଡ଼ିଆ ଛାଡ଼ିଥିଲେ। ମ୍ୟାଚ୍‌ରେ ପର୍ତ୍ତୁଗାଲ ପାଇଁ ଏହା ଶକ୍ତ ଧକ୍କା ସଦୃଶ ଥିଲା। ପ୍ରତିଯୋଗିତାରେ ପର୍ତ୍ତୁଗାଲର ଏହା ୨ୟ ଡ୍ର' ଥିଲା। ଏଥିପୂର୍ବରୁ ୟୁକ୍ରେନ ବିପକ୍ଷ ପ୍ରଥମ ମ୍ୟାଚ୍‌କୁ ପର୍ତ୍ତୁଗାଲ ଡ୍ର ରଖିଥିଲା।

### ଆଡିଡାସ ସହ ଚୁକ୍ତି ବଢ଼ାଇଲେ ରୋହିତ୍

**ନୂଆଦିଲ୍ଲୀ, ୨୬।୩(ପି.ଟି.):** ଭାରତୀୟ ବ୍ୟାଟ୍ସମ୍ୟାନ ରୋହିତ୍ ଶର୍ମା ବିଶ୍ୱସ୍ତରୀୟ କ୍ରୀଡ଼ା ଉପକରଣ ପ୍ରସ୍ତୁତକାରୀ କମ୍ପାନୀ ଆଡିଡାସ ସହ ତାଙ୍କର ଚୁକ୍ତିକୁ ବୃଦ୍ଧି କରିଛନ୍ତି। ମୁମ୍ବାଇର ଏହି ଷ୍ଟାଇଲିଶ ବ୍ୟାଟ୍ସମ୍ୟାନ ୨୦୧୩ରୁ ଆଡିଡାସ ସହ ଜଡ଼ିତ ରହିଛନ୍ତି। ନିକଟରେ ରୋହିତ୍ ଦିନିକିଆ କ୍ରିକେଟରେ ୮ ହଜାର ରନ୍ ପୂରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ପ୍ରିଣ୍ଟର ହିମା ଦାସ, ହକି ଖେଳାଳି ମନପ୍ରୀତ୍ ସିଂ ଓ ହେପ୍ଟା ଆଥ୍‌ଲେଟ ସ୍ୱପ୍ନା ବର୍ମନ ମଧ୍ୟ ପୂର୍ବରୁ ଆଡିଡାସର ବ୍ରାଣ୍ଡ ଆମ୍ବାସାଡର ରହିଛନ୍ତି।

# ମାଲେସିଆକୁ ହରାଇଲା ଭାରତ

ଇପୋ (ମାଲେସିଆ), ୨୬।୩

ସୁଲତାନ ଆଜଲାନଶାହ କପ୍ ହକି ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ଲିଗ୍ ମ୍ୟାଚରେ ଭାରତ ୪-୨ ଗୋଲରେ ବିପଜ୍ଜନକ ପ୍ରତିଦ୍ୱନ୍ଦ୍ୱୀ ମାଲେସିଆକୁ ପରାସ୍ତ କରିଛି। ଏହି ବିଜୟ ଫଳରେ ଭାରତ ୩ ମ୍ୟାଚରୁ ଦ୍ୱିତୀୟ ବିଜୟ ସହ ୭ ପଏଣ୍ଟ ହାସଲ କରିଛି। ଦକ୍ଷିଣ କୋରିଆ ମଧ୍ୟ ସମାନ ମ୍ୟାଚରୁ ୭ ପଏଣ୍ଟ ପାଇଛି। ତେବେ ଗୋଲ ବ୍ୟବଧାନରେ କୋରିଆ ପ୍ରଥମ ଓ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ମାଲେସିଆ ଓ କାନାଡ଼ା ୬ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ୨ ସ୍ଥାନ ଅଧିକାର କରିଛନ୍ତି। ତେଣୁ କେଉଁ ୨ ଦଳ ଫାଇନାଲ ଖେଳିବ ତାହା ବୁଧବାର ଲିଗ୍ ମ୍ୟାଚପରେ ଆପାତତଃ ସ୍ପଷ୍ଟ ହୋଇଯିବ। ବୁଧବାର କୋରିଆ ଓ ମାଲେସିଆ ଏବଂ ଭାରତ ଓ କାନାଡ଼ା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଅନ୍ୟ ଏକ ମ୍ୟାଚରେ ଜାପାନ ଓ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିବେ। ଜାପାନ ଓ ଦକ୍ଷିଣ ଆଫ୍ରିକା ଏପର୍ଯ୍ୟନ୍ତ ପଏଣ୍ଟ ଖାତା ଖୋଲି ପାରି ନ ଥିବାରୁ ଏହି ମ୍ୟାଚର ଗୁରୁତ୍ୱ ରହିବନାହିଁ। ଶନିବାର ଫାଇନାଲ ଅନୁଷ୍ଠିତ ହେବ।

ମାଲେସିଆ ବିପକ୍ଷ ମ୍ୟାଚରେ ଭାରତ ଅତି ସତର୍କତାର ସହିତ ଖେଳିବା ଆରମ୍ଭ କରିଥିଲା। ଉଭୟ ଦଳ ସମକକ୍ଷ ପ୍ରଦର୍ଶନ କରିବାରୁ ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ଅଗ୍ରଣୀ ନେବାପାଇଁ ଉଭୟ ଦଳ ମଧ୍ୟରେ ମୁକାବିଲା ଜୋରଦାର ହୋଇଥିଲା। ମ୍ୟାଚର ୧୭ତମ ମିନିଟରେ ସୁମିତ ଏକ ଫିଲ୍ଡ ଗୋଲ ଜରିଆରେ ଭାରତକୁ ଅଗ୍ରଣୀ କରାଇଥିଲେ। ମାତ୍ର ଏହାର ୫ ମିନିଟ ପରେ ଅର୍ଥାତ୍ ୨୧ତମ ମିନିଟରେ ମାଲେସିଆକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ରାଜେ ରହିମ ଗେମ୍‌କୁ ସମାନ ସ୍ତରକୁ ନେଇ ଆସିଥିଲେ। ଦ୍ୱିତୀୟ କ୍ୱାର୍ଟର ଶେଷ ହେବାର ୩ ମିନିଟ ପୂର୍ବରୁ ୨୭ତମ ମିନିଟରେ ସୁମିତ କୁମାର (ଜୁନିୟର) ଏକ ଫିଲ୍ଡ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତକୁ ୨-୧ ଗୋଲରେ ଅଗ୍ରଣୀ କରାଇଥିଲେ।

ଦ୍ୱିତୀୟାର୍ଦ୍ଧ ଅର୍ଥାତ୍ ତୃତୀୟ କ୍ୱାର୍ଟର ଆରମ୍ଭରୁ ଗୋଲ ପରିଶୋଧ ପାଇଁ ମାଲେସିଆ ଭରପୂର ଉଦ୍ୟମ କରିଥିଲା। ମାତ୍ର ୩୬ତମ ମିନିଟରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରରୁ ଗୋଲ ସ୍କୋର କରି ଡ୍ରାଗ୍ ଫ୍ଲିକର ବରୁଣ କୁମାର ମାଲେସିଆ ଉପରେ ଅଧିକ ଚାପ ସୃଷ୍ଟି କରିଥିଲେ। ଏହି କ୍ୱାର୍ଟରର ଅବଶିଷ୍ଟ ସମୟରେ ଉଭୟ ଦଳ ଏକାଧିକ ସୁଯୋଗ ପାଇଥିଲେ ହେଁ ଗୋଲ ହୋଇପାରି ନ ଥିଲା। ତେଣୁ ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ସ୍ୱାଭାବିକଭାବେ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଆକ୍ରମଣ ପ୍ରତିଆକ୍ରମଣ ମଧ୍ୟରେ ଖେଳ ଶେଷ ଭାଗରେ ପହଞ୍ଚି ଯାଇଥିଲା। ମ୍ୟାଚ ଶେଷ ହେବାର ୩ ମିନିଟ ପୂର୍ବରୁ ଅର୍ଥାତ୍ ୫୭ତମ ମିନିଟରେ ମାଲେସିଆର ଫିରହାନ ଅସହାରି ଏକ ଗୋଲ ପରିଶୋଧ କରି ମ୍ୟାଚରେ ଉଷ୍ମତା ଭରି ଦେଇଥିଲେ। ତେବେ ପୂର୍ବ ମ୍ୟାଚ ଗୁଡ଼ିକରେ କରିଥିବା ତ୍ରୁଟିକୁ ଭାରତ ଏଠାରେ ଦୋହରାଇ ନ ଥିଲା। ଅସହାରି ଗୋଲ ଦେବାର ୧ ମିନିଟ ମଧ୍ୟରେ ପ୍ରତିପକ୍ଷ ଗୋଲପୋଷ୍ଟରେ ପ୍ରବେଶ କରି ମନଦୀପ ସିଂ ଏକ ଫିଲ୍ଡ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ୫୮ତମ ମିନିଟରେ ସେ ଏହି ଗୋଲଟି ଦେଇଥିଲେ। ଅବଶିଷ୍ଟ ୨ ମିନିଟ ଓ ଇଞ୍ଜୁରି ଟାଇମ୍‌ରେ ମାଲେସିଆ ଘନଘନ ଆକ୍ରମଣ କରିଥିଲେ ହେଁ ଭାରତୀୟ ରକ୍ଷଣଭାଗ ସଫଳତାର ସହିତ ତାହାର ପ୍ରତିହତ କରିଥିଲା। ଶେଷରେ ୪-୨ ସ୍କୋର ସହ ଭାରତ ମ୍ୟାଚ ଫିନିଶ୍ କରିଥିଲା। ଉପଅଧିନାୟକ ସୁରେନ୍ଦର କୁମାର ଓ ଓଡ଼ିଆ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରାଙ୍କ ପ୍ରଦର୍ଶନ ଅତି ଚମତ୍କାର ରହିଥିଲା। ରକ୍ଷଣଭାଗରେ ଆକର୍ଷଣୀୟ ପ୍ରଦର୍ଶନ ପାଇଁ ବୀରେନ୍ଦ୍ର ଲାକ୍ରା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

ମଙ୍ଗଳବାର ଅନୁଷ୍ଠିତ ଅନ୍ୟ ୨ଟି ମ୍ୟାଚରେ କାନାଡ଼ା ୨-୧ ଗୋଲରେ ଜାପାନକୁ ହରାଇଥିବାବେଳେ କୋରିଆ ୩-୨ ଗୋଲରେ ପୋଲାଣ୍ଡକୁ ପରାସ୍ତ କରିଛି। ଭାରତ ଏହାର ପ୍ରଥମ ମ୍ୟାଚରେ ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ଜାପାନକୁ ୨-୦ ଗୋଲରେ ହରାଇଥିବାବେଳେ ଦ୍ୱିତୀୟ ମ୍ୟାଚକୁ କୋରିଆ ସହିତ ୧-୧ ଗୋଲରେ ଡ୍ର ରଖିଥିଲା।





ଗୋଲ୍ ସ୍କୋର ପରେ ଉଲ୍ଲସିତ ଭାରତୀୟ ଖେଳାଳି। ମ୍ୟାଚ୍ ଅବସରରେ ଭାରତୀୟ ଫରୱାର୍ଡ ସୁମିତ କୁମାର।

**ସୁଲତାନ ଆଜଲାନଶାହ କପ୍**

**ଗୋଲ ସ୍କୋରର**

**ଭାରତ**
ସୁମିତ: ୧୭ତମ ମିନିଟ
ସୁମିତ କୁମାର: ୨୭ତମ ମିନିଟ
ବରୁଣ କୁମାର ୩୬ତମ ମିନିଟ
ମନଦୀପ ସିଂ: ୫୮ତମ ମିନିଟ

**ମାଲେସିଆ**
ରାଜେ ରହିମ: ୨୧ତମ ମିନିଟ
ଫିରହାନ ଅସହାରି: ୫୭ତମ ମିନିଟ

## ଯାଦବପୁର, ଜୟପୁରକୁ ତୃତୀୟ ସ୍ଥାନ

**ଭୁବନେଶ୍ୱର, ୨୬।୩ (କ୍ରୀଡ଼ା ପ୍ରତିନିଧି):** ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ସହଯୋଗରେ କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆମେରିକାନ୍ ଫୁଟବଲ (ପୁରୁଷ) ଟୁର୍ନାମେଣ୍ଟର ତୃତୀୟ ଦିବସରେ ସେମିଫାଇନାଲ ଓ ତୃତୀୟ ସ୍ଥାନ ପାଇଁ ମ୍ୟାଚ ଅନୁଷ୍ଠିତ ହୋଇ ଯାଇଛି। ପ୍ରତିଯୋଗିତାର ଟ୍ୟାକ୍‌ଲ ବିଭାଗରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ପଞ୍ଜାବର ଲଭ୍‌ଲି ପ୍ରଫେଶନାଲ ବିଶ୍ୱବିଦ୍ୟାଳୟ ୩୪-୦ରେ ଚେନ୍ନାଇର ଏସଆରଏମକୁ ହରାଇଥିବାବେଳେ ଦ୍ୱିତୀୟ ସେମିଫାଇନାଲରେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ୩୨-୦ରେ ଯାଦବପୁର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ୩ୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ଯାଦବପୁର ୯-୦ରେ ଏସଆରଏମ ବିଶ୍ୱବିଦ୍ୟାଳୟକୁ ହରାଇ ଦେଇଛି। ସେହିପରି ଫ୍ଲାଗ୍ ବିଭାଗର ପ୍ରଥମ ସେମିଫାଇନାଲରେ ଜୟପୁରର ମଣିପୁର ବିଶ୍ୱବିଦ୍ୟାଳୟ ୬-୦ରେ ଯାଦବପୁର ବିଶ୍ୱବିଦ୍ୟାଳୟକୁ ହରାଇଥିବାବେଳେ ଦ୍ୱିତୀୟ ସେମିରେ ଜୟପୁରର ପୂର୍ଣ୍ଣିମା ବିଶ୍ୱବିଦ୍ୟାଳୟ ୧୮-୧୫ରେ ଜୟପୁର ଜାତୀୟ ବିଶ୍ୱବିଦ୍ୟାଳୟକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ପ୍ଲେ-ଅଫ୍‌ରେ ଜୟପୁର ଜାତୀୟ ବିଶ୍ୱବିଦ୍ୟାଳୟ ୧୨-୬ରେ ଯାଦବପୁର ବିଶ୍ୱବିଦ୍ୟାଳୟକୁ ହରାଇ ତୃତୀୟ ସ୍ଥାନ ଅଧିକାର କରିଛି। ଉଭୟ ଟ୍ୟାକ୍‌ଲ ଓ ଫ୍ଲାଗ୍ ଫୁଟବଲର ଫାଇନାଲ ବୁଧବାର ଅନୁଷ୍ଠିତ ହେବ।

## ଏମ୍‌ଆର୍‌ଏଫ୍ ପେସ୍ ଫାଉଣ୍ଡେଶନରେ ପ୍ରଶିକ୍ଷଣ ନେବେ ରାଜେଶ

**କଟକ ଅଫିସ, ୨୬।୩:** ଚେନ୍ନାଇସ୍ଥିତ ଏମ୍‌ଆର୍‌ଏଫ୍ ପେସ୍ ଫାଉଣ୍ଡେଶନରେ ପ୍ରଶିକ୍ଷଣ ନେବେ ଓଡ଼ିଶାର ଉଦୀୟମାନ ମିଡିୟମ ପେସ ବୋଲର ରାଜେଶ ମହାନ୍ତି। ଫାଉଣ୍ଡେଶନ ପକ୍ଷରୁ ମଙ୍ଗଳବାର ଏ ନେଇ ଏକ ଚିଠି ଆସିଥିବା ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ସୂଚନା ଦିଆଯାଇଛି। ରାଜେଶ ଅଷ୍ଟ୍ରେଲିଆର କିମ୍ବଦନ୍ତୀ ପେସ ବୋଲର ତଥା ଫାଉଣ୍ଡେଶନର ପ୍ରଶିକ୍ଷଣ ନିର୍ଦ୍ଦେଶକ ଗ୍ଲେନ ମ୍ୟାକଗ୍ରାଙ୍କ ନିକଟରୁ ପ୍ରଶିକ୍ଷଣ ନେବେ। ଏପ୍ରିଲ ପହିଲାରୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ ଫାଉଣ୍ଡେଶନ ପକ୍ଷରୁ ଏହି ଶିବିର ଚାଲିବ। ସୂଚନା ଥାଉକି, ରାଜେଶ ପୂର୍ବରୁ ୧୯ବର୍ଷରୁ କମ୍ ଭାରତୀୟ ଦଳରେ ମଧ୍ୟ ସ୍ଥାନ ପାଇଛନ୍ତି । ଢାକାଠାରେ ଅନୁଷ୍ଠିତ ଗତ ୧୯ବର୍ଷରୁ କମ୍ ଏସିଆ କପ୍‌ରେ ସେ ଜାତୀୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ରାଜ୍ୟର ଏହି ଡାହାଣହାତୀ ମିଡ଼ିୟମ ପେସ ପ୍ରତିଭା ଗତ ରଣଜୀ ସିଜିନରେ ପଦାର୍ପଣ କରିଥିଲେ। ୮ଟି ମ୍ୟାଚ୍ ଖେଳି ୪୦ଟି ଉଇକେଟ ଦଖଲ କରିବା ସହ ନିଜ ଦକ୍ଷତାର ଛାପ ଛାଡ଼ିଥିଲେ। ଗୁଆହାଟୀରେ ଆସାମ ବିପକ୍ଷରେ କ୍ୟାରିୟରର ଶ୍ରେଷ୍ଠ ବୋଲିଂ କରିଥିଲେ ରାଜେଶ । ପ୍ରଥମ ଇନିଂସ୍‌ରେ ୩୧ରନ ଦେଇ ୫ଟି ଓ ଦ୍ୱିତୀୟ ଇନିଂସରେ ୫୫ରନ୍ ଦେଇ ୬ଟି ଉଇକେଟ ଅକ୍ତିଆର କରିବା ସହ ଗୋଟିଏ ମ୍ୟାଚ୍‌ରେ ମୋଟ ୧୧ଟି ଉଇକେଟ ପାଇଥିଲେ। ପେସ ବୋଲିଂ କ୍ଷେତ୍ରରେ ସେ ଓଡ଼ିଶାର ଭବିଷ୍ୟତ ବୋଲି ନିଦ୍ୱନ୍ଦ୍ୱରେ କୁହାଯାଇ ପାରେ। ନୟାଗଡ଼ ଜିଲାର ତୁଳସୀପୁର ଅଞ୍ଚଳରେ ଜନ୍ମିତ ରାଜେଶ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂର ପ୍ରଶିକ୍ଷାର୍ଥୀ । ରାଜ୍ୟର ପୂର୍ବତନ ପେସ୍ ବୋଲର ଦୀପକ ମଙ୍ଗରାଜ ହେଉଛନ୍ତି ରାଜେଶଙ୍କ ବୋଲିଂ ଗୁରୁ।



## କ୍ୱିଟୋଭା ଆକ୍ରମଣକାରୀଙ୍କୁ ଜେଲ

ପ୍ରେଗ୍, ୨୬।୩ (ଏଏଫ୍‌ପି)

ଦୁଇଥର ଅଲିମ୍ପିକ ଚାମ୍ପିୟନ ପେଟ୍ରା କ୍ୱିଟୋଭାଙ୍କୁ ଛୁରିରେ ଆକ୍ରମଣ କରିଥିବା ବ୍ୟକ୍ତିଙ୍କୁ ମଙ୍ଗଳବାର ୮ ବର୍ଷ ଜେଲ ଦଣ୍ଡ ହୋଇଛି। ଚେକ୍ ରିପବ୍ଲିକର ଦକ୍ଷିଣାଞ୍ଚଳ ସହର ବିର୍ନୋସ୍ଥିତ ଆଞ୍ଚଳିକ କୋର୍ଟର ମୁଖପାତ୍ର ଇଭା ଆଙ୍ଗ୍ୟାଲୋସି ସୂଚନା ଦେଇଛନ୍ତି। ୩୩ ବର୍ଷୀୟ ଆକ୍ରମଣକାରୀ ରାଡିମ୍ ଜୋଣ୍ଡ୍ରା ଏବେ ଅନ୍ୟ ଏକ ଅପରାଧରେ ଜେଲଦଣ୍ଡ ଭୋଗୁଛନ୍ତି। ଜୋଣ୍ଡ୍ରା ୨୦୧୬ ଡିସେମ୍ବରରେ କ୍ୱିଟୋଭାଙ୍କ ଫ୍ଲାଟ୍‌ରେ ଅନଧିକାର ପ୍ରବେଶ କରିବା ସହ ତାଙ୍କୁ ଛୁରିକାଘାତ କରିଥିଲେ। ବାମ ହାତରେ ଆଘାତ ଯୋଗୁ ୨୯ ବର୍ଷୀୟ ବିଶ୍ୱର ଦୁଇ ନମ୍ବର ମାନ୍ୟତାପ୍ରାପ୍ତ କ୍ୱିଟୋଭାଙ୍କ ଟେନିସ କ୍ୟାରିୟର ପ୍ରତି ବିପଦ ଦେଖା ଦେଇଥିଲା।

# 'ମଙ୍କଡିଙ୍ଗ୍': ବିବାଦୀୟ ରନଆଉଟ୍‌କୁ ନେଇ ନିୟମ

ନୂଆଦିଲ୍ଲୀ, ୨୬।୩

ଆଇପିଏଲ୍‌ର ଚଳିତ ଦ୍ୱାଦଶ ସଂସ୍କରଣରେ ସୋମବାର କିଙ୍ଗ୍ସ ଇଲେଭେନ ପଞ୍ଜାବ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଏକ ବିବଦୀୟ ଘଟଣା ଦେଖିବାକୁ ମିଳିଥିଲା। ରାଜସ୍ଥାନ ରୟାଲ୍ସର ଓପନର୍ ଜୋସ୍ ବଟଲର 'ମଙ୍କଡିଙ୍ଗ୍' ଆଉଟ୍‌ର ଶିକାର ହୋଇଥିଲେ। 'ମଙ୍କଡିଙ୍ଗ୍' ଆଉଟ୍ ହେବାରେ ଆଇପିଏଲ୍ ଇତିହାସରେ ସେ ପ୍ରଥମ ବ୍ୟାଟ୍ସମ୍ୟାନ ହୋଇଛନ୍ତି। ପଞ୍ଜାବ ପକ୍ଷରୁ ଧାର୍ଯ୍ୟ ୧୮୫ ରନର ଲକ୍ଷ୍ୟକୁ ପିଛା କରୁଥିବା ରାଜସ୍ଥାନ ଇନିଂସର ୧୩ତମ ଓଭରରେ ଏହି ବିବାଦୀୟ ଘଟଣା ଘଟିଥିଲା। ପଞ୍ଜାବ ଅଧିନାୟକ ରବିଚନ୍ଦ୍ରନ ଅଶ୍ୱିନ ଏହି ଓଭର ବୋଲିଂ କରୁଥିବାବେଳେ ବଟ୍‌ଲର ୪୩ ବଲରୁ ୬୯ ରନ (୧୦ ଚୌକା ଓ ୨ ଛକା) କରି ନନ୍-ଷ୍ଟ୍ରାଇକରେ ଅପରାଜିତ ରହିଥିଲେ। ଓଭରର ୫ମ ବଲ ବୋଲିଂ କରିବା ସମୟରେ ଅଶ୍ୱିନଙ୍କ ହାତରୁ ବଲ୍ ରିଲିଜ ହୋଇ ନ ଥିବାବେଳେ ବଟ୍‌ଲର କ୍ରିଜ୍ ବାହାରକୁ ଚାଲିଯାଇଥିଲେ। ଫଳରେ ଅଶ୍ୱିନ ସଙ୍ଗେ ସଙ୍ଗେ ଅମ୍ପାୟର ପଟ୍ ବେଲ୍ ପକାଇ ଆଉଟ୍ ଅପିଲ୍ କରିଥିଲେ। ଏହାପରେ ୩ୟ ଅମ୍ପାୟରଙ୍କ ନିଷ୍ପତ୍ତିକ୍ରମେ ବଟ୍‌ଲରଙ୍କୁ ଆଉଟ୍ ଘୋଷିତ କରାଯାଇଥିଲା। ତେବେ ଏହି ଘଟଣା ନେଇ ଏବେ ସୋସିଆଲ ମିଡିଆରେ ଚାରିଆଡୁ ଅଶ୍ୱିନଙ୍କୁ ସମାଲୋଚନା କରାଯାଇଛି। ଏପରିକି ଏହାକୁ ଅଶ୍ୱିନଙ୍କ ଅଣଖେଳୁଆଡ଼ ମନୋଭାବ ବୋଲି ଅନେକେ ମତ ଦେଇଛନ୍ତି। ଆଉଟ୍ ହୋଇ କ୍ରିଜ୍ ଛାଡ଼ିବା ପୂର୍ବରୁ ବଟ୍‌ଲର ଓ ଅଶ୍ୱିନଙ୍କ ମଧ୍ୟରେ କିଛି ସମୟ ବାକ୍ୟ ବିନିମୟ ହୋଇଥିବା ମଧ୍ୟ ଦେଖିବାକୁ ମିଳିଥିଲା।



### ମଙ୍କଡିଙ୍ଗ୍ କ'ଣ

ପ୍ରାକ୍ତନ କିମ୍ବଦନ୍ତୀ ଭାରତୀୟ କ୍ରିକେଟର ଭୀନୁ ମଙ୍କଡଙ୍କ ନାମ ଅନୁସାରେ 'ମଙ୍କଡିଙ୍ଗ' ଆଉଟ୍ ଉଦ୍ଭୃତ ହୋଇଛି। ୧୩ ଡିସେମ୍ବର ୧୯୪୭ରେ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ସମୟରେ ମଙ୍କଡ ପ୍ରତିପକ୍ଷ ବ୍ୟାଟ୍ସମ୍ୟାନ ବିଲ୍ ବ୍ରାଉନଙ୍କୁ ଏହିଭଳି ଭାବେ ୨ଥର ଆଉଟ୍ କରିଥିଲେ। ମଙ୍କଡ ବୋଲିଂ କରୁଥିବାବେଳେ ବଲ୍ ରିଲିଜ ହେବା ପୂର୍ବରୁ ବ୍ରାଉନ କ୍ରିଜ୍ ବାହାରକୁ ଚାଲିଯାଉଥିଲେ। ଫଳରେ ମଙ୍କଡ ନନ୍-ଷ୍ଟ୍ରାଇକ ପଟ ବେଲ୍ ଭାଙ୍ଗି ଦେଇଥିଲେ। ଏହିଭଳି ଭାବେ ସେହି ସିରିଜରେ ସେ ବ୍ରାଉନଙ୍କୁ ୨ଥର ଆଉଟ୍ କରିଥିଲେ। ଫଳରେ ଏହି ବିବାଦୀୟ ରନ୍‌ଆଉଟ୍ ପରେ 'ମଙ୍କଡିଙ୍ଗ୍' ନାମରେ ପରିଚିତ ହୋଇଥିଲା। ଏହି ଘଟଣାରେ ସେତେବେଳେ ଭୀନୁ ମଙ୍କଡଙ୍କୁ ଚାରିଆଡୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ତେବେ ସେହି ସମୟରେ ଅଷ୍ଟ୍ରେଲିଆ ଅଧିନାୟକ ଥିବା କିମ୍ବଦନ୍ତୀ କ୍ରିକେଟର ସାର୍ ଡନ୍ ବ୍ରାଡ୍‌ମ୍ୟାନ ମଙ୍କଡଙ୍କୁ ସମର୍ଥନ କରିଥିଲେ। 'ଯେତେବେଳ ପର୍ଯ୍ୟନ୍ତ ବୋଲରଙ୍କ ହାତରୁ ବଲ୍ ରିଲିଜ ହୋଇନାହିଁ ନନ୍-ଷ୍ଟ୍ରାଇକର ବ୍ୟାଟ୍ସମ୍ୟାନ ସେତେବେଳ ପର୍ଯ୍ୟନ୍ତ କ୍ରିଜ ଭିତରେ ରହିବେ। କ୍ରିକେଟର ନିୟମରେ ଏହା କ୍ଲିୟର ଭାବେ ଉଲ୍ଲେଖ ରହିଥିଲେ ସୁଦ୍ଧା ଭୀନୁ ମଙ୍କଡଙ୍କୁ କାହିଁକି ସମାଲୋଚନା କରାଯିବ' ବୋଲି ବ୍ରାଡ୍‌ମ୍ୟାନ ନିଜ ଅଟୋ ବାଇଓଗ୍ରାଫିରେ ଏହା ଉଲ୍ଲେଖ କରିଛନ୍ତି।

### ଏମ୍‌ସିସି ନିୟମ

କ୍ରିକେଟର ନିୟମ ପ୍ରସ୍ତୁତ କରୁଥିବା ମେରିଲବୋନ କ୍ରିକେଟ କ୍ଲବ (ଏମ୍‌ସିସି) ଏହାର ରୁଲ୍‌ବୁକ୍‌ର ନିୟମ ୪୧.୧୬ରେ ସ୍ପଷ୍ଟ ଉଲ୍ଲେଖ କରିଛି, ବୋଲରଙ୍କ ହାତରୁ ବଲ୍ ରିଲିଜ ହେବା ପୂର୍ବରୁ ଯଦି ନନ୍-ଷ୍ଟ୍ରାଇକର ବ୍ୟାଟ୍ସମ୍ୟାନ କ୍ରିଜ୍ ଛାଡ଼ି ଦେଇଥାନ୍ତି ସେତେବେଳେ ତାଙ୍କୁ ରନ୍ ଆଉଟ୍ କରିବାର ଅଧିକାର ବୋଲରଙ୍କ ନିକଟରେ ରହିଛି। ଏଥିରେ ବ୍ୟାଟ୍ସମ୍ୟାନ ଆଉଟ୍ ହୁଅନ୍ତୁ କିମ୍ବା ନ ହୁଅନ୍ତୁ ଏହାକୁ ବଲ୍ ଭାବେ ଗଣାଯିବ ନାହିଁ। ବୋଲର ରନ୍ ଆଉଟ୍ ପ୍ରୟାସରେ ଷ୍ଟମ୍ପ ଭାଙ୍ଗିବାରେ ବିଫଳ ହେଲେ ଅମ୍ପାୟର ଏହାକୁ ଡେଡ୍ ବଲ୍ ଭାବେ ଘୋଷଣା କରିବେ।

### ପ୍ରତିକ୍ରିୟା

**ଜୟପୁର/ନୂଆଦିଲ୍ଲୀ, ୨୬।୩(ପି.ଟି.):** ରାଜସ୍ଥାନ ରୟାଲ୍ସ ବ୍ୟାଟ୍ସମ୍ୟାନ ଜୋସ ବଟ୍‌ଲରଙ୍କୁ 'ମଙ୍କଡିଙ୍ଗ' ଆଉଟ୍ କରିବା ପରେ ପଞ୍ଜାବ ଅଧିନାୟକ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ତାଙ୍କ ଅଣଖେଳୁଆଡ଼ ମନୋଭାବ ପାଇଁ ଚାରିଆଡୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। କିନ୍ତୁ କେତେଜଣ ପ୍ରାକ୍ତନ କ୍ରିକେଟର ଅଶ୍ୱିନଙ୍କ ସପକ୍ଷରେ ମଧ୍ୟ ମତ ରଖିଛନ୍ତି। କ୍ରିକେଟର ନିୟମ ୪୧.୧୬ରେ ଉଲ୍ଲେଖ ରହିଛି, ଯଦି ବୋଲରଙ୍କ ହାତରୁ ବଲ୍ ରିଲିଜ ହେବା ପୂର୍ବରୁ ନନ୍-ଷ୍ଟ୍ରାଇକ ବ୍ୟାଟ୍ସମ୍ୟାନ କ୍ରିଜ ବାହାରକୁ ଚାଲିଯାଆନ୍ତି ତେବେ ସେଠାରେ ତାଙ୍କୁ କୌଣସି ଚେତାବନୀ ଦିଆଯିବାର ଆବଶ୍ୟକତା ନ ଥାଏ। ବୋଲର ସେଠାରେ ତାଙ୍କୁ ରନ୍‌ଆଉଟ କରିବାର ଅଧିକାର ରହିଛି। ଏହିଭଳି ଆଉଟ୍ ଏବେ ମଧ୍ୟ ଖେଳୁଆଡ଼ ମନୋଭାବ ଉପରେ ପ୍ରଶ୍ନବାଚୀ ଠିଆ କରାଇଛି।

ଟିଭି ରିପ୍ଲେରୁ ସ୍ପଷ୍ଟଭାବେ ଜଣାପଡୁଥିଲା ଯେ, ବଟ୍‌ଲର କ୍ରିଜ ବାହାରକୁ ଯିବାକୁ ଅପେକ୍ଷା କରି ଅଶ୍ୱିନ ବେଲ୍‌କୁ ତଳେ ପକାଇ ନ ଥିଲେ। ଅଶ୍ୱିନଙ୍କ ଏହିଭଳି ଉଦ୍ଦେଶ୍ୟକୁ ନେଇ ରାଜସ୍ଥାନ ରୟାଲ୍ସର ବ୍ରାଣ୍ଡ୍ ଆମ୍ବାସାଡର ତଥା କିମ୍ବଦନ୍ତୀ ଅଷ୍ଟ୍ରେଲିଆ କ୍ରିକେଟର ସେନ ୱାର୍ନେ ମଧ୍ୟ ପ୍ରଶ୍ନ କରିଛନ୍ତି। ଅଶ୍ୱିନଙ୍କ କାର୍ଯ୍ୟକୁ 'ଲଜ୍ଜାଜନକ' ବୋଲି ୱାର୍ନେ ସୋସିଆଲ ମିଡିଆରେ କହିଛନ୍ତି। 'ଅଶ୍ୱିନଙ୍କର ବଲ୍ ପକାଇବାର କୌଣସି ଉଦ୍ଦେଶ୍ୟ ନ ଥିଲା। ତେଣୁ ଏହାକୁ ଡେଡ୍ ବଲ୍ ଘୋଷଣା କରାଯିବା ଉଚିତ୍ ଥିଲା। ବିସିସିଆଇ ଏହା ଉପରେ ନଜର ପକାଇବା ଉଚିତ୍' ବୋଲି ୱାର୍ନେ କହିଛନ୍ତି। କିନ୍ତୁ ୱାର୍ନେଙ୍କ ସାଥୀ ଖେଳାଳି ଡିନ୍ ଜୋନ୍ସ ଓ ମିଚେଲ ଜନସନ ଏହି ଘଟଣାରେ ଭାରତୀୟ ସ୍ପିନରଙ୍କୁ ସମର୍ଥନ ଜଣାଇଛନ୍ତି। ଭାରତୀୟ ସିନିୟର କ୍ରିକେଟର ଅଶ୍ୱିନ ଯାହା କରିଛନ୍ତି ସେଥିରେ କୌଣସି ତ୍ରୁଟି ନାହିଁ ବୋଲି ଉଭୟ ଜୋନ୍ସ ଓ ଜନସନ ମତ ରଖିଛନ୍ତି। ସେହିଭଳି ଏଥିରେ କୌଣସି ପ୍ଲାନ ନ ଥିଲା। ଖେଳର ନିୟମ ଅନୁସାରେ ଏହା ହୋଇଛି। ଖେଳୁଆଡ଼ ମନୋଭାବ ଉପରେ କାହିଁକି ପ୍ରଶ୍ନ ଉଠୁଚି ମୁଁ ତାହା ଜାଣିନି ବୋଲି ଖବରଦାତା ସମ୍ମିଳନୀରେ ଅଶ୍ୱିନ କହିଛନ୍ତି। ଅପରପକ୍ଷରେ ଅଧିନାୟକ ଓ ମ୍ୟାଚ୍ ରେଫରିଙ୍କୁ ନେଇ ଏକ ବୈଠକ ପୂର୍ବରୁ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ 'ମଙ୍କଡିଙ୍ଗ'କୁ ଆଇପିଏଲ୍‌ରେ କାର୍ଯ୍ୟକାରୀ ନ କରିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ କେବେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା ତାହା ମନେ ନାହିଁ ବୋଲି ଆଇପିଏଲ୍ ଅଧ୍ୟକ୍ଷ ରାଜୀବ ଶୁକ୍ଳା କହିଛନ୍ତି। ଏହି ବୈଠକରେ ମହେନ୍ଦ୍ର ସିଂ ଧୋନୀ ଓ ବିରାଟ କୋହଲି ଉପସ୍ଥିତ ଥିବା ସେ କହିଛନ୍ତି।

## ସଂକ୍ଷେପରେ

### ଭୁବନେଶ୍ୱର ଏକାଦଶ ବିଜୟୀ

**ଭୁବନେଶ୍ୱର, ୨୬।୩(କ୍ରୀଡ଼ା ପ୍ରତିନିଧି):** ପୋଖରୀପୁଟ ଖେଳ ପଡ଼ିଆରେ ଚାଲିଥିବା ୪ର୍ଥ ବିଳାସ ରାଉତରାୟ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର ଏକାଦଶ ୨-୧ ଗୋଲରେ ଖୋର୍ଦ୍ଧାର ମର୍ଣ୍ଣିଂ ଷ୍ଟାରକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଡି.ପି. ମୁଣ୍ଡରି ୨ଟି ଗୋଲ ଦେଇଥିବାବେଳେ ମର୍ଣ୍ଣିଂ ଷ୍ଟାରର ଚନ୍ଦ୍ରକାନ୍ତ ଗୋଟିଏ ଗୋଲ ପରିଶୋଧ କରିଥିଲେ। ସୁଦୀପ ଦାସ, ସରୋଜ ମହାରଣା ଓ ରାଜୁ ବାରିକ ମ୍ୟାଚ ପରିଚାଳନା କରିଥିଲେ। ବିରଦ କୁମାର ପାତ୍ର, ବିକାଳୀ ଦାସ ଅତିଥିଭାବେ ଯୋଗ ଦେଇଥିଲେ। ବୁଧବାର ଜଗା ୟୁନାଇଟେଡ ଓ ସବା ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

### ମାୟାମି ଓପନ୍: ପ୍ରି-କ୍ୱାର୍ଟରରେ ଫେଡରର

**ମାୟାମି, ୨୬।୩(ଏଏଫ୍‌ପି):** ସୁଇଜରଲାଣ୍ଡ ଟେନିସ ଷ୍ଟାର୍ ରୋଜର ଫେଡରର ଏଠାରେ ଚାଲିଥିବା ମାୟାମି ଓପନ୍ ପୁରୁଷ ସିଙ୍ଗଲ୍ସର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଖେଳାଯାଇଥିବା ରାଉଣ୍ଡ-୩୨'ର ଏକ ମୁକାବିଲାରେ ଫେଡରର ୭-୫, ୬-୩ ସିଧାସଳଖ ସେଟ୍‌ରେ ସର୍ବିଆର ଫିଲିପ କ୍ରାଜିନୋଭିକଙ୍କୁ ହରାଇଛନ୍ତି। ବିଶ୍ୱ ମାନ୍ୟତାର ୧୦୩ତମ ସ୍ଥାନରେ ଥିବା ଫିଲିପ୍ ପ୍ରଥମ ସେଟ୍‌ରେ ଫେଡରରଙ୍କୁ କଡ଼ା ଟକ୍କର ଦେଇଥିଲେ ମଧ୍ୟ ଶେଷରେ ପରାସ୍ତ ହୋଇଥିଲେ। ପ୍ରି-କ୍ୱାର୍ଟର ଫାଇନାଲରେ ଫେଡରରଙ୍କ ମୁକାବିଲା ରୁଷିଆର ଡାନିଲ ମେଡଭେଡେଭ୍‌ଙ୍କ ସହ ହେବ। ବିଶ୍ୱ ମାନ୍ୟତାର ୧୫ତମ ସ୍ଥାନରେ ରହିଥିବା ଡାନିଲ ରାଉଣ୍ଡ-୩୨'ର ଅନ୍ୟ ଏକ ମ୍ୟାଚ୍‌ରେ ୭-୬ (୭/୫), ୬-୭ (୫/୭), ୭-୬ (୭/୦) ସେଟ୍‌ରେ ଆମେରିକାର ରିଲି ଓପେଲ୍‌କାଙ୍କୁ ପରାସ୍ତ କରିଛନ୍ତି। ଫେଡରର ଓ ଡାନିଲ ଗତବର୍ଷ ପରସ୍ପରକୁ ୨ଥର ଭେଟିଥିବାବେଳେ ଉଭୟ ମ୍ୟାଚ୍‌ରେ ଫେଡରର ବିଜୟ ଟିକା ପିନ୍ଧିଥିଲେ।

### କ୍ୟାରମ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**କଟକ ଅଫିସ,୨୬।୩:** ଡଗରପଡ଼ା ସ୍ଥିତ ବୈଶ୍ୟ ତେଲି ଜାତୀୟ ସମିତି ଦ୍ୱାରା କ୍ୟାରମ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି । ଉଭୟ ସିଙ୍ଗିଲ୍ସ ଓ ଡବଲ୍ସ ବିଭାଗରେ ହେଉଥିବା ଏହି ପ୍ରତିଯୋଗିତାରେ ୮୦ରୁ ଉର୍ଦ୍ଧ୍ୱ କ୍ଲବର ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି । ପାରମ୍ପରିକ ଓ ଜାତୀୟ ବୋର୍ଡରେ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ଅନୁଷ୍ଠାନର ସଭାପତି ଅଜୟ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ସମ୍ପାଦକ ମଧୁସୂଦନ ସାହୁ, ଯୁଗ୍ମ ସମ୍ପାଦକ ମାୟାଧର ସାହୁ, ରଜନୀକାନ୍ତ ସାହୁ, ପୃଷ୍ଠପୋଷକ ଅନନ୍ତ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତିଯୋଗିତାରେ ମୋଟ ୧୫ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ।



ଅଷ୍ଟ୍ରେଲିଆଠାରୁ କ୍ରମାଗତ ପରାଜୟ ପାଇଁ ଆମ ଖେଳାଳିମାନେ ଭୟଭୀତ ହେବା ଉଚିତ୍ ନୁହେଁ, ବିଶ୍ୱକପ୍ ପ୍ରସ୍ତୁତି ପାଇଁ ଆମର ଅନେକ ଯୋଜନା ରହିଛି ।

–ସର୍ଫରାଜ ଅହମ୍ମଦ, ପାକିସ୍ତାନ କ୍ରିକେଟ ଅଧିନାୟକ



ଚାପକୁ ହାତେଇବାର ଦକ୍ଷତା ଥିବାରୁ ଜମ୍ମୁ କଶ୍ମୀରର ଯୁବ ଫାଷ୍ଟ ବୋଲର ରଶିଖ ସଲାମ ୨ରୁ ୩ ବର୍ଷ ମଧ୍ୟରେ ଜଣେ ସ୍ୱତନ୍ତ୍ର ଖେଳାଳି ହୋଇ ବାହାରିବେ ।

–ଯୁବରାଜ ସିଂ, ଭାରତୀୟ କ୍ରିକେଟର

# ଚେନ୍ନାଇର କ୍ରମାଗତ ଦ୍ୱିତୀୟ ବିଜୟ

ନୂଆଦିଲ୍ଲୀ, ୨୬।୩ (ପି.ଟି.)

ଉଦ୍‌ଘାଟନୀ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଥିବା ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଚେନ୍ନାଇ ସୁପର କିଙ୍ଗ୍ସ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ୨ଟି ବଲ ବାକି ଥାଇ ୬ ଉଇକେଟରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ସ୍ଥାନୀୟ ଫିରୋଜ ଶାହ କୋଟଲା ଗ୍ରାଉଣ୍ଡରେ ମଙ୍ଗଳବାର ଖେଳାଯାଇଥିବା ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ପଞ୍ଚମ ମ୍ୟାଚ୍‌ରେ ଦିଲ୍ଲୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ହରାଇ ୧୪୭ ରନ ସଂଗ୍ରହ କରିଥିଲା। ଜବାବରେ ଚେନ୍ନାଇ୧୯.୪ ଓଭରରେ ୧୫୦ ରନ କରି ସହଜରେ ବିଜୟ ହାସଲ କରି ନେଇଥିଲା। ୪୪ ରନର ଦ୍ରୁତ ପାଳି ଖେଳିଥିବା ଚେନ୍ନାଇ ଅଭିଜ୍ଞ ଓପନର ସେନ୍ ୱାଟସନ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୪୮ ରନର ସାଧାରଣ ଟାର୍ଗେଟର ପିଛା କରି ଚେନ୍ନାଇ ସୁପର କିଙ୍ଗ୍ସ ପ୍ରଥମେ ଅମ୍ବାତି ରାୟୁଡୁଙ୍କୁ ହରାଇଥିଲା। ରାୟୁଡୁ ୫ ରନକରି ଇଶାନ୍ତ ଶର୍ମାଙ୍କ ବଲ୍‌ରେ ମିଡ୍ ଅଫ୍‌ରେ ଶ୍ରେୟାସ ଆୟାରଙ୍କୁ କ୍ୟାଚ ଦେଇଥିଲେ। ଅଭିଜ୍ଞ ଓପନର ସେନ୍ ୱାଟସନ ୨୬ ବଲରୁ ୪ ଚୌକା ଓ ୩ ଛକା ସହ ୪୪ ରନକରି ଦ୍ରୁତଗତିରେ ସ୍କୋରକୁ ଆଗେଇ ନେଉଥିବା ବେଳେ ଅମିତ୍ ମିଶ୍ରାଙ୍କ ସ୍ପିନ୍‌ରେ ଚକ୍‌ମା ଖାଇଥିଲେ ଓ ଉଇକେଟକିପର ରିଷଭ ପନ୍ତଙ୍କ ଦ୍ୱାରା ଷ୍ଟମ୍ପ ଆଉଟ ହୋଇଥିଲେ। ତାରକା ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ସୁରେଶ ରାଇନା ୩୦ ରନ କରିଥିବା ବେଳେ ମିଶ୍ରାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ୧୬ଟି ବଲ୍ ଖେଳି ୪ ଚୌକା ଓ ଗୋଟିଏ ଛକା ରାଇନା ଉଇକେଟପଛରେ ପନ୍ତଙ୍କ ହାତରେ ଧରା ପଡିଥିଲେ। ଏହାପରେ ଚତୁର୍ଥ ଉଇକେଟ ଯୋଡିରେ କେଦାର ଯାଦବ ଓ ମହେନ୍ଦ୍ର ସିଂ ଧୋନୀ ୪୮ ରନ କରି ବିଜୟ ପଥକୁ ସହଜ କରିଥିଲେ। କେଦାର ୩୪ ବଲରୁ ୨ ଚୌକା ସହ ୩୨ ରନ କରିଥିବା ବେଳେ କାଗିସୋ ରବାଡ଼ାଙ୍କ ବଲ୍‌ରେ ପନ୍ତଙ୍କୁ କ୍ୟାଚ୍ ଦେଇ ଶେଷ ଓଭରରେ ପ୍ୟାଭିଲିୟନ ଫେରିଥିଲେ। ଅନ୍ତିମ ଓଭରର ଚତୁର୍ଥ ବଲ୍‌ରେ ଡ୍ୱେନ ବ୍ରାଭୋ ଚୌକା ମାରି ଦଳକୁ ଜିତାଇଥିଲେ। ଧୋନୀ ୩୫ଟି ବଲ୍ ଖେଳି ୨ ଚୌକା ଓ ୧ ଛକା ସହ ୩୨ ରନକରି ଶେଷ ଅପରାଜିତ ରହିଥିଲେ। ବୋଲିଂରେ ଦିଲ୍ଲୀ ତରଫରୁ ମିଶ୍ରା ୨, ଇଶାନ୍ତ ଓ ରବାଡ଼ା ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଦିଲ୍ଲୀର ଆରମ୍ଭ ବେଶ୍ ଭଲ ଥିଲା। ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନଙ୍କ ବିଫଳତା ଯୋଗୁ ଦଳ ବଡ଼ ସ୍କୋର ହାସଲ କରିପାରି ନ ଥିଲା। ଯୁବ ଓ ଅଭିଜ୍ଞ ଓପନର ପୃଥ୍ୱୀ ଶ ଓ ଶିଖର ଧାୱନ ପ୍ରଥମ ଉଇକେଟ ଯୋଡିରେ ୨୭ଟି ବଲରୁ ୩୬ ରନ ସଂଗ୍ରହ କରିନେଇଥିଲେ। ପୃଥ୍ୱୀ ୧୬ଟି ବଲର ସମ୍ମୁଖୀନ ହୋଇ ୫ ଚୌକା ସହ ୨୪ ରନ କରିଥିବା ବେଳେ ଦୀପକ ଚହରଙ୍କ ବଲ୍‌ରେ ସେନ ୱାଟସନଙ୍କୁ ମିଡ୍ ଉଇକେଟରେ କ୍ୟାଚ୍ ଦେଇ ପ୍ରଥମେ ଆଉଟ ହୋଇଥିଲେ। ଗୋଟିଏ ପଟେ ଧାୱନ ଧୈର୍ଯ୍ୟର ସହ ବ୍ୟାଟିଂ କରି ୪୭ ବଲରୁ ୭ ଚୌକା ସହ ୫୧ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଦଳର ସ୍କୋରକୁ ଆଗେଇ ନେବାକୁ ପ୍ରୟାସ କରିଥିଲେ ମଧ୍ୟ ଅନ୍ୟପଟେ କୌଣସି ବ୍ୟାଟ୍ସମ୍ୟାନ ସଫଳ ହୋଇ ନ ଥିଲେ। ଧାୱନ ଶେଷ ବ୍ୟାଟ୍ସମ୍ୟାନ ଭାବେ ଡ୍ୱେନ ବ୍ରାଭୋଙ୍କ ବଲ୍‌ରେ ଡିପ୍ ସ୍କୋୟାର ଲେଗ୍‌ରେ ଦୀପକ ଠାକୁରଙ୍କୁ କ୍ୟାଚ୍ ଦେଇ ଆଉଟ୍ ହୋଇଥିଲେ। ଅଧିନାୟକ ଶ୍ରେୟାସ ଆୟାର ମାତ୍ର ୧୮ ରନ କରି ଇମ୍ରାନ ତାହିରଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ରିଷଭ ପନ୍ତ କିନ୍ତୁ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିବାକୁ ପ୍ରୟାସ କରିଥିଲେ ମଧ୍ୟ ସେ ୧୩ଟି ବଲର ସମ୍ମୁଖୀନ ହୋଇ ୨ ଚୌକା ଓ ୧ ଛକା ସହ ୨୫ ରନ କରି ବ୍ରାଭୋଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଡିପ୍ ସ୍କୋୟାର ଲେଗ୍‌ରେ ଠାକୁରଙ୍କୁ କ୍ୟାଚ୍ ଦେଇ ପନ୍ତ ପ୍ୟାଭିଲିୟନ ଫେରିଥିଲେ। ୧୬ତମ ଓଭରରେ ପନ୍ତଙ୍କ ସହ ବ୍ରାଭୋ କଲିନ ଇନ୍‌ଗ୍ରାମଙ୍କୁ ଆଉଟ କରି ମୋଟ ୩ ଉଇକେଟ ନେଇଥିଲେ। ଇନ୍‌ଗ୍ରାମ ୨ ରନ କରି ପ୍ୟାଭିଲିୟନ ଫେରିଥିଲେ। ଅକ୍ଷର ପଟେଲ ୯ ଓ ରାହୁଲ ଟେୱାଟିଆ ୧୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ବ୍ରାଭୋ ସର୍ବାଧିକ ୩, ଚହର, ତାହିର ଓ ଜାଡେଜା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

| ■ ଦିଲ୍ଲୀ କ୍ୟାପିଟାଲ୍ସ | ■ ଚେନ୍ନାଇ ସୁପର କିଙ୍ଗ୍ସ |
|---|---|
| ୨୦ ଓଭରରେ ୧୪୭/୬ (ଧାୱନ- ୫୧, ପନ୍ତ- ୨୫, ପୃଥ୍ୱୀ- ୨୪, ଆୟର- ୧୮, ବ୍ରାଭୋ- ୩/ ୩୩, ତାହିର- ୧/୨୦, ଜାଡେଜା- ୧/୨୩, ଚହର- ୧/୨୦)। | ୧୯.୪ ଓଭରରେ ୧୫୦/୪ (ୱାଟସନ- ୪୪, ଧୋନୀ- ୩୨*, ରାଇନା- ୩୦, କେଦାର- ୨୭, , ମିଶ୍ରା- ୨/୩୫, ଇଶାନ୍ତ-୧/୨୮, ରବାଡ଼ା-୧/୨୬)। |



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଶେନ୍ ୱାଟ୍‌ସନ।





**ଆଇପିଏଲ:** ବେଙ୍ଗାଲୁରୁଠାରେ ମଙ୍ଗଳବାର ଅଭ୍ୟାସ ଅବସରରେ ଦୁଇ ଅଧିନାୟକ ମୁମ୍ବାଇ ଇଣ୍ଡିଆନ୍ସର ରୋହିତ ଶର୍ମା ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ବିରାଟ କୋହଲି ।

# ପଞ୍ଜାବ-କୋଲକାତା ମ୍ୟାଚ୍ ଆଜି

କୋଲକାତା,୨୬।୩ (ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଷଷ୍ଠ ମ୍ୟାଚ୍‌ରେ ବୁଧବାର ରବୀଚନ୍ଦ୍ରନ ଆଶ୍ୱିନଙ୍କ ନେତୃତ୍ୱାଧୀନ କିଙ୍ଗ୍ସ ଏକାଦଶ ପଞ୍ଜାବ ଓ ଘରୋଇ କୋଲକାତା ନାଇଟ୍ ରାଇଡର୍ସ ପରସ୍ପରକୁ ଭେଟିବେ। ମଙ୍କଡିଙ୍ଗ୍ ଘଟଣା ଯୋଗୁ ଅଶ୍ୱିନ ଏବେ ସମସ୍ତଙ୍କ ନଜରରେ ରହିଛନ୍ତି। ତେବେ ଏହି ବିବାଦ ସତ୍ତ୍ୱେ ରାଜସ୍ଥାନ ରୟାଲ୍ସକୁ ହରାଇ ପଞ୍ଜାବ ବିଜୟ ଅଭିଯାନ ଆରମ୍ଭ କରିଛି। ଅଶ୍ୱିନଙ୍କ ମଙ୍କଡିଙ୍ଗ୍‌ରେ ଜୋସ୍ ବଟଲର ଆଉଟ ହେବା ଫଳରେ ରାଜସ୍ଥାନର ବିପର୍ଯ୍ୟୟ ଘଟିଥିଲା ଓ ଦଳ ୧୪ ରନରେ ପରାସ୍ତ ହୋଇଥିଲା। ବଟଲର ୪୩ ବଲରୁ ୬୯ ରନକରି ଜବରଦସ୍ତ ଫର୍ମରେ ଥିଲେ ଓ ସେ ଆଉଟ୍ ହୋଇ ନ ଥିଲେ ବୋଧହୁଏ ରାଜସ୍ଥାନ ୧୮୫ ରନର ଟାର୍ଗେଟ ହାସଲ କରି ବିଜୟୀ ହୋଇଥାନ୍ତା। ତେବେ ସେ ଆଉଟ ହେବା ପରେ ମାତ୍ର ୬୨ ରନରେ ରାଜସ୍ଥାନର ୮ଟି ଉଇକେଟର ପତନ ଘଟିଥିଲା। ଫଳରେ ଜୟପୁରରେ ପଞ୍ଜାବ ତା'ର ପ୍ରଥମ ବିଜୟ ହାସଲ କରିଥିଲା। ନିୟମ ଅନୁସାରେ ବଟଲର ଆଉଟ ହୋଇଥିଲେ ଅଶ୍ୱିନ ସବୁ ମହଲରୁ ସମାଲୋଚନାର ଶିକାର ହୋଇଛନ୍ତି। ସ୍ପିନ୍ ଲିଜେଣ୍ଡ ତଥା ରାଜସ୍ଥାନ ବ୍ରାଣ୍ଡ ଆମ୍ବାସାଡର ସେନ୍ ୱର୍ନ ମଧ୍ୟ ଅଶ୍ୱିନଙ୍କ ଏଭଳି ଆଚରଣକୁ ନାପସନ୍ଦ କରିଛନ୍ତି। ଏହା କ୍ରୀଡ଼ା ମର୍ଯ୍ୟାଦାର ଉଲ୍ଲଂଘନ କରିଛି ବୋଲି ସେ କହିଛନ୍ତି। ଏହି ବିବାଦକୁ ପଛରେ ପକାଇ ଅଶ୍ୱିନ ଓ ରାଜସ୍ଥାନ ପ୍ରଥମ ଆୱେ ମ୍ୟାଚ୍‌ରେ କୋଲକାତ ବିପକ୍ଷରେ କିଭଳି ପ୍ରଦର୍ଶନ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା। ପଞ୍ଜାବର ସବୁଠାରୁ ବଡ଼ ତାରକା ଖେଳାଳି କ୍ରିସ୍ ଗେଲ ୪୭ ବଲରୁ ୭୯ ରନ ସଂଗ୍ରହ କରିଥିଲେ। ଅପରପକ୍ଷରେ ତାଙ୍କ ଦେଶର ଅନ୍ୟତମ ଖେଳାଳି ଆନ୍ଦ୍ରେ ରସେଲ କୋଲକାତା ପାଇଁ ୧୯ ବଲରୁ ଅପରାଜିତ ୪୯ ରନ କରି ଦଳକୁ ପ୍ରଥମ ମ୍ୟାଚ୍‌ରେ ଜିତାଇଛନ୍ତି। ୨୦୧୯ ବିଶ୍ୱକପ୍ ପରେ ଗେଲ ଦିନିକିଆରୁ ଅବସର ନେବେ। ଗତ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ସେ ୩୯ଟି ଛକା ମାରି ରେକର୍ଡ କରିଛନ୍ତି। ୧୮ ବଲରୁ ୧୪ ରନ କରି ଗେଲ ମନ୍ଥର ଆରମ୍ଭ କରିଥିଲେ। ତେବେ ଦ୍ୱାଦଶ ଓଭରରେ ଜୟଦେବ ଉନାଡକଟଙ୍କୁ ସେ କ୍ରମାଗତ ୪ଟି ଛକା ମାରି ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲେ। କୋଲକାତର ପୂର୍ବତନ ଖେଳାଳି ଗେଲ୍ ଇଡେନ ଗାର୍ଡେନ ଉଇକେଟକୁ ଭଲ ଭାବେ ଜାଣିଛନ୍ତି। ତେଣୁ ସ୍ପିନକୁ ସୁହାଉଥିବା ଏହି ଉଇକେଟରେ ସେ ପୁଣି କମାଲ କରିବା ଆଶା କରାଯାଉଛି। ଗେଲ୍‌ଙ୍କୁ ଏହି ମ୍ୟାଚ୍‌ରେ ଉଚିତ ଜବାବ ଦେବେ ପଞ୍ଜାବର ରସେଲ। କୋଲକାତର ତାରକା ସ୍ପିନର ତଥା ବିସ୍ଫୋରକ ଓପନର ସୁନୀଲ ନାରିନ୍ ଫିଟ ହେବା ଆଶା କରାଯାଉଛି। ଏହି ମ୍ୟାଚ୍ ପରେ କୋଲକାତା ବାହାରେ ୪ଟି ମ୍ୟାଚ୍ ଖେଳିବ।

**ଆଜିର ମ୍ୟାଚ**

କୋଲକାତା ନାଇଟ୍ ରାଇଡର୍ସ
ବନାମ
କିଙ୍ଗ୍ସ ଇଲେଭେନ ପଞ୍ଜାବ



ପ୍ରସାରଣ
ସ୍ଥାନ : କୋଲକାତା
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

# ଆଲାମଙ୍କ ବିୟୋଗରେ ଶୋକ

କଟକ ଅଫିସ, ୨୬।୩

ଓଡ଼ିଶା ଅଲିମ୍ପିକ ଆସୋସିଏଶନ(ଓଓଏ)ର ସମ୍ପାଦକ ଏମ.ଏ ଆଲାମଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ରାଜ୍ୟର ଏହି ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଜଣଙ୍କର ୭୮ବର୍ଷ ବୟସରେ ସୋମବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ପରଲୋକ ଘଟିଛି। ଆଲାମ ଜୁଗୁ ସାର୍ ଭାବେ ମଧ୍ୟ ସମସ୍ତଙ୍କ ନିକଟରେ ପରିଚିତ। ମଙ୍ଗଳବାର ସକାଳେ ତାଙ୍କ ମରଶରୀରକୁ ଦରଘାବଜାର ସ୍ଥିତ ବାସଭବନକୁ ଅଣାଯାଇଥିଲା। ସେଠାରେ ବିଭିନ୍ନ କ୍ରୀଡ଼ା ଆସୋସିଏଶନର ଅଧିକାରୀ, ସଦସ୍ୟମାନେ ଶେଷଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ଶାନ୍ତ୍ୱନା ପ୍ରଦାନ କରିଥିଲେ। ଆଲାମଙ୍କ ପୁତୁରା ଦୁବାଇରେ ରହୁଥିବାରୁ ତାଙ୍କ ଆଗମନକୁ ଅପେକ୍ଷା କରାଯାଇଛଇ। ସେ ପହଞ୍ଚିବା ପରେ ବୁଧବାର ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ। ଓଓଏ ପକ୍ଷରୁ ମଙ୍ଗଳବାର ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। କୋଷାଧ୍ୟକ୍ଷ ଅଧିପ ଦାସ ଏଥିରେ ଅଧ୍ୟକ୍ଷତା କରିବା ସହ ରାଜ୍ୟ କ୍ରୀଡ଼ା କ୍ଷେତ୍ରରେ ଆଲାମଙ୍କ ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ଯୁଗ୍ମ ସମ୍ପାଦକ ମନୋରଞ୍ଜନ ମହାନ୍ତି, ଅଭିଜିତ ପାଲ ପ୍ରମୁଖ ଉପସ୍ଥିତ ଥିଲେ। ଆଲାମ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର କୋଷାଧ୍ୟକ୍ଷ ମଧ୍ୟ ଥିଲେ। ଫାଓ ସଭାପତି ତଥା ବିଧାୟକ ଦେବାଶିଷ ସାମନ୍ତରାୟ, କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ର, ସମ୍ପାଦକ ସଞ୍ଜୟ ବେହେରା, ଉପସଭାପତି ଭକ୍ତବଲ୍ଲଭ ଦାସ, ତଡ଼ିତ କୁମାର ରାଉତ, ଦିଲୀପ କୁମାର ସାହୁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଧୀରେନ ପଲାଇ ଶୋକ ପ୍ରକାଶ କରିବା ସହ ଜୁଗୁ ସାର୍‌ଙ୍କ ବିୟୋଗ ଓଡ଼ିଶା କ୍ରୀଡ଼ା ଜଗତର ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି।

# ଅତ୍ୟଧିକ ଚାପ

ଗୌତମ ଗମ୍ଭୀର

୨୦୦୦ ଦଶକରେ ଯେତେବେଳେ ଭାରତ ଏ ପାଇଁ ଖେଳୁଥିଲି ସେତେବେଳର ଏକ ମଜାଦାର ଘଟଣା ମନେପଡୁଛି। ଅଭ୍ୟାସ ସାରି ଟିମ୍ ହୋଟେଲରେ ପାଣି ପିଇବାକୁ ମିନି-ରେଫ୍ରିଜରେଟର ଖୋଲିବାକୁ ଯାଇ ଏକ ଅଭାବନୀୟ କଥା ଦେଖିଲି। ରେଫ୍ରିଜରେଟରରେ ୨ଟି ନୀଳ ଓ କଳା ରଙ୍ଗର ଅଣ୍ଡର ପ୍ୟାଣ୍ଟ ବା ଚଡି ଭଙ୍ଗା ହୋଇ ରଖାଯାଇଛି। ପୁଣି ଥାକର ମଝିରେ ୩ ହଳ ସକ୍ସ ବା ମୋଜା ମଧ୍ୟ ରଖାଯାଇଛି। ଏସବୁ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି। ସେତେବେଳେ ଗୋଟିଏ କୋଠରିରେ ଆମେ ଏକାଧିକ ଖେଳାଳି ରହୁଥିଲୁ। ମୋ ରୁମ୍ ମେଟ ଜଣେ ନାମୀ ଖେଳାଳି ଥିଲେ ଓ ଏହି ଅଣ୍ଡର ପ୍ୟାଣ୍ଟ ଓ ମୌଜା ତାଙ୍କର ଥିଲା। ରେପ୍ରିଜରେଟରରେ ଏଗୁଡିକ ରଖିବା ସମ୍ପର୍କରେ ସେ ନିଜର ମତ ରଖିଥିଲେ। ବହୁତ ଚାପରେ ଖେଳିବାକୁ ପଡୁଛି। ତମେ ସେକଥା ବୁଝି ପାରିବନାହିଁ ବୋଲି ସେ କହିଥିଲେ। ଭଲ ପ୍ରଦର୍ଶନ କରିବା ପାଇଁ ଅତ୍ୟଧିକ ଚାପ ରହିଥିବାରୁ ଅଲମାରୀରେ ରଖିବା ବଦଳରେ ସେ ଏଗୁଡିକୁ ରେଫ୍ରିଜରେଟରରେ ରଖିଦେଇଥିଲେ।

ଏବେ ଠିକ୍ ଏହି କଥା ଅଭିଜ୍ଞ ସ୍ପିନର ତଥା କିଙ୍ଗ୍ସ ଏକାଦଶ ପଞ୍ଜାବ ଅଧିନାୟକ ରବୀଚନ୍ଦ୍ରନ ଅଶ୍ୱିନ୍‌ଙ୍କ କ୍ଷେତ୍ରରେ ଘଟିଛି। ସୋମବାର ଅନୁଷ୍ଠିତ ରୋମାଞ୍ଚକ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମ୍ୟାଚ୍‌ରେ ଅଶ୍ୱିନ୍ ରାଜସ୍ଥାନ ରୟାଲ୍ସ ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋସ ବଟଲରଙ୍କୁ ବିବାଦୀୟ ଢଙ୍ଗରେ ରନ୍ ଆଉଟ (ମଙ୍କଡିଙ୍ଗ୍) କରିଥିଲେ। ଏ ନେଇ ଅଶ୍ୱିନ୍ ଚାରିଆଡୁ ସମାଲୋଚନାର ଶିକାର ହୋଇଛନ୍ତି। ତେବେ ସେ ଅତ୍ୟଧିକ ଚାପ ଯୋଗୁ ଏପରି କରିଛନ୍ତି ବୋଲି ମୁଁ ଭାବୁଛି। ଅଶ୍ୱିନ୍ ଏବେ ନିଜ କ୍ରିକେଟ କ୍ୟାରିୟରକୁ ପୁଣିଥରେ ଗଢି ତୋଳିବାକୁ ଚାହୁଁଛନ୍ତି। ଖାସ୍ କରି ହ୍ୱାଇଟ୍ ବଲ୍ କ୍ରିକେଟରେ ସେ ପୁଣି ନିଜର ଦକ୍ଷତା ପ୍ରତିପାଦନ କରିବାକୁ ଚାହୁଁଛନ୍ତି। ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ପାଖାପାଖି ଦୁଇମାସ ରହିଥିବା ବେଳେ ସମୟ ହାତରୁ ଚାଲିଯାଉଥିବା କଥା ସେ ହୃଦୟଙ୍ଗମ କରିଛନ୍ତି। ଅଧିନାୟକ ହିସାବରେ ଦଳ ପାଇଁ ସେ ଅଧିକ କିଛି କରିବାକୁ ଚାହୁଁଛନ୍ତି। ୧୮୫ ରନର ଟାର୍ଗେଟର ପିଛା କରୁଥିବା ପଞ୍ଜାବ ୧୩ ଓଭରରେ ଗୋଟିଏ ଉଇକେଟ ହରାଇ ୧୦୦ ରନ କରିସାରିଥିଲା। ଏତିକି ବେଳେ ଏହି ଅଭାବନୀୟ ଘଟଣା ଘଟିଥିଲା। ବଟଲର ବିବାଦୀୟ ଢଙ୍ଗରେ ଆଉଟ ନ କରିଥିଲେ ରାଜସ୍ଥାନ ବୋଧହୁଏ ବିଜୟୀ ହୋଇଥାନ୍ତା। ଅଶ୍ୱିନଙ୍କ ଏଭଳି ଆଚରଣକୁ ମୁଁ ଆଦୌ ପସନ୍ଦ କରୁନାହିଁ। ଇତିହାସ ଯଦି ଏଥିପାଇଁ ତାଙ୍କୁ ନିନ୍ଦିତ କରେ ତେବେ ଦୁଃଖିତ ହେବି। ସେ ଜଣେ ଉଚ୍ଚକୋଟୀର କ୍ରିକେଟର ଓ ସେ ଆଶାତୀତ ସଫଳତା ମଧ୍ୟ ହାସଲ କରିଛନ୍ତି। ବୁଧବାର ଅଶ୍ୱିନ ଓ ତାଙ୍କ ଦଳ କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚ୍‌ରେ ଅବତୀର୍ଣ୍ଣ ହେବେ। ଉଭୟ କୋଲକାତା ଓ ପଞ୍ଜାବ ବିଜୟରୁ ଏଥର ଆଇପିଏଲ ଅଭିଯାନ ଆରମ୍ଭ କରିଛନ୍ତି। କିନ୍ତୁ କୋଲକାତାର ଆତ୍ମବିଶ୍ୱାସ ଅଧିକ ରହିଛି। କାରଣ କୋଲକାତା ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରିବା ସହ ସନରାଇଜର୍ସ ହାଇଦ୍ରାବାଦକୁ ୨୦୦ରନ ମଧ୍ୟରେ ସୀମିତ ରଖିବାରେ ସଫଳ ହୋଇଥିଲା। ଏବେ କୋଲକାତା ବ୍ୟାଟିଂ ଓ ପଞ୍ଜାବ ବୋଲିଂ ମଧ୍ୟରେ ମୁକାବିଲା ହେବ।

ନୀତୀଶ ରାଣାଙ୍କ ବ୍ୟକ୍ତିଗତ ଜୀବନରେ ବହୁତ କିଛି ପରିବର୍ତ୍ତନ ଆସିଛି। ସେ ଏବେ ବିବାହିତ। ପ୍ରଥମ ମ୍ୟାଚ୍‌ରେ ସେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ତେବେ ସେ ଚାପରେ କିମ୍ବା ଫେସନ୍‌ରେ ଏଭଳି ଖେଳିଛନ୍ତି ତାହା ଅବଶ୍ୟ ମୁଁ କହିପାରିବି ନାହିଁ। ସେ କିନ୍ତୁ ଭଲ ଆରମ୍ଭ କରିଛନ୍ତି। ଏବେ ସେ ବ୍ୟାଟିଂରେ ସ୍ଥିରତା ବଜାୟ ରଖିବା ଉଚିତ। ଯୁବ ବ୍ୟାଟ୍ସମ୍ୟାନ ଶୁବମନ ଗିଲଙ୍କ ବିଷୟରେ ମୁଁ ବହୁତ ଭଲ କଥା ଶୁଣିଛି। ସେ ପିତାମାତାଙ୍କର ଆଜ୍ଞାଧୀନ ସନ୍ତାନ। ରେଫ୍ରିଜରେଟରରେ ଅନ୍ତଃବସ୍ତ୍ର ରଖୁଥିବା କ୍ରିକେଟରଙ୍କ ଭଳି ସେ ଆଦୌ ଭୟଭୀତ କିମ୍ବା ବ୍ୟଥିତ ନୁହଁନ୍ତି। ତେବେ ୨୦୦୦ ଦଶକରେ ଅବଶ୍ୟ ଆଲମାରୀରେ ଚକୋଲେଟ୍ ଓ କିଛି ସୁଖିଲା ଖାଦ୍ୟ ମୁଁ ପାଇଥିଲି। ଅତ୍ୟଧିକ ଚାପ ଯୋଗୁ ଏଭଳି ହୋଇଥିଲା ଓ କ୍ରିକେଟରମାନେ ଏଭଳି ଆଚରଣ ପ୍ରଦର୍ଶନ କରିଥାନ୍ତି।

*(ଗେମ୍ ପ୍ଲାନ୍)*

SEAGRAM'S
ROYAL STAG
MEGA CRICKET · CRICKET GEAR




ଅଭିଯୋଗ ଆଣିଲା ସୂଚନା ଅଧିକାର ଅଭିଯାନ

# ମିଳୁନି ଘଙ୍ଗାପାଟଣା ଜମି କେଳେଙ୍କାରୀ ତଥ୍ୟ

**ତଦନ୍ତକୁ ଚାପି ଦିଆଯାଇଛି**

**ଭୁବନେଶ୍ୱର, ୨୬।୩ (ବ୍ୟୁରୋ)** ବହୁଚର୍ଚ୍ଚିତ ଭୁବନେଶ୍ୱରର ଘଙ୍ଗାପାଟଣା ଜମି ଦୁର୍ନୀତିର ତଦନ୍ତକୁ ୫ବର୍ଷ ଧରି ଚାପି ଦିଆଯାଇଛି। ଏହି ଦୁର୍ନୀତିରେ କେତେଜଣ ପ୍ରଭାବଶାଳୀ ନେତା ଓ ବ୍ୟକ୍ତିବିଶେଷ ସମ୍ପୃକ୍ତ ଥିବାରୁ କଳବଳ ଲଗାଇ ତାହାକୁ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଚପାଇ ଦେଇଛି। ସୂଚନା ଅଧିକାର ଆଇନ ବଳରେ ବି ତଥ୍ୟ ମିଳୁନି। ବାରମ୍ବାର ଆବେଦନ ଓ ଅପିଲ ସତ୍ତ୍ୱେ ଆଇନକୁ ଉଲ୍ଲଂଘନ କରାଯାଇ ତଥ୍ୟ ପ୍ରଦାନ କରାଯାଉନି। ମଙ୍ଗଳବାର ଭୁବନେଶ୍ୱରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ ତରଫରୁ ଏହି ଅଭିଯୋଗ କରାଯାଇଛି।

ଖବରଦାତା ସମ୍ମିଳନୀରେ ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ, ସଂଯୁକ୍ତା ପାଣିଗ୍ରାହୀ, ଆଇନଜୀବୀ ସୁଧୀର ମହାନ୍ତି, ପ୍ରିୟବ୍ରତ ଗଡ଼ନାୟକ, ଦିଲୀପ ସାମନ୍ତରାୟ, ସଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ରହି ଏ ସଂକ୍ରାନ୍ତରେ ତଥ୍ୟ ଉପସ୍ଥାପନ କରି ଅଭିଯୋଗ ଉଠାଇଥିଲେ। ୨୦୧୪ରେ ମୁଖ୍ୟମନ୍ତ୍ରୀ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ଆରମ୍ଭର କିଛିଦିନ ପରେ ସମସ୍ତ ହଡ଼ପ ଜମି ସରକାରୀ ଖାତାକୁ ଫେରିଆସିଲା ବୋଲି ପ୍ରକାଶ କରାଗଲା। ଏହାପରେ ସୂଚନା ଅଧିକାର କର୍ମୀ ପ୍ରଦୀପ ସୂଚନା ଅଧିକାର ଆଇନ ବଳରେ ଭୁବନେଶ୍ୱର ତହସିଲ କାର୍ଯ୍ୟାଳୟକୁ ଘଙ୍ଗାପାଟଣା ଜମି ହଡ଼ପକାରୀଙ୍କ ନାମ, ହୋଇଥିବା ମକଦ୍ଦମା ଏବଂ ଜମିର ସବିଶେଷ ବିବରଣୀ ସମ୍ପର୍କରେ ତଥ୍ୟ ମାଗିଥିଲେ। ମାତ୍ର ତଥ୍ୟ ନ ମିଳିବାରୁ ସୂଚନା କମିଶନରଙ୍କ ନିକଟରେ ପିଟିଶନ ଫାଇଲ୍ କରିଥିଲେ। ଇତିମଧ୍ୟରେ ବିଭାଗୀୟ ଜନସୂଚନା ଅଧିକାରୀଙ୍କୁ ୧୦ଥର ଓ ଖୋର୍ଦ୍ଧା ଏଡିଏମ୍‌ଙ୍କୁ ୫ଥର ତଥ୍ୟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଏଯାଏ କିଛି ସୁଫଳ ମିଳୁନି। ଏପରିକି ତଦନ୍ତ ସହ ସୂଚନା କମିଶନ ନିକଟରେ ହୋଇଥିବା କେସ୍‌କୁ ବନ୍ଦ କରିଦିଆଯାଇଥିବା ସେମାନେ କହିଛନ୍ତି।




For Institutional/Bulk orders, please send an e-mail to corporatesales@bajajauto.co.in | *T&C Apply. Price may vary as per model & variant selected. Prices are Ex-showroom prices and are indicative. Prices are subject to change without prior notice.

**Authorised Dealers for Bajaj Auto Ltd.:** Bhubaneswar: Lewis Road VINAYAK BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444 • Balugaon BHARAT BAJAJ **7381099441** • Puri GRAND BAJAJ 9438421344 • Cuttack: Kanika Chack SONTHALIA BAJAJ 2305020 • Badambadi SURAJ BAJAJ 8093066603 • Kendrapada SREE BALDEVJEW BAJAJ 9337250089 • Rahama MAITREE BAJAJ **9668801781** , Nayagarh MSB Bajaj 7873925390 • Keonjhar JR BAJAJ 9937697094 • Angul JAMUNA BAJAJ **7682899351** • Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722, **Chandikhole 9937310800. Authorised Service Centre:** Balianta 9937144926, Balipatna 9040180943, Khurda 9937785586 Jatni 8339062656, Ersama 8018800801, Jagamara 9777042612, Iginia 7064422415, Rasulgad 9937284842, Nimapada 9437030368, Pipili 9776142222, Tangi 8984562569, , Sakhigopal 9853942290, Phulnakhara 9437410737, Salepur 9040452661, Jagatsinghpur 9437273939,JajpurTown 9937888777 , Bhuban 9438570111, Kuakhia 9937312014 , Bari 8917242713 Chhatia 9040084846, Kamakhyanagar 9437079287, Barbil 9437086335, Jashipur 9437443161. Dhenkikote 9437598479 Turmunga 9937428333, Karanjia 7504810975, Udala 9337004355/56. Pallahara 9178494430, Khamar 9437426261, Bidanasi 9437877622 , Athgarh 9937289417




Introductory price*starts at:
**Petrol ₹5.15 Lakh | Diesel ₹5.95 Lakh**

www.india.ford.com/cars/figo
**BOOK NOW**

Petrol:20.4km/l** Diesel:25.5km/l** | 5 YEAR WARRANTY: 2 YEAR FACTORY WARRANTY + 3 YEAR EXTENDED WARRANTY | GIVE A MISSED CALL TO 73301 73301 TO DOWNLOAD DIGITAL BROCHURE | 281 CITIES COVERED 509 SALES & SERVICE OUTLETS | FORD CREDIT | FORD ASSURED Certified Pre - Owned Cars

Search for New Ford Figo

AUTHORISED FORD DEALERS: BHUBANESHWAR: Mancheswar Indusrial Estate, **Capital Ford:** ☎: 9022917371. • ANGUL: NH 42, Karadagadia, **Capital Ford,** ☎: 9022920332. • BALANGIR: Koshal Chowk, **Minerva Ford,** ☎: 9619051495.• BALASORE: Near Januganj Golai, **Basanti Ford,** ☎: 9619049873. • BERHAMPORE (WB): Near Bhakuri 2 Gram Panchayat, **Ganges Ford,** ☎: 9022917375. • CUTTACK: Pratap Nagari, **Odisha Ford,** ☎: 9022909587. • DURGAPUR: Bhiringi More, GT Road (East), **Banerjee Ford,** ☎: 9022916571. • GANGTOK: Tadong Word, **Saharsh Ford,** ☎: 9022909744. • JAMSHEDPUR: Adityapur, **Jayshree Ford,** ☎: 9022903793. • KHARAGPUR: OT Road Inda, **Zaara Ford,** ☎: 9022910705. • KOLKATA: Adjacent to Vishwakarma Building, Topsia, **Ganges Ford,** ☎: 9022920416. Opp. Baguihati Big Bazar, **Kaikan Ford,** ☎: 9022909440. Across RDB Cinema, Sector V, **Saini Ford,** ☎: 9022909960. • HOWRAH: Lal Bari Bus Stop, **Kaikan Ford,** ☎: 9022920274. • PORT BLAIR: Aberdeen Bazaar, **Mohan Ford,** ☎: 9022914002. • RANCHI: By Pass, Dibdih Overbridge, **Diara Ford,** ☎: 9022920353. • ROURKELA: Beldihi Chowk, **Veda Ford,** ☎: 9022910684. • SHILLONG: Mawiong RIM, **Nikton Ford,** ☎: 9022909581. • SILIGURI: NH-31, Gosaipur, Bagdogra, **Gateway Ford,** ☎: 9022920367.

*Terms & conditions apply. All prices shown are ex-showroom for Ford Figo Ambiente variant. Power mentioned is 96PS of 1.2l Ti-VCT Petrol Engine and 100PS of 1.5l TDCi Diesel Engine. Colours are indicative only and may vary due to printing constraints. Ford India Private Limited ("Ford") reserves the right, subject to all applicable laws, at any time, at its discretion, and without notice, to discontinue or change the features, designs, materials, colours and other specifications and the prices of its products, and to either permanently or temporarily withdraw any such products from the market without incurring any liability to any prospective purchaser or purchasers. Always consult an authorised Ford dealer for the latest information about the vehicle. Bluetooth® is a registered trademark of ^Bluetooth® SIG Inc., and is used under license. Do not change system settings or enter data non-verbally (using your hands) while driving. Stop the vehicle in a safe and legal manner before attempting these operations. **Fuel Economy of diesel is 25.5 km/l and of petrol MT is 20.4 km/l as per ARAI. ^5-year warranty includes 2-year factory warranty + 3-year extended warranty. Segment/ Class definition: Compact hatchbacks under 4 metres for Ford Figo. Please visit https://www.india.ford.com/owner/extended-warranty/ for detailed information on Extended Warranty. Features may vary from model to model. Google and other related marks are trademarks of Google LLC.



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ତୁମେ ଯଦି ଅଳ୍ପ କଥା କହିଲ, ତୁମ ପ୍ରାର୍ଥନା ସର୍ବୋତ୍କୃଷ୍ଟ ହେବ।
-ଲୁଥର



# ଲୁଟେରା ଗ୍ୟାଙ୍ଗ୍ ଠାବ, ୪ ଗିରଫ

## ■ ଗୋଟିଏ ବାଇକ୍, ୨୧ ମୋବାଇଲ ଜବତ

**କଟକ ଅଫିସ,୨୬।୩**

ସିଡିଏ ଫେଜ୍-୨ ଥାନା ପୋଲିସ ହାତରେ ଧରାପଡିଛି ସିଡିଏ ଅଞ୍ଚଳରେ ଆତଙ୍କ ଖେଳାଇଥିବା ଏକ ଲୁଟେରା ଗ୍ୟାଙ୍ଗ। ଗ୍ୟାଙ୍ଗ୍‌ର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ ଜଣଙ୍କୁ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ସେକ୍ଟର-୧୩ ଅଞ୍ଚଳର ବୁଦ୍ଧିଆ ଦାସ(୨୫), ମଧୁପାଟଣା ଥାନା ଅନ୍ତର୍ଗତ ନୂଆପଡା ଅଞ୍ଚଳର ଗଣପତି ବିଶ୍ୱାଳ ଓରଫ୍ ଗଣିଆ(୨୪), ବାଦାମବାଡି ଥାନା ଅନ୍ତର୍ଗତ ଛତ୍ରବଜାର ଅଞ୍ଚଳର ସରତ ଜେଠି(୨୮), ଶିଖରପୁର ଅଞ୍ଚଳର ବାବୁ ଜୟିସ୍ୱାଲ ଓରଫ୍ ବିଜେନ୍ଦ୍ର(୨୭)। ପୋଲିସ ସେମାନଙ୍କଠାରୁ ଏକ ବାଇକ୍(ଓଡି ୦୫ ଏସି ୨୦୯୧) ଏବଂ ୨୧ଟି ଦାମୀ




ଗିରଫ ୪ ଅଭିଯୁକ୍ତଙ୍କ ସହ ଜବତ ହୋଇଥିବା ମୋବାଇଲ୍।

ମୋବାଇଲ ଫୋନ ଜବତ କରିଛି। ଗ୍ୟାଙ୍ଗର ମୁଖ୍ୟ ବୁଦ୍ଧିଆଙ୍କ ବିରୋଧରେ ମର୍କତନଗର, ସିଡିଏ ଫେଜ୍-୨, ଜଗତପୁର ଥାନାରେ ୧୦ଟି ଲୁଟ୍ ମାମଲା ରହିଥିବା ପୋଲିସ ସୂଚନା ଦେଇଛି ।

ସୂଚନା ଅନୁଯାୟୀ, ବକ୍ସି ବଜାର ଅଞ୍ଚଳରେ ରହୁଥିବା କୀର୍ତ୍ତି ଜୈନ ଗତ ୧୬ତାରିଖ ଦିନ ନରାଜରୁ କଟକ ଫେରୁଥିବା ବେଳେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ପାଖରେ ୩ ଜଣ ଯୁବକ ଏକ ବାଇକରେ ତାଙ୍କୁ ପିଛା କରିଥିଲେ। କିଛି ବାଟ ଯିବା ପରେ ସେମାନେ କୀର୍ତ୍ତିଙ୍କୁ ଅଟକାଇଥିଲେ। ସେ ରହିବାରୁ ଯୁବକମାନେ ତାଙ୍କୁ ମାଡ ମାରି ବେକରେ ପିନ୍ଧିଥିବା ସୁନା ଚେନକୁ ଛଡାଇ ନେଇଥିଲେ। ଏ ନେଇ କୀର୍ତ୍ତି ସିଡିଏ ଫେଜ୍-୨ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ ୧୩/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ୍‌ରୁ ପୋଲିସ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି ଗିରଫ କରିଥିଲା। ପଚରାଉଚରା ପରେ ସେମାନେ ଉକ୍ତ ଚେନ ଲୁଟିବା ସହ ଅନ୍ୟ ଜଣେ ଅଭିଯୁକ୍ତ ଏଥିରେ ସାମିଲ ଥିବା ଓ ଆହୁରି ବହୁ ଲୁଟ୍ କରିଥିବା ମାନିଥିଲେ। ପରେ ପୋଲିସ ସେମାନଙ୍କଠାରୁ ଉକ୍ତ ବାଇକ୍ ଓ ମୋବାଇଲଗୁଡିକ ଜବତ କରିଥିଲା।

### ■ ଯୁବକଙ୍କୁ ଆକ୍ରମଣ ଘଟଣା

# ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ

**କଟକ ଅଫିସ, ୨୬।୩**

୨୦୧୫ ଡିସେମ୍ବର ୩୧ ତାରିଖ ରାତିରେ ସିଡିଏ ସେକ୍ଟର-୧୧ ଅଞ୍ଚଳରେ ସାର୍ଥକ ରଞ୍ଜନ ବେହେରା ନାମକ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ସାର୍ଥକ ନିଜ ସାଙ୍ଗମାନଙ୍କ ସହିତ ନୂଆ ବର୍ଷ ପାଳନ କରି କାର୍ ଯୋଗେ ଘରକୁ ଫେରୁଥିଲେ। ସେକ୍ଟର-୧୧ର ଏସ୍‌ବିଆଇ ଛକ ନିକଟରେ ଅବିନାଶ ରାୟ ତପଚାରୀ ନାମକ ଜଣେ ଯୁବକ ନିଜ ସହଯୋଗୀ ଜଗା ଓ ଶିବୁଙ୍କ ସହାୟତାରେ ସାର୍ଥକଙ୍କ ଗାଡ଼ିକୁ ଅଟକାଇ ମରଣାନ୍ତକ ମାଡ଼ ମାରିଥିଲେ। ସଂଘବଦ୍ଧ ଆକ୍ରମଣରେ ସାର୍ଥକ ଗୁରୁତର ଆହତ ହୋଇଥିଲେ। ପରେ ଏ ନେଇ ସେ ସିଡିଏ ଥାନାରେ ଏତଲା ଦେଇଥିଲେ। ପୋଲିସ ଉକ୍ତ ଘଟଣାର ମାମଲା ରୁଜୁ କରି ମୁଖ୍ୟ ଅଭିଯୁକ୍ତ ଅବିନାଶଙ୍କୁ ଗିରଫ କରିଥିଲା। ମାମଲାର ତଦନ୍ତ କରି ପୋଲିସ ଅବିନାଶଙ୍କ ସମେତ ତାଙ୍କର ଅନ୍ୟ ଦୁଇ ସହଯୋଗୀଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରିଥିଲା। ଉକ୍ତ ମାମଲାର ଶୁଣାଣି କଟକ ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଚାଲିଥିଲା। ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି କୋର୍ଟ ପକ୍ଷରୁ ଅଭିଯୁକ୍ତ ଅବିନାଶଙ୍କୁ ଦୋଷୀ ସାବ୍ୟସ୍ତ କରି ବିଭିନ୍ନ ଦଫାରେ ଦଣ୍ଡିତ କରିଛନ୍ତି। ଆଇପିସିର ୩୦୭ ଦଫାରେ ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ୍ ଓ ୨ହଜାର ଟଙ୍କା ଜରିମାନା ଦଣ୍ଡ ହୋଇଛି। ଜରିମାନା ଆଦାୟ ହୋଇ ନ ପାରିଲେ ଅଭିଯୁକ୍ତଙ୍କୁ ଅଧିକ ୬ ମାସ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ଆଦେଶ ହୋଇଛି। ସେହିପରି ଆଇପିସିର ୩୪୧ ଦଫା ଅନୁଯାୟୀ ଅଭିଯୁକ୍ତଙ୍କୁ ୧ ମାସ ଜେଲ୍, ଦଫା ୩୨୩ ଅନୁଯାୟୀ ୧ ବର୍ଷ, ଦଫା ୫୦୬ ଅନୁଯାୟୀ ୨ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି। ତେବେ ଅଭିଯୁକ୍ତଙ୍କ ବିରୋଧରେ ସମସ୍ତ ଦଣ୍ଡ ଏକକାଳୀନ ଚାଲିବ ବୋଲି ରାୟରେ କୁହାଯାଇଛି । ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଏମ୍.ଏମ୍. ବେଗ ମାମଲା ପରିଚାଳନା କରିଥିଲେ।



ମଙ୍ଗଳବାର କଟକ ଖାନନଗର ରାସ୍ତା ପାର୍ଶ୍ୱରେ ଟେରାକୋଟାରେ ପ୍ରସ୍ତୁତ ପାଣି ମାଠିଆ, ବୋତଲ ଗୁଡ଼ିକୁ ବିକ୍ରୟ ପାଇଁ ସଜାଇ ରଖୁଥିବା ଜଣେ ବ୍ୟବସାୟୀ।

### ■ ଛାତ୍ରୀ ଆତ୍ମହତ୍ୟା ମାମଲା

# ଅଭିଯୁକ୍ତଙ୍କ ଗିରଫ ଦାବିକଲା ଦଳିତ ସଂଘ

**ନିଆଳି,୨୬।୩(ଡି.ଏନ୍.ଏ.)**

ନିଆଳି ଥାନା ଅନ୍ତର୍ଗତ ନୂଆଗାଁ ପଞ୍ଚାୟତର ନୂଆସାହି ଗ୍ରାମରେ ଜଣେ କଲେଜ ଛାତ୍ରୀ ୧୦ମାର୍ଚ୍ଚ ୨୦୧୯ରେ ବିଷ ପିଇ ଆତ୍ମହତ୍ୟା କରିଥିଲେ। ଏହି ଆତ୍ମହତ୍ୟାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ମଙ୍ଗଳବାର ଓଡ଼ିଶା ଦଳିତ ସଂଘ ପକ୍ଷରୁ ଗ୍ରାମାଞ୍ଚଳ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ନିଆଳି ଥାନା ଆଇଆଇସିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଯେ, ନୂଆସାହି ଗ୍ରାମର ଜନୈକ କଲେଜ ଛାତ୍ରୀ ୧୦ମାର୍ଚ୍ଚ ୨୦୧୯ରେ କନିଆର ମଞ୍ଜି ସହ ବିଷ ପିଇ ଥିଲେ। ତେବେ ଚିକିତ୍ସିତ ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ମଙ୍ଗଳାବାଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। ପରେ ୨୩ ମାର୍ଚ୍ଚ ୨୦୧୯ରେ ସମ୍ପୃକ୍ତା ଛାତ୍ରୀଙ୍କ ମା' ନିଆଳି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ତାଙ୍କ ଝିଅ ଉକ୍ତ ଗ୍ରାମର ଜଣେ ପୁଅଙ୍କ ସହ ସମ୍ପର୍କ ଥିଲା। ସେ ଦଳିତ ପରିବାର ହୋଇଥିବାରୁ ପୁଅର ପରିବାରଲୋକେ ତାଙ୍କ ଝିଅକୁ ଅପମାନିତ କରିବାରୁ ସେ ଆତ୍ମହତ୍ୟା କରିଛି ବୋଲି ଅଭିଯୋଗ କରିଥିଲେ। ଏନେଇ ଥାନାରେ ମାମଲା ନଂ.(୭/୧୯)ରୁଜୁ ହୋଇଥିଲା। ଅଭିଯୁକ୍ତମାନଙ୍କୁ ଗିରଫ ଦାବି କରି ଓଡିଶା ଦଳିତ ସଂଘ ପକ୍ଷରୁ ରାଜ୍ୟ ସଭାପତି ଲିଟୁ ଦାସ, ଉପସଭାପତି ପ୍ରକାଶ ଚନ୍ଦ୍ର ପ୍ରଧାନ,ଖୋର୍ଦ୍ଧା ଜିଲା ସଭାପତି ଅଶୋକ ଭୋଇ, ପ୍ରକାଶ ଭୋଇ, ଟିକିନା ପରିଡାଙ୍କ ସହ ବହୁ ଦଳିତ ମହିଳା, ପୁରୁଷମାନେ ବଙ୍ଗାଳିସାହି ଠାରେ ଏକ ଶୋଭାଯାତ୍ରାରେ ଯାଇ ନିଆଳି ଥାନାରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ। ଏ ସମ୍ପର୍କରେ ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ କୁହନ୍ତି, ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଅଭିଯୁକ୍ତଙ୍କ ପରିବାରର କାହ୍ନୁ ପ୍ରଧାନ କୁହନ୍ତି, ପୂର୍ବ ଶତ୍ରୁତାକୁ ନେଇ ତାଙ୍କ ନାମରେ ଏବଂ ତାଙ୍କ ପରିବାର ନାମରେ ମିଥ୍ୟା ଅଭିଯୋଗ କରାଯାଇଛି। ଏହାର ସତ୍ୟାସତ୍ୟ ପାଇଁ ତଦନ୍ତ କରାଯାଉ ବୋଲି ସେ କହିଛନ୍ତି।

# ହିନ୍ଦୁ ନବବର୍ଷ ପାଇଁ ବୈଠକ

**କଟକ ଅଫିସ,୨୬।୩**

ଏପ୍ରିଲ ୬ରେ ହିନ୍ଦୁ ନବବର୍ଷକୁ ମହା ଆଡମ୍ବରରେ ପାଳନ କରିବା ପାଇଁ ଧାର୍ମିକ ଓ ସାମାଜିକ ଅନୁଷ୍ଠାନ ପକ୍ଷରୁ ମୋହନ ମଣ୍ଡପଠାରେ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶିବେନ୍ଦ୍ର ହାତୀ ଅଧକ୍ଷତା କରିଥିଲେ। ବିଶ୍ୱହିନ୍ଦୁ ପରିଷଦର ସଭାପତି ଭାଗବତ ସାହୁ ଉପସ୍ଥିତ ରହି ହିନ୍ଦୁ ନବବର୍ଷ ତଥା ଚୈତ୍ର ଶୁକ୍ଳ ପ୍ରତିପଦା ତିଥିରେ ଶ୍ରୀରାମଙ୍କ ରାଜ୍ୟାଭିଷେକ, ବିକ୍ରମ ସମ୍ବତ ଆରମ୍ଭ, ବାସନ୍ତୀ ଦୁର୍ଗାପୂଜା ଆରମ୍ଭ, ଛତ୍ରପତି ଶିବାଜୀଙ୍କ ରାଜାଭିଷେକ, ଦେଶଭକ୍ତ କେଶବ ବଳରାମଙ୍କ ଜନ୍ମଦିନ ପାଳନ ହେବ ବୋଲି କହିଥିଲେ। ହିନ୍ଦୁ ନବବର୍ଷ ମହୋତ୍ସବ ସଭାପତି ଦେବାଶିଷ ରାୟ ହିନ୍ଦୁ ନବବର୍ଷକୁ ସ୍ୱାଗତ କରବା ପାଇଁ ସମସ୍ତ ପୂଜା କମିଟି ନିଜ ବଜାରରେ ଗୈରିକ ପତାକା ସହିତ ଅଭିନନ୍ଦନ ବ୍ୟାନର ଲଗାଇବା ପାଇଁ ଅନୁରୋଧ କରିଥିଲେ। ସମ୍ପାଦକ କିଶୋର କୁମାର ମହାନ୍ତି ଏପ୍ରିଲ ୬ ହିନ୍ଦୁ ନବବର୍ଷ ସନ୍ଧ୍ୟାରେ ଗୌରୀଶଙ୍କର ପାର୍କ ସମ୍ମୁଖରେ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ନିବେଦନ କରିଥିଲେ। ସାମାଜିକ କର୍ମୀ ପ୍ରହଲାଦ ଖଣ୍ଡେଲୱାଲ, ମୃଣ୍ମୟ ମହାନ୍ତି, ଶିବଦାସ ପୂର୍ଣ୍ଣଚନ୍ଦ୍ର ସିଂହ, ଗୋକୁଳାନନ୍ଦ ବେହେରା, ଗୌତମ ପରିଡା, ପ୍ରଫୁଲ୍ଲ କୁମାର ସାହୁ, ଶୁଭେନ୍ଦୁ ସ୍ୱାଇଁ, ଲିଙ୍ଗରାଜ ପତି ଉପସ୍ଥିତ ଥିଲେ। ସିଦ୍ଧାର୍ଥ ଶଙ୍କର ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।




ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତା ଓ ଅନ୍ୟମାନେ।

# ଡାକ ଏଟିଏମ୍ କାର୍ଡ ଯୋଗାଇବା ଦାବି

**କଟକ ସଦର,୨୬।୩(ଡି.ଏନ୍.ଏ.)**

ଭାରତୀୟ ଡାକ ବିଭାଗ ପେମେଣ୍ଟସ ବ୍ୟାଙ୍କ ଜରିଆରେ ଅବସରପ୍ରାପ୍ତ ରେଳବାଇ, ବିଏସଏନଏଲ ଓ ଡାକ ବିଭାଗର କର୍ମଚାରୀ ମାସିକ ପେନସନ ପାଇଥାନ୍ତି। ସେମାନଙ୍କୁ ମାସର ଶେଷ ତାରିଖରେ ପେନସନ ଆକାଉଣ୍ଟରୁ ଟଙ୍କା ଉଠାଇବା ପାଇଁ ଡାକଘରେ ଛିଡା ହେବାକୁ ପଡୁଛି। ଏହି ଅବସରପ୍ରାପ୍ତ କର୍ମଚାରୀଙ୍କୁ ଡାକ ବିଭାଗ ଏଟିଏମ କାର୍ଡ ଯୋଗାଇଦେବା ପାଇଁ ଦାବି ଜୋର ଧରିଛି। ଏ ସମ୍ପର୍କରେ ଭୁବନେଶ୍ୱରସ୍ଥିତ ମହାଡାକପାଳଙ୍କୁ ୪୨ମୌଜା ଅଞ୍ଚଳର କେନ୍ଦ୍ର ସରକାରୀ ପେନସନ ଭୋଗୀଙ୍କ ପକ୍ଷରୁ ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାଷ୍ଟ୍ରାୟତ ବ୍ୟାଙ୍କ ପକ୍ଷରୁ ପେନସନଭୋଗୀଙ୍କୁ ଏଟିଏମ କାର୍ଡ ଦିଆଯାଇଛି। ସେମାନେ ବ୍ୟାଙ୍କକୁ ନ ଆସି ପେନସନ ଅର୍ଥ ପାଇପାରୁଛନ୍ତି। କେବଳ ବର୍ଷର ନଭେମ୍ବର ମାସରେ ଲାଇଫ ସାର୍ଟିଫିକେଟ ଦେବା ପାଇଁ ବ୍ୟାଙ୍କକୁ ଆସିଥାନ୍ତି। ସେହିଭଳି ଡାକ ବିଭାଗ ପେମେଣ୍ଟସ ବ୍ୟାଙ୍କରୁ ପେନସନ ଉଠାଇବା ପାଇଁ ଏଟିଏମ କାର୍ଡର ଆବଶ୍ୟକତା ରହିଛି ବୋଲି ଦାବିପତ୍ରରେ ମହାଡାକପାଳଙ୍କୁ ଅନୁରୋଧ କରାଯାଇଛି।

# କଟକଚଣ୍ଡୀ ମନ୍ଦିରରେ ପୂଜାର୍ଚ୍ଚନା କଲେ ପ୍ରକାଶ ମିଶ୍ର



ଭାଜପା ପ୍ରାର୍ଥୀ ପ୍ରକାଶ ମିଶ୍ର କଟକ ଚଣ୍ଡୀ ମନ୍ଦିରରେ ପୂଜାର୍ଚ୍ଚନା କରି ଫେରୁଛନ୍ତି।

**କଟକ ଅଫିସ,୨୬।୩**

କଟକର ଅଧିଷ୍ଠାତ୍ରୀ ଦେବୀ ମା' କଟକଚଣ୍ଡୀଙ୍କ ମନ୍ଦିରରେ ମଙ୍ଗଳବାର କଟକ ଲୋକସଭା ଆସନର ଭାଜପା ପ୍ରାର୍ଥୀ ପ୍ରକାଶ ମିଶ୍ର ପୂଜାର୍ଚ୍ଚନା କରି ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ପ୍ରକାଶଙ୍କ ସହ ବାରବାଟୀ-କଟକ ବିଧାନସଭା ଆସନର ଦଳୀୟ ବିଧାୟକ ପ୍ରାର୍ଥୀ ସମୀର ଦେ ମଧ୍ୟ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଦୁହେଁ ରାଷ୍ଟ୍ରଦୀପ କାର୍ଯ୍ୟାଳୟ ଯିବା ସହ ପଦ୍ମଶ୍ରୀ ଡି. ପ୍ରକାଶ ରାଓଙ୍କୁ ଭେଟିଥିଲେ। ଏହି କାର୍ଯ୍ୟକ୍ରମରେ କଟକ-ଚୌଦ୍ୱାର ଭାଜପା ବିଧାୟକ ପ୍ରାର୍ଥୀ ନୟନ କିଶୋର ମହାନ୍ତି, କଟକ ସଦର ପ୍ରାର୍ଥୀ ଦିଲୀପ ମଲ୍ଲିକ, ନଗର ଜିଲା ସଭାପତି ଲକ୍ଷ୍ମୀଧର ପ୍ରଧାନ, ସରୋଜ ରାଣା, ହୃଷୀକେଶ ଜେନା, ଶୁଭ୍ରାଂଶୁ ମୋହନ ପାଢ଼ୀ, ନିବେଦିତା ପ୍ରଧାନଙ୍କ ସହ ବହୁସଂଖ୍ୟକ ମହିଳା ଓ ଯୁବକର୍ମୀ ଉପସ୍ଥିତ ଥିଲେ।

# କଂଗ୍ରେସର ପଦଯାତ୍ରା

**କଟକ ଅଫିସ,୨୬।୩**

କଟକ ନଗର ୯ନଂ. ୱାର୍ଡ କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଷ୍ଟୁଆର୍ଟପାଟଣାଠାରୁ ପଦଯାତ୍ରାରେ ବାହାରି ୱାର୍ଡର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଶ୍ରୀବିହାର କଲୋନୀଠାରେ ପହଞ୍ଚିବା ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବାରବାଟୀ-କଟକ ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ମହମ୍ମଦ ମୋକିମ ଏହି ସଭାରେ ଯୋଗଦେଇଥିଲେ। କଟକ ମହାନଗର ନିଗମର ଅବହେଳାରୁ ୱାର୍ଡବାସୀ ରାସ୍ତାଘାଟ, ନାଳନର୍ଦ୍ଦମା ସଫେଇ, ବିଶୁଦ୍ଧ ପାନୀୟଜଳ ଯୋଗାଣ ଓ ସ୍ୱାସ୍ଥ୍ୟସେବା ଆଦି ମୌଳିକ ସମସ୍ୟାର ସମ୍ମୁଖୀନ ହେଉଥିବା ଓ ତା'ର ସୁଧାର ସମ୍ପର୍କରେ ମୋକିମ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ଅପାରଗତାରୁ ସହରବାସୀ ଜାଇକା ଯନ୍ତ୍ରଣାର ଶିକାର ହେଉଥିବା ମଧ୍ୟ ମୋକିମ କହିଛନ୍ତି। ୱାର୍ଡ ଜୋନ ସଂଯୋଜକ ବୀରେନ୍ଦ୍ର ଦାସ ଏହି କର୍ମୀ ସମାବେଶକୁ ପୌରୋହିତ୍ୟ କରି ଆଗାମୀ ସାଧାରଣ ନିର୍ବାଚନରେ କଂଗ୍ରେସ ଦଳକୁ ବିଜୟ କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ।

### ■ ବିଶ୍ୱ ଯକ୍ଷ୍ମା ଦିବସ

# ଯକ୍ଷ୍ମା ରୋଗୀଙ୍କ ପ୍ରତି ଭେଦଭାବ ନ କରିବାକୁ ଶପଥପାଠ

**କଟକ ଅଫିସ,୨୬।୩**

ଓଡ଼ିଶା ରାଜ୍ୟ ରୋଗୀ ଅଧିକାର ମଞ୍ଚ ଓ ଉତ୍କଳ ସେବକ ସମାଜର ମିଳିତ ଅନୁକୂଲ୍ୟରେ ସୋମବାର ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ଓଡ଼ିଶା ରିଚ୍ ଅଫିସ୍ ପକ୍ଷରୁ ବିଭୂତି ଭୂଷଣ ପ୍ରଧାନ ଓ ଶିଶିର ବାହିନୀପତି ଉପସ୍ଥିତ ରହି ଯକ୍ଷ୍ମା ରୋଗ ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ। ସେହିପରି କଟକ ଆର୍‌ଏନ୍‌ଟିସିପି ପକ୍ଷରୁ ଟିବି ଏଚ୍‌ଆଇଭି କୋଅର୍ଡିନେଟର ସୁଧାଂଶୁ ଦାସ ଲାଟେଣ୍ଟ ଟିବି, ଏମ୍‌ଡିଆର୍ ଟିବି ଓ ଏକ୍ସଡିଆର୍ ଟିବି ସମ୍ପର୍କରେ ସମ୍ପୂର୍ଣ୍ଣ ସୂଚନା ଦେଇଥିଲେ। ରୋଗୀ ଅଧିକାର ମଞ୍ଚ ସଭାପତି ଅମିୟ ଭୂଷଣ ବିଶ୍ୱାଳ ସାମାଜିକ କର୍ମୀମାନଙ୍କ ଭୂମିକା ଏବଂ ଟିବି ମୂଳୋତ୍ପାଟନ ପାଇଁ ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ଦକ୍ଷତା ବୃଦ୍ଧିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଶିର ବାହିନୀପତି ରୋଗ ସଂକ୍ରମଣ ସମ୍ପର୍କରେ ଆଲୋଚନା କରିଥିବା ବେଳେ ବିଭୂତି ଭୂଷଣ ପ୍ରଧାନ ଟିବି ମିତ୍ରା ଆପ୍ କିପରି ବ୍ୟବହାର କରାଯିବ, ସେ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମକୁ ଡା. ରୀତା ସାହୁ ପରିଚାଳନା କରିଥିଲେ। ମଳୟ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୪୨ଜଣ ସାମାଜିକ କର୍ମୀ ଏବଂ ସାମାଜିକ ଅନୁଷ୍ଠାନର ମୁଖ୍ୟମାନେ ଉପସ୍ଥିତ ରହି ଯକ୍ଷ୍ମା ରୋଗୀଙ୍କ ପ୍ରତି ଭେଦଭାବ ନ କରିବାକୁ ଶପଥ ନେଇଥିଲେ।

### ■ ଟ୍ରାଫିକ୍ ପରିଚାଳନାକୁ ନେଇ ଏସ୍‌ସିବିରେ ବୈଠକ

# ଖୋଲାଯିବ ନୂଆ ଫାଟକ, ୩ ସ୍ଥାନରେ ହେବ ପାର୍କିଂ

**କଟକ ଅଫିସ,୨୬।୩**

ଏସ୍‌ସିବି ମେଡିକାଲ ପରିସରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବୃଦ୍ଧି ପାଉଥିବା ବେଳେ ଏହି ସମସ୍ୟାର ସମାଧାନ ପାଇଁ ଚେଷ୍ଟା ଆରମ୍ଭ ହୋଇଛି। ମଙ୍ଗଳବାର କମିଶନରେଟ ପୋଲିସ, ସିଏମ୍‌ସି ଏବଂ ଏସ୍‌ସିବି ମେଡିକାଲର କର୍ତ୍ତୃପକ୍ଷଙ୍କୁ ନେଇ ମେଡିକାଲ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମେଡିକାଲ ପରିସରରେ ପାର୍କିଂ ପାଇଁ ସେପରି ବ୍ୟବସ୍ଥା ନ ଥିବାବେଳେ ଲୋକମାନେ ମନଇଚ୍ଛା ଗାଡି ରଖୁଛନ୍ତି। ଏହାର ସମାଧାନ ପାଇଁ ୩ଟି ସ୍ଥାନରେ ପାର୍କିଂ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ହୋଇଛି। ପୁରୁଣା ଆଉଟ ଡୋର,



ବୈଠକରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ।

ମେଡିସିନ୍ ୱାର୍ଡ ସମ୍ମୁଖରେ ୨ଟି ପାର୍କିଂ ସ୍ଥାନ ଚିହ୍ନଟ ହୋଇଥିବା ବେଳେ ଆଉ ଗୋଟିଏ ସ୍ଥାନ ଚିହ୍ନଟ କରିବାକୁ ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ଏହାସହ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ର ସମ୍ମୁଖରେ ଏସ୍‌ସିବି ମେଡିକାଲର ନିର୍ମାଣ ହୋଇଥିବା ନୂତନ ଫାଟକ ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି। ହେଲେ ଫାଟକ ସମ୍ମୁଖରେ ଭେଣ୍ଡିଂ ଜୋନ ରହିଥିବାରୁ ତାହା ଖୋଲା ଯାଇପାରୁ ନାହିଁ। ତେଣୁ ସେଠାରେ ଥିବା ଦୋକାନଗୁଡ଼ିକୁ ଯଥାଶୀଘ୍ର ସ୍ଥାନାନ୍ତର କରିବାକୁ ସିଏମ୍‌ସିକୁ କୁହାଯାଇଛି। ଏହାଛଡା ମେଡିକାଲ ପରିସରରେ ବହୁ ଉଠା ଦୋକାନୀ ରହିଥିବାରୁ ସେଗୁଡ଼ିକୁ ଉଠାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପୁଣି ମେଡିକାଲ ପରିସରରେ ରହୁଥିବା ଘରୋଇ ଆମ୍ବୁଲାନ୍ସଗୁଡ଼ିକୁ ବାହାରେ ରହିବାକୁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଡିସିପି ଅଖିଳେଶ୍ୱର ସିଂ, ଏସ୍‌ସିବି ମେଡିକାଲ ଅଧକ୍ଷ ସି.ବି.କେ. ମହାନ୍ତି, ଡିନ୍ ଜୟଶ୍ରୀ ମହାନ୍ତି, ମଙ୍ଗଳାବାଗ ଥାନା ଅଧିକାରୀ ଅମିତାଭ ମହାପାତ୍ର ଏବଂ ସିଏମ୍‌ସିର ସଦସ୍ୟମାନେ ଯୋଗ ଦେଇଥିଲେ ।

## ସଂକ୍ଷେପରେ

### ବ୍ରିଜ୍‌ରୁ ଝୁଲନ୍ତା ମୃତଦେହ ଜବତ

**କଟକ ଅଫିସ,୨୬।୩:** କାଠଯୋଡି ରେଲୱେ ଲାଇନ ବ୍ରିଜ୍‌ରୁ ମଙ୍ଗଳବାର ଏକ ଝୁଲନ୍ତା ମୃତଦେହ ଜବତ କରିଛି କଟକ ଜିଆରପି ପୋଲିସ। ସେ ହେଲେ ବାରଙ୍ଗ ଥାନା ଅନ୍ତର୍ଗତ କନ୍ହେଇପଡା ଅଞ୍ଚଳର ଜଳଧର ମୁଦୁଲି(୫୦)। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଥିବା ବେଳେ ଏନେଇ ଏକ ମାମଲା(ନଂ.୨୦/୧୯) ରୁଜୁ ହୋଇଛି। ପ୍ରାଥମିକ ତଦନ୍ତରୁ ଜଳଧର ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଜଳଧର ବ୍ରିଜ୍‌ରେ ଝୁଲି ରହିଥିବା ଦେଖି ସ୍ଥାନୀୟ ଲୋକେ ମଙ୍ଗଳବାର ପୋଲିସକୁ ଜଣାଇଥିଲେ। ସକାଳ ପ୍ରାୟ ସାଢେ ୧୧ଟାରେ ଜିଆରପି ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଜଳଧର ବେକରେ ରଶି ଲଗାଇ ବ୍ରିଜ୍‌ରେ ଝୁଲି ରହିଥିବାବେଳେ ପୋଲିସ ତାଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲା।

### ୪ ବର୍ଷର ନାବାଳିକା ଉଦ୍ଧାର
### ପରିବାର ଲୋକଙ୍କ ଜିମା ଦେଲା ପୋଲିସ

**କଟକ ଅଫିସ,୨୬।୩:** ବାଦାମବାଡି ଥାନା ଅନ୍ତର୍ଗତ ଦୋଳମୁଣ୍ଡାଇ ଛକରୁ ସୋମବାର ଜଣେ ୪ବର୍ଷର ନାବାଳିକା ବଣିଆ ଘଡେଇଙ୍କୁ ବାଦାମବାଡି ପୋଲିସ ଉଦ୍ଧାର କରି ତାଙ୍କ ପରିବାରଲୋକଙ୍କୁ ଜିମା ଦେଇଛି। ସୂଚନାଯୋଗ୍ୟ, ବାଲେଶ୍ୱର ଜିଲା ରେମୁଣା ଥାନା ଅନ୍ତର୍ଗତ ପିଞ୍ଚ ବଣିଆ ଅଞ୍ଚଳରେ କୃଷ୍ଣଙ୍କ ଘର। ପିଞ୍ଚବଣିଆ ଅଞ୍ଚଳରେ କୃଷ୍ଣଙ୍କ ଏକ ରଙ୍ଗ ଦୋକାନ ରହିଛି। ଗତ ଶୁକ୍ରବାର ହୋଲି ଉତ୍ସବ ପାଳନ ହେଉଥିବା ବେଳେ ବଣିଆ ବାପାଙ୍କ ସହ ସେଠାକୁ ଆସିଥିଲେ। ହେଲେ ସେଠାରେ ସେ ତାଙ୍କ ବାପାଙ୍କୁ ଆଉ ପାଇ ନ ଥିଲେ। ପରେ ଜଣେ ବ୍ୟକ୍ତି ତାଙ୍କୁ ସେଠାରୁ ତାଙ୍କ ଘରକୁ ନେଇ ଯିବେ ବୋଲି କହି ସାଙ୍ଗରେ ଆଣିଥିଲେ। କିନ୍ତୁ ସୋମବାର ସେ ଦୋଳମୁଣ୍ଡାଇ ଛକରେ ବୁଲୁଥିବା ବେଳେ ପୋଲିସ ତାଙ୍କୁ ଉଦ୍ଧାର କରି କଟକସ୍ଥିତ ବସୁନ୍ଧରା ସାମାଜିକ ଅନୁଷ୍ଠାନରେ ଛାଡିଥିଲା।

### ସ୍ନେହା ମହାପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା

**କଟକ ଅଫିସ,୨୬।୩:** ସାରଳା ଭବନଠାରେ ଚେଲିତୋଳ କଲ୍‌ଚରାଲ ଏକାଡେମୀ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଶିକ୍ଷାବିତ୍, କଣ୍ଠଶିଳ୍ପୀ ଓ ଲେଖିକା ସ୍ନେହା ମହାପାତ୍ରଙ୍କ ପାଇଁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ପ୍ରତିଷ୍ଠାତା ସଭାପତି ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପ୍ରଫେସର ଡା. ନୀରଦ ଗଛାୟତ, ପ୍ରଫେସର ଡ. ହେମେନ୍ଦ୍ର ନାରାୟଣ ଦାସ, ଲେଖିକା ବିଜୟିନୀ ଦାଶ, ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ, ଇଂ. ସୁଶୀଲ କୁମାର ମହାପାତ୍ର, ଶିକ୍ଷାବତ୍ କୈଳାସ ଚନ୍ଦ୍ର ବରାଳ, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ, ଇଂ. ରମାକାନ୍ତ ପ୍ରଧାନ, କାଳୀଚରଣ ମିଶ୍ର, ଦିଲ୍ଲୀପ ମହାନ୍ତି, ମନୀଷା ରାୟ, ବନଶ୍ରୀ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କୁ ଜଣେ ଶିକ୍ଷାବିତ, ସାମାଜିକ କର୍ମୀ, ସାରସ୍ୱତ ସାଧିକା, ଲୋକପ୍ରିୟ କଣ୍ଠଶିଳ୍ପୀ ଭାବେ ଅଭିହିତ କରିବା ସହ ପରୋପକାରୀ, ଧର୍ମପ୍ରାଣା ମହିଳାଭାବେ ବର୍ଣ୍ଣନା କରିଥିଲେ। ବିଭୁ ପ୍ରସାଦ ରାଉତ, ବ୍ରଜ କିଶୋର ବେଉରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ପଟ୍ଟେଇ ଓଷା ପାଳିଲେ ମହିଳା

**ଫୁଲନଖରା,୨୬।୩(ଡି.ଏନ୍.ଏ.):** କଟକ ସଦର ଥାନା ଫୁଲନଖରାର ଓମଫେଡ଼ କଲୋନୀର ମହିଳାମାନେ ଚୈତ୍ରମାସର ପ୍ରଥମ ମଙ୍ଗଳବାରରେ ମା' ମଙ୍ଗଳାଙ୍କ ପଟ୍ଟେଇ ଓଷା ପାଳନ କରିଛନ୍ତି। ସାହିର ମହିଳାମାନେ ତ୍ରିଛକି ସ୍ଥାନରେ ଏକତ୍ରିତ ହୋଇ ପଟ୍ଟେଇ ଖୋଳି, ହଳଦୀ ପାଣି, ଝୋଟିଚିତା ପକାଇବା ସହ ବିଭିନ୍ନ ଫଳମୂଳ, କ୍ଷୀର, ଦହି, ବେଲ, ଚଣା, ଗୁଡ, ମହୁ, ଉଖୁଡ଼ା ଆଦି ପଣା କରି ପଟ୍ଟେଇରେ ଢାଳି ସାରିବା ପରେ ମା'ଙ୍କ ଓଷା ବହି ପଠନ କରିଥାନ୍ତି। ସେହିପରି କାଚରମାଳ, ବମ୍ପକୁ, ମୁଗଭଙ୍ଗା ଆଦି ସ୍ଥାନରେ ଫଟ୍ଟେଇ ଓଷା ପାଳନ କରାଯାଇଛି।

### କବି ମୁରାରିମୋହନଙ୍କ ପୁତ୍ରବଧୂଙ୍କ ପରଲୋକ

**କଟକ ଅଫିସ,୨୬।୩:** ସ୍ୱର୍ଗତ ବିଶିଷ୍ଟ କବି ମୁରାରିମୋହନ ଜେନାଙ୍କ ଜ୍ୟେଷ୍ଠ ପୁତ୍ରବଧୂ ରୀନା ଜେନାଙ୍କ ସୋମବାର ରାତିରେ ଭଗତପୁରସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୪୩ ବର୍ଷ ବୟସ ହୋଇଥିଲା। ସେ ଜଣେ ସୁଲେଖିକା ଓ ଉତ୍କଳ ସାହିତ୍ୟ ସମାଜର ଆଜୀବନ ସଦସ୍ୟା ଥିଲେ। ତାଙ୍କର ଅନ୍ତିମସଂସ୍କାର ମଙ୍ଗଳବାର ଖାନ୍‌ନଗର ଶ୍ମଶାନଠାରେ ସମ୍ପନ୍ନ ହୋଇଛି। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ବିଜୟାନନ୍ଦ ସିଂହ, ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ମନୋଜ ପଟ୍ଟନାୟକ, ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଜୀବନାନନ୍ଦ ଅଧିକାରୀ ଓ ଡ. ସୁନାମଣି ରାଉତ ଶୋକ ପ୍ରକାଶ କରିଛନ୍ତି ।



ତୁମେ ଯଦି ଅଳ୍ପ କଥା କହିଲ, ତୁମ ପ୍ରାର୍ଥନା ସର୍ବୋତ୍କୃଷ୍ଟ ହେବ।
-ଲୁଥର



## ସଂକ୍ଷେପରେ

### ହକ୍ ମାଗୁଛି ଓଡ଼ିଶା ଅଭିଯାନ

**ବଡ଼ମ୍ବା,୨୬।୩(ଡି.ଏନ.ଏ.):** ବଡ଼ମ୍ବା ବିଜେଡି ପକ୍ଷରୁ ହକ୍ ମାଗୁଛି ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମ ବ୍ଲକ ଅଧୀନ ଶଙ୍ଖାମେରି ପଞ୍ଚାୟତସ୍ଥିତ ଶନିଶ୍ଚର ଛକଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଯୁବ ବିଜେଡି ସଭାପତି ସଞ୍ଜୟ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ସାହୁ, ବିଜେଡି ଜିଲା କମିଟି ଉପସଭାପତି ରଘୁପତି ମହାନ୍ତି, ସମ୍ପାଦକ ପ୍ରଦୀପ ସ୍ୱାଇଁ, ବ୍ଲକ ଉପାଧକ୍ଷ ସଦାନନ୍ଦ ସ୍ୱାଇଁ, ପୂର୍ବତନ ବ୍ଲକ ଅଧକ୍ଷ ପରମାନନ୍ଦ ସେଠୀ, ସାମାଜିକ କର୍ମୀ ପ୍ୟାରି ସ୍ୱାଇଁ ଓ ସରପଞ୍ଚ ଫକୀର ସେଠୀଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇଥିଲେ। ବିଶେଷ କରି କେନ୍ଦ୍ର ସରକାର ଓଡ଼ିଶା ପ୍ରତି କରୁଥିବା ବୈମାତୃକ ମନୋଭାବକୁ କାର୍ଯ୍ୟକ୍ରମରେ ଦୃଢ଼ ନିନ୍ଦା କରାଯାଇଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ଉପରେ କେନ୍ଦ୍ର ସରକାରଙ୍କ ଅଙ୍କୁଶ ଓଡ଼ିଶାବାସୀଙ୍କ ହକ୍ ଉପରେ ବାଧା ସୃଷ୍ଟି କରୁଥିବା ପ୍ରୟାସକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ଉପସ୍ଥିତ କର୍ମକର୍ତ୍ତା ମତବ୍ୟକ୍ତ କରିଥିଲେ। ୩୦ନଂ ଜିଲା ପରିଷଦ ଜୋନ୍ ଅନ୍ତର୍ଗତ ୧୧ଟି ପଞ୍ଚାୟତର ନେତୃମଣ୍ଡଳୀଙ୍କ ସମେତ ବହୁ ବିଜୁ ଯୁବ ବାହିନୀ ସଦସ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ବିଶ୍ୱ ଯକ୍ଷ୍ମା ଦିବସ

**କଟକ ଅଫିସ,୨୬।୩:** ଓଡ଼ିଶା ରାଜ୍ୟ ରୋଗୀ ଅଧିକାର ମଞ୍ଚ ଓ ଉତ୍କଳ ସେବକ ସମାଜର ମିଳିତ ଅନୁକୂଲ୍ୟରେ ସୋମବାର ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ରିଚ୍ ଅଫିସ୍ ତରଫରୁ ବିଭୂତି ଭୂଷଣ ପ୍ରଧାନ ଓ ଶିଶିର ବାହିନୀପତି ଉପସ୍ଥିତ ରହି ଯକ୍ଷ୍ମା ରୋଗ ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ। ସେହିପରି କଟକ ଆର୍‌ଏନ୍‌ଟିସିପି ତରଫରୁ ଟିବି ଏଚ୍‌ଆଇଭି କୋଅର୍ଡିନେଟର ସୁଧାଂଶୁ କୁମାର ଦାସ ଲାଟେଣ୍ଟ୍ ଟିବି, ଏମ୍‌ଡିଆର୍ ଟିବି ଓ ଏକ୍ସଡିଆର୍ ଟିବି ସମ୍ପର୍କରେ ସମ୍ପୂର୍ଣ୍ଣ ସୂଚନା ଦେଇଥିଲେ। ଏହାସହ ଯକ୍ଷ୍ମା ରୋଗୀଙ୍କ ପାଇଁ ଉପଲବ୍ଧ ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ରୋଗୀ ଅଧିକାର ମଞ୍ଚ ସଭାପତି ଅମିୟ ଭୂଷଣ ବିଶ୍ୱାଳ ସାମାଜିକ କର୍ମୀମାନଙ୍କ ଭୂମିକା ଏବଂ ଟିବି ମୂଳୋତ୍ପାଟନ ପାଇଁ ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ଦକ୍ଷତା ବୃଦ୍ଧିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଶିର ବାହିନୀପତି ରୋଗ ସଂକ୍ରମଣ ସମ୍ପର୍କରେ ଆଲୋଚନା କରିଥିବା ବେଳେ ବିଭୂତି ଭୂଷଣ ପ୍ରଧାନ ଟିବି ମିତ୍ରା ଆପ୍ କିପରି ବ୍ୟବହାର କରାଯିବ, ସେ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମକୁ ଡା. ରୀତା ସାହୁ ପରିଚାଳନା କରିଥିବା ବେଳେ ଉତ୍କଳ ସେବକ ସମାଜର ପ୍ରକଳ୍ପ ନିର୍ଦ୍ଦେଶକ ଅନ୍ୱୟ ଅଭିନବ ସଂଯୋଜନା କରିଥିଲେ। ଓଡ଼ିଶା ରାଜ୍ୟ ରୋଗୀ ଅଧିକାର ମଞ୍ଚ ତରଫରୁ ମଳୟ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୪୨ଜଣ ସାମାଜିକ କର୍ମୀ ଏବଂ ସାମାଜିକ ଅନୁଷ୍ଠାନର ମୁଖ୍ୟମାନେ ଉପସ୍ଥିତ ରହି ଯକ୍ଷ୍ମା ରୋଗୀଙ୍କ ପ୍ରତି ଭେଦଭାବ ନ କରିବାକୁ ଶପଥ ନେଇଥିଲେ।

### କଟକଚଣ୍ଡୀ ମନ୍ଦିରରେ ପୂଜାର୍ଚ୍ଚନା କଲେ ପ୍ରକାଶ ମିଶ୍ର



**କଟକ ଅଫିସ,୨୬।୩:** କଟକର ଅଧିଷ୍ଠାତ୍ରୀ ଦେବୀ ମା' କଟକଚଣ୍ଡୀଙ୍କ ମନ୍ଦିରରେ ମଙ୍ଗଳବାର କଟକ ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ପ୍ରକାଶ ମିଶ୍ର ପୂଜାର୍ଚ୍ଚନା କରି ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ପ୍ରକାଶଙ୍କ ସହ ବାରବାଟୀ-କଟକ ବିଧାନସଭା ଆସନର ଦଳୀୟ ବିଧାୟକ ପ୍ରାର୍ଥୀ ସମୀର ଦେ ମଧ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଦୁହେଁ ରାଷ୍ଟ୍ରଦୀପ କାର୍ଯ୍ୟାଳୟ ଯିବା ସହ ପଦ୍ମଶ୍ରୀ ଡି. ପ୍ରକାଶ ରାଓଙ୍କୁ ଭେଟିଥିଲେ। ଏହି କାର୍ଯ୍ୟକ୍ରମରେ କଟକ-ଚୌଦ୍ୱାର ଭାଜପା ବିଧାୟକ ପ୍ରାର୍ଥୀ ନୟନ କିଶୋର ମହାନ୍ତି, କଟକ ସଦର ପ୍ରାର୍ଥୀ ଦିଲୀପ ମଲ୍ଲିକ, ନଗର ଜିଲା ସଭାପତି ଲକ୍ଷ୍ମୀଧର ପ୍ରଧାନ, ସରୋଜ ରାଣା, ହୃଷୀକେଶ ଜେନା, ଶୁଭ୍ରାଂଶୁ ମୋହନ ପାଢ଼ୀ, ନିବେଦିତା ପ୍ରଧାନଙ୍କ ସହ ବହୁସଂଖ୍ୟକ ମହିଳା ଓ ଯୁବକର୍ମୀ ଉପସ୍ଥିତ ଥିଲେ।

# ଲୁଟେରା ଗ୍ୟାଙ୍ଗ ଠାବ, ୪ ଗିରଫ

**କଟକ ଅଫିସ,୨୬।୩**

ସିଡିଏ ଫେଜ୍-୨ ଥାନାର ପୋଲିସ ହାତରେ ଧରାପଡିଛି ସିଡିଏ ଅଞ୍ଚଳରେ ଆତଙ୍କ ଖେଳାଇଥିବା ଏକ ଲୁଟେରା ଗ୍ୟାଙ୍ଗ। ଗ୍ୟାଙ୍ଗ୍‌ର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ ଜଣଙ୍କୁ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ସେକ୍ଟର-୧୩ ଅଞ୍ଚଳର ବୁଦ୍ଧିଆ ଦାସ(୨୫), ମଧୁପାଟଣା ଥାନା ଅନ୍ତର୍ଗତ ନୂଆପଡା ଅଞ୍ଚଳର ଗଣପତି ବିଶ୍ୱାଳ ଓରଫ୍ ଗଣିଆ(୨୪), ବାଦାମବାଡି ଥାନା ଅନ୍ତର୍ଗତ ଛତ୍ରବଜାର ଅଞ୍ଚଳର ସରତ ଜେଠି(୨୮), ଶିଖରପୁର ଅଞ୍ଚଳର ବାବୁ ଜୟୀସ୍ୱାଲ ଓରଫ୍ ବିଜେନ୍ଦ୍ର(୨୭)। ପୋଲିସ ସେମାନଙ୍କଠାରୁ ଏକ ବାଇକ୍(ଓଡି ୦୫ ଏସି ୨୦୯୧) ଏବଂ ୨୧ଟି ଦାମୀ ମୋବାଇଲ ଫୋନ ଜବତ କରିଛି। ଗ୍ୟାଙ୍ଗର ମୁଖ୍ୟ ବୁଦ୍ଧିଆଙ୍କ ବିରୋଧରେ ମର୍କତନଗର, ସିଡିଏ ଫେଜ୍-୨, ଜଗତପୁର ଥାନାରେ ୧୦ଟି ଲୁଟ୍ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।





ସିଡିଏ ଫେଜ୍-୨ ଥାନା ପୋଲିସ ଗିରଫ କରିଥିବା ଅଭିଯୁକ୍ତ ଓ ଜବତ ମୋବାଇଲ।

**ଗୋଟିଏ ବାଇକ୍, ୨୧ ମୋବାଇଲ ଜବତ**

ସୂଚନା ଅନୁଯାୟୀ, ବକ୍ସି ବଜାର ଅଞ୍ଚଳରେ ରହୁଥିବା କୀର୍ତ୍ତି ଜୈନ ଗତ ୧୬ତାରିଖ ଦିନ ନରାଜରୁ କଟକ ଫେରୁଥିବା ବେଳେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ପାଖରେ ୩ ଜଣ ଯୁବକ ଏକ ବାଇକରେ ତାଙ୍କୁ ପିଛା କରିଥିଲେ। କିଛି ବାଟ ଯିବା ପରେ ସେମାନେ କୀର୍ତ୍ତିଙ୍କୁ ଅଟକାଇଥିଲେ। ସେ ରହିବାରୁ ଯୁବକମାନେ ତାଙ୍କୁ ମାଡ ମାରି ବେକରେ ପିନ୍ଧିଥିବା ସୁନା ଚେନକୁ ଛଡାଇ ନେଇଥିଲେ। ଏ ନେଇ କୀର୍ତ୍ତି ସିଡିଏ ଫେଜ୍-୨ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ ୧୩/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ୍‌ରୁ ପୋଲିସ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି ଗିରଫ କରିଥିଲା। ପଚରାଉଚରା ପରେ ସେମାନେ ଉକ୍ତ ଚେନ ଲୁଟିବା ସହ ଅନ୍ୟ ଜଣେ ଅଭିଯୁକ୍ତ ଏଥିରେ ସାମିଲ ଥିବା ଓ ଆହୁରି ବହୁ ଲୁଟ୍ କରିଥିବା ମାନିଥିଲେ। ପରେ ପୋଲିସ ସେମାନଙ୍କଠାରୁ ଉକ୍ତ ବାଇକ୍ ଓ ମୋବାଇଲଗୁଡିକ ଜବତ କରିଥିଲା।

# ଜାତମୁଣ୍ଡିଆ ପାହାଡ଼ର ସୁରକ୍ଷା ପାଇଁ ଦାବିପତ୍ର

**ବାଙ୍କୀ,୨୬।୩(ସ୍ୱ.ପ୍ର.)**

ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ଘାସିପୁଟସ୍ଥ ଜାତମୁଣ୍ଡିଆ ପାହଡ଼ ଏବେ ଅସୁରକ୍ଷିତ ହୋଇପଡ଼ିଛି। ତେଣୁ ଏହାର ସୁରକ୍ଷା ପାଇଁ ସୋମବାର ସାମାଜିକ କର୍ମୀ ଗୌତମ ମିଶ୍ର ସ୍ଥାନୀୟ ତହସିଲଦାର ଇନ୍ଦିରା ସାହୁଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ଏଥିସହିତ ଖୋର୍ଦ୍ଧା ରେଞ୍ଜ ଅଫିସର, ବାଙ୍କୀ ଫରେଷ୍ଟରଙ୍କ ଦୃଷ୍ଟି ଗୋଚର ମଧ କରିଛନ୍ତି। ତହସିଲଦାର ଏହାର ଅନୁସନ୍ଧାନ କରି ଉଚିତ୍ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଐତିହ୍ୟ ସମ୍ପନ୍ନ ପାହାଡ଼ରେ ବହୁ ପ୍ରାଚୀନ କୀର୍ତ୍ତୀରାଜି ମନ୍ଦିର ଓ ଅନେକ ଔଷଧୀୟ ବୃକ୍ଷ ରହିଛି। ପାହାଡ଼ର ଏକ ପାର୍ଶ୍ୱରୁ ରବିବାର କେତେଜଣ ଗଛ କାଟି ସଫା କରିଛନ୍ତି। ଏପରି କି ସେଠାରେ ବିଭିନ୍ନ ଅନୁଷ୍ଠାନ ପ୍ରତିଷ୍ଠା କରିବା ପାଇଁ ଭୂମି ପୂଜନ ମଧ କରିଥିଲେ। ଏକଥା ସାମାଜିକ କର୍ମୀ ମିଶ୍ର ଜାଣିବାପରେ ସେଠାକୁ ଯାଇ ପାହାଡ଼ର ଅବସ୍ଥା ଦେଖି ମର୍ମାହତ ହୋଇଥିଲେ। ବର୍ତ୍ତମାନ ଜଙ୍ଗଲ ସଂରକ୍ଷଣ, ବୃକ୍ଷରୋପଣ ଓ ପାହାଡ଼ର ଉନ୍ନତୀକରଣ ପାଇଁ ସରକାର ବହୁ ସଚେତନତାମୂଳକ କାର୍ଯ୍ୟକ୍ରମ କରୁଛନ୍ତି। ଏହି ସମୟରେ ଏପରି ଏକ ଐତିହାସିକ ପାହାଡ଼ରେ ଭୂମିପୂଜା କରି ଜଙ୍ଗଲ ଜମିକୁ ଦଖଲ କରିଥିବାରୁ ସମାଜିକ କର୍ମୀ ମିଶ୍ର ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି। ପାହାଡ଼ର ସୁରକ୍ଷା ଓ ସୌନ୍ଦର୍ଯ୍ୟ ବୃଦ୍ଧିପାଇଁ ଅଞ୍ଚଳବାସୀ ମଧ ତତ୍ପର ହୋଇ ପଡ଼ିଛନ୍ତି।

# ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗର ତଦନ୍ତ

**ରଘୁନାଥପୁର, ୨୬।୩(ଡି.ଏନ.ଏ.)**

ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ପୂର୍ବାହ୍ନରେ ରଘୁନାଥପୁର ବ୍ଲକରେ ୩ ଜଣିଆ ଟିମ୍ ପହଞ୍ଚି କେତେକ ଅଭିଯୋଗର ତଦନ୍ତ କରିଛନ୍ତି। ସରକାରୀ ଗୃହ, ଭତ୍ତା, ରାଶନକାର୍ଡ ଓ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟରେ ହେରଫେର ହୋଇଥିବା ସମ୍ପର୍କରେ ନିର୍ବାଚନ କମିଶନରଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ତୁରନ୍ତ ଏହାର ତଦନ୍ତ କରାଯାଇ ରିପୋର୍ଟ ଦେବାକୁ ଜିଲାପାଳଙ୍କୁ ଜଣାଯିବା ପରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ମହାନ୍ତି, ପ୍ରୋଗ୍ରାମ ଅଫିସର ଚିତ୍ତରଞ୍ଜନ ମହାନ୍ତି ଓ ଏମ୍‌ଜିଏନ୍‌ଆରଜିଏସ ଅସିଷ୍ଟାଣ୍ଟ ଲୋଚନ ପୃଷ୍ଟି ପ୍ରମୁଖ ବ୍ଲକରେ ପହଞ୍ଚି ତଦନ୍ତ କରିଥିଲେ। ଏକ ପଞ୍ଚାୟତର ୧୩ ଜଣଙ୍କ ଭତ୍ତା ବୟସ ହୋଇ ନ ଥିବା ଅଧିକାରୀଙ୍କୁ ରିପୋର୍ଟ ଦର୍ଶାଯାଇଥିଲା। ତେଣୁ ସେମାନଙ୍କ ଭତ୍ତା ସ୍ଥଗିତ ରଖାଯାଇଛି। ଏହି ହିତାଧିକାରୀଙ୍କ ବୟସ ୨୦୧୬/୧୭ ଭୋଟର ଲିଷ୍ଟ ଅନୁଯାୟୀ ପ୍ରଦାନ କରାଯାଇଛି। ବର୍ତ୍ତମାନ ସେମାନଙ୍କ ବୟସ ନିଶ୍ଚିତ ଭାବେ ଅଧିକ ହୋଇପାରେ ବୋଲି ତଦନ୍ତକାରୀ ଟିମ୍ ହୃଦ୍‌ବୋଧ କରିଛନ୍ତି। ବିଡିଓ ପଞ୍ଚାନନ ପଟାୟତ, ଏବିଡିଓ ଆଶୋକ ମହାନ୍ତି, ସହକାରୀ ଯନ୍ତ୍ରୀ ଅମୀୟଚାନ୍ଦ ମଲ୍ଲିକ, ଡବ୍ଲୁଇଓ ସନ୍ତୋଷ ପଣ୍ଡା ଓ ଏମ୍‌ଆଇ ମୋଚିରାମ ଦାସ ଉପସ୍ଥିତ ଥିଲେ।



ରଘୁନାଥପୁର ବ୍ଲକରେ ଅଧିକାରୀମାନେ ତଦନ୍ତ କରୁଛନ୍ତି।

## ହକ୍ ମାଗୁଛି ଓଡ଼ିଶା ଅଭିଯାନ

**ଆଠଗଡ଼,୨୬।୩(ସ୍ୱ.ପ୍ର.)**

ଆଠଗଡ଼ ବ୍ଲକ ବିଜେଡି ପକ୍ଷରୁ ମଙ୍ଗଳବାର ହକ୍ ମାଗୁଛି ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧୀନ ଦୋରଡ, ଯୋରନ୍ଦା, ତରଡିଙ୍ଗ ଓ କୁଲାଇଲୋ ପଞ୍ଚାୟତର ୬୦୦ରୁ ଊର୍ଦ୍ଧ୍ୱ କର୍ମୀ ଏଥିରେ ସାମିଲ ହୋଇଥିଲେ। ସମସ୍ତ କର୍ମୀ ଏକ ଶୋଭଯାତ୍ରାରେ ଦୋରଡ ପଡିଆଠାରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ସଭାରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନା ଓଡ଼ିଶାରେ ବିଫଳ ହୋଇଥିବା ଅଭିଯୋଗ କରାଯାଇଥିଲା। କଟକ ଜିଲା ପରିଷଦ ଉପାଧକ୍ଷ ସୁନିଲ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତ, ଜିଲା ସାଧାରଣ ସମ୍ପାଦକ ନୃସିଂହ ଚରଣ ମହାପାତ୍ର, ଓକିଲ ସଂଘ ସଭାପତି ସତ୍ୟେନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ତାତିରେ କଲବଲ ବାଦୁଡ଼ି ପଲ



ଗଛରେ ଝୁଲି ରହିଥିବା ବାଦୁଡ଼ି ପଲ।

**ବାଙ୍କୀ,୨୬।୩(ସ୍ୱ.ପ୍ର.)**

ବାଙ୍କୀ ଥାନା ପରିସରରେ ଥିବା ଫାଶୀ, ଦେବଦାରୁ, କୋଚିଲା, ତାଳ, ଜାମୁ, ଆମ୍ବ ଡାଳରେ ବହୁବର୍ଷ ଧରି ହଜାର ହଜାର ବାଦୁଡି ରହି ଆସୁଛନ୍ତି। ଏବେ ସେମାନଙ୍କ ସଂଖ୍ୟା ଆଶାତିତଭାବେ ବୃଦ୍ଧି ଘଟୁଥିବାରୁ ଥାନା ନିକଟବର୍ତ୍ତୀ ଲାସକଟା ଗୃହ ପାଖ ତେନ୍ତୁଳି ଗଛ ଓ ଉପକାରାଗାର ପରିସରରେ ଥିବା ଆମ୍ବ ଏବଂ ଦେବଦାରୁ ଗଛରେ ମଧ କେତେକ ବାଦୁଡି ରହୁଥିବା ଦେଖାଯାଉଛି। ଗତ ବର୍ଷ ପ୍ରଚଣ୍ଡ ରୁଦ୍ରତାପ ଯୋଗୁ ଅନେକ ବାଦୁଡି ଅଂଶୁଘାତ ଜନିତ କାରଣରୁ ମୃତ୍ୟୁବରଣ କରିଥିଲେ। ଚଳିତ ବର୍ଷମଧ ଅତ୍ୟଧିକ ତାତି ଆରମ୍ଭ ହୋଇଥିବାରୁ ବାଦୁଡିମାନଙ୍କୁ ରକ୍ଷା କରିବା ପାଇଁ ପାଣି ସିଞ୍ଚନ ବ୍ୟବସ୍ଥା କରାଗଲେ ସେମାନେ ନିଶ୍ଚିତ ମୃତ୍ୟୁ ମୁଖରୁ ବଞ୍ଚିପାରିବେ। ଏଥିପାଇଁ ବାଙ୍କୀ ପ୍ରଶାସନ ପକ୍ଷରୁ ଜଳ ସିଞ୍ଚନ ଓ ପାନୀୟ ଜଳ ବ୍ୟବସ୍ଥା କରିବା ପାଇଁ ପ୍ରକୃତି ବନ୍ଧୁ ଦୀପକ ସାମନ୍ତରା ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

**ସାଲେପୁର,୨୬।୩(ଡି.ଏନ.ଏ.)**

ସାଲେପୁର ବ୍ଲକ ମହିଳା ବିଜୁ ଜନତା ଦଳ ପକ୍ଷରୁ ତେନ୍ତୋଳ ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ବିଜୁ ଜନତା ବ୍ଲକ ସଭାନେତ୍ରୀ ରାଜଶ୍ରୀ ଜେନା, ସାଲେପୁର ବ୍ଲକ୍ ଯୁବ ବିଜେଡି ସଭାପତି ସଞ୍ଜିତ୍ ଦାଶ, ସାଧାରଣ ସମ୍ପାଦିକା ତୃପ୍ତିରେଖା ପରିଡ଼ା, ବାରିଗୋଳ ସମିତିସଭ୍ୟା ସୁଜାତା ଦାସ, ତେନ୍ତୋଳ ସମିତିସଭ୍ୟା ରଞ୍ଜିତା ସେଠୀ, ସରପଞ୍ଚ ପବିତ୍ର ବେହେରା, ନୟନା ଦାସ, ବିନୋଦିନୀ ପରିଡ଼ା, ଜଗମୋହନ ଦାଶ, ହିମାଂଶୁ ଦାଶ, ଦିଲୀପ ସ୍ୱାଇଁ, ପ୍ରମିଳା ସାମଲ, ଅଜୟ ଦାସ, କୃଷ୍ଣଚନ୍ଦ୍ର ଦାସ ପ୍ରମୁଖଙ୍କ ସମେତ ପଞ୍ଚାୟତର ବହୁ ମହିଳା କର୍ମୀ ଯୋଗଦେଇ ଲୋକଙ୍କୁ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ କରାଇଥିଲେ।



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କର୍ମୀ।

## ଭାଜପାର ବିଜୟ ସଂକଳ୍ପ ଶୋଭାଯାତ୍ରା

**ଆଠଗଡ଼,୨୬।୩(ସ୍ୱ.ପ୍ର.)**

ଆଠଗଡ଼ ଭାଜପା ପକ୍ଷରୁ ସୋମବାର ବିଜୟ ସଂକଳ୍ପ ଶୋଭଯାତ୍ରା ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଜିଲା ଭାଜପା ସାଧାରଣ ସମ୍ପାଦକ ରାମନାରାୟଣ ମହାନ୍ତି, ବିକ୍ରମ ଦାଶ, ଜଗଦାନନ୍ଦ ତ୍ରିପାଠୀ ଓ ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ। ଆଗାମୀ ନିର୍ବାଚନରେ ଆଠଗଡ ଜନସାଧାରଣ ଉଚିତ୍ ଜବାବ୍ ଦେବେ ବୋଲି ଗୋପବନ୍ଧୁ ଛକଠାରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ କର୍ମୀମାନେ କହିଥିଲେ। ସନ୍ଧ୍ୟାରେ ବହୁ କର୍ମୀ ଆଠଗଡ ଏନଏସି ଅଞ୍ଚଳର ପ୍ରତି ସାହିରେ ଶୋଭାଯାତ୍ରା କରି ରାଜ୍ୟ ସରକାରଙ୍କ ଅବହେଳା ବିରୋଧରେ ଜନସଚେତନ କରାଇଥିଲେ।

■ ଯୁବକଙ୍କୁ ଆକ୍ରମଣ ଘଟଣା

# ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ୍

**କଟକ ଅଫିସ, ୨୬।୩**

୨୦୧୫ ଡିସେମ୍ବର ୩୧ ତାରିଖ ରାତିରେ ସିଡିଏ ସେକ୍ଟର-୧୧ ଅଞ୍ଚଳରେ ସାର୍ଥକ ରଞ୍ଜନ ବେହେରା ନାମକ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ସାର୍ଥକ ନିଜ ସାଙ୍ଗମାନଙ୍କ ସହିତ ନୂଆ ବର୍ଷ ପାଳନ କରି କାର୍ ଯୋଗେ ଘରକୁ ଫେରୁଥିଲେ। ସେକ୍ଟର-୧୧ର ଏସ୍‌ବିଆଇ ଛକ ନିକଟରେ ଅବିନାଶ ରାୟ ତପଚାରୀ ନାମକ ଜଣେ ଯୁବକ ନିଜ ସହଯୋଗୀ ଜଗା ଓ ଶିବୁଙ୍କ ସହାୟତାରେ ସାର୍ଥକଙ୍କ ଗାଡ଼ିକୁ ଅଟକାଇ ମରଣାନ୍ତକ ମାଡ଼ ମାରିଥିଲେ। ସଂଘବଦ୍ଧ ଆକ୍ରମଣରେ ସାର୍ଥକ ଗୁରୁତର ଆହତ ହୋଇଥିଲେ। ପରେ ଏ ନେଇ ସେ ସିଡିଏ ଥାନାରେ ଏତଲା ଦେଇଥିଲେ। ପୋଲିସ ଉକ୍ତ ଘଟଣାର ମାମଲା ରୁଜୁ କରି ମୁଖ୍ୟ ଅଭିଯୁକ୍ତ ଅବିନାଶଙ୍କୁ ଗିରଫ କରିଥିଲା। ମାମଲାର ତଦନ୍ତ କରି ପୋଲିସ ଅବିନାଶଙ୍କ ସମେତ ତାଙ୍କର ଅନ୍ୟ ଦୁଇ ସହଯୋଗୀଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରିଥିଲା। ଉକ୍ତ ମାମଲାର ଶୁଣାଣି କଟକ ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଚାଲିଥିଲା। ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି କୋର୍ଟ ପକ୍ଷରୁ ଅଭିଯୁକ୍ତ ଅବିନାଶଙ୍କୁ ଦୋଷୀ ସାବ୍ୟସ୍ତ କରି ବିଭିନ୍ନ ଦଫାରେ ଦଣ୍ଡିତ କରିଛନ୍ତି। ଆଇପିସିର ୩୦୭ ଦଫାରେ ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ୍ ଓ ୨ହଜାର ଟଙ୍କା ଜରିମାନା ଦଣ୍ଡ ହୋଇଛି। ଜରିମାନା ଆଦାୟ ହୋଇ ନ ପାରିଲେ ଅଭିଯୁକ୍ତଙ୍କୁ ଅଧିକ ୬ ମାସ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ଆଦେଶ ହୋଇଛି। ସେହିପରି ଆଇପିସିର ୩୪୧ ଦଫା ଅନୁଯାୟୀ ଅଭିଯୁକ୍ତଙ୍କୁ ୧ ମାସ ଜେଲ୍, ଦଫା ୩୨୩ ଅନୁଯାୟୀ ୧ ବର୍ଷ, ଦଫା ୫୦୬ ଅନୁଯାୟୀ ୨ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି। ତେବେ ଅଭିଯୁକ୍ତଙ୍କ ବିରୋଧରେ ସମସ୍ତ ଦଣ୍ଡ ଏକକାଳୀନ ଚାଲିବ ବୋଲି ରାୟରେ କୁହାଯାଇଛି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଏମ୍.ଏମ୍. ବେଗ ମାମଲା ପରିଚାଳନା କରିଥିଲେ।

# ଭାଜପାର ନିର୍ବାଚନ ପରିଚାଳନା କମିଟି ଗଠନ

**ରଘୁନାଥପୁର, ୨୬।୩(ଡି.ଏନ.ଏ.)**

ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ରଘୁନାଥପୁର ପାର୍ଟି କାର୍ଯ୍ୟାଳୟଠାରେ ୧୦ ଗୋଟି ମଣ୍ଡଳ ସଭାପତି ଓ ଦଳୀୟ କର୍ମକର୍ତ୍ତାଙ୍କୁ ନେଇ ଏକ ନିର୍ବାଚନ ପରିଚାଳନା କମିଟି ଗଠନ କରାଯାଇଛି। ମଣ୍ଡଳ ସଭାପତି ସୁବାସ ଚନ୍ଦ୍ର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ନିର୍ବାଚନୀ ପ୍ରସ୍ତୁତି ବୈଠକରେ ବିଧାୟକ ପ୍ରାର୍ଥୀ ପ୍ରଫେସର ରମାକାନ୍ତ ଭୋଇ, ଜିଲା ପରିଷଦ ସଭ୍ୟ ଅଶୋକ କୁମାର ମହାରଣା, ମାନସ କୁମାର ମହାପାତ୍ର, ନିର୍ମଳ ମହାପାତ୍ର ପ୍ରମୁଖ ଆଗାମୀ ନିର୍ବାଚନର ରୂପରେଖ ତଥା ସୁପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ନିର୍ବାଚନ ପରିଚାଳନା ନିମନ୍ତେ ଏକ କମିଟି ଗଠନ କରାଯାଇଥିଲା। କମିଟିର ଦାୟିତ୍ୱ ତଥା କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ବୁଥସ୍ତରରେ କର୍ମକର୍ତ୍ତାମାନେ ରହି ନିର୍ବାଚନକୁ ଶୃଙ୍ଖଳାର ସହ ଅନୁଷ୍ଠିତ କରିବାକୁ ପରାମର୍ଶ ଦିଆଯାଇଥିଲା। ନିର୍ବାଚନର ଯଥେଷ୍ଟ ପୂର୍ବରୁ କର୍ମୀମାନେ ଜନସାଧାରଣଙ୍କ ନିକଟତର ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକର ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହ ଏହାର ସୁଫଳ କିପରି ଲୋକଙ୍କ ପାଖରେ ପହଞ୍ଚି ପାରୁଛି ଏ ସମ୍ପର୍କରେ ଜଣାଇବାକୁ ଆହ୍ୱାନ କରାଯାଇଥିଲା। ବିଧାୟକ ପ୍ରାର୍ଥୀ ପ୍ରଫେସର ଭୋଇଙ୍କୁ ଦଳୀୟ କର୍ମୀଙ୍କ ପକ୍ଷରୁ ସ୍ୱାଗତ କରାଯିବା ସହ ଆଗାମୀ ନିର୍ବାଚନରେ ବିଜୟକୁ ସୁନିଶ୍ଚିତ କରିବାକୁ ସର୍ବ ସମ୍ମତିକ୍ରମେ ସଂକଳ୍ପ କରାଯାଇଥିଲା। ବୈଠକରେ ଜ୍ୟୋତିରଞ୍ଜନ ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ଶିବ ପ୍ରସାଦ ସାହୁ, ଜଇପୁର ମଣ୍ଡଳ ସଭାପତି ଅଶୋକ ନାୟକ, ପୁରଣ ମଣ୍ଡଳ ସଭାପତି ଆଲୋକ ପଣ୍ଡାଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି, ମହିଳା, ଯୁବ ଓ ଛାତ୍ର ମୋର୍ଚ୍ଚାର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

■ ଟ୍ରାଫିକ୍ ପରିଚାଳନାକୁ ନେଇ ଏସ୍‌ସିବିରେ ବୈଠକ

# ଖୋଲାଯିବ ନୂଆ ଫାଟକ, ୩ଟି ସ୍ଥାନରେ ହେବ ପାର୍କିଂ

**କଟକ ଅଫିସ,୨୬।୩**

ଏସ୍‌ସିବି ମେଡିକାଲ ପରିସରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବୃଦ୍ଧି ପାଉଥିବା ବେଳେ ଏହି ସମସ୍ୟାର ସମାଧାନ ପାଇଁ ଚେଷ୍ଟା ଆରମ୍ଭ ହୋଇଛି। ମଙ୍ଗଳବାର କମିଶନରେଟ ପୋଲିସ, ସିଏମ୍‌ସି ଏବଂ ଏସ୍‌ସିବି ମେଡିକାଲର କର୍ତ୍ତୃପକ୍ଷଙ୍କୁ ନେଇ ମେଡିକାଲ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମେଡିକାଲ ପରିସରରେ ପାର୍କିଂ ପାଇଁ ସେପରି ବ୍ୟବସ୍ଥା ନ ଥିବାବେଳେ ଲୋକମାନେ ମନଇଚ୍ଛା ଗାଡି ରଖୁଛନ୍ତି। ଏହାର ସମାଧାନ ପାଇଁ ୩ଟି ସ୍ଥାନରେ ପାର୍କିଂ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ହୋଇଛି। ପୁରୁଣା ଆଉଟ ଡୋର, ମେଡିସିନ୍ ୱାର୍ଡ ସମ୍ମୁଖରେ ୨ଟି ପାର୍କିଂ ସ୍ଥାନ ଚିହ୍ନଟ ହୋଇଥିବା ବେଳେ ଆଉ ଗୋଟିଏ ସ୍ଥାନ ଚିହ୍ନଟ କରିବାକୁ ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ଏହାସହ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ର ସମ୍ମୁଖରେ ଏସ୍‌ସିବି ମେଡିକାଲର ନିର୍ମାଣ ହୋଇଥିବା ନୂତନ ଫାଟକ ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି। ହେଲେ ଫାଟକ ସମ୍ମୁଖରେ ଭେଣ୍ଡିଂ ଜୋନ ରହିଥିବାରୁ ତାହା ଖୋଲା ଯାଇପାରୁ ନାହିଁ। ତେଣୁ ସେଠାରେ ଥିବା ଦୋକାନଗୁଡ଼ିକୁ ଯଥାଶୀଘ୍ର ସ୍ଥାନାନ୍ତର କରିବାକୁ ସିଏମ୍‌ସିକୁ କୁହାଯାଇଛି। ଏହାଛଡା ମେଡିକାଲ ପରିସରରେ ବହୁ ଉଠା ଦୋକାନୀ ରହିଥିବାରୁ ସେଗୁଡ଼ିକୁ ଉଠାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପୁଣି ମେଡିକାଲ ପରିସରରେ ରହୁଥିବା ଘରୋଇ ଆମ୍ବୁଲାନ୍ସଗୁଡ଼ିକୁ ବାହାରେ ରହିବାକୁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଡିସିପି ଅଖିଳେଶ୍ୱର ସିଂ, ଏସ୍‌ସିବି ମେଡିକାଲ ଅଧକ୍ଷ ସି.ବି.କେ. ମହାନ୍ତି, ଡିନ୍ ଜୟଶ୍ରୀ ମହାନ୍ତି, ମଙ୍ଗଳାବାଗ ଥାନା ଅଧିକାରୀ ଅମିତାଭ ମହାପାତ୍ର ଏବଂ ସିଏମ୍‌ସିର ସଦସ୍ୟମାନେ ଯୋଗ ଦେଇଥିଲେ।



ଟ୍ରାଫିକ ପରିଚାଳନା ବୈଠକରେ ଯୋଗଦେଇଥିବା କଟକ ଡିସିପି, ସିଏମ୍‌ସି ଓ ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷ।



ତୁମେ ଯଦି ଅଳ୍ପ କଥା କହିଲ,
ତୁମ ପ୍ରାର୍ଥନା ସର୍ବୋତ୍କୃଷ୍ଟ ହେବା
- ଲୁଥର



## ସଂକ୍ଷେପରେ

### ଟ୍ରକ ତଳେ ପଶିଗଲା ସ୍କୁଟି: ବର୍ତ୍ତିଗଲେ ଚାଳକ

**ଖୋର୍ଦ୍ଧା ଅଫିସ,୨୬।୩:** ନୂଆ ବସ୍‌ଷ୍ଟାଣ୍ଡ ଟ୍ରାଫିକ ଛକରେ ମଙ୍ଗଳବାର ସନ୍ଧ୍ୟାରେ ଯାନବାହନ ଭିଡ ଲାଗି ରହିଥାଏ। ପ୍ରାୟ ୮ଟାରେ ଟ୍ରାଫିକ ଛକ ଦେଇ ଟ୍ରକ୍ (ନଂ. ଓଡି୦୭ଏଫ୍ ୫୨୬୫) ଅତିକ୍ରମ କରୁଥାଏ। ବିପରୀତ ଦିଗରୁ ସ୍କୁଟି (ନଂ. ଓଡି ୦୨ ଏଏଚ ୦୭୨୫) ଟ୍ରକର ପଛ ଚକ ତଳେ ପଶି ଯାଇଥିଲା। ଡ୍ରାଇଭର ବିଚଳିତ ହୋଇ ପଡିଥିଲେ ମଧ ଗତି ଧୀର ଥିବାରୁ ବ୍ରେକ ମାରି ଗାଡିକୁ ଅଟକାଇବାରେ ସକ୍ଷମ ହୋଇଥିଲେ। ଏଭଳିସ୍ଥଳେ ନିକଟରେ ଥିବା ଲୋକମାନେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଭାଗ୍ୟ ବଶତଃ ସ୍କୁଟି ଚାଳକ ବର୍ତ୍ତି ଯାଇଥିଲେ। ଘଟଣା ସ୍ଥଳରେ ଟ୍ରାଫିକ ପୋଲିସ ନ ଥିଲା।

### ଯୁବକ ଗିରଫ, ଦେଶୀ ବନ୍ଧୁକ ଜବତ

**ଖୋର୍ଦ୍ଧା ଅଫିସ,୨୬।୩:** ବନ୍ଧୁକ ଦେଖାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଓ ହତ୍ୟା ଧମକ ଦେବା ଅଭିଯୋଗରେ ବାଣପୁର ଥାନା ପୋଲିସ ଅନ୍ତରକିଆରୀ ଗାଁର ତ୍ରିନାଥ ଦାସ ଓରଫ ମିଟୁ(୩୭)ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ମିଟୁଙ୍କ ଜାମିନ ନାମଞ୍ଜୁର ହେବା ପରେ ବାଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ମିଟୁଙ୍କଠାରୁ ଏକ ଦେଶୀ ବନ୍ଧୁକ ଓ ନମ୍ବରବିହୀନ ବାଇକ୍ ଜବତ ହୋଇଛି। କୁମାରଙ୍ଗ ଛକରେ ପୋଲିସ ସୋମବାର ପାଟ୍ରୋଲିଂ ସହ ଯାନବାହନ ଯାଞ୍ଚ କରୁଥିଲା। ଏହି ସମୟରେ ଅନ୍ତରକିଆରୀ ଗାଁର ମିଟୁ ସେହି ବାଟ ଦେଇଯିବା ବେଳେ ପୋଲିସକୁ ବନ୍ଧୁକ ଦେଖାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଓ ହତ୍ୟା ଧମକ ଦେଇଥିଲେ। ଏସ୍‌ଆଇ ଉମାକାନ୍ତ ସାହୁଙ୍କ ଅଭିଯୋଗକ୍ରମେ ଥାନାରେ ନଂ. ୮୮/୧୯ରେ ମାମଲା ରୁଜୁ କରି ଗିରଫ କରିଥିଲା। ମିଟୁ ନାଁରେ ବାଣପୁର ଥାନାରେ ୨ ଓ ବାଲୁଗାଁ ଥାନାରେ ୩ ମକଦ୍ଦମା ରହିଛି।

### କଂଗ୍ରେସର 'ଗରିବଙ୍କୁ ନ୍ୟାୟ, ଗରିବଙ୍କୁ ଆୟ' କାର୍ଯ୍ୟକ୍ରମ

**ବାଲୁଗାଁ,୨୬।୩(ଡି.ଏନ.ଏ.):** ଦେଶରୁ ଗରିବୀ ହଟାଇବା ପାଇଁ ଭାରତୀୟ ଜାତୀୟ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ 'ନ୍ୟୂନତମ ଆୟ ଯୋଜନା' ମଙ୍ଗଳବାର ଘୋଷଣା କରିଛନ୍ତି। ଚିଲିକା କଂଗ୍ରେସ ପକ୍ଷରୁ ଏ ନେଇ ଏକ କାର୍ଯ୍ୟକ୍ରମ ସ୍ଥାନୀୟ ଅଠରବାଟିଆ ପଞ୍ଚାୟତର ଚନ୍ଦ୍ରାପୁଟ ଗ୍ରାମଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତି ପରିବାରକୁ ଏହି ଯୋଜନା ମାଧ୍ୟମରେ ବାର୍ଷିକ ୭୨ହଜାର ଟଙ୍କା ମିଳିବ। ଏହି ଟଙ୍କା ସିଧାସଳଖ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବ ବୋଲି ଜଣାଯାଇଛି। ମଙ୍ଗଳବାର ଚିଲିକା କଂଗ୍ରେସର ସଙ୍ଗଠକ ପ୍ରଦୀପ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶତାଧିକ କର୍ମୀ ଯୋଗଦେଇ ଗରିବଙ୍କ ଗରିବୀ ହଟାଓ ଯୋଜନାକୁ ପ୍ରତି ଘରେ ପହଞ୍ଚାଇବାକୁ ଶପଥ ନେଇଥିଲେ। ଏନ୍‌ଏସି ସଭାପତି ବିଜୟ ରଥ, ଯୁବ କଂଗ୍ରେସ ସଭାପତି ସୁଶାନ୍ତ ସ୍ୱାଇଁ, ଦୁଃଖିଶ୍ୟାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଟାର୍ଗେଟ ଶେଷ, ଖୋଲୁନି ମଣ୍ଡି

# ବଢ଼ିଲା ଅଭାବୀ ଧାନ ବିକ୍ରି

- ଫେରାଦ ଚାଷୀଙ୍କୁ ଅଣଦେଖାର ପ୍ରତିବାଦ
- ଧାରଣା ପରେ ଅଭିଯୋଗ ଶୁଣିଲେ ଜିଲାପାଳ

**ଖୋର୍ଦ୍ଧା ଅଫିସ,୨୬।୩**

ଟାର୍ଗେଟ ଶେଷ ହୋଇଯାଇଥିବା ଦର୍ଶାଇ ମଣ୍ଡିରେ ଧାନ ବିକ୍ରି ବନ୍ଦ ରହିଛି। ଏଭଳିସ୍ଥଳେ ଖୋର୍ଦ୍ଧା ଜିଲାରେ ଅଭାବୀ ଧାନ ବିକ୍ରି ବଢ଼ି ଚାଲିଛି। ଧାନ କିଣିବାର ବ୍ୟବସ୍ଥା ଓ ଅଭାବୀ ଧାନ ବିକ୍ରି ବନ୍ଦ ଦାବିରେ ନବନିର୍ମାଣ କୃଷକ ସଙ୍ଗଠନ ଓ ବୋଲଗଡ ବ୍ଲକ ବାଙ୍କୋଇ ସେବା ସମବାୟ ସମିତି ଅଞ୍ଚଳରେ ଚାଷୀ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ରଙ୍କୁ ଫେରାଦ ହେବାକୁ ମଙ୍ଗଳବାର ଆସିଥିଲେ। ହେଲେ ଜିଲାପାଳ ମିଶ୍ର ଦେଖା କରିବାକୁ ମନା କରିଛନ୍ତି ବୋଲି ତାଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଥିଲା। ଏଣୁ ଚାଷୀମାନେ ଉତ୍ତେଜିତ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ବାରଣ୍ଡାରେ ଧାରଣା ଦେଇଥିଲେ। ଅପରାହ୍ନ ସାଢ଼େ ୧ଟାରୁ ଧାରଣା ଆରମ୍ଭ ହେବା ପରେ ଜିଲାପାଳ ମିଶ୍ର ଚାଷୀ ପ୍ରତିନିଧିଙ୍କୁ ଡକାଇ ଅଭିଯୋଗ ଶୁଣିଥିଲେ। ଅଭିଯୋଗ ଶୁଣିବା ପରେ ପ୍ରାୟ ଅଧ ଘଣ୍ଟାଏ ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଖରିଫ ଧାନ ଚାଷରେ ବିହନଠାରୁ ଆରମ୍ଭ କରି ଅମଳ ପର୍ଯ୍ୟନ୍ତ ଚାଷୀ ସଦାସର୍ବଦା ଅସୁବିଧାର ସମ୍ମୁଖୀନ ହୋଇଆସୁଛି। ଫସଲ ଆରମ୍ଭ ସମୟରେ ଚାହିଦା ଓ ଆବଶ୍ୟକ ମୁତାବକ ବିହନ ମିଳିଲା ନାହିଁ। ଚାଷୀ ବାଧ ହୋଇ ବେପାରୀ ପାଖରୁ ଧାନ ଆଣି ବିହନ ଭାବେ କାର୍ଯ୍ୟ ଚଳାଇଲେ। ସାର ମଧ କୃତ୍ରିମ ବଜାରରୁ କିଣିବାକୁ ପଡିଲା। ବର୍ଷା ଅଭାବ, ବର୍ଷା ଅଧିକ ହେବାରୁ ଧାନ ନଷ୍ଟ ହୋଇଥିଲା। ଧାନ ଅମଳ ସମୟରେ ପୁଣି ପୋକ ଦେଖା ଦେଲେ। ତଥାପି ଡେରିରେ ମଣ୍ଡି ଖୋଲିଲା। ଖୋର୍ଦ୍ଧା ଜିଲାରେ ଡିସେମ୍ବର ୧୪ରୁ ଧାନକ୍ରୟ ଆରମ୍ଭ ହେଲା। ୧୩୮ ମଣ୍ଡି ଓ ୧୨ ସବ୍‌ସେଣ୍ଟର ମାଧ୍ୟମରେ ଧାନ କିଣା ହେଉଥିଲା।

**ଅଖା ବାବଦ ଟଙ୍କା ଦେଉନାହାନ୍ତି**

ଧାନମଣ୍ଡିରେ ମିଲରମାନେ ବସ୍ତା ଦେଉନାହାନ୍ତି। ଚାଷୀଙ୍କ ବସ୍ତାରେ ଧାନ ନେଉଛନ୍ତି। ବସ୍ତା ବାବଦକୁ ୧୦ ଟଙ୍କା ମଧ ଦେଉନାହାନ୍ତି। ପ୍ରତିବାଦ କଲେ ଧାନ ନେଇ ଯାଅ କୁହାଯାଉଥିଲା। ଛାଷୀ ଧାନ ବସ୍ତା ବାବଦ ଅର୍ଥ ପାଇବାକୁ ମଧ ଫେରାଦ ହୋଇଥିଲେ। ଏ ନେଇ ନବ ନିର୍ମାଣ କୃଷକ ସଙ୍ଗଠନର ଜିଲା ସଂଯୋଜକ ସୁରେଶ ଚନ୍ଦ୍ର ମାନସିଂ କୁହନ୍ତି, ଅଖା ବସ୍ତା ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା ହୋଇଥିଲା। ଚାଷୀଙ୍କୁ ବସ୍ତା ପିଛା ୧୦ ଟଙ୍କା ଲେଖାଏ ଦେବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଖୁବ୍‌ଶୀଘ୍ର ଏ ବାବଦୀୟ ଅର୍ଥ ଚାଷୀ ପାଇବେ।



ଜିଲାପାଳଙ୍କୁ ଫେରାଦ ହେବାକୁ ଆସିଥିବା ଚାଷୀମାନେ କାର୍ଯ୍ୟାଳୟ ବାରଣ୍ଡାରେ ବସିଛନ୍ତି।

**ଟାର୍ଗେଟ ମାଗିଲା ଯୋଗାଣ ବିଭାଗ**

ଜିଲାରେ ୧୩ ଲକ୍ଷ ୮ ହଜାର କୁଇଣ୍ଟାଲ ଧାନ କିଣା ହେବାକୁ ଚଳିତ ଖରିଫ ଋତୁରେ ଲକ୍ଷ୍ୟ ରହିଛି। ଏଥିରୁ ୧୨ ଲକ୍ଷ ୯୩ ହଜାର ୨୫୦ କୁଇଣ୍ଟାଲ ଧାନ କିଣା ଶେଷ ହୋଇଛି। ଧାନ ବିକ୍ରି ପାଇଁ ୩୮, ୮୬୬ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ହେଲେ ସବୁ ଚାଷୀ ଧାନ ବିକ୍ରି କରି ପାରିନାହାନ୍ତି। ଏଭଳିସ୍ଥଳେ ଟାର୍ଗେଟ ଶେଷ ହୋଇଯାଇଛି। ଜିଲା ଯୋଗାଣ ବିଭାଗ ପକ୍ଷରୁ ୭୩ ହଜାର କୁଇଣ୍ଟାଲ ଧାନ କିଣିବାକୁ ସରକାରଙ୍କୁ ଟାର୍ଗେଟ ମଗା ଯାଇଛି। ସରକାର ଅନୁମତି ଦେଲେ ପୁଣି ଧାନ କିଣା ଆରମ୍ଭ ହେବ ବୋଲି ଜିଲା ଯୋଗାଣ ଅଧିକାରୀ ଗଣେଶ ଚୌଧୁରୀ ସୂଚନା ଦେଇଛନ୍ତି।



ବିଦ୍ୟାଳୟରେ ଜଣେ ମହିଳାଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରୁଛନ୍ତି।

## ବିଦ୍ୟାଳୟରେ କନ୍ୟା ରତ୍ନ କର ଯତ୍ନ କାର୍ଯ୍ୟକ୍ରମ

**ବେଗୁନିଆ,୨୬।୩ (ଡି.ଏନ.ଏ.)**

କନ୍ୟା ଜନ୍ମ ପରେ ପରିବାର ପାଇଁ ବୋଝ ସଦୃଶ ବୋଲି ଭ୍ରାନ୍ତ ଧାରଣା ଆମମାନଙ୍କ ମନରେ ରହିଆସିଛି। ତେବେ ତାହା ସମ୍ପୂର୍ଣ୍ଣ ଭୁଲ। ଏବେ ଯୁଗ ବଦଳିଯାଇଛି। ପୁଅ ତୁଳନାରେ ଝିଅ ସବୁ କ୍ଷେତ୍ରରେ ଆଗୁଆ ରହୁଛନ୍ତି। ତେବେ ଆସ ଭାଇ ଆମେ ସମସ୍ତେ ଟିକେ ସଚେତନ ହେବା, ଆମ ମନରେ ଦେଖାଦେଇଥିବା କନ୍ୟା ରତ୍ନ ପ୍ରତି ବିମୁଖ ମନୋଭାବକୁ ଦୂରୀଭୂତ କରିବା। ଏଭଳି ଏକ ମହତ ଆଭିମୁଖ୍ୟ ନେଇ ଆମେ ତୁମେ ସେମାନେ ଅନୁଷ୍ଠାନ ପକ୍ଷରୁ ସଚେତନ କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ କରାଯାଉଛି। ଏହି ସଙ୍ଗଠନ ପକ୍ଷରୁ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଗଁପୁର ଗ୍ରାମସ୍ଥିତ ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟ ସଭାଗୃହ ପରିସରରେ ସଚେତନ ଓ ସମ୍ବର୍ଦ୍ଧନା ସଭା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ ଖୋର୍ଦ୍ଧାର ଅଧକ୍ଷ ରାମଶଙ୍କର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଗ୍ରାମର ସଭାପତି ପରେଶ ଜଗଦ୍ଦେବ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ଅଖିଳେଶ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସୁଶାନ୍ତ କୁମାର ଶତପଥୀ ସହଯୋଗ କରିଥିଲେ। ଗ୍ରାମର ବହୁ ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଆୟୋଜକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ ଏକତ୍ରିତ ହୋଇ କନ୍ୟା ରତ୍ନ ପ୍ରତି ସଚେତନ ହୋଇଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କୁ କନ୍ୟା ରତ୍ନ ସମ୍ପର୍କରେ ଉତ୍ସାହିତ କରାଯିବା ସହ ବିଭିନ୍ନ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ଏହି ଅବସରରେ ଗ୍ରାମର ମହିଳା ମାମିନା ରଣାଙ୍କୁ ମାନପତ୍ର ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସଙ୍ଗଠନର ଆବାହକ ଦୁର୍ଗାପ୍ରସାଦ ଦାଶ ଧନ୍ୟବାଦ ଦେଇଥିଲେ।

## ନାଟ୍ୟ ଗ୍ରାମରେ ମାସିକିଆ ନାଟ୍ୟ କର୍ମଶାଳା

# ତାଲିମ ନେଉଛନ୍ତି ଛତିଶଗଡ, ଝାଡ଼ଖଣ୍ଡର ଛାତ୍ରୀଛାତ୍ର

**ଖୋର୍ଦ୍ଧା ଅଫିସ,୨୬।୩**

ଜିଲା ସଦର ମହକୁମାର ବାଜପୁର ରାସ୍ତାରେ ଥିବା ନାଟ୍ୟ ଚେତନାର ନାଟ୍ୟ ଗ୍ରାମଠାରେ ମାସିକିଆ କର୍ମଶାଳା ଚାଲୁ ରହିଛି। ଜାତୀୟ ନାଟ୍ୟ ବିଦ୍ୟାଳୟ ନୂଆଦିଲ୍ଲୀ ସହଯୋଗିତାରେ ମାର୍ଚ୍ଚ ୫ରୁ ଏହି କର୍ମଶାଳା ଆରମ୍ଭ ହୋଇଛି। ଏଥିରେ ଛତିଶଗଡ, ଝାଡଖଣ୍ଡ ଓ ଓଡ଼ିଶାର ୨୦ ଛାତ୍ରୀଛାତ୍ର ନିଜକୁ ନାଟ୍ୟ କର୍ମୀ ଭାବେ ତିଆରି କରିବାକୁ ତାଲିମ ନେଉଛନ୍ତି। କର୍ମଶାଳାରେ ତାଲିମ ମାଧ୍ୟମରେ ଆଧୁନିକ ନାଟକ ତ୍ୟାଗୀ ପ୍ରସ୍ତୁତ ଚାଲିଛି। ଯାହାକି ଏପ୍ରିଲ ୪ ରେ ଭଞ୍ଜକଳା ମଣ୍ଡପରେ ପରିବେଷିତ ହେବ। ଜାତିର ଜନକ ମୋହନ ଦାସ କରମଚାନ୍ଦ ଗାନ୍ଧୀଙ୍କ ଜୀବନୀକୁ ଭିତ୍ତି କରି ତ୍ୟାଗୀ ନାଟକ ରଚିତ ହୋଇଛି। ଏହି ନାଟକକୁ ନାଟ୍ୟକାର ସୁବୋଧ ପଟ୍ଟନାୟକ ଲେଖିଛନ୍ତି। କର୍ମଶାଳାକୁ ଅଭିନେତା ଅଜିତ୍ ଦାସ ଉଦ୍‌ଘାଟନ କରିଥିଲେ। ସ୍ୱର ଓ ବାଚିକ ଅଭିନୟର ତାଲିମଦାତା ଭାବେ ଦେଶର ପରିଚିତ କଳାକାର ଆସାମର ପାଞ୍ଚାଳ ସାଇକିଆ ୧୦ ଦିନ ହେଲା ତାଲିମ ଦେଉଛନ୍ତି। ଅଭିନୟ ଉପରେ ଅଧିକ ଜ୍ଞାନ ଓ କୌଶଳର ଶିକ୍ଷା ଜାତୀୟ ନାଟ୍ୟ ବିଦ୍ୟାଳୟ ନୂଆଦିଲ୍ଲୀ ପକ୍ଷରୁ ସୁକୁମାର ଟୁଡୁ ଓ ରାମଚନ୍ଦ୍ର ସାହୁ ଅନୁରୂପ ଭାବେ ଦେଉଛନ୍ତି। ଏଥିରେ ନିର୍ଦ୍ଦେଶକ ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଖ୍ୟାତି ସମ୍ପନ୍ନ ଛଉ ନୃତ୍ୟ, ଅଭିନୟ ଗୁରୁ ଶଶଧର ଆଚାର୍ଯ୍ୟ ଓ ଶିବ କୁମାର ଗୌଣ୍ଡ ସହ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି।



କର୍ମଶାଳାରେ ପିଲାମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

## ଟ୍ରକ ଧକ୍କାରେ ଜଣେ ମୃତ

**ବୋଲଗଡ଼,୨୬।୩(ଡି.ଏନ.ଏ.)**

ବୋଲଗଡ଼ ଥାନା ଟାଙ୍ଗୀସାହିଠାରେ ମଙ୍ଗଳବାର ଏକ ୪୦୭ ଟ୍ରକ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁଘଟିଛି । ମୃତ ବ୍ୟକ୍ତି ହେଉଛନ୍ତି ଟାଙ୍ଗିସାହି ଗ୍ରାମର ସମସୁର ଖାଁ (୫୨)। ବୋଲଗଡ଼ ଥାନରେ କେସ୍ ନଂ ୩୭/୧୯ ରୁଜୁ ହୋଇଛି। ସମସୁର ଟାଙ୍ଗୀସାହି ୫୭ନଂ ଜାତୀୟ ରାଜପଥରେ ଯାଉଥିବା ବେଳେ ନୟାଗଡରୁ ଭୁବନେଶ୍ୱର ଆସୁଥିବା ଟ୍ରକ୍(ନଂ-ଓଡି ୨୦ୱାଇ ୨୫୪୦) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ବୋଲଗଡ଼ ଥାନା ପୋଲିସ ପହଞ୍ଚି ଟ୍ରକ ଜବତ କରି ଡ୍ରାଇଭରଙ୍କୁ ଗିରଫ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ସମସୁର ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଦାବି ହେଉଛି।

## ଭାଗବତ ନାମଯଜ୍ଞ ଓ ସାଧୁ ମେଳା

**ବୋଲଗଡ଼,୨୬।୩(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ବଡକୁମାରୀ ପଞ୍ଚାୟତ ପାନନଗରସ୍ଥିତ ଶୂନ୍ୟ ଆଶ୍ରମଠାରେ ୨୨ତମ ବାର୍ଷିକ ଷୋଡଶ ପ୍ରହର ନାମଯଜ୍ଞ ଓ ସାଧୁମେଳା ଅନୁଷ୍ଠିତ ହେଉଛି। ରବିବାର ଶୁଭାଧିବାସ ହୋଇଥିବା ବେଳେ ବୁଧବାର ପର୍ଯ୍ୟନ୍ତ ଉତ୍ସବ ଅନୁଷ୍ଠିତ ହେବ। ସୋମବାର ଓ ମଙ୍ଗଳବାର ଅହୋରାତ୍ର ଭାଗବତ ନାମଯଜ୍ଞରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଛନ୍ତି। ବିଶ୍ୱଗୁରୁ ଶ୍ରୀଶ୍ରୀ ଅଚିହ୍ନା ପରମହଂସଦେବଙ୍କ ଶିଷ୍ୟ ତଥା ଭକ୍ତମାନଙ୍କ ତରଫରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବୁଧବାର ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ।



ଜଟଣୀ ଅଞ୍ଚଳରେ କଂଗ୍ରେସର ବିଧାୟକ ପ୍ରାର୍ଥୀ ସୁରେଶ ରାଉତରାୟ ପ୍ରଚାର କରୁଛନ୍ତି।

## କଂଗ୍ରେସ ପ୍ରାର୍ଥୀଙ୍କ ଘରକୁ ଘର ବୁଲି ପ୍ରଚାର

**ଜଟଣୀ, ୨୬।୩(ଡି.ଏନ.ଏ.)**

ଜଟଣୀ ନିର୍ବାଚନମଣ୍ଡଳୀରେ ଧୀରେ ଧୀରେ ରାଜନୀତି ସରଗରମ ହେବାରେ ଲାଗିଛି। କଂଗ୍ରେସ ପ୍ରାର୍ଥୀ ସୁରେଶ କୁମାର ରାଉତରାୟ ମଙ୍ଗଳବାର ଜଟଣୀ ସହରର ବିଭିନ୍ନ ଅଞ୍ଚଳରେ ଘରକୁ ଘର ବୁଲି ପ୍ରଚାର କରିଥିଲେ। ସମର୍ଥକ ଓ କର୍ମୀଙ୍କ ସହ ସୁରେଶ ସ୍ଥାନୀୟ ରାଜାବଜାର ଅଞ୍ଚଳର ବିଭିନ୍ନ ୱାର୍ଡ ବୁଲି ଭୋଟ୍ ଭିକ୍ଷା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କଂଗ୍ରେସ ନେତା ଉମାଶଙ୍କର ମିଶ୍ର, ସୀତାକାନ୍ତ ଶତପଥୀ, ପୂର୍ବତନ କାଉନ୍‌ସିଲର ବିଷ୍ଣୁ ସାହୁ, ଶୁଭେନ୍ଦୁ ପରିଜା, ଅନନ୍ତ ବେହେରା, ନଗର କଂଗ୍ରେସ ସଭାପତି ଅଶୋକ ମଙ୍ଗରାଜ, ଆଲୋକ ମହାନ୍ତି, ନୌସର ଅଲ୍ଲୀ, ରବି ଦାସ, ସୁନୀଲ ରାଉତରାୟ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ବ୍ୟତୀତ ସୋମବାର ଭାଜପା ପକ୍ଷରୁ ବିଶ୍ୱରଞ୍ଜନ ବଡ଼ଜେନାଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଛି। ହେଲେ ବିଜେଡି ପ୍ରାର୍ଥୀଙ୍କ ନାମ ଏ ଯାବତ୍ ଘୋଷଣା ହୋଇନାହିଁ।

## ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ୨୮ରେ ପ୍ରାର୍ଥିପତ୍ର ଦାଖଲ

# ବିଜେଡି, କଂଗ୍ରେସର ଚୂଡ଼ାନ୍ତ ହୋଇପାରୁନି ପ୍ରାର୍ଥୀ ଚୟନ

**ଖୋର୍ଦ୍ଧା ଅଫିସ,୨୬।୩**

ଏପ୍ରିଲ ୨୩ରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ହେବ। ଏଥିରେ ଓଡ଼ିଶାର ୬ ଲୋକ ସଭା ଓ ୪୨ ବିଧାନସଭା ରହିଛି। ସେଥିମଧରେ ଭୁବନେଶ୍ୱର ଲୋକସଭା ଅଧୀନରେ ଖୋର୍ଦ୍ଧା ଜିଲାର ଜୟଦେବ (ଏସ୍‌ସି), ଭୁବନେଶ୍ୱର ମଧ (ସାଧାରଣ), ଭୁବନେଶ୍ୱର ଉତ୍ତର (ସାଧାରଣ), ଭୁବନଶ୍ୱେର ଏକାମ୍ର (ସାଧାରଣ), ଜଟଣୀ (ସାଧାରଣ), ବେଗୁନିଆ (ସାଧାରଣ), ଖୋର୍ଦ୍ଧା (ସାଧାରଣ) ୭ ବିଧାନ ସଭା ନିର୍ବାଚନମଣ୍ଡଳୀ ରହିଛି। ସେହିଭଳି ପୁରୀ ଲୋକସଭା ଅଧୀନରେ ଜିଲାର ଚିଲିକା (ସାଧାରଣ) ନିର୍ବାଚନମଣ୍ଡଳୀ ରହିଛି। ଏଗୁଡିକ ପାଇଁ ମାର୍ଚ୍ଚ ୨୮ରୁ ଏପ୍ରିଲ ୪ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ କରାଯିବ। ଖୋର୍ଦ୍ଧା, ବେଗୁନିଆ ଓ ଚିଲିକା ନିର୍ବାଚନମଣ୍ଡଳୀରେ ଭାଜପାକୁ ଛାଡି ଦେଲେ କଂଗ୍ରେସ ଓ ବିଜେଡି ଦୁଇ ପ୍ରମୁଖ ରାଜନୈତିକ ଦଳ ସେମାନଙ୍କ ପ୍ରାର୍ଥୀ ଚୟନ କରି ପାରିନାହାନ୍ତି। ଭାଜପା ପକ୍ଷରୁ ଖୋର୍ଦ୍ଧାରେ କାଳୁ ଖଣ୍ଡାୟତରାୟ, ବେଗୁନିଆରେ ରିଷଭ ନନ୍ଦ, ଚିଲିକାରେ ପୃଥ୍ୱୀରାଜ ହରିଚନ୍ଦନ କେବଳ ଟିକେଟ ପାଇଛନ୍ତି। ଦୁଇଦଳ ପକ୍ଷରୁ ଆଶାୟୀମାନେ ଆଶା ଓ ଆଶଙ୍କାରେ ଅଛନ୍ତି।

## ଟେଣ୍ଟୁଳିମୂଳ ଗୁଳିମାଡ଼ ଘଟଣା

# ଏତଲାରେ ଭାଜପା ପ୍ରାର୍ଥୀଙ୍କ ନାମକୁ ବିରୋଧ

**ନିରାକାରପୁର,୨୬।୩(ଡି.ଏନ.ଏ.)**

ହୋଲିଖେଳକୁ କେନ୍ଦ୍ରକରି ଜଙ୍କିଆ ଥାନା ଅଞ୍ଚଳରେ ଗୁଳିମାଡ଼ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଗୁଳିମାଡ଼ର ଶିକାର ହୋଇଛନ୍ତି ଯୁଧିଷ୍ଠିର ପାଇକରାୟ(୫୫)। ତେବେ ଏହି ଘଟଣାରେ ହୋଇଥିବା ଅଭିଯୋଗରେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ଭାଜପା ପ୍ରାର୍ଥୀଙ୍କ ନାମ ରହିଥିବାରୁ ଦଳ ପକ୍ଷରୁ ବିରୋଧ କରାଯାଇଛି। ସୋମବାର ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ନିରଞ୍ଜନ ମଙ୍ଗରାଜଙ୍କ ଆବାହକତ୍ୱରେ ରାମେଶ୍ୱର ପଞ୍ଚାୟତସ୍ଥ ପାନ୍ଥନିବାସରେ ଏ ନେଇ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଯାଇଛି। ହିଂସାକାଣ୍ଡରେ ଭାଜପା ନେତାଙ୍କ ସମ୍ପୃକ୍ତିକୁ ନେଇ ଯେଉଁ ଅଭିଯୋଗ ହୋଇଛି ତାହାକୁ ଦୃଢ଼ ନିନ୍ଦା କରାଯିବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି। ସୂଚନାଯୋଗ୍ୟ, ଏହି ଥାନା ଅନ୍ତର୍ଗତ ଟେଣ୍ଟୁଳିମୂଳ ମଶାଣିଆ ସାହିରେ ହୋଲି ଖେଳବେଳେ ପାଇକରାୟଙ୍କ ଗୋଡକୁ ୨ ରାଉଣ୍ଡ ଗୁଳିମାଡ଼ ହୋଇଥିଲା। ଘଟଣାକୁ ନେଇ ଉକ୍ତ ଗ୍ରାମର ଝିଲି ମହାପାତ୍ରଙ୍କ ଅଭିଯୋଗ ଅନୁସାରେ ଜଙ୍କିଆ ପୋଲିସ କେସ୍ ନଂ ୪୭/୧୯ରେ ତଦନ୍ତ ଆରମ୍ଭ କରିଛି। ପୋଲିସ ଏ ଘଟଣାରେ ଗୋଟିଏ ଖାଲି ଖୋକା, ଗୋଟିଏ ସ୍କୁଟି, ଗୋଟିଏ ବାଇକ୍ ଜବତ କରିବା ସହ ୩ ଜଣଙ୍କୁ ଥାନାରେ ଅଟକ ରଖିଥିଲା। ତେବେ ଘଟଣାଟିକୁ ଶାସକ ବିଜେଡି ରାଜନୈତିକ ରୂପ, ରଙ୍ଗ ଦେବାକୁ ଯାଇ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ କାଳୁ ଖଣ୍ଡାୟତରାୟଙ୍କ ନାମରେ ଏତଲା ଦେଇ ତାଙ୍କୁ ବଦନାମ୍ କରିବାକୁ ଚେଷ୍ଟା କରୁଛି ବୋଲି ଭାଜପା ନିନ୍ଦା କରିଛି। ଏହାକୁ ଏକ ରାଜନୈତିକ ଚାପ ବା ଚକ୍ରାନ୍ତ ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଏହାର ନିରପେକ୍ଷ ତଦନ୍ତ ସହ ଖଣ୍ଡାୟତରାୟଙ୍କ ନାମରେ ଦିଆଯାଇଥିବା କେସ୍ ପ୍ରତ୍ୟାହାର କରାଯାଉ ବୋଲି ଭାଜପା ଦାବି କରିଛି। ସମ୍ମିଳନୀରେ ଜଙ୍କିଆ ସରପଞ୍ଚ ରାଜେନ୍ଦ୍ର ସାମନ୍ତରାୟ, ଖୋର୍ଦ୍ଧା ମିଡିଆ ସେଲ୍ ପ୍ରମୁଖ ଦେବବ୍ରତ ଆଚାର୍ଯ୍ୟ, ରାମଚନ୍ଦ୍ର ପରିଡା, ମଙ୍ଗୁଳି ଜେନା, ଗଗନ ବିହାରୀ ମଲ୍ଲ, ରମାକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ଶୁଭଖୁଣ୍ଟକୁ ଶୋଭାଯାତ୍ରାରେ ନିଆଯାଉଛି।

## ମାଲୁଦ ପଞ୍ଚୁଦୋଳ, ପହଞ୍ଚିଲା ଯାତ୍ରା ଶୁଭଖୁଣ୍ଟ

# ୨୩ ଠାକୁରଙ୍କ ସହ ବିଜେ ହୁଅନ୍ତି ଦଧିବାମନ

**କୃଷ୍ଣପ୍ରସାଦ,୨୬।୩ (ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ପ୍ରସିଦ୍ଧ ପଞ୍ଚୁଦୋଳ ଯାତ୍ରା ପାଇଁ ମଙ୍ଗଳବାର ଶୁଭଖୁଣ୍ଟ ପଡିଆରେ ପହଞ୍ଚିଥିବା ଜଣାପଡ଼ିଛି। ଶତାଧିକ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ସୁସଜ୍ଜିତ ୭୦ ଫୁଟ ଉଚ୍ଚତା ବିଶିଷ୍ଟ ଶୁଭଖୁଣ୍ଟକୁ ନେଇ ଯାତ୍ରାପଡିଆରେ ପୋତା(ସ୍ଥାପନା) ଯାଇଥିଲା। ଉକ୍ତ ପଡିଆକୁ ମାଲୁଦ ଦଧିବାମନଦେବ ଏବଂ ବଜ୍ରକୋଟ ଗାଁ କୁଞ୍ଜେଶ୍ୱରୀଙ୍କ ପୀଠରୁ ଏହିଭଳି ୨ଟି ଶୁଭଖୁଣ୍ଟ ଯାଇଥାଏ। ୨୪ ମୌଜା ପରିଚାଳନା କମିଟି ଦ୍ୱାରା ଯାତ୍ରା ପରିଚାଳନା କରାଯାଏ। ମାଲୁଦ ଦଧିବାମନଦେବ ସମସ୍ତ ଠାକୁରଙ୍କୁ ନିମନ୍ତ୍ରଣ କରିଥାନ୍ତି। ଦଧିବାମନଦେବଙ୍କ ମାର୍ଫତଦାର ମୌଜାର ସଭାପତି ଦାୟିତ୍ୱ ନିର୍ବାହ କରିଥାନ୍ତି। ବୁଧବାର ଭୋରରୁ ପଟୁଆର ସହ ବିଭିନ୍ନ ଗ୍ରାମରୁ ସୁସଜ୍ଜିତ ମେଢ଼ରେ ୨୩ ଠାକୁରଙ୍କୁ ପଡିଆକୁ ବିଜେ କରାଯାଏ। ସେଠାରେ ଠାକୁରଙ୍କୁ ୩ ଦିନ ଧରି ଭୋଗ ଅର୍ପଣ କରାଯାଏ। ଏହି ଉତ୍ସବବେଳେ ୨ଟି ଗଣନାଟ୍ୟ ମନୋରଞ୍ଜନ ପରିବେଷଣ କରିଥାନ୍ତି। ଠାକୁରଙ୍କ ମେଳଣ ଦେଖିବା ପାଇଁ ପୁରୀ, ଗଞ୍ଜାମ, ନୟାଗଡ, ଖୋର୍ଦ୍ଧା ଜିଲାରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇଥାନ୍ତି। ଏହି ଅବସରରେ ଦୋକାନ ବଜାରରେ ଭିଡ଼ ଜମିଥାଏ। ଶାନ୍ତିଶୃଙ୍ଖଳା ତଥା ସୁରକ୍ଷା ପାଇଁ କୃଷ୍ଣପ୍ରସାଦ ପୋଲିସ ସହଯୋଗ କରିଥାନ୍ତି। କମିଟି ତରଫରୁ ମଧ ସ୍ୱେଚ୍ଛାସେବୀ ନିୟୋଜିତ କରାଯାଇଥିବା ଅନୁଷ୍ଠାନର ସଭାପତି ସଂଗ୍ରାମ କେଶରୀ ପଟ୍ଟନାୟକ କହିଛନ୍ତି।

## ସିକୋ ୩ ଦୋଳ ଯାତ୍ରା ଶେଷ, ସିମୋର ପଞ୍ଚୁଦୋଳ ଯାତ୍ରା ଆରମ୍ଭ

**ବେଗୁନିଆ, ୨୬।୩(ଡି.ଏନ.ଏ.)**

ପ୍ରତିବର୍ଷ ଫଗୁଦଶମୀ ତିଥି ଆସିଲେ ଗାଁ ଗଣ୍ଡାର ପୂରପଲ୍ଲୀ ଅବିରମୟ ହୋଇଯାଏ। ତାହା ସାଙ୍ଗକୁ ଦୋଳ ଯାତ୍ରାର ମହକ ଶ୍ରଦ୍ଧାଳୁମାନଙ୍କୁ ବିଭୋର କରି ପକାଇଥାଏ। ତେବେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ବହୁ ସ୍ଥାନରେ କେଉଁ ଆବହମାନ କାଳରୁ ଦୋଳ ଯାତ୍ରା ପାଳିତ ହୋଇ ଆସୁଛି। ହେଲେ ଆଧୁନିକତାର ସ୍ପର୍ଶରେ ଦିନକୁ ଦିନ ଯାତ୍ରା ପଡିଆର ମହକ କମୁଛି। ତଥାପି ଏବେବି ପରମ୍ପରା ବଞ୍ଚି ରହିଛି। ସିକୋ ଗ୍ରାମସ୍ଥିତ ୩ ଦୋଳ ଯାତ୍ରା ସୋମବାର ଉଦ୍‌ଯାପିତ ହୋଇଥିବାବେଳେ ବୁଧବାର ଭୋରରୁ ସିମୋର ଗ୍ରାମର ପଞ୍ଚୁଦୋଳ ଯାତ୍ରା ଆରମ୍ଭ ହୋଇଛି। ଦୋଳ ପୂର୍ଣ୍ଣମୀର ୫ ଦିନ ପରେ ଉକ୍ତ ଗ୍ରାମର ଶ୍ରଦ୍ଧାଳୁମାନେ ବାଛବିଚାର ନ ରଖି ଏକଜୁଟ ହୋଇଯାଇଥିଲେ ମନ୍ଦିର ପରିସରରେ। ପରେ ଗଁପୁର ଗ୍ରାମର ସୋମନାଥ ଦେବ ଠାକୁରଙ୍କୁ ଦୋଳ ବିମାନରେ ବସାଇ ମଙ୍ଗଳବାର ରାତି ପ୍ରାୟ ୧୦ଟାରେ ଗ୍ରାମ ପରିକ୍ରମା କରାଯାଇଥିଲା। ପରମ୍ପରାର ସ୍ମୃତିକୁ ନ ଭୁଲି ଚଳିତବର୍ଷ କମିଟି ପକ୍ଷରୁ ସ୍ଥାନୀୟ ସିମୋର ଗ୍ରାମର ଭାଗବତ ଦେବ, ଗୋପୀନାଥ ଦେବ ଓ ବାଲୁଙ୍କେଶ୍ୱର ଦେବ ଠାକୁର ନିମନ୍ତ୍ରିତ ହୋଇ ସାହି ପଟୁଆରରେ ବାହାରିଥିଲେ। ଶୋଭାଯାତ୍ରା ଆଗରେ ଘୋଡାନାଚ, ବୁଢାବୁଢୀ, କଳାଘୋଡା, ବାଘବାଘୁଣି ଆଦି ବିଭିନ୍ନ ବେଶ ଧାରୀ ନୃତ୍ୟ ପରିବେଷଣ କରାଯାଇଥିଲା। ବାଜା, ବାଣ ଓ ଏଲଇଡି ଲାଇଟ ସହ ଘଣ୍ଟ ଘଣ୍ଟା ଓ ଖୋଳତାଳରେ ଶ୍ରଦ୍ଧାଳୁମାନେ ମଜି ଯାଇଥିଲେ। ଥାନପତି ଠାକୁର ଭାବେ ସୋମନାଥ ଦେବ ପଡିଆକୁ ଆଗମନ କରିବା ପରେ ଆଖପାଖ ପ୍ରାୟ ୮ଟି ଗ୍ରାମର ୩୦ ଦୋଳ ବିମାନରେ ଚଳନ୍ତି ପ୍ରତିମା ଏଠାରେ ପୂଜା ପାଇଥିଲେ।



ସିକୋ ମେଳଣରେ ବିମାନରେ ଠାକୁରମାନେ।



ତୁମେ ଯଦି ଅଳ୍ପ କଥା କହିଲ, ତୁମ ପ୍ରାର୍ଥନା ସର୍ବୋତ୍କୃଷ୍ଟ ହେବ।
-ଲୁଥର



## ସଂକ୍ଷେପରେ



### ଦ୍ୱିତୀୟ ଦିନରେ ବ୍ରହ୍ମଗିରି ପଞ୍ଚୁଦୋଳ ମେଳଣ

**ବ୍ରହ୍ମଗିରି, ୨୬।୩(ଡି.ଏନ୍.ଏ.):** ବ୍ରହ୍ମଗିରି ପଞ୍ଚୁଦୋଳ ବା ପଞ୍ଚୁ ପାଣ୍ଡବ ମେଳଣ ସାହିଯାତ ପାଇଁ ପ୍ରସିଦ୍ଧ। ସୋମବାରଠାରୁ ଆରମ୍ଭ ହୋଇଥିବା ଏହି ମେଳଣ ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ନାଗାନାଚ ଓ ମେଢ଼ନୃତ୍ୟକୁ ନେଇ ଅନୁଷ୍ଠିତ ହେଉଥିବା ସାହିଯାତରେ ଗାଁ ଦାଣ୍ଡ ଦୁଲୁକିପଡୁଛି। ଏହି ନାଗାନୃତ୍ୟ ପାଇଁ ଏକମାସ ଆଗରୁ ଚାଲେ ପ୍ରସ୍ତୁତି ପର୍ବ। ଗ୍ରାମର ଯୁବକଠାରୁ ବୃଦ୍ଧଙ୍କ ମଧ୍ୟରେ ସୃଷ୍ଟି ହୋଇଥାଏ ଏକ ନୂତନ ଉଦ୍ଦୀପନା। ବ୍ରହ୍ମଗିରି ପଞ୍ଚୁଦୋଳ ମେଳଣର ମୁଖ୍ୟ ଆକର୍ଷଣ ୧୦୮ ବିମାନରେ ଠାକୁରମାନଙ୍କ ମିଳନ ଏବଂ ସାହିଯାତରେ ନାଗା ମେଢ଼ର ନୃତ୍ୟ। କେଉଁ ଅନାଦି କାଳରୁ ପଞ୍ଚପାଣ୍ଡବ ମେଳଣ ସହିତ ଏହି ସାହିଯାତ ପରମ୍ପରା ଯୋଡ଼ିହୋଇଛି। ବ୍ରହ୍ମଗିରିର ବିଭିନ୍ନ ସାହିର ଯୁବକମାନେ ବିଭିନ୍ନ ଦେବଦେବୀଙ୍କ ମୁଖା ପରିଧାନକରି ବାଉଁଶପାତିଆ, ଜରି ଜମ୍ଭୁରା ଦ୍ୱାରା ୧୦ଫୁଟ ଆକୃତିର ଏକ ମେଢ଼କୁ ପରିଧାନ କରି ଶିଳ୍ପୀ ବିଭିନ୍ନ ବାଦ୍ୟର ତାଳେ ତାଳେ ନୃତ୍ୟ କରିଥାନ୍ତି। ଏହି ନୃତ୍ୟ କେବେଠାରୁ ଆରମ୍ଭ ଏହାର ଠିକ୍ ପ୍ରମାଣ ନ ଥିଲେ ମଧ୍ୟ ଏଭଳି ଏକ ନୃତ୍ୟକୁ ଅଞ୍ଚଳବାସୀ ବଞ୍ଚାଇ ରଖିଛନ୍ତି।

### ବସନ୍ତ ସାହିତ୍ୟ ଆସର

**ପୁରୀ ଅଫିସ, ୨୬।୩ :** ସ୍ଥାନୀୟ ସର୍ବମଙ୍ଗଳା ପାଠାଗାର ପରିସରରେ ସୋମବାର ବର୍ଷା ସାହିତ୍ୟ ସଂସଦର ବସନ୍ତ ସାହିତ୍ୟ ଆସର ଓ ପୁସ୍ତକ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଂଯୋଜକ ଦୀନବନ୍ଧୁ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କବି ରାମଚନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ପୁରୀ ସରକାରୀ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଜେନାମଣି ସୁବାସ ଚନ୍ଦ୍ର ଜେନା ଏବଂ ସମ୍ମାନିତ ଅତିଥି ଭାବେ କବୟିତ୍ରୀ ସୁଶ୍ରୀ ହରପ୍ରିୟା ସାହୁ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭାପତି ଦାମୋଦର ମହାନ୍ତି ସଂସଦର ବିଭିନ୍ନ କାର୍ଯ୍ୟପନ୍ଥା ସମ୍ପର୍କରେ କହିଥିଲେ। ଦାମୋଦର ମହାନ୍ତି କବି ମାନସ ପଟ୍ଟନାୟକଙ୍କ କବିତା ପୁସ୍ତକ 'ରୂପସୀ' ର ବିସ୍ତୃତ ଆଲୋଚନା କରିଥିଲେ । କବି ସସ୍ମିତା ମହାନ୍ତି ଓ ସଂଘମିତ୍ରା ଦାସଙ୍କ ସଂଯୋଜନାରେ ମନୋଜ୍ଞ କବିତା ପାଠ କରାଯାଇଥିଲା। ଏଥିରେ ବହୁ କବୟିତ୍ରୀ କବି ସ୍ୱରଚିତ କବିତା ପାଠ କରିଥିଲେ। ସମ୍ପାଦକ ନୃସିଂହ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମନୋରମା ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

### ରାସ୍ତାକଡ଼ରୁ ଗୁରୁତର ଅବସ୍ଥାରେ ମହିଳା ଉଦ୍ଧାର

**ନିମାପଡ଼ା, ୨୬।୩(ଡି.ଏନ୍.ଏ.):** ନିମାପଡ଼ା-ବାମନାଳ ରାସ୍ତାର ଜଅଁରା ଗ୍ରାମ ନିକଟ ରାସ୍ତାକଡ଼ରୁ ମଙ୍ଗଳବାର ସନ୍ଧ୍ୟାରେ ଜଣେ ମହିଳା ଗୁରୁତର ଅବସ୍ଥାରେ ତଳେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନିମାପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମହିଳାଙ୍କ ନାମ ଜଣାପଡି ନ ଥିବା ବେଳେ ତାଙ୍କ ଘର ଗୋପ ଥାନା ଅନ୍ତର୍ଗତ ନୁଆଖୋଲମରା ଅଞ୍ଚଳରେ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ତେବେ ମହିଳାଜଣଙ୍କ କିପରି ଏଠାକୁ ଆସିଲେ ତାହା ଅସ୍ପଷ୍ଟ ରହିଛି। ଏନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

### ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

**ନିମାପଡ଼ା, ୨୬।୩(ଡି.ଏନ୍.ଏ.):** ନିମାପଡ଼ା ବ୍ଲକ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଧନୁଆଁ, ରେଞ୍ଚ, ଅଲଣ୍ଡା ପଞ୍ଚାୟତରେ ମଙ୍ଗଳବାର 'ହକ୍ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବ୍ଲକ ଅଧୀନ ହରିଶପୁର ମେଲଣ ପଡିଆରେ ଏକ ସାଧାରଣସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିଭାବେ ବିଧାୟକ ସମୀର ରଞ୍ଜନ ଦାଶ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ସନାତନ ପ୍ରଧାନ, ଅଶୋକ ସାହ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିବା ବେଳେ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ଯୁବକ ଓ ଛାତ୍ର ଯୋଗଦେଇଥିଲେ।

■ ପୁରୀ ଜିଲାରେ ଭୋଟର ସଂଖ୍ୟା

# ପୁରୀରେ ସର୍ବାଧିକ, ସତ୍ୟବାଦୀରେ ସର୍ବନିମ୍ନ

**ପୁରୀ ଅଫିସ, ୨୬।୩**

## କାକଟପୁର, ନିମାପଡ଼ାରେ ଅଧିକ ଏବଂ ପୁରୀରେ କମ୍ ବୁଥ୍

ଆସୁଛି ସାଧାରଣ ନିର୍ବାଚନ। ଆରମ୍ଭ ହୋଇଗଲାଣି ପ୍ରସ୍ତୁତି ପର୍ବ। ପୁରୀ ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ଆଗାମୀ ନିର୍ବାଚନ ପାଇଁ ବସୁଛି ଘନ ଘନ ବୈଠକ। ପ୍ରସ୍ତୁତ ହେଉଛି ଅବାଧ, ନିରପେକ୍ଷ ନିର୍ବାଚନ ସଂକ୍ରାନ୍ତୀୟ କାର୍ଯ୍ୟଖସଡ଼ା। ଏଥିମଧ୍ୟରେ ଭୋଟର ତାଲିକା ଉପରେ ମଧ୍ୟ ଫୋକସ ରଖିଛି ପ୍ରଶାସନ। ଜିଲାର କେଉଁ ନିର୍ବାଚନମଣ୍ଡଳୀରେ କେତେ ଭୋଟର ଅଛନ୍ତି, କେତୋଟି ବୁଥ୍ ହେବ ସେ ନେଇ ମଧ୍ୟ ଆଲୋଚନା କରାଯାଉଛି। ତେବେ ଏଥର ପୁରୀ ଜିଲାରେ ମୋଟ ଭୋଟରଙ୍କ ସଂଖ୍ୟା ରହିଛି ୧୩, ୫୪,୨୫୫। ଏଥିମଧ୍ୟରୁ ପୁରୀ ନିର୍ବାଚନମଣ୍ଡଳୀରେ ସର୍ବାଧିକ ଭୋଟର ରହିଥିବା ବେଳେ ସତ୍ୟବାଦୀ ନିର୍ବାଚନମଣ୍ଡଳୀରେ ସର୍ବନିମ୍ନ ଭୋଟର ଥିବା ଜଣାପଡିଛି ।

ପୁରୀ ଜିଲାରେ ୬ଟି ବିଧାନସଭା ନିର୍ବାଚନମଣ୍ଡଳୀ କାକଟପୁର, ନିମାପଡ଼ା, ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଏବଂ ପିପିଲି ରହିଛି। ଏହି ନିର୍ବାଚନ ମଣ୍ଡଳୀଗୁଡ଼ିକ ମଧ୍ୟରୁ ପୁରୀରେ ସର୍ବାଧିକ ୨,୩୯,୪୩୧ ଭୋଟର ରହିଛନ୍ତି। ଏମାନଙ୍କ ମଧ୍ୟରେ ପୁରୁଷ ୧,୨୪,୫୩୭, ମହିଳା ୧,୧୪,୮୬୪ ଜଣ ରହିଥିବା ବେଳେ ଅନ୍ୟାନ୍ୟ ଭୋଟରଙ୍କ ସଂଖ୍ୟା ୩୦ ରହିଛି। ସେହିପରି କାକଟପୁରରେ ମୋଟ ଭୋଟର ହେଉଛନ୍ତି ୨,୩୬,୬୫୫। ଏମାନଙ୍କ ମଧ୍ୟରେ ପୁରୁଷ ୧,୨୩,୬୩୧ ଓ ମହିଳା ୧,୧୩,୦୨୪ଜଣ ଅଛନ୍ତି। ନିମାପଡ଼ାରେ ମୋଟ ଭୋଟର ସଂଖ୍ୟା ୨,୩୬,୨୯୯। ଏଥିରେ ପୁରୁଷ ୧,୨୨,୫୯୩, ମହିଳା ୧,୧୩,୬୯୨ ଏବଂ ଅନ୍ୟାନ୍ୟ ଭୋଟର ହେଉଛନ୍ତି ୧୪ ଜଣ। ବ୍ରହ୍ମଗିରିରେ ମୋଟ ଭୋଟର ୨,୧୪,୩୦୫। ଏଥିରେ ପୁରୁଷ ୧,୧୦,୮୫୭, ମହିଳା ୧,୦୩,୪୩୭ ଏବଂ ଅନ୍ୟାନ୍ୟ ଭୋଟର ୧୧ ଜଣ ଅଛନ୍ତି। ସତ୍ୟବାଦୀରେ ମୋଟ ଭୋଟର ୨,୦୪,୦୭୧। ଏମାନଙ୍କ ମଧ୍ୟରେ ପୁରୁଷ ୧,୦୬,୩୨୭, ମହିଳା ୯୭,୭୪୧ ଏବଂ ଅନ୍ୟାନ୍ୟ ଭୋଟରଙ୍କ ସଂଖ୍ୟା ୩ ରହିଛି। ସେହିପରି ପିପିଲିର ମୋଟ ଭୋଟର ହେଉଛନ୍ତି ୨,୨୩,୪୯୪। ଏଥିରେ ପୁରୁଷ ୧,୧୬,୨୯୬, ମହିଳା ୧,୦୭,୧୯୬ ରହିଥିବା ବେଳେ ୨ ଜଣ ଅନ୍ୟାନ୍ୟ ଭୋଟର ଅଛନ୍ତି। ଜିଲାର ମୋଟ ଭୋଟର ସଂଖ୍ୟାକୁ ଦେଖିଲେ ପୁରୁଷ ଭୋଟର ହାର ହେଉଛି ୭୮.୪୫ ଏବଂ ମହିଳା ଭୋଟର ହାର ହେଉଛି ୭୫.୨୯ ପ୍ରତିଶତ।

ଏଥର ଭୋଟ ଗ୍ରହଣ ଲାଗି ଜିଲାର ୬ଟି ନିର୍ବାଚନମଣ୍ଡଳୀରେ ମୋଟ ୧,୫୯୩ଟି ବୁଥ୍ କରାଯାଇଛି। ଏଥିମଧ୍ୟରୁ କାକଟପୁର ଏବଂ ନିମାପଡ଼ାରେ ସର୍ବାଧିକ ୨୮୦ଟି ଲେଖାଏ ବୁଥ୍ କରାଯାଇଛି। ସେହିପରି ପୁରୀରେ ସବୁଠୁ କମ୍ ଅର୍ଥାତ୍ ୨୩୫ଟି ବୁଥ୍ କରାଯାଇଛି। ଅନ୍ୟାନ୍ୟ ନିର୍ବାଚନମଣ୍ଡଳୀ ମଧ୍ୟରେ ବ୍ରହ୍ମଗିରିରେ ୨୭୧, ସତ୍ୟବାଦୀରେ ୨୫୪ ଏବଂ ପିପିଲିରେ ୨୭୩ଟି ଭୋଟ ଗ୍ରହଣ କେନ୍ଦ୍ର କରାଯାଇଛି। ମୋଟ ବୁଥ୍ ମଧ୍ୟରୁ ୧୪୫ଟିକୁ ସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ କରାଯାଇଛି। ଏଥିମଧ୍ୟରେ ବ୍ରହ୍ମଗିରିର ସର୍ବାଧିକ ୧୦୮ଟି ବୁଥ୍ ରହିଛି। ଏହିସବୁ ବୁଥ୍‌ରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡାକଡି କରାଯିବ ବୋଲି ଜଣାପଡିଛି।

# ପୁରୀ ଇଞ୍ଜିନିୟରିଂ ସ୍କୁଲର ବାର୍ଷିକୋତ୍ସବ




ବାର୍ଷିକ ଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ପୁରୀ ଅଫିସ, ୨୬।୩**

ପୁରୀ ସହର ଉପକଣ୍ଠ ବାଲିଗୁଆଳି ସ୍ଥିତ ପୁରୀ ଇଞ୍ଜିନିୟରିଂ ସ୍କୁଲର ୧୧ତମ ବାର୍ଷିକୋତ୍ସବ ମଙ୍ଗଳବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଚେୟାରମ୍ୟାନ ଅନିମା ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ସାମାଜିକ କର୍ମୀ କାଶୀନାଥ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବୈଷୟିକ ଶିକ୍ଷାର ବିକାଶ ଉପରେ କହିଥିଲେ। ଡ. ଭକ୍ତିଭୂଷଣ ବାରିକ, ପୁରୀ ଫାର୍ମାସୀ କଲେଜ ଅଧ୍ୟକ୍ଷ ପ୍ରଫେସର ଅମିୟକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରି ଛାତ୍ରୀଛାତ୍ରଙ୍କ ଉତ୍ତମ ଚରିତ୍ର ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ରୋଜା ପ୍ରିୟଦର୍ଶୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ସୁଧାଂଶୁ ଶେଖର ପରିଡ଼ା, ଅଧ୍ୟାପକ ଠାକୁର ଦେବାଶିଷ ମିଶ୍ର, ଇଂ.ଆଶିଷ ଦାଶ, ଇଂ.ଆରାଧନା ମିଶ୍ର, ଇଂ.ନର୍ମଦା ରଥ, ଇଂ.ଟୁକୁନା ସାହୁ, ଇଂ.ଜନ୍ମେଜୟ ଦାଶ ଓ ରାକେଶ ବିଶ୍ୱାଳଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଶ୍ରୀବିହାରରେ ଜାତୀୟସ୍ତରୀୟ ଆଲୋଚନାଚକ୍ର

**ପୁରୀ ଅଫିସ, ୨୬।୩**

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀବିହାରରେ ସ୍ନାତକୋତ୍ତର ସାହିତ୍ୟ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ଜାତୀୟ ସ୍ତରୀୟ ଦୁଇ ଦିବସୀୟ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଯାଇଛି। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହରିହର ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ବିହାର ରାଜେନ୍ଦ୍ରପ୍ରସାଦ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ଉତ୍କଳ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କମଳାକାନ୍ତ ମିଶ୍ର, ପ୍ରଫେସର ଗଙ୍ଗାଧର ପଣ୍ଡା, ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରାଧାମାଧବ ଦାଶ, ପ୍ରଫେସର ଅଦ୍ୱୈତ ଚରଣ ଧଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଭାଗୀରଥି ନନ୍ଦ, ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ପ୍ରଫେସର ପ୍ରମୋଦ ଚନ୍ଦ୍ର ମିଶ୍ର, ଡ.ଅଜୟ କୁମାର ନନ୍ଦ, ଡ.ବିଶ୍ୱନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ଆଲୋଚନାଚକ୍ରରେ ରାଜ୍ୟ ତଥା ରାଜ୍ୟ ବାହାର ବିଭିନ୍ନ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଅଂଶଗ୍ରହଣ କରିଛନ୍ତି। ସାହିତ୍ୟ ବିଭାଗୀୟ ମୁଖ୍ୟ ଜୟମାଣିକ୍ୟ ଶାସ୍ତ୍ରୀ ବେଦପାଠ, ଡ.ବସନ୍ତ କୁମାର ମିଶ୍ର ସଂଯୋଜନା କରିଥିଲେ।

# ପେଟ୍ରୋଲ ପମ୍ପ ମ୍ୟାନେଜରଙ୍କୁ ହାଣି ଲୁଟ୍

**ବଳଙ୍ଗା, ୨୬।୩(ଡି.ଏନ୍.ଏ.)**

ବଳଙ୍ଗା-ନିମାପଡା ରାସ୍ତାର କାଳିଆପଦା ଠାରେ ଥିବା ସାଗର ପେଟ୍ରୋଲପମ୍ପରେ ସୋମବାର ବିଳମ୍ବିତ ରାତିରେ ୩ଦୁର୍ବୃତ୍ତ ମ୍ୟାନେଜରଙ୍କୁ ଭୁଜାଲିରେ ହାଣି ଟଙ୍କା ନେବାସହ କର୍ମଚାରୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ଉକ୍ତ ପେଟ୍ରୋଲପମ୍ପରେ ମ୍ୟାନେଜର ଏବଂ ୨କର୍ମଚାରୀ ଥିବାବେଳେ ନିମାପଡା ପଟୁ ୩ ଜଣ ବ୍ୟକ୍ତି ବାଇକ୍‌ରେ ଆସି ମ୍ୟାନେଜରଙ୍କୁ ଭୁଜାଲିରେ ହାଣି ୭୧ହଜାର ୯୯୦ ଟଙ୍କା ଲୁଟିନେବା ସହ କର୍ମଚାରୀଦ୍ୱୟଙ୍କୁ ଆକ୍ରମଣ କରି ଆହତ କର ମୋବାଇଲ୍ ଫୋନ୍ ମଧ୍ୟ ନେଇଯାଇଛନ୍ତି। ଆହତମାନେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପେଟ୍ରୋଲପମ୍ପ ମାଲିକ ସୟଦ୍ ଆଲ୍ଲାମ ଆଲ୍ଲି ବଳଙ୍ଗା ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ ୪୪/୧୯ରେ ଏକ ମାମଲା ରୁଜୁ କରି ଲୁଟେରାମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି।



ମହିଳାମାନେ ଗାଁ ଦାଣ୍ଡରେ ମା' ମଙ୍ଗଳାଙ୍କୁ ପୂଜା କରୁଛନ୍ତି।

# ମା'ମଙ୍ଗଳାଙ୍କୁ ପୂଜିଲେ ମହିଳା

**ପୁରୀ ଅଫିସ, ୨୬।୩**

ଚୈତ୍ର ମାସର ପ୍ରଥମ ମଙ୍ଗଳବାର ପୁରୀ ସହରର ବିଭିନ୍ନ ସାହି ଗଳିରେ ମା'ମଙ୍ଗଳାଙ୍କ ପୂଜା ଅନୁଷ୍ଠିତ ହୋଇଛି। ସନ୍ତାନ ଓ ପରିବାରର ମଙ୍ଗଳ କାମନା କରି ମହିଳାମାନେ ଚୈତ୍ର ମଙ୍ଗଳବାର ଓଷା କରିଛନ୍ତି। କେତେକ ସ୍ଥାନରେ ବହୁ ସଂଖ୍ୟାରେ ମହିଳା ଏକାଠି ହୋଇ ପୂଜା କରୁଥିବା ଦେଖିବାକୁ ମିଳିଥିଲା। ମା' ମଙ୍ଗଳା ହେଉଛନ୍ତି ଓଡ଼ିଶାର ଗଣଦେବୀ। ଚୈତ୍ର ମାସରେ ବାସନ୍ତୀକ ଶକ୍ତି ପୂଜା ପୂର୍ବରୁ ବାଟପୂଜା ମାଧ୍ୟମରେ ମା'ମଙ୍ଗଳାଙ୍କ ମିଳିତ ଉପାସନା କରିବାର ବିଧି ପ୍ରଚଳିତ। ଜଗତ ମଙ୍ଗଳ କାମନା ଏବଂ ପରିବାର ଶୁଭ ମନାସୀ ଏହି ପୂଜା ଚୈତ୍ର ମାସର ପ୍ରତି ମଙ୍ଗଳବାର କରାଯାଇଥାଏ।

# ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ବୈଠକ

**ପୁରୀ ଅଫିସ, ୨୬।୩**

ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ତୃତୀୟ ପର୍ଯ୍ୟାୟ ଅର୍ଥାତ୍ ଏପ୍ରିଲ ୨୩ରେ ପୁରୀ ଲୋକ ସଭା ଏବଂ ଏହା ଅଧୀନ ୪ଟି ବିଧାନସଭା ପିପିଲି, ସତ୍ୟବାଦୀ, ପୁରୀ ଓ ବ୍ରହ୍ମଗିରି ଆସନ ପାଇଁ ଭୋଟ ଗ୍ରହଣ କରାଯିବ। ଏଥିଲାଗି ମାର୍ଚ୍ଚ ୨୮ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ। ଏହିଦିନଠାରୁ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇ ଏପ୍ରିଲ ୪ ପର୍ଯ୍ୟନ୍ତ ଚାଲିବ। ସେହିପରି ଜିଲାର ୨ଟି ବିଧାନସଭା ଆସନ ନିମାପଡ଼ା ଓ କାକଟପୁର ଜଗତ୍‌ସିଂହପୁର ଲୋକ ସଭା ଅଧୀନରେ ରହିଛି। ତେଣୁ ଏହି ଦୁଇଟି ନିର୍ବାଚନମଣ୍ଡଳୀ ପାଇଁ ଚତୁର୍ଥ ପର୍ଯ୍ୟାୟ ଅର୍ଥାତ୍ ଏପ୍ରିଲ ୨୯ ତାରିଖରେ ଭୋଟ ଗ୍ରହଣ କରାଯିବ। ଏଥିଲାଗି ଏପ୍ରିଲ ୨ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ। ଏହିଦିନଠାରୁ ପ୍ରାର୍ଥିପତ୍ର ଦାଖଲ ଆରମ୍ଭ ହୋଇ ଏପ୍ରିଲ ୯ ପର୍ଯ୍ୟନ୍ତ ଚାଲିବ। ତେବେ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ ସଂକ୍ରାନ୍ତୀୟ ରୂପରେଖ କେମିତି ରହିବ ସେ ନେଇ ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଅଧ୍ୟକ୍ଷତା କରିଥିଲେ।

ତେବେ ଆସନ୍ତା ୨୮ ତାରିଖରୁ ହେବାକୁ ଥିବା ନାମାଙ୍କନପତ୍ର ଦାଖଲ ପାଇଁ କି ପ୍ରକାର ପ୍ରସ୍ତୁତି ହେବ, ଅଧିକାରୀମାନଙ୍କ ଦାୟିତ୍ୱ କଣ ରହିବ ଆଦି ବିଭିନ୍ନ ଦିଗକୁ ନେଇ ଆଲୋଚନା କରାଯାଇଥିଲା। ତେବେ କେଉଁ ପ୍ରାର୍ଥୀ କାହା ପାଖରେ ନାମାଙ୍କନପତ୍ର ଦାଖଲ କରିବେ ତାହା ଚୂଡ଼ାନ୍ତ ହୋଇଛି। ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କ ନିକଟରେ ଲୋକ ସଭା ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିବେ। ସେହିପରି ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶଙ୍କ ନିକଟରେ ସତ୍ୟବାଦୀ ଏବଂ ପିପିଲି ନିର୍ବାଚନମଣ୍ଡଳୀର ପ୍ରାର୍ଥୀ, ଉପଜିଲାପାଳ ଭବତାରଣ ସାହୁଙ୍କ ନିକଟରେ ପୁରୀ ଏବଂ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ଏବଂ ଆଡିଶନାଲ ସବ୍ କଲେକ୍ଟର ନିହାରିକା ନାୟକଙ୍କ ନିକଟରେ କାକଟପୁର ଏବଂ ନିମାପଡ଼ା ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିବେ।



ଦୁଇ ମହିଳା ପଞ୍ଚେଇ ପୂଜା କରୁଛନ୍ତି।

# ଗାଁ ଦାଣ୍ଡରେ ପଞ୍ଚେଇ ପୂଜା କଲେ ମହିଳା

**କାକଟପୁର, ୨୬।୩(ଡି.ଏନ୍.ଏ.)**

ଚୈତ୍ର ମାସ ପ୍ରଥମ ମଙ୍ଗଳବାରରେ ସଧବା ମହିଳାମାନେ ସ୍ୱାମୀ ଓ ସନ୍ତାନଙ୍କ ମଙ୍ଗଳ କାମନାକରି ଗାଁ ଦାଣ୍ଡରେ ପଞ୍ଚେଇ ଖୋଳି ପୂଜା କରିଛନ୍ତି। ପଞ୍ଚେଇ ପୂଜା କଲେ ମା' ମଙ୍ଗଳାଙ୍କ ପୂଜାର ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଗାଁ ଦାଣ୍ଡରେ ପଞ୍ଚେଇ ଖୋଳି ତା'ମଧ୍ୟରେ ମା' ମଙ୍ଗଳାଙ୍କ ନାମରେ ଗୁଆ ଥୋଇ ସେଥିରେ ସିନ୍ଦୂର, ହଳଦୀ, ଫୁଲ ଓ ଚନ୍ଦନ ଦେଇ ପଞ୍ଚେଇକୁ ଜଳପୂର୍ଣ୍ଣ କରାଯାଏ। ପଞ୍ଚେଇ ନିକଟରେ ଫଳମୂଳ, ନୂଆ ଆମ୍ବକଷି ଭୋଗ ଲାଗି କରିବା ସହିତ ଧୂପ, ଦୀପ ଦେଇ ବନ୍ଦାପନା କରାଯାଇଥାଏ। ପୂଜା ପରେ ପଞ୍ଚେଇ ଭିତରେ ଥିବା ହଳଦୀ ପାଣିକୁ ବ୍ରତ ରଖିଥିବା ସମସ୍ତ ମହିଳା ପ୍ରସାଦ ଭାବେ ପାଇଥାନ୍ତି। ସ୍ୱାମୀ ଓ ସନ୍ତାନମାନଙ୍କ ମଙ୍ଗଳ କାମନା କରି ମହିଳାମାନେ ମା'ମଙ୍ଗଳାଙ୍କ ଉଦ୍ଦେଶ୍ୟରେ ପଞ୍ଚେଇକୁ ମୁଣ୍ଡିଆ ମାରିଥାନ୍ତି। ଚୈତ୍ର ମାସର ୫ ମଙ୍ଗଳବାର ମହିଳାମାନେ ଏହି ପୂଜା କରିଥାନ୍ତି।

■ ବ୍ୟାଙ୍କ ଜମାଖାତାରୁ ୬୦ ହଜାର ଗାଏବ ଘଟଣା

# ୩ ଥର ଅଭିଯୋଗ ପରେ ବି ରୁଜୁ ହେଉନି ମାମଲା

## ପୋଲିସ ଉପରୁ ତୁଟୁଛି ଭରସା

**ଗୋପ, ୨୬।୩(ଡି.ଏନ୍.ଏ.)**

ଗୋପ ଷ୍ଟେଟ ବ୍ୟାଙ୍କ ଜମାଖାତାରୁ ୬୦ ହଜାର ଟଙ୍କା ଗାଏବ ଘଟଣାର ୨୪ଦିନ ବିତିଯାଇଥିଲେ ମଧ୍ୟ ପୋଲିସ କିମ୍ବା ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇ ନାହାନ୍ତି। ଏ ନେଇ ଗୋପ ବସ୍ତିର ଅଲି ଏହମଦ ସା ୩ ଥର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ପୋଲିସ ଉପରୁ ଭରସା ତୁଟୁଛି ବୋଲି ଅଲ୍ଲୀ କ୍ଷୋଭର ସହ କହିଛନ୍ତି। ପ୍ରକାଶ ଯେ, ଅଲ୍ଲୀଙ୍କର ଗୋପ ଷ୍ଟେଟ ବ୍ୟାଙ୍କ ଜମାଖାତାରେ ୭୧,୭୨୫ ଟଙ୍କା ରହିଥିବାବେଳେ ମାର୍ଚ୍ଚ ୨ତାରିଖରେ ୬୦ ହଜାର ଟଙ୍କା ଗାଏବ ହୋଇଯାଇଥିଲା। ଏହି ଟଙ୍କା ଏଟିଏମ୍‌ରୁ ଉଠାଯାଇଥିବା ମୋବାଇଲକୁ ମେସେଜ ଆସିଥିଲା। ପରେ ସେ ବ୍ୟାଙ୍କ ଜମାଖାତା ଚେକ୍ କରିବାବେଳେ ତାଙ୍କ ଆକାଉଣ୍ଟରୁ ୬୦ ହଜାର ଟଙ୍କା ଗାଏବ ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ଅଲ୍ଲୀ ଗୋପ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଏପରିକି ତାଙ୍କ ଅଭିଯୋଗର ମାମଲା ମଧ୍ୟ ରୁଜୁ କରାଯାଇନାହିଁ। ସେ ଗୋପ ଷ୍ଟେଟ ବ୍ୟାଙ୍କ ଶାଖାରେ ଅଭିଯୋଗ କରିଥିଲେ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି ସହଯୋଗ କରି ନ ଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ତାଙ୍କ ନିକଟରେ ଏଟିଏମ୍ ଓ ପାସ୍‌ବୁକ୍ ରହିଥିବାବେଳେ ଆକାଉଣ୍ଟରୁ କିପରି ଟଙ୍କା ଗାଏବ ହେଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଗୋପ ଥାନାଧିକାରୀ ସୌମ୍ୟଜିତ୍ ମିଶ୍ରଙ୍କୁ ପଚାରିବାରେ ଅଭିଯୋଗ ଆସିବା ପରେ ତଦନ୍ତ ଜାରି ରହିଛି। ଖୁବ୍ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# ପୁସ୍ତକମେଳାରେ ସାହିତ୍ୟ ଆଲୋଚନା

**ପୁରୀ ଅଫିସ, ୨୬।୩**

ପ୍ରୟାସ ଓ ପୁରୀ ପୁସ୍ତକମେଳା କମିଟି ଆନୁକୂଲ୍ୟରେ ଶରଧାବାଲି ଠାରେ ଚାଲିଛି ପୁରୀ ପୁସ୍ତକମେଳା। ମଙ୍ଗଳବାର ପୁସ୍ତକମେଳାକୁ ଷଷ୍ଠ ଦିନ ବିତିଛି। ମେଳାରେ ଗ୍ରାହକଙ୍କ ବେଶ୍ ଭିଡ଼ ଜମିବାରେ ଲାଗିଛି। ମଙ୍ଗଳବାର ସାହିତ୍ୟ ମଞ୍ଚରେ ଅନୁରାଗ ସାହିତ୍ୟ ସଂଗୋଷ୍ଠୀ ଦ୍ୱାରା ଆୟୋଜିତ ହୋଇଥିଲା ସାହିତ୍ୟ ଆଲୋଚନା ଓ କବିତା ପାଠୋତ୍ସବ। ସଂଗୋଷ୍ଠୀର ସମ୍ପାଦକ ତଥା ଜ୍ୟୋତିର୍ବିଦ ଅନାମ ଚନ୍ଦ୍ର ସାହୁ ଏହାକୁ ସଂଯୋଜନା କରିଥିଲେ। ପୁସ୍ତକମେଳା ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଉପସ୍ଥିତ ଥିଲେ। ସାହିତ୍ୟ ଓ ସମାଜ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଆଧୁନିକ ସାହିତ୍ୟ ଜଗତକୁ ଓଡ଼ିଆ ସାହିତ୍ୟର ଅବଦାନ ଅତୁଳନୀୟ। ଯୁବ ସମାଜଙ୍କୁ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି ଲାଗି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଉପସ୍ଥିତ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ସାଂସ୍କୃତିକ ସନ୍ଧ୍ୟାରେ କଳାକାରମାନେ ଗୋଟିଏ ପରେ ଗୋଟିଏ ଓଡ଼ିଶୀ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ଜିଣିଥିଲେ।



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

■ ପ୍ରଶାସନ-ବ୍ୟାଙ୍କ ପ୍ରତିନିଧି ବୈଠକ

# ଅର୍ଥ ନେଣଦେଣ ଉପରେ ନଜର ରଖିବାକୁ ପରାମର୍ଶ

**ପୁରୀ ଅଫିସ, ୨୬।୩**

## ଲକ୍ଷେରୁ ଅଧିକ ହେଲେ ବ୍ୟାଙ୍କ ତୁରନ୍ତ ଦେବେ ତଥ୍ୟ

ସାଧାରଣ ନିର୍ବାଚନକୁ ମୁକ୍ତ ଏବଂ ଅବାଧ କରିବା କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ପୁରୀ ଜିଲାରେ କାର୍ଯ୍ୟକ୍ଷମ ଥିବା ବ୍ୟାଙ୍କଗୁଡ଼ିକ ସହ ପ୍ରଶାସନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସର୍କିଟ ହାଉସ୍‌ରେ ମଙ୍ଗଳବାର ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଅଧ୍ୟକ୍ଷତା କରିଥିଲେ। ନିର୍ବାଚନ ସମୟରେ ଅର୍ଥ ନେଣଦେଣ ଉପରେ କଡ଼ା ନଜର ରଖିବାକୁ ଉପସ୍ଥିତ ବ୍ୟାଙ୍କ ପ୍ରତିନିଧିଙ୍କୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

ତୃତୀୟ ପର୍ଯ୍ୟାୟ ନିର୍ବାଚନ ଅର୍ଥାତ୍ ଆସନ୍ତା ୨୮ ତାରିଖ ବିଜ୍ଞପ୍ତି ଜାରି ହେବା ପରଠାରୁ ବ୍ୟାଙ୍କଗୁଡ଼ିକ ପ୍ରାର୍ଥୀଙ୍କ ନେଣଦେଣ ଉପରେ ଦୈନିକ ତଥ୍ୟ ନିର୍ବାଚନ ଅଧିକାରୀ ତଥା ଜିଲାପାଳଙ୍କୁ ଅବଗତ କରାଇବେ। ପ୍ରାର୍ଥୀଙ୍କ ନେଣଦେଣ ୧ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେଲେ ତୁରନ୍ତ ଏବଂ ଅନ୍ୟମାନଙ୍କ ନେଣଦେଣ ୧ଲକ୍ଷରୁ ଉର୍ଦ୍ଧ୍ୱ ହେଲେ ଦୁଇଦିନ ମଧ୍ୟରେ ବ୍ୟାଙ୍କଗୁଡ଼ିକ ତଥ୍ୟ ଦେବେ। ସେହିଭଳି ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଦେଣନେଣ କ୍ଷେତ୍ରରେ ତୁରନ୍ତ ଆୟକର ବିଭାଗ, ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ତଥ୍ୟ ପ୍ରଦାନ କରିବେ। ଅନ୍ୟପକ୍ଷରେ ଜିଲାର ବିଭିନ୍ନ ନିର୍ବାଚନମଣ୍ଡଳୀ କ୍ଷେତ୍ରରେ କାର୍ଯ୍ୟକ୍ଷମ ବ୍ୟାଙ୍କଗୁଡ଼ିକ ପ୍ରାୟ ୨୦୦ଟି ଭୋଟ ଗ୍ରହଣ କେନ୍ଦ୍ରକୁ ଆଦର୍ଶ ଭୋଟ ଗ୍ରହଣ କେନ୍ଦ୍ର ଭାବେ ପରିଗଣିତ କରିବାକୁ ପଦକ୍ଷେପ ଗ୍ରହଣ କରିବେ। ପୁରୀ ସଦରରେ ପ୍ରାୟ ୭୦ଟି ଏଭଳି କେନ୍ଦ୍ର ହେବ। ଏଥିରେ ସମ୍ପୃକ୍ତ ବ୍ୟାଙ୍କଗୁଡ଼ିକ ଭୋଟରମାନଙ୍କ ପାଇଁ ସର୍ବନିମ୍ନ ସୁବିଧା ଯେପରି କି ପାନୀୟ ଜଳ, ଟେଣ୍ଟ, ଚେୟାର, ଭିନ୍ନକ୍ଷମ ଏବଂ ବରିଷ୍ଠ ନାଗରିକମାନଙ୍କ ପାଇଁ ଆନୁଷଙ୍ଗିକ ସହଯୋଗ ଯୋଗାଇଦେବେ। ସେହିପରି ଜିଲାର ସମସ୍ତ ୧୫୯୩ଟି ବୁଥ୍‌ରେ ହ୍ୱିଲ୍ ଚେୟାର, ର୍ୟାମ୍ପ ଓ ରେଲିଂ ବ୍ୟବସ୍ଥା କରାଯାଇଛି। ସମସ୍ତ ଭିନ୍ନକ୍ଷମ ଭୋଟରଙ୍କ ପାଇଁ ମତଦାନ ଦିନ ଯିବାଆସିବା ସୁବିଧା କରାଯାଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନୃସିଂହ ଚରଣ ସ୍ୱାଇଁ, ପୁରୀ ପୌରସଂସ୍ଥା ନିର୍ବାହୀ ଅଧିକାରୀ ହରିଶ୍ ଚନ୍ଦ୍ର ନାୟକ, ଉପଜିଲାପାଳ ଭବତାରଣ ସାହୁ, ଡେପୁଟି କଲେକ୍ଟର ସୁମନ୍ତ କୁମାର ସାହୁଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର, ବିଭିନ୍ନ ବ୍ୟାଙ୍କ ପ୍ରତିନିଧି ଯୋଗଦେଇଥିଲେ।